# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ରବିବାର, ଅଗଷ୍ଟ ୩୧/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, August 31/2025 Page 14 | ₹ 7.00 | BALASORE

୫୧ଶ ଭାଗ ୨୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 276 | ମୂଲ୍ୟ₹୭/-



୯୦ ବର୍ଷର ଖିମ୍‌ଜୀ ପରମ୍ପରା ଏବେ ଅନୁଗୁଳରେ


# ମହାନଦୀ ଜଳ ବିବାଦ: ଫିଟିପାରେ ସମାଧାନ ବାଟ

ଛତିଶଗଡ଼ର ଅମରକଣ୍ଟକ ମାଳଭୂମିରୁ ବାହାରି ବଙ୍ଗୋପସାଗରେ ମିଶିଥିବା ମହାନଦୀ ଓଡ଼ିଶାର ଜୀବନରେଖା। ମହାନଦୀ ୮୫୧ କି.ମି. ଲମ୍ବର ହୋଇଥିବାବେଳେ ଏଥିରୁ ୪୯୪ କି.ମି. ଓଡ଼ିଶାରେ ପ୍ରବାହିତ। ନଦୀ ଜଳ ବଣ୍ଟନ ପାଇଁ ଛତିଶଗଡ଼ ଏବଂ ଓଡ଼ିଶା ମଧ୍ୟରେ କୌଣସି ଆନୁଷ୍ଠାନିକ ଚୁକ୍ତି ହୋଇ ନ ଥିବାରୁ ଏହାକୁ ନେଇ ଦୀର୍ଘ ବର୍ଷ ଧରି ଦୁଇ ପଡ଼ୋଶୀ ମୁହାଁମୁହିଁ ହୋଇଆସୁଛନ୍ତି। ଛତିଶଗଡ଼ ଉପରମୁଣ୍ଡରେ ବ୍ୟାରେଜ ଓ ସେତୁ ନିର୍ମାଣକରି ଅଣମୌସୁମୀ ଋତୁରେ ଜଳ ପ୍ରବାହକୁ ଅଟକାଉଥିବାରୁ ଏହି ଆନ୍ତଃ ଜଳ ବିବାଦ ଲାଗିରହିଛି। ୨୦୨୪ରେ ଓଡ଼ିଶାରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ଛତିଶଗଡ଼ର ଭାଜପା ସରକାର ସହ ଆଲୋଚନା ଜରିଆରେ ସମାଧାନ ବାଟ ଫିଟିବା ନେଇ ଆଶା କରାଯାଉଥିଲା। ୨୦୨୫ ଅଗଷ୍ଟ ୨ରେ ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀଙ୍କ ଅଧ୍ୟକ୍ଷତାରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଆପୋସ ଆଲୋଚନା ଜରିଆରେ ସମାଧାନ ପାଇଁ ଉଭୟ ପକ୍ଷଙ୍କୁ ପରାମର୍ଶ ଦେବା ସହ ସେପ୍ଟେମ୍ବର ୬ରେ ପରବର୍ତ୍ତୀ ଶୁଣାଣି ଲାଗି ଧାର୍ଯ୍ୟ କରିଥିଲେ। ଏହି କ୍ରମରେ ଶନିବାର ନୂଆଦିଲ୍ଲୀରେ ଉଭୟ ରାଜ୍ୟ ସମାଧାନ ପାଇଁ ଅଗ୍ରସର ହୋଇଛନ୍ତି। ଓଡ଼ିଶା ଓ ଛତିଶଗଡ଼ ମୁଖ୍ୟ ଶାସନ ସଚିବ ପାରସ୍ପରିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସହମତି ପ୍ରକାଶ ପାଇଛି। ତଦନୁସାରେ ସେପ୍ଟେମ୍ବରରେ ବୈଷୟିକ କମିଟି ବୈଠକ ବସିବ। ଭାବେ ସମାଧାନ କରିବାର ପଥକୁ ନିର୍ଣ୍ଣୟ କରିବେ।

ସୂଚନାଯୋଗ୍ୟ, ମହାନଦୀ ଜଳ ବିବାଦ ନେଇ ଦୀର୍ଘଦିନ ହେବ ଟ୍ରିବ୍ୟୁନାଲରେ ମାମଲା ଚାଲିଛି। ଗତ ୨ ତାରିଖରେ ଏନେଇ ଟ୍ରିବ୍ୟୁନାଲରେ ଶୁଣାଣି ସମୟରେ ଓଡ଼ିଶା ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏବଂ ଛତିଶଗଡ଼ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏ.କେ. ଗାଙ୍ଗୁଲି ପୃଥକ୍ ପୃଥକ୍ ଭାବେ କହିଥିଲେ, ଏହି ପ୍ରସଙ୍ଗରେ ଆପୋସ ଆଲୋଚନା ବିଷୟ ବିଚାରାଧୀନ ରହିଛି। ଏହାପରେ ଏହି ମାମଲା ଶୁଣାଣି କରିବାକୁ ସେପ୍ଟେମ୍ବର ୬ କୁ ସମୟ ଘୁଞ୍ଚାଯାଇଥିଲା। ଆପୋସ ସମାଧାନ ଲାଗି ଖଣ୍ଡପୀଠ ସମୟ ଦେଇଥିବା ବେଳେ ଆସନ୍ତା ଶୁଣାଣି ବେଳେ ଉଭୟ ରାଜ୍ୟ କ'ଣ ପଦକ୍ଷେପ ନେଇଛନ୍ତି ତାହା ଜଣାଇବାକୁ କହିଥିଲେ। ଆସନ୍ତା ଶୁଣାଣି ସମୟରେ ଉଭୟ ରାଜ୍ୟର ସଚିବମାନେ ଉପସ୍ଥିତ ରହି ଆପୋସ ଆଲୋଚନା କେତେବାଟ ଯାଇଛି ସେନେଇ ତଥ୍ୟ ରଖିବେ ବୋଲି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

## ଦିଲ୍ଲୀରେ ଓଡ଼ିଶା-ଛତିଶଗଡ଼ ମୁଖ୍ୟ ଶାସନ ସଚିବସ୍ତରୀୟ ବୈଠକ

ଭୁବନେଶ୍ୱର, ୩୦।୮ (ସୁନିତ୍ ମିଶ୍ର)

ମହାନଦୀ ଜଳବିବାଦ ନେଇ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ଶନିବାର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଏବଂ ଛତିଶଗଡ଼ର ମୁଖ୍ୟ ଶାସନ ସଚିବଙ୍କ ସମେତ ଉଭୟ ରାଜ୍ୟର ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ମହାନଦୀ ଜଳ ବିବାଦ ଉପରେ ଆଲୋଚନା କରିଛନ୍ତି। ବୈଠକରେ ହୋଇଥିବା ଆଲୋଚନା ମୁତାବକ, ଉଭୟ ରାଜ୍ୟର ବୈଷୟିକ କମିଟି ସେପ୍ଟେମ୍ବରର ପ୍ରତ୍ୟେକ ସପ୍ତାହରେ ଥରେ ଲେଖା ବସି ଯେଉଁ ଗୁରୁତର ସମସ୍ୟା ରହିଛି ତାକୁ ଚିହ୍ନଟକରି ତା'ର ସମାଧାନ କରିବେ। ଏହି କମିଟି ମହାନଦୀ ଜଳ ଆବଣ୍ଟନ ନେଇ ଆଲୋଚନା ସହ ଏକ ବ୍ୟବସ୍ଥିତ ଢାଞ୍ଚା ପ୍ରସ୍ତୁତ କରିବେ। ସଦ୍ୟ ଘଟଣାକ୍ରମ ସାମ୍ନାକୁ ଆସିବାପରେ ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ନିର୍ମାଣ କରିଥିବା ବ୍ରିଜ୍ ନିର୍ମାଣକୁ ନେଇ ଲାଗି ରହିଥିବା ଆନ୍ତଃ ରାଜ୍ୟ ବିବାଦର ସମାଧାନ ବାଟ ଫିଟିବା ଆଶା କରାଯାଉଛି।

ଉଭୟ ରାଜ୍ୟର ବୈଷୟିକ କମିଟିର ଆଲୋଚନାରୁ କ'ଣ ଫଳ ବାହାରିଲା ଏବଂ ସେନେଇ ଆଗକୁ ବଢ଼ିବାର କିପ୍ରକାର ରାସ୍ତା ଫିଟିଛି ସେ ସମ୍ପର୍କରେ ଓଡ଼ିଶା ଓ ଛତିଶଗଡ଼ର ମୁଖ୍ୟ ଶାସନ ସଚିବଙ୍କ ସହ ଜଳ ସମ୍ପଦ ବିଭାଗର ସଚିବମାନେ ଆସନ୍ତା ଅକ୍ଟୋବରରେ ଆଉ ଥରେ ଏକ ବୈଠକକରି ସେସବୁ ବିଷୟରେ ଚର୍ଚ୍ଚା କରିବେ। ମୁଖ୍ୟ ଶାସନ ସଚିବସ୍ତରୀୟ ବୈଠକ ବସିବା ପରେ ଆସନ୍ତା ଡିସେମ୍ବରରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ସୁବିଧା ଦେଖି ଆଲୋଚନା କରିପାରନ୍ତି। ଏହି ଅବସରରେ କାମଗୁଡିକର ତଦାରଖ କରି ମହାନଦୀ ଜଳ ବିବାଦକୁ ନେଇ ଉଭୟ ରାଜ୍ୟର ଲୋକମାନଙ୍କ ହିତରେ ଦୀର୍ଘକାଳୀନ ଓ ସମ୍ମତିମୂଳକ




## ନଭେମ୍ବର କିମ୍ବା ଡିସେମ୍ବରରେ ଓଡ଼ିଶା ଆସିବେ ରାହୁଲ

ଭୁବନେଶ୍ୱର, ୩୦।୮ (ସୁନିତ୍ ମିଶ୍ର)

କଂଗ୍ରେସ ନେତା ତଥା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନଭେମ୍ବର କିମ୍ବା ଡିସେମ୍ବରରେ ଓଡ଼ିଶା ଆସିପାରନ୍ତି। ଓଡ଼ିଶା ଗସ୍ତରେ ଆସି ରାହୁଲ ରୋଡ୍ ଶୋ, ପଦଯାତ୍ରା ଏବଂ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ଅବସରରେ ସେ ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା ପ୍ରସଙ୍ଗ, ପ୍ରାକୃତିକ ସମ୍ପଦ ଭରା ଓଡ଼ିଶା ଗରିବ କାହିଁକି ଏବଂ ଭୋଟ ଚୋରି ପ୍ରସଙ୍ଗ ଉଠାଇବେ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ହେଲେ ନିର୍ଦ୍ଦିଷ୍ଟ ଭାବେ ରାହୁଲଙ୍କ କାର୍ଯ୍ୟକ୍ରମ କେବେ ହେବ ସେନେଇ ସବିଶେଷ ସୂଚନା ଆସି ନ ଥିବା ଜଣାପଡିଛି। ତେବେ ୨୦୨୪ ସାଧାରଣ ନିର୍ବାଚନ ପରେ ଏହା ରାହୁଲଙ୍କ ଦ୍ୱିତୀୟ ଥର ଲାଗି ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ହେବ। ସୂଚନାଯୋଗ୍ୟ, ରାହୁଲ ଗତ ଜୁଲାଇ ୧୧ରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିଲେ। ଏହି ଅବସରରେ ବରମୁଣ୍ଡା ପଡ଼ିଆଠାରେ ଏକ ବିରାଟ ସଭାର ଆୟୋଜନ କରାଯାଇଥିଲା। ରାହୁଲ ନିଜ ସମ୍ବୋଧନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ଥାନୀୟ ସରକାରଙ୍କୁ ଟାର୍ଗେଟ କରିବା ସହ ଦଳ ଭିତରେ ସମସ୍ତଙ୍କୁ ଏକତ୍ରିତ ଭାବେ କାମ କରିବାକୁ ଆହ୍ୱାନ ଦେଇଥିଲେ। ଏହାସହ ଆଦାନୀଙ୍କ ଯୋଗୁ ରଥ ଗଡ଼ିବା କାର୍ଯ୍ୟକ୍ରମ ଗୋଟିଏ ଦିନ ବଢ଼ାଯାଇଥିଲା ବୋଲି ଅଭିଯୋଗ ମଧ୍ୟ କରିଥିଲେ। ତେବେ ରାହୁଲଙ୍କ ଆସନ୍ତା ଗସ୍ତ କର୍ମୀ ମହଲରେ ଆହୁରି ଉତ୍ସାହ ଭରିଦେବ ବୋଲି ବରିଷ୍ଠ ନେତାମାନେ କହିବା ଆରମ୍ଭ କରିଛନ୍ତି। ଏବେ ରାହୁଲ ବିହାରରେ ଭୋଟ ଅଧିକାର ଯାତ୍ରା କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଅନ୍ୟପଟେ ଗତ ନିର୍ବାଚନରେ ଭାଜପା ଭୋଟ ଚୋରି କରି ସରକାର ଗଢ଼ିବାରେ ସଫଳ ହୋଇଥିବା ରାହୁଲ ଅଭିଯୋଗ କରି ଆସୁଛନ୍ତି। ଯେହେତୁ ଓଡ଼ିଶାରେ ମଧ୍ୟ ଗତ ନିର୍ବାଚନରେ ଭୋଟ ଚୋରି ହୋଇଥିବା ଅଭିଯୋଗ ହୋଇଛି ତେଣୁ ରାହୁଲ ସେହି ପ୍ରସଙ୍ଗ ଉଠାଇ ରୋଡ୍ ଶୋ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି।

## ଏସ୍‌ଟି, ଏସ୍‌ସି ମାମଲାର ତଦନ୍ତ କରିପାରିବେ ଇନ୍ସପେକ୍ଟର, ଏସ୍‌ଆଇ

ଭୁବନେଶ୍ୱର, ୩୦।୮ (ସୁନିତ୍ ମିଶ୍ର)

ରାଜ୍ୟରେ ଇନ୍ସପେକ୍ଟର ଏବଂ ସବ୍ ଇନ୍ସପେକ୍ଟରଙ୍କ କ୍ଷମତାକୁ ବୃଦ୍ଧି କରାଯାଇଛି। ଏଣିକି ଇନ୍ସପେକ୍ଟର ଏବଂ ସବ୍ ଇନ୍ସପେକ୍ଟରମାନେ ତଫସିଲଭୁକ୍ତ ଜାତି (ଏସ୍‌ସି) ଓ ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ନିର୍ଯାତନା ନିବାରଣ ଆଇନ ବଳରେ ରୁଜୁ ମାମଲାର ତଦନ୍ତ କରିପାରିବେ। ଏହା ସହ ଏଭଳି ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଏବଂ ସ୍ୱତନ୍ତ୍ର ଅଦାଲତରେ ମାମଲା ଦାଖଲ ମଧ୍ୟ କରିପାରିବେ। ପୂର୍ବରୁ ଏପରି ମାମଲାରେ ତଦନ୍ତ କରିବା ଲାଗି ଡିଏସ୍‌ପି ପାହ୍ୟାର ଅଧିକାରୀଙ୍କୁ କ୍ଷମତା ଦିଆଯାଇଥିଲା। ହେଲେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ଏଥିରେ ପରିବର୍ତ୍ତନ ଆଣିଛି। ଏନେଇ ଶନିବାର ଗୃହ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଅନୁସୂଚିତ ଜାତି ଏବଂ ଜନଜାତି( ନିର୍ଯାତନା ନିବାରଣ) ଆଇନ ୧୯୮୯ର ପରିବର୍ତ୍ତନକୁ ସୁଦୃଢ଼ କରିବା ପାଇଁ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଏଥିରେ ଆହୁରି ଉଲ୍ଲେଖ କରାଯାଇଛି, ପୋଲିସ ଇନ୍ସପେକ୍ଟର ଏବଂ ସବ୍ ଇନ୍ସପେକ୍ଟରମାନଙ୍କୁ ଏହି ଆଇନ ଅନୁଯାୟୀ ଗିରଫ, ତଦନ୍ତ ଏବଂ ମାମଲା ରୁଜୁ କରିବାର କ୍ଷମତା ଦିଆଯାଉଛି। ପୂର୍ବରୁ ଏହି କ୍ଷମତା କେବଳ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ(ଡିଏସ୍‌ପି) କିମ୍ବା ତଦୂର୍ଦ୍ଧ୍ୱ ପାହ୍ୟାର ଅଧିକାରୀଙ୍କ ପାଇଁ ରଖାଯାଇଥିଲା।


ଶୁଭ ଉଦ୍‌ଘାଟନ
ଆଜି, ଦିବା ୧୨ ଘଟିକା
HDFC ବ୍ୟାଙ୍କ ପାଖ, ଶଙ୍କର ସିନେମା ରୋଡ୍

ଶୁଭାରମ୍ଭ ଅଫର୍
FLAT ୪୦% ରିହାତି* ସୁନା ଗହଣାର ଗଢା ମଜୁରିରେ
UP TO ୨୦% ରିହାତି* ହୀରା ଉପରେ
*T&C Apply

ଓଡ଼ିଶାର ୧୦ତମ ଶୋରୁମ୍ | ୬୦୦୦ ବର୍ଗଫୁଟ୍ ବ୍ୟାପ୍ତ | ଅନୁଗୁଳର ସର୍ବବୃହତ ଗହଣା ଶୋରୁମ୍

90 YEARS TRUST IS TIMELESS | 100% BIS Hallmarked HUID Pure Gold Jewellery | 100% Exchange Of Old Gold | Fair Price Policy | Free Insurance On Diamonds | Tested And Certified Diamonds | Safe Gold Purchase Scheme | Lifetime Buyback Guarantee

**ଅନୁଗୁଳ:** ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପାଖ, ଶଙ୍କର ସିନେମା ରୋଡ୍ **ଭୁବନେଶ୍ୱର:** ୬୨୧, ସହୀଦ ନଗର, ଜନପଥ। ୩୦୯, ଡିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର। ୪୫୧/୧୮୧୪, ସାମନ୍ତରାପୁର ୪୦୮୯, ସୌଭାଗ୍ୟ ନଗର **ବ୍ରହ୍ମପୁର:** ଭେଙ୍କଟ ରାଜୁ ଆର୍କେଡ, ସନୋ ବଜାର **କଟକ:** ୫୫୮/୮୩୪,କ୍ୟାଣ୍ଟନମେଣ୍ଟ ରୋଡ୍ **ଝାରସୁଗୁଡ଼ା:** ସରବହାଲ ରୋଡ, ମାରୱାଡ଼ିପଡ଼ା **ପୁରୀ:** ପୋଲିସ ଲାଇନ୍ ସାମ୍ନା, ଭିଆଇପି ରୋଡ୍ **ରାଉରକେଲା:** କେସର ଭବନ, ମେନ୍ ରୋଡ୍ **ଯାଜପୁର ରୋଡ୍** (ଶୀଘ୍ର ଖୋଲିବ)

ଖିମ୍‌ଜୀ® ଜୁଏଲର୍ସ ସିନସ୍ ୧୯୩୬

## ସଂକ୍ଷେପରେ

### ଇଣ୍ଡୋନେସିଆ ଆଞ୍ଚଳିକ ସଂସଦ ଭବନରେ ନିଆଁ ଲଗାଇଲେ ବିକ୍ଷୋଭକାରୀ: ୩ ମୃତ

ଜାକର୍ତ୍ତା,୩୦।୮

ଇଣ୍ଡୋନେସିଆରେ ବିକ୍ଷୋଭକାରୀମାନେ ଏକ ଆଞ୍ଚଳିକ ପାର୍ଲାମେଣ୍ଟ ଭବନରେ ନିଆଁ ଲଗାଇଦେବାରୁ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ୫ ଆହତ ହୋଇଛନ୍ତି। ଦେଶବ୍ୟାପୀ ବିକ୍ଷୋଭ ଜୋରଦାର ହୋଇଥିବାବେଳେ ରାଷ୍ଟ୍ରପତି ପ୍ରାବୋୟୋ ସୁବିଆଣ୍ଟୋଙ୍କ ସରକାର ପ୍ରଥମ ବଡ଼ ପରୀକ୍ଷାର ସମ୍ମୁଖୀନ ହୋଇଛି। ଦକ୍ଷିଣ ସୁଲାୱେସି ପ୍ରଦେଶ ରାଜଧାନୀ ମାକାସାରଠାରେ ଥିବା ପାର୍ଲାମେଣ୍ଟ ବିଲ୍ଡିଂରେ ଶୁକ୍ରବାର ସନ୍ଧ୍ୟାରେ ବିକ୍ଷୋଭକାରୀ ନିଆଁ ଲଗାଇଥିଲେ। ଜଳୁଥିବା ବିଲ୍ଡିଂ ମଧ୍ୟରେ ରହିଯାଇ ୩ ଜଣଙ୍କ ମୃତ୍ୟୁ ଘଟିଥିବା ଏକ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏମ୍‌ପିମାନଙ୍କ ବେତନକୁ ନେଇ ଚଳିତ ସପ୍ତାହରେ ରାଜଧାନୀ ଜାକର୍ତ୍ତାରେ ବିକ୍ଷୋଭ ଆରମ୍ଭ ହୋଇଥିବାବେଳେ ଶୁକ୍ରବାର ପୋଲିସ ଗାଡ଼ି ଧକ୍କାରେ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିବାରୁ ତାହା ହିଂସାତ୍ମକ ରୂପ ନେଇଥିଲା। ବିକ୍ଷୋଭକାରୀ ପୋଲିସ ଉପରକୁ ଟେକାମାଡ଼ କରିଥିଲେ। ଏଥିରେ ବହୁ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ବଣ୍ଡୁଙ୍ଗ୍ ଏବଂ ଯୋଗ୍ୟାକର୍ତ୍ତା ସହରରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

### ୟୁକ୍ରେନ୍‌ର ପୂର୍ବତନ ସ୍ପିକରଙ୍କୁ ଗୁଳିକରି ହତ୍ୟା


ଆଣ୍ଡ୍ରି ପାରୁବୀ

ନୂଆଦିଲ୍ଲୀ,୩୦।୮

ୟୁକ୍ରେନ୍‌ର ଆଇନ ପ୍ରଣେତା ତଥା ପାର୍ଲାମେଣ୍ଟର ପୂର୍ବତନ ସ୍ପିକର ଆଣ୍ଡ୍ରି ପାରୁବୀଙ୍କୁ ଶନିବାର ଲ୍ଭିଭ୍ ସହରରେ ଗୁଳିକରି ହତ୍ୟା କରାଯାଇଛି। ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ତାଙ୍କ ମୃତ୍ୟୁ ଖବରକୁ ସ୍ପଷ୍ଟ କରିଛନ୍ତି। ୨୦୧୦ ଦଶକରେ ପାରୁବୀ ୟୁକ୍ରେନ୍ ପାର୍ଲାମେଣ୍ଟରେ ସ୍ପିକର ଭାବେ କାର୍ଯ୍ୟ କରିଥିଲେ। ହତ୍ୟାକାଣ୍ଡର ପୂର୍ଣ୍ଣ ତଦନ୍ତ କରାଯିବ ବୋଲି ଜେଲେନ୍‌ସ୍କି ପ୍ରତିଶ୍ରୁତି ଦେଇଛନ୍ତି। ହତ୍ୟାକାରୀଙ୍କୁ ଖୋଜି ବାହାର କରିବା ପାଇଁ ସବୁ ଆବଶ୍ୟକ ବଳ ଓ ବ୍ୟବସ୍ଥାକୁ ନିୟୋଜିତ କରାଯିବ ବୋଲି ସେ କହିଛନ୍ତି।

### ସ୍କୁଲ ଶୌଚାଳୟରେ ଶିଶୁ ଜନ୍ମକଲେ ୯ମ ଶ୍ରେଣୀ ଛାତ୍ରୀ

ବେଙ୍ଗାଲୁରୁ, ୩୦।୮

କର୍ନାଟକର ୟାଦ୍‌ଗୀର ଜିଲା ଶାହପୁର ବ୍ଲକ୍‌ସ୍ଥିତ ଏକ ସରକାରୀ ଆବାସିକ ସ୍କୁଲରେ ଗୁରୁବାର ଜଣେ ୧୭ ବର୍ଷୀୟା ୯ମ ଶ୍ରେଣୀ ଛାତ୍ରୀ ଏକ ଶିଶୁପୁତ୍ର ଜନ୍ମ ଦେଇଛନ୍ତି। ଉଭୟ ଛାତ୍ରୀ ଏବଂ ନବଜାତକଙ୍କ ଅବସ୍ଥା ସ୍ଥିର ଥିବା ପୋଲିସ ସୂଚନା ଦେଇଛି। ଶାହପୁର ସରକାରୀ ହସ୍ପିଟାଲରେ ଉଭୟଙ୍କର ଚିକିତ୍ସା ଜାରି ରହିଛି। ଏହି ମାମଲାକୁ ନେଇ ରିପୋର୍ଟ ପ୍ରଦାନ କରିବାକୁ କର୍ନାଟକ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ ସ୍ଥାନୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୯ ମାସ ତଳେ ପୀଡ଼ିତାଙ୍କୁ ଜଣେ ଅଜଣା ବ୍ୟକ୍ତି ଯୌନ ନିର୍ଯାତନା ଦେଇଥିଲେ ଏବଂ ସେ ଗର୍ଭବତୀ ହୋଇଥିଲେ।

ଦିଲ୍ଲୀରେ ଆଜି



ଦିଲ୍ଲୀର ସଦର ବଜାରଠାରେ ଶନିବାର ନ୍ୟାଶନାଲ ଅକାଳୀ ଦଳ ପକ୍ଷରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ନୀତି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ-ଚମନ ଗୌତମ)

# ଟ୍ରମ୍ପଙ୍କ ଟାରିଫ୍ ବେଆଇନ: ଆମେରିକା କୋର୍ଟ

ୱାଶିଂଟନ,୩୦।୮


ଡୋନାଲ୍ଡ ଟ୍ରମ୍ପ

ଆମେରିକାର ଏକ ଫେଡେରାଲ ଅପିଲ୍ସ କୋର୍ଟ ଶୁକ୍ରବାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାଣିଜ୍ୟ ନୀତିକୁ ଏକ ବଡ଼ ଆଇନଗତ ଝଟକା ଦେଇଛନ୍ତି, ଯାହା ସମସ୍ତଙ୍କୁ ଚକିତ କରିଛି। ବିଶ୍ୱର ପ୍ରାୟତଃ ପ୍ରତ୍ୟେକ ଦେଶ ଉପରେ ଟାରିଫ୍ ଲଗାଇବାର ଆଇନଗତ ଅଧିକାର ଟ୍ରମ୍ପଙ୍କର ନାହିଁ ବୋଲି ଅଦାଲତ କହିଛନ୍ତି। ଏହି ନିଷ୍ପତ୍ତି ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇ ନ ଥିବାବେଳେ ଅକ୍ଟୋବର ୧୪ ପର୍ଯ୍ୟନ୍ତ କୋର୍ଟ ଟାରିଫ୍ ବଳବତ୍ତର ରଖିବାକୁ ଅନୁମତି ଦେଇଛନ୍ତି। ଏଥିସହିତ ସୁପ୍ରିମକୋର୍ଟରେ ଅପିଲ୍ କରିବା ପାଇଁ ଅଦାଲତ ଟ୍ରମ୍ପ ପ୍ରଶାସନକୁ ସୁଯୋଗ ଦେଇଛନ୍ତି।

ଚାଇନା, ମେକ୍ସିକୋ ଏବଂ କାନାଡା ସମେତ ବିଭିନ୍ନ ଦେଶ ଉପରେ ଶୁଳ୍କ ଲଗାଇ ରାଷ୍ଟ୍ରପତି ତାଙ୍କ ଅନ୍ତର୍ଜାତୀୟ ଜରୁରୀ ଅର୍ଥନୈତିକ କ୍ଷମତା ଆଇନ(ଆଇଇଇପିଏ)ର ଦୁରୁପଯୋଗ କରିଥିବା ଫେଡେରାଲ ସର୍କିଟ୍ କୋର୍ଟ ଅଫ୍ ଅପିଲ୍ସ କହିଛନ୍ତି। ବିଭିନ୍ନ ଦେଶ ଉପରେ କଟକଣା ଲଗାଇବା ଓ ସମ୍ପତ୍ତି ଜବତ ପାଇଁ ବ୍ୟବହୃତ ହୋଇ ଆସୁଥିବା ଏହି ଆଇନ ଟାରିଫ୍ ଲଗାଇବା ପାଇଁ ରାଷ୍ଟ୍ରପତିଙ୍କୁ କ୍ଷମତା ଦେଇନାହିଁ। ନିୟନ୍ତ୍ରଣ କରିବା କ୍ଷମତା ଏବଂ ଟିକସ ଲଗାଇବା କ୍ଷମତା ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ରହିଥିବା କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ଟାରିଫ୍ ଲଗାଇବା କ୍ଷମତା କଂଗ୍ରେସ ପାଖରେ ରହିଛି, ରାଷ୍ଟ୍ରପତିଙ୍କ ପାଖରେ ନୁହେଁ ବୋଲି ଅଦାଲତ ସ୍ପଷ୍ଟ କରିଦେଇଛନ୍ତି।

କୋର୍ଟଙ୍କ ରାୟକୁ ଟ୍ରମ୍ପ କଡ଼ା ସମାଲୋଚନା କରିଛନ୍ତି। ଏହା ଦେଶ ପାଇଁ ସମ୍ପୂର୍ଣ୍ଣ ବିପର୍ଯ୍ୟୟ ବୋଲି ସେ ତାଙ୍କ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲ୍‌ରେ ଲେଖିଛନ୍ତି। ସେ ଅତ୍ୟନ୍ତ ପକ୍ଷପାତପୂର୍ଣ୍ଣ ଅପିଲ୍ସ କୋର୍ଟକୁ ନିନ୍ଦା କରିବା ସହ ସବୁ ଟାରିଫ୍ କାର୍ଯ୍ୟକାରୀ ରହିଥିବା କହିଛନ୍ତି। ଅପିଲ୍ସ କୋର୍ଟ ବିରୋଧରେ ସେ ସର୍ବୋଚ୍ଚ ଅଦାଲତକୁ ଯିବେ ବୋଲି କହିଛନ୍ତି। ଆମେ ଆମେରିକାକୁ ଲାଭବାନ କରାଇବା, ପୁନର୍ବାର ଧନୀ, ଶକ୍ତିଶାଳୀ ଓ କ୍ଷମତାଶାଳୀ କରାଇବା ପାଇଁ ଏହାର ବ୍ୟବହାର କରିବୁ ବୋଲି ଟ୍ରମ୍ପ ଲେଖିଛନ୍ତି।

ଯଦି ଟାରିଫ୍‌କୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦିଅନ୍ତି, ତେବେ ଆମେରିକା ରାଜକୋଷକୁ ବହୁ ବିଲିୟନ ଡଲାର ହରାଇବାକୁ ପଡ଼ିବ ବୋଲି ପ୍ରଶାସନ ଆଶଙ୍କା କରୁଛି। ଜୁଲାଇ ସୁଦ୍ଧା ଟାରିଫ୍‌ରୁ ୧୫୯ ବିଲିୟନ ଡଲାର ରାଜସ୍ୱ ସଂଗୃହୀତ ହୋଇଛି, ଯାହାକି ଆଶାତୀତ। ଯଦି କୋର୍ଟ ଏହାକୁ ଖାରଜ କରିଦିଅନ୍ତି, ତେବେ ଉକ୍ତ ଅର୍ଥକୁ ଫେରାଇବାକୁ ପ୍ରଶାସନ ବାଧ୍ୟ ହେବ ବୋଲି ନ୍ୟାୟ ବିଭାଗ ସତର୍କ କରାଇଥିଲା। ଯଦି ଟାରିଫ୍‌କୁ ଖାରଜ କରିଦିଆଯାଏ, ତେବେ ଅନେକ ଲକ୍ଷଙ୍କୁ ନିଯୁକ୍ତି ହରାଇବାକୁ ପଡ଼ିବ, ଆମେରିକୀୟମାନେ ସେମାନଙ୍କ କଷ୍ଟ ଉପାର୍ଜିତ ସଞ୍ଚୟ ହରାଇବେ ଏବଂ ଏପରିକି ସାମାଜିକ ସୁରକ୍ଷା ଓ ସ୍ୱାସ୍ଥ୍ୟସେବା ପ୍ରତି ମଧ୍ୟ ବିପଦ ସୃଷ୍ଟି ହେବ ବୋଲି ସଲିସିଟର ଜେନେରାଲ ଡି, ଜନ୍ ସୌଏର ଏବଂ ଆସିଷ୍ଟାଣ୍ଟ ଆର୍ଟର୍ନି ଜେନେରାଲ ବ୍ରେଟ୍ଟ ଶୁମେଟ୍ ଅଦାଲତଙ୍କ ଏକ ପତ୍ର ଜରିଆରେ କହିଛନ୍ତି। ଟାରିଫ୍‌କୁ ଖାରଜ କରାଗଲେ ସର୍ବନାଶକାରୀ ସଙ୍କଟ ସୃଷ୍ଟି ହେବ ବୋଲି ସେମାନେ ସତର୍କ କରାଇଛନ୍ତି।

## ମୂଲ୍ୟବୃଦ୍ଧିକୁ ନେଇ ଲୋକେ ଅତିଷ୍ଠ

ଦରଦାମ୍ କମାଇବା ସହ ଆମେରିକାକୁ ପୁଣିଥରେ ସୁଲଭ କରାଇବାର ପ୍ରତିଶ୍ରୁତି ଦେଇ ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଆସିଥିଲେ। ଏବେ ତାଙ୍କର ଟାରିଫ୍ ଏବଂ ଟିକସ ନୀତିର ପ୍ରଭାବ ତେଜରାତି ସାମଗ୍ରୀଠାରୁ ଆରମ୍ଭ କରି ବିଦ୍ୟୁତ୍ ପର୍ଯ୍ୟନ୍ତ ସବୁକିଛିର ଦର ବଢ଼ାଇ ଦେଇଛି। ଏବାବଦରେ ଆମେରିକୀୟ ପରିବାରଗୁଡ଼ିକୁ ବହୁ ଶହ ଡଲାର ବ୍ୟୟ କରିବାକୁ ପଡ଼ୁଛି। ଏହିଧାରା ଆଗକୁ ଆହୁରି ଖରାପ ହେବ ଏବଂ ନିମ୍ନ ତଥା ମଧ୍ୟମ ଆୟକାରୀ ପରିବାରଗୁଡ଼ିକ ଉପରେ ସର୍ବାଧିକ ଆର୍ଥିକ ବୋଝ ପଡ଼ିବ ବୋଲି ବିଶେଷଜ୍ଞମାନେ ସତର୍କ କରାଇଛନ୍ତି।


୨୦୨୪ରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରଚାର ବେଳେ ଟ୍ରମ୍ପ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ସହ ଆମେରିକୀୟ ପରିବାରଗୁଡ଼ିକ ପାଇଁ ସାମଗ୍ରୀଗୁଡ଼ିକ ସୁଲଭ କରାଇବେ ବୋଲି ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ। ସେ ଜିତିବା ପରେ ପ୍ରଥମ ଦିନରୁ ଦରଦାମ୍ କମାଇବେ ବୋଲି ୨୦୨୪ ଅଗଷ୍ଟରେ ଏକ ରାଲିରେ ଘୋଷଣା କରିଥିଲେ। କିନ୍ତୁ ଏବେ ତାଙ୍କ ଟାରିଫ୍ ଓ ଟିକସ ନୀତି ଆମେରିକୀୟ ସାମଗ୍ରୀଗୁଡ଼ିକୁ ଏତେ ମହଙ୍ଗା କରିଦେଇଛି, ଯାହା ଲୋକଙ୍କ କିଣିବା ବାହାରେ। ତେଜରାତି ସାମଗ୍ରୀ ଓ ବିଦ୍ୟୁତ୍ ଦର ଜାନୁଆରୀରୁ କ୍ରମାଗତ ଭାବେ ବଢ଼ିଚାଲିଛି। ଫଳରେ ଅନେକ ଲକ୍ଷ ଆମେରିକୀୟ ଅତ୍ୟଧିକ ଆର୍ଥିକ ଚାପର ସମ୍ମୁଖୀନ ହୋଇଛନ୍ତି। ଆମଦାନୀ ସାମଗ୍ରୀ ଉପରେ ଅତ୍ୟଧିକ ଟାରିଫ୍ ସେଗୁଡ଼ିକୁ ମହଙ୍ଗା କରିଦେଇଛି। ସେହିପରି ଜୁଲାଇରୁ 'ୱାନ୍ ବିଗ୍ ବିଉଟିଫୁଲ୍ ବିଲ୍ ଆଇନ' ବଜାର ଅସ୍ଥିରତାର ଅନ୍ୟତମ କାରଣ ହୋଇଛି।

### ଆତଙ୍କବାଦୀ ବାଗୁ ଖାନ୍‌ଙ୍କୁ ଏନ୍‌କାଉଣ୍ଟର

ଶ୍ରୀନଗର, ୩୦।୮(ପି.ଟି.)

ଜମ୍ମୁ-କଶ୍ମୀରରେ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବାରେ ପ୍ରମୁଖ ଭୂମିକା ଥିବା ବାଗୁ ଖାନ୍‌କୁ ଶନିବାର ସୁରକ୍ଷାବଳ ଏନ୍‌କାଉଣ୍ଟର କରିଛି। ସେ ଆତଙ୍କବାଦୀଙ୍କ ମଧ୍ୟରେ ସମନ୍ଦର ଚାଚା ଏବଂ ହ୍ୟୁମାନ୍ ଜିପିଏସ୍ ନାମରେ ପରିଚିତ ଥିଲେ। ଜମ୍ମୁ-କଶ୍ମୀରର ଗୁରେଜ୍ ସେକ୍ଟରର ନୌଶାରା ନାର୍ ଅଞ୍ଚଳରେ ସୁରକ୍ଷା କର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟରେ ବାଗୁଙ୍କର ମୃତ୍ୟୁ ହୋଇଛି। ତାଙ୍କ ସହ ଆଉଜଣେ ଆତଙ୍କବାଦୀ ମଧ୍ୟ ନିହତ ହୋଇଛନ୍ତି। ଭାରତରେ ଆତଙ୍କବାଦୀଙ୍କ ଅନୁପ୍ରବେଶ ପଛରେ ବାଗୁ ସବୁଠାରୁ ବଡ଼ ମାଷ୍ଟରମାଇଣ୍ଡ ଥିଲେ। ସେ ଆତଙ୍କବାଦୀଙ୍କ ୧୦୦ରୁ ଅଧିକ ଅନୁପ୍ରବେଶ ପ୍ରୟାସକୁ ସଫଳ କରାଇଥିଲେ। ଦୁର୍ଗମ ପାହାଡ଼ିଆ ଅଞ୍ଚଳ, ଜଙ୍ଗଲ ଏବଂ ବିଭିନ୍ନ ଗୁପ୍ତ ରାସ୍ତା ଉପରେ ତାଙ୍କର ଜ୍ଞାନ ଥିଲା। ଏହି କାରଣରୁ ବିଭିନ୍ନ ଆତଙ୍କବାଦୀ ସଙ୍ଗଠନ ମଧ୍ୟରେ ସେ ହ୍ୟୁମାନଜିପିଏସ୍ ନାମରେ ପରିଚିତ ଥିଲେ।

### ଇସ୍ରାଏଲ୍ ଆକ୍ରମଣରେ ହୁଟି ପ୍ରଧାନମନ୍ତ୍ରୀଙ୍କ ମୃତ୍ୟୁ


ଅହମଦ ଅଲ୍-ରହାୱି

ସାନା,୩୦।୮

ୟେମେନ୍‌ରେ ଇସ୍ରାଏଲୀ ସେନାର ଏୟାରଷ୍ଟ୍ରାଇକ୍‌ରେ ସାନାର ହୁଟି ନେତୃତ୍ୱାଧୀନ ସରକାରର ପ୍ରଧାନମନ୍ତ୍ରୀ ଅହମଦ ଅଲ୍-ରହାୱିଙ୍କ ମୃତ୍ୟୁ ଘଟିଛି। ପ୍ରଧାନମନ୍ତ୍ରୀ ଅଲ୍-ରହାୱିଙ୍କ ସମେତ ଅନ୍ୟ କେତେଜଣ ମନ୍ତ୍ରୀ ମଧ୍ୟ ନିହତ ହୋଇଛନ୍ତି। ସରକାରଙ୍କ ବର୍ଷକର କାର୍ଯ୍ୟ ସମୀକ୍ଷା କରିବା ପାଇଁ ଗୁରୁବାର ଏକ କର୍ମଶାଳାରେ ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀମାନେ ଯୋଗ ଦେଇଥିବାବେଳେ ଆକ୍ରମଣ ହୋଇଥିଲା। ଅଲ୍-ରହାୱି ୨୦୨୪ ଅଗଷ୍ଟରୁ ହୁଟି ନିୟନ୍ତ୍ରିତ ସରକାରରେ ପ୍ରଧାନମନ୍ତ୍ରୀ ଥିଲେ। ସାନା ଅଞ୍ଚଳରେ ଥିବା ହୁଟି ଆତଙ୍କବାଦୀ ଶାସନର ସାମରିକ ସ୍ଥଳକୁ ଟାର୍ଗେଟ କରାଯାଇ ଆକ୍ରମଣ କରାଯାଇଥିବା ଇସ୍ରାଏଲୀ ସେନା କହିଛି। ପାଲେଷ୍ଟାଇନ୍‌ଙ୍କର ସବୁଠୁ ବଡ଼ ସମର୍ଥକ ହୁଟି ଗତ କିଛି ମାସ ମଧ୍ୟରେ ଇସ୍ରାଏଲ୍‌କୁ ଟାର୍ଗେଟ କରି ଅନେକ ମିଶାଇଲ୍ ଓ ଡ୍ରୋନ୍ ଆକ୍ରମଣ କରିଥିଲେ।

## ମଣିମହେଶ ଯାତ୍ରାରେ ୧୦ ମୃତ, ୮ ନିଖୋଜ

ଚଣ୍ଡିଗଡ଼,୩୦।୮

ହିମାଚଳପ୍ରଦେଶର ଭରମୌରରେ ଚାଲିଥିବା ମଣିମହେଶ ଯାତ୍ରାରେ ୧୦ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିବା ସହ ୮ ଜଣ ଆହତ ହୋଇଛନ୍ତି। ପ୍ରବଳ ବର୍ଷା ସାଙ୍ଗକୁ ଭୂସ୍ଖଳନ ଓ ହଠାତ୍ ବନ୍ୟା କାରଣରୁ ସୋମବାର ଏହି ଯାତ୍ରାକୁ ସ୍ଥଗିତ ରଖାଯାଇଛି। ଭରମୌର ଅଞ୍ଚଳରେ ଫସିରହିଥିବା ୬,୦୦୦ ଶ୍ରଦ୍ଧାଳୁଙ୍କୁ ନିରାପଦରେ ସହ ଉଦ୍ଧାର କରାଯାଇ ନୁରପୁର ଏବଂ ପଠାନକୋଟ୍‌କୁ ନିଆଯାଇଛି। ପୋଙ୍ଗ୍ ଡ୍ୟାମ୍‌ର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବାରୁ ଧର୍ମଶାଳା ଏବଂ ମାକ୍‌ଲିଓଡଗଞ୍ଜରେ ବନ୍ୟା ଆଶଙ୍କା ଦେଖାଦେଇଛି। ଭୂସ୍ଖଳନ ଯୋଗୁ କିରଟପୁର-ମନାଲି ଜାତୀୟ ରାଜପଥ ଅବରୋଧ ରହିଛି। ଉଦ୍ଧାର କାର୍ଯ୍ୟରେ ପୋଲିସ, ହୋମଗାର୍ଡ, ସ୍ୱେଚ୍ଛାସେବୀ, ଏନ୍‌ସିସି କ୍ୟାଡେଟ୍, ସ୍ଥାନୀୟ ବାସିନ୍ଦା ଓ ସିଭିଲ୍ ଅଫିସରମାନେ ସାମିଲ ହୋଇଛନ୍ତି। କାଲସୁଇନ୍‌ରେ ଫସିରହିଥିବା ତୀର୍ଥଯାତ୍ରୀମାନଙ୍କୁ ୩୯ଟି ବସ୍ ଓ ୨୫ ଟ୍ୟାକ୍ସି ସହାୟତାରେ ଚାମ୍ବା ଏବଂ ନୁରପୁରକୁ ନିଆଯାଇଛି। ଅନ୍ୟମାନଙ୍କୁ ସ୍ଥାନାନ୍ତର ପାଇଁ ଅଧିକ ୪୦ଟି ବସ୍ ବ୍ୟବସ୍ଥା ହୋଇଛି। ପ୍ରବଳ ବର୍ଷା ଓ ବନ୍ୟା ଯୋଗୁ ରାସ୍ତାଘାଟ ଧୋଇଯାଇ ବିଭିନ୍ନ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ଆକାଶମାର୍ଗରୁ ବିପର୍ଯ୍ୟୟ କ୍ଷତିଗ୍ରସ୍ତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିଛନ୍ତି।

## ୭ ବର୍ଷ ପରେ ଚାଇନାରେ ମୋଦି

ଜିନ୍‌ପିଙ୍ଗଙ୍କ ସହ ଆଲୋଚନା ଉପରେ ସମସ୍ତଙ୍କ ନଜର

ଟିଆନଜିନ୍,୩୦।୮(ପି.ଟି.)

ଦୀର୍ଘ ୭ ବର୍ଷରୁ ଉର୍ଦ୍ଧ୍ୱ ସମୟର ବ୍ୟବଧାନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଚାଇନାରେ ପହଞ୍ଚିଛନ୍ତି। ୱାଶିଂଟନର ଟାରିଫ୍ ନୀତିକୁ ନେଇ ଭାରତ-ଆମେରିକା ସମ୍ପର୍କ ଖରାପ ହୋଇଥିବାବେଳେ ମୋଦିଙ୍କ ବେଜିଂ ଗସ୍ତ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ସହ ରବିବାର ମୋଦିଙ୍କ ଆଲୋଚନା କାର୍ଯ୍ୟକ୍ରମ ଥିବାବେଳେ ଏହା ଉପରେ ସାରା ବିଶ୍ୱ ନଜର ରଖିଛି।

ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ)ର ବାର୍ଷିକ ସମ୍ମିଳନୀ ରବିବାର ଓ ସୋମବାର ଅନୁଷ୍ଠିତ ହେବାକୁ ଥିବାବେଳେ ମୋଦି ସେଥିରେ ଯୋଗଦେବା ପାଇଁ ଚାଇନାରେ ପହଞ୍ଚିଛନ୍ତି। ରବିବାର ଜିନ୍‌ପିଙ୍ଗଙ୍କ ସହ ତାଙ୍କର ଆଲୋଚନାରେ ଦୁଇଦେଶର ଅର୍ଥନୈତିକ ସମ୍ପର୍କ, ଭାରତ ଓ ଚାଇନା ସମ୍ପର୍କକୁ ଅଧିକ ସ୍ୱାଭାବିକ କରିବା ଦିଗରେ ବିଭିନ୍ନ ପଦକ୍ଷେପ ଉପରେ ବିଚାରବିମର୍ଶ ହୋଇପାରେ। ଏସ୍‌ସିଓ ସମିଟ୍ ଅବସରରେ ସେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ଅନ୍ୟ ନେତାମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବା ଆଶା କରାଯାଉଛି। ଜାପାନ ଗସ୍ତ ଅବସରରେ ନୂଆଦିଲ୍ଲୀ ଓ ଟୋକିଓ ଗୁରୁତ୍ୱପୂର୍ଣ୍ଣ ବୈଷୟିକ ସେକ୍ଟରରେ ସହଯୋଗ ବଢ଼ାଇବା ପାଇଁ ସଂକଳ୍ପ ନେଇଛନ୍ତି। ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବାଙ୍କ ସହ ମୋଦି ବୁଲେଟ୍ ଟ୍ରେନ୍‌ରେ ସେଣ୍ଡାଇ ଗସ୍ତ କରିଥିଲେ। ସେଠାରେ ଏକ ସେମିକଣ୍ଡକ୍ଟର ପ୍ଲାଣ୍ଟକୁ ସେ ବୁଲି ଦେଖିଥିଲେ।


ଚାଇନାର ଟିଆନଜିନ୍‌ରେ ଶନିବାର ପହଞ୍ଚିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ହୋଟେଲରେ ପ୍ରବାସୀ ଭାରତୀୟ ସଦସ୍ୟମାନେ ସ୍ୱାଗତ କରୁଛନ୍ତି।

## ଫୁରସତ୍

### ପ୍ରେମିକଙ୍କୁ ବିବାହ ପାଇଁ ଘର ଛାଡ଼ିଲେ, ଆଉ ଜଣଙ୍କୁ ବାହାହୋଇ ଫେରିଲେ

ଇନ୍ଦୋର

୨୦୦୭ରେ ରିଲିଜ୍ ହୋଇଥିବା ଅଭିନେତା ଶାହିଦ୍ କପୁର ଓ ଅଭିନେତ୍ରୀ କରୀନା କପୁରଙ୍କ 'ଜବ୍ ୱି ମେଟ୍' ଫିଲ୍ମର କାହାଣୀ ପରି ଏକ ଅନୁରୂପ ଘଟଣା ମଧ୍ୟପ୍ରଦେଶର ଇନ୍ଦୋରରେ ଘଟିଛି। ସ୍ଥାନୀୟ ଏମ୍‌ଆଇଜିନିବାସୀ ତଥା ବିବିଏ ଶେଷବର୍ଷ ଛାତ୍ରୀ ଶ୍ରଦ୍ଧା ତିୱାରୀ ନିଜ ପ୍ରେମିକ ସାର୍ଥକଙ୍କୁ ବିବାହ କରିବା ପାଇଁ ଗତ ସପ୍ତାହରେ ଘର ଛାଡ଼ି ପଳାଇଥିଲେ। ତେବେ ଶୁକ୍ରବାର ସେ ଅନ୍ୟ ଜଣଙ୍କର ସ୍ତ୍ରୀ ହୋଇ ତାଙ୍କ ଘରକୁ ଫେରିଛନ୍ତି।

ଗତ ଅଗଷ୍ଟ ୨୩ରେ ସାର୍ଥକଙ୍କୁ ବିବାହ କରିବା ପାଇଁ ଶ୍ୱେତା ଘର ଛାଡ଼ିଥିଲେ। ଶ୍ୱେତା ଇନ୍ଦୋର ରେଳଷ୍ଟେଶନରେ ପହଞ୍ଚିଥିଲେ। ତେବେ ପ୍ରତିଶ୍ରୁତି ମୁତାବକ ସାର୍ଥକ ସେଠାକୁ ଆସି ନ ଥିଲେ ଏବଂ ଶ୍ରଦ୍ଧାଙ୍କୁ ବିବାହ କରିବେ ନାହିଁ ବୋଲି ସେ ଫୋନ୍‌ରେ ଜଣାଇଦେଇଥିଲେ। ଏହା ଶ୍ରଦ୍ଧାଙ୍କ ପାଇଁ ହୃଦୟବିଦାରକ ଥିଲା। ହଠାତ୍ କିଛି ବୁଝି ନ ପାରି ସେ ଏକ ଟ୍ରେନ୍ ଧରି ରତ୍ଲାମ ପଳାଇଯାଇଥିଲେ। ସେତେବେଳେ ସେ ନିଜ ଭବିଷ୍ୟତକୁ ନେଇ ସନ୍ଦିହାନ ଥିଲେ। ରତ୍ଲାମ ରେଳଷ୍ଟେଶନଠାରେ ଇନ୍ଦୋରର ଏକ କଲେଜରେ କାର୍ଯ୍ୟରତ ଇଲେକ୍ଟ୍ରିସିଆନ୍ କରନ୍‌ଦୀପଙ୍କ ସହ ତାଙ୍କର ଭେଟ ହୋଇଥିଲା। ଶ୍ୱେତାଙ୍କୁ ଏକୁଟିଆ ବସିଥିବାର ଦେଖି କରନ୍‌ଦୀପ ତାଙ୍କ ସହ କଥା ହୋଇଥିଲେ। ଶ୍ୱେତା ନିଜ ବିଷୟରେ ସବୁକଥା କରନ୍‌ଦୀପଙ୍କୁ କହିଥିଲେ। କରନ୍‌ଦୀପ ତାଙ୍କୁ ଘରକୁ ଫେରିଯିବା ପାଇଁ ପରାମର୍ଶ ଦେଇଥିଲେ। ତେବେ ବିବାହ କରିବା ପାଇଁ ସେ ଘର ଛାଡ଼ିଛନ୍ତି। ତେଣୁ ବିନା ବିବାହରେ ସେ ଘରକୁ ଫେରିବେ ନାହିଁ ବୋଲି ଶ୍ରଦ୍ଧା କହିଥିଲେ। ପରିସ୍ଥିତିକୁ ଦେଖି କରନ୍‌ଦୀପ ଶ୍ରଦ୍ଧାଙ୍କୁ ପ୍ରପୋଜ୍ କରିଥିଲେ, ଯାହାକୁ ସେ ଗ୍ରହଣ କରିଥିଲେ। ସେଠାରୁ ଉଭୟେ ମାହେଶ୍ୱର ଯାଇଥିଲେ ଏବଂ ଏକ ମନ୍ଦିରରେ ପରସ୍ପରକୁ ବିବାହ କରିଥିଲେ। ଶୁକ୍ରବାର କରନ୍‌ଦୀପଙ୍କ ସହ ଶ୍ରଦ୍ଧା ନିଜ ଘରକୁ ଫେରିଥିଲେ। ଶ୍ରଦ୍ଧାଙ୍କୁ ସାର୍ଥକଙ୍କ ବଦଳରେ କରନ୍‌ଦୀପଙ୍କ ସହ ଦେଖି ତାଙ୍କ ପରିବାର ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଘଟଣାକୁ ନେଇ ଇନ୍ଦୋର ପୋଲିସ ଶ୍ରଦ୍ଧାଙ୍କ ବୟାନ ରେକର୍ଡ କରିଛି। ଉଭୟଙ୍କୁ ପଚରାଉଚରା କରାଯାଉଛି ବୋଲି ଇନ୍ଦୋର ଅତିରିକ୍ତ ଡିସିପି ରାଜେଶ ଦଣ୍ଡୋତିଆ କହିଛନ୍ତି।


କରନ୍‌ଦୀପଙ୍କ ସହ ଶ୍ରଦ୍ଧା।

### ଚାଇନାର ପିଏଚ୍.ଡି. ଗାଁ

ବେଜିଂ

ଦକ୍ଷିଣ-ପୂର୍ବ ଚାଇନାର ଫୁଜିଆନ୍ ପ୍ରଦେଶ ଅନ୍ତର୍ଗତ ନାନନ୍ ସହର ଉପକଣ୍ଠରେ ଥିବା ପେଙ୍ଗ୍‌ଡାଓ ଗ୍ରାମ ସ୍ଥାନୀୟ ଅଞ୍ଚଳରେ ପିଏଚ୍.ଡି. ଗ୍ରାମ ଭାବେ ଖୁବ୍ ଲୋକପ୍ରିୟ। ବର୍ତ୍ତମାନ ସୁଦ୍ଧା ଏହି ଗ୍ରାମରୁ ମୋଟ ୩୩ ଜଣ ବିଭିନ୍ନ ଘରୋଇ ଏବଂ ଅନ୍ତର୍ଜାତୀୟ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଡିଗ୍ରୀ ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଚାଇନାର ସିଂଘୁଆ ବିଶ୍ୱବିଦ୍ୟାଳୟ, ହଂକଂ ବିଶ୍ୱବିଦ୍ୟାଳୟ, ବ୍ରିଟେନ୍‌ର କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଏବଂ ଆମେରିକାର କର୍ନେଲ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଡିଗ୍ରୀ ହାସଲ କରିଛନ୍ତି। ଛାତ୍ରୀଛାତ୍ର ଏବଂ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇବା ପାଇଁ ଗ୍ରାମର ଏକ ପ୍ରମୁଖ କୋଠାରେ ଏହି ପିଏଚ୍.ଡି. ଡିଗ୍ରୀଧାରୀ ଏବଂ ସେମାନଙ୍କ ସ୍କୁଲର ନାମକୁ ଲେଖା ଯାଇଛି। ଏକ ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଅବସ୍ଥିତ ଏହି ଗାଁରେ ସମ୍ପ୍ରତି ପ୍ରାୟ ୬ ହଜାର ଲୋକ ରହୁଛନ୍ତି। ଐତିହାସିକ ଭାବରେ ସୀମିତ ଚାଷଜମି ଯୋଗୁ ପୂର୍ବରୁ ଏହି ଗାଁର ଲୋକଙ୍କୁ ଦାରିଦ୍ର୍ୟ ସହ ସଂଘର୍ଷ କରିବାକୁ ପଡୁଥିଲା। ଏଥିରୁ ମୁକୁଳିବା ପାଇଁ ଗ୍ରାମବାସୀ ପିଢ଼ି ପରେ ପିଢ଼ି ଧରି ଶିକ୍ଷାକୁ ପ୍ରାଥମିକତା ଦେଇ ଆସୁଛନ୍ତି।



ସ୍ଥାନୀୟ ଗୁଓ ପରିବାର ଶିକ୍ଷା ପାଣ୍ଠିର ନିର୍ଦ୍ଦେଶକ ଗୁଓ ଡୋଙ୍ଗ୍ୟୁ କହିଛନ୍ତି, ପେଙ୍ଗ୍‌ଡାଓ ଗାଁରେ ଶିକ୍ଷାକୁ ଗୁରୁତ୍ୱ ଦେବାର ଏକ ଦୀର୍ଘକାଳୀନ ପରମ୍ପରା ରହି ଆସିଛି। ଅଭିଭାବକମାନେ ପ୍ରାରମ୍ଭରୁ ସେମାନଙ୍କ ପିଲାଙ୍କ ଶିକ୍ଷା ପ୍ରତି ଗୁରୁତ୍ୱ ଦେଇଥାନ୍ତି।

51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୩୧/୨୦୨୫ | Bhubaneswar, Sunday, August 31/2025 | ପୃଷ୍ଠା-୧




**ଚିରଞ୍ଜୀବୀଙ୍କୁ ଭେଟିବାକୁ ଦୀର୍ଘ ଯାତ୍ରା**

ସାଉଥ୍ ସୁପରଷ୍ଟାର ଚିରଞ୍ଜୀବୀଙ୍କ ମହିଳା ପ୍ରଶଂସକ ରାଜେଶ୍ୱରୀ ୩୧୨ କି.ମି. ସାଇକେଲ ଚଳାଇ ତାଙ୍କୁ ଭେଟିଛନ୍ତି।

୦୨

୧୨

**ଜୋକୋଭିଚ୍ ୪ର୍ଥ ରାଉଣ୍ଡରେ**

ସର୍ବୀୟ ଟେନିସ ଷ୍ଟାର ନୋଭାକ ଜୋକୋଭିଚ୍ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।



# ବାଦଲଫଟା ବର୍ଷା, ଭୂସ୍ଖଳନ: ୧୧ ମୃତ

**ଶ୍ରୀନଗର, ୩୦।୮ (ପି.ଟି.)**

ଜମ୍ମୁ-କଶ୍ମୀରରେ ଶନିବାର ବାଦଲ ଫଟା ବର୍ଷା ଏବଂ ଭୂସ୍ଖଳନ ଘଟି ୧୧ ଜଣଙ୍କର ମୃତ୍ୟୁ ଘଟିଛି। ରାମବନ୍ ଜିଲାରେ ବାଦଲ ଫଟା ବର୍ଷା ପ୍ରଭାବରେ ଆସିଥିବା ବନ୍ୟାରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ନିଖୋଜ ରହିଛନ୍ତି। ସେହିପରି ପଡ଼ୋଶୀ ରେଆସି ଜିଲାର ବଦର ଗ୍ରାମରେ ଭୂସ୍ଖଳନ ଘଟିବାରୁ ଗୋଟିଏ ପରିବାରର ୭ ଜଣଙ୍କର ମୃତ୍ୟୁ ହୋଇଛି।

ଶନିବାର ସକାଳେ ରାମବନ ଜିଲାର ରାଜଗଡ଼ ଅଞ୍ଚଳରେ ବାଦଲଫଟା ବର୍ଷା ହୋଇଥିଲା। ଏହାର ପ୍ରଭାବରେ ଉକ୍ତ ଅଞ୍ଚଳରେ ଭୂସ୍ଖଳନ ହେବା ସହ ଅଚାନକ ବନ୍ୟା ଆସିଥିଲା। ଫଳରେ ଉକ୍ତ ଅଞ୍ଚଳରେ ଅନେକ ଘର କ୍ଷତିଗ୍ରସ୍ତ ହୋଇଛି। ଘଟଣାସ୍ଥଳରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) ଏବଂ ପୋଲିସ ପକ୍ଷରୁ ରେସ୍କ୍ୟୁ ଏବଂ ସର୍ଚ୍ଚ ଅପରେଶନ ଜାରି ରହିଛି। ଭଗ୍ନାବଶେଷ ତଳେ ଫସିରହିଥିବା ବ୍ୟକ୍ତିମାନଙ୍କୁ ଖୋଜିବା ପ୍ରକ୍ରିୟା ଚାଲିଛି। ସେହିପରି ଲଗାଣ ବର୍ଷା ପ୍ରଭାବରେ ରେଆସି ଜିଲାର ମାହୋରସ୍ଥିତ ବଦର ଗ୍ରାମରେ ଭୂସ୍ଖଳନ ଘଟିଛି। ଭୂସ୍ଖଳନ ପ୍ରଭାବରେ ଗ୍ରାମର ଗୋଟିଏ ଘର ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଘର ମଧ୍ୟରେ ଥିବା ନାଜିର ଅହମଦ, ତାଙ୍କ ସ୍ତ୍ରୀ ୱାଜିରା ବେଗମ ଓ ତାଙ୍କର ୫ ପିଲାଙ୍କର ମୃତ୍ୟୁ ଘଟିଛି। ସେଠାରେ ମଧ୍ୟ ସର୍ଚ୍ଚ ଅପରେଶନ ଜାରି ରହିଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି। ଉଭୟ ଘଟଣାକୁ ନେଇ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଶୋକ ପ୍ରକଟ କରିଛନ୍ତି। ବନ୍ୟା ଏବଂ ଭୂସ୍ଖଳନ ପାଇଁ ବିପଦପୂର୍ଣ୍ଣ ଥିବା ଅଞ୍ଚଳରୁ ସ୍ଥାନୀୟ ବାସିନ୍ଦାଙ୍କୁ ଠିକ୍ ସମୟରେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକରେ ପ୍ରଭାବିତ ପରିବାରକୁ ରିଲିଫ୍ ସହାୟତା ପ୍ରଦାନ କରିବାକୁ ସେ ଜିଲା ପ୍ରଶାସନଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨ ସପ୍ତାହ ମଧ୍ୟରେ ଜମ୍ମୁ-କଶ୍ମୀରରେ ଏକାଧିକ ବାଦଲଫଟା ବର୍ଷା ଓ ଭୂସ୍ଖଳନ ଘଟଣା ଦେଖିବାକୁ ମିଳିଛି। ☞ପୃଷ୍ଠା-୨



ଜମ୍ମୁ-କଶ୍ମୀର ରାମବନରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରାଯାଉଛି।

## କଶ୍ମୀରରେ ପ୍ରକୃତିର କୋପ

## ଆସୁଛି ଆଉ ୨ ଲଘୁଚାପ

**ଭୁବନେଶ୍ୱର,୩୦।୮ (ଅନୁରାଧା ମହାରଣା)**

ରାଜ୍ୟରେ ଏବେ ମୌସୁମୀ ବର୍ଷା ଜାରି ରହିଛି। ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇଥିବାବେଳେ ଅଧିକାଂଶ ସ୍ଥାନରେ ତୁହାକୁ ତୁହା ବର୍ଷା ଏବଂ ଆଉ କିଛି ସ୍ଥାନରେ ଖରା ଓ ଗୁଳୁଗୁଳି ସହ ହାଲୁକା ବର୍ଷା ହୋଇଛି। ଆଗକୁ ବଙ୍ଗୋପସାଗରରେ ଆଉ ୨ଟି ଲଘୁଚାପ ସୃଷ୍ଟିହେବା ସମ୍ଭାବନା ଥିବାରୁ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଆସନ୍ତା ୩ ତାରିଖରେ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟିହେବ। ଏହା ପ୍ରଭାବରେ ରବିବାରଠାରୁ ରାଜ୍ୟରେ ପୁଣି ବର୍ଷା ବଢ଼ିବ। ଏହି ଲଘୁଚାପ ଅଧିକ ଘନୀଭୂତ ହୋଇ ୫ ତାରିଖରେ ଅବପାତର ରୂପ ନେବାର ସମ୍ଭାବନା ରହିଛି। ଏହାର ପରବର୍ତ୍ତୀ ସ୍ଥିତି ନେଇ ସୂଚନା ଦିଆଯାଇ ନ ଥିଲେ ମଧ୍ୟ ପ୍ରବଳ ବର୍ଷା ନେଇ କେତେକ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। ଏହାପରେ ଦ୍ୱିତୀୟ ସପ୍ତାହ ବେଳକୁ ପୁଣି ଆଉ ଏକ ଲଘୁଚାପ ମଧ୍ୟ ସୃଷ୍ଟିହେବା ସମ୍ଭାବନା ରହିଛି। ଫଳରେ ରାଜ୍ୟରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

**ଆଜିର ସମ୍ପାଦକୀୟ**

**ବନ୍ଧୁତ୍ୱର ପତନ**




RAMRAJ
mithu® TOWELS
Bamboo | Terry | Signature
Striped & Chequered Towels
FOR TRADE ENQUIRY
Distributor : RAMLAL RUPCHAND
NANDI SAHI, CUTTACK - 753 001.
CELL : 94370 94433



**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା01.09.2025ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-09001/11/0012/2526



DSPL-241



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ରାଜ୍ୟସ୍ତରୀୟ
**ସ୍ୱାୟତ୍ତ ଶାସନ ଦିବସ ସମାରୋହ**
୩୧ ଅଗଷ୍ଟ ୨୦୨୫



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟମନ୍ତ୍ରୀ **ଶ୍ରୀ ମୋହନ ଚରଣ ମାଝୀ**ଙ୍କ କରକମଳରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଓ ପ୍ରକଳ୍ପର ଶୁଭାରମ୍ଭ

- ଆମ ବସ୍ ପାଇଁ ହ୍ୱାଟସ୍ ଆପ୍ ଆଧାରିତ ଟିକେଟ୍ ବୁକିଂର ଶୁଭାରମ୍ଭ ଏବଂ ଡିଜିଟାଲ୍ ଟିକେଟ୍ କ୍ରେତାଙ୍କୁ ରିହାତି ପ୍ରଦାନ
- ଜାତୀୟ ଏକକ ଗମନାଗମନ କାର୍ଡର ଲୋକାର୍ପଣ
- ଡିଜିଟାଲ୍ ପାସ୍ ବ୍ୟବସ୍ଥାର ଅନ୍ୟ ସହରକୁ ସମ୍ପ୍ରସାରଣ
- ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ ହେବ 'ସହଯୋଗ' ଅଭିଯାନ
- ସମାବେଶୀ ସହର ଗଠନ ନିମନ୍ତେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ସହ ବୁଝାମଣା
- ସହର ସାଥୀ କଲ୍ ସେଣ୍ଟର ଏବଂ ପୌରସଂସ୍ଥା କର୍ମଚାରୀଙ୍କ ପାଇଁ ସିୟୁଜି ନମ୍ବର ବଣ୍ଟନ
- ଜଳସାଥୀ, ସ୍ୱଚ୍ଛ ସାଥୀ, ପରିମଳ କର୍ମଚାରୀ ଓ ଶ୍ରେଷ୍ଠ ପୌର ସଂସ୍ଥାକୁ ପୁରସ୍କାର ପ୍ରଦାନ
- ସୁଲଭ ଆବାସ ବଣ୍ଟନ ଏବଂ ପିଏମ୍ ଆବାସରେ ଗୃହ ପ୍ରବେଶ
- 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା'ର ଲୋଗୋ ଉନ୍ମୋଚନ
- ୪୩ ବହୁମୁଖୀ ଭବନର ଲୋକାର୍ପଣ
- 'ଅମୃତ' ଏବଂ 'ସୁଜଳ' ଅଧୀନରେ ଜଳ ଯୋଗାଣ ସମ୍ପର୍କିତ ସଚେତନତା ଅଭିଯାନର ଶୁଭାରମ୍ଭ
- ଭୁବନେଶ୍ୱର ମହାନଗର ନିଗମ - ହ୍ୱାଟସ୍ ଆପ୍ ବଟ୍ ସେବାର ଶୁଭାରମ୍ଭ

ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର

OIPR-13001/13/0017/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିଏମ୍‌ସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ବିଏମ୍‌ସି କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ସହୋତ୍ସବ ୨୦୨୫, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ପୂର୍ବାହ୍ନ ୧୧ ଟା।
- ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ସ୍ମୃତିଚାରଣ ଓ ଆଲୋଚନାଚକ୍ର, ସ୍ଥାନ: ରାଜ୍ୟ ସଂଗ୍ରାହଳୟ, ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ନକାରାତ୍ମକ ବିରୋଧରେ ଭାରତର ୧୧ତମ ପ୍ରତିଷ୍ଠା ଦିବସ, ସ୍ଥାନ: ହୋଟେଲ ସ୍ୱସ୍ତି ପ୍ରେମୀୟମ୍, ସମୟ: ଅପରାହ୍ନ ୪ଟା।

## କଟକ

- ସ୍ୱାୟତ୍ତ ଶାସନ ଦିବସ ଅବସରରେ କଟକ ମହାନଗର ନିଗମ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ନିଗମ କାର୍ଯ୍ୟାଳୟ ପରିସର, ଚୌଧୁରୀବଜାର, ସମୟ: ସକାଳ ୮ଟା।
- ଆର୍‌ଏସ୍‌ଏସ୍‌ଡିଆଇ ଓଡିଶା ଚାପ୍ଟରର ୧୩ତମ ବାର୍ଷିକ ସମ୍ମିଳନୀ ଉଦ୍‌ଘାଟନ, ସ୍ଥାନ: ଏସ୍‌ସିବି ସେଣ୍ଟ୍ରାଲ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୧ଟା।
- କଟକ ମହାନଗର ନିଗମ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଶହୀଦ ଭବନ, ସମୟ: ଅପରାହ୍ନ ୫ଟା।
- ଶ୍ରୀ ଜଗନ୍ନାଥ ସାହିତ୍ୟ ସମାଜ ପକ୍ଷରୁ ଚିଠି ପାଞ୍ଚାଳିର ଆଲୋଚନାଚକ୍ର, ସ୍ଥାନ: ଓଇୟା ସମ୍ମିଳନୀ କକ୍ଷ, ଖପୁରିଆ, ସମୟ: ସନ୍ଧ୍ୟା ୬ଟା।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଭାଦ୍ର ସତସଙ୍ଗ ପରିକ୍ରମା, ସ୍ଥାନ: ସତ୍‌ସଙ୍ଗ ବିହାର, ବକ୍ସିବଜାର, ସମୟ : ସନ୍ଧ୍ୟା ୬ଟା ୩୦।
- କଟକ ଦହିବରା-ଆଲୁଦମ୍‌ର ଜନକ ରଘୁନାଥ ସାସମଲଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା, ସ୍ଥାନ: ଟାଉନ ହଲ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ପବିତ୍ର ସ୍ୱାୟତ୍ତ ଶାସନ ଦିବସ ପାଳନ ସମାରୋହ ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର

- ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ପତାକା ଉତ୍ତୋଳନ, ସ୍ଥାନ: ମ୍ୟୁନିସିପାଲିଟି କ୍ୟାମ୍ପସ, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ଓଡିଶା ପତ୍ରକାର ସଂଘର ବାର୍ଷିକ ସମ୍ମିଳନୀ, ସ୍ଥାନ: ଆତିଥ୍ୟ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଦେଭୋଗ ଶ୍ରୀ ହରିଚରଣ ଉଚ୍ଚବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସୁଶ୍ରୀ ଶିବାନୀ ସ୍ମୃତି ସମାରୋହ, ସ୍ଥାନ: ବରି ରୋଡ଼, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦ୍ୱିଦିବସୀୟ ଜାତୀୟ ଆଲୋଚନାଚକ୍ରର ଉଦଯାପନୀ ପର୍ବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।।
- ଏଫଏମୟୁ ରେ ଜାତୀୟ କ୍ରୀଡା ଦିବସ ଉଦଯାପନୀ ଉତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ସ୍ୱାୟତ୍ତ ଶାସନ ଦିବସ ଉଦଯାପନୀ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ସାଇକେଲ ଶୋଭାଯାତ୍ରା ଉଦ୍‌ଘାଟନୀ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ଭଦ୍ରକ, ସମୟ: ସକାଳ ୮ଟା।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଏନ୍‌ଏସି କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ସକାଳ ୮ଟା।
- ସ୍ୱାୟତ୍ତ ଶାସନ ଦିବସରେ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ପୌରପାଳିକା କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୮ଟା।
- ସ୍ୱାୟତ୍ତ ଶାସନ ଦିବସ ଅବସରରେ ସଭା, ସ୍ଥାନ: ପୌରପାଳିକା କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ଭତ୍ତା ବଣ୍ଟନ, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ଧାମନଗର ବ୍ଲକରେ ବନ୍ୟା ଦୁର୍ଦ୍ଦଶାର ସ୍ଥାୟୀ ପ୍ରତିକାର ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଧାମନଗର ପ୍ରେସ୍ କ୍ଲବ୍ ପରିସର, ସମୟ: ଅପରାହ୍ନ ୩ଟା।
- ଜାତୀୟ କ୍ରୀଡ଼ା ଦିବସ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଜିଲା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଯାପନୀ, ସ୍ଥାନ: ଧାମନଗର ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍, ସମୟ: ସନ୍ଧ୍ୟା ୬ଟା।
- ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।
- 

## କେନ୍ଦୁଝର

- ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ସାଇକେଲ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ସକାଳ ୮ଟା ।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଯୋଡ଼ା ପୌର ପାଳିକା କାର୍ଯ୍ୟାଳୟ, ସମୟ: ପ୍ରାତଃ ୪ ଟା ୩୦।

## ମୟୂରଭଞ୍ଜ

- ଅଗ୍ନିବୀର ବାୟୁ ନିଯୁକ୍ତି, ସ୍ଥାନ: ଛଉପଡ଼ିଆ, ବାରିପଦା, ସମୟ: ସକାଳ ୭ଟା।
- ସ୍ୱାୟତ୍ତ ଶାସନ ଦିବସରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ବାରିପଦା ମ୍ୟୁନିସିପାଲିଟି ପରିସର, ସମୟ: ସକାଳ ୭ଟା।
- ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ବାରିପଦା ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ହ୍ୟାଣ୍ଡଲୁମ୍ ଫେଟ୍ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଉଦଳା ସନ୍ଧାନୀ ଗୃହ ସଭାମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାରିପଦା ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ଏବିଭିପିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଅକ୍ସଫୋର୍ଡ ପବ୍ଲିକ ସ୍କୁଲ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବିଇଏମ୍‌ସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଖଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ସାଂସ୍କୃତିକ ସମାରୋହ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସନ୍ଧ୍ୟା ୬ ଟା।

## ଗଞ୍ଜାମ

- ଶ୍ରୀ ଅମେଶ୍ୱର ମହାଦେବ ମନ୍ଦିର କମିଟିର ସାଧାରଣ ପରିଷଦ ବୈଠକ, ସ୍ଥାନ: କୁକୁଡ଼ା ଖଣ୍ଡି ବ୍ଲକ୍, ଆମ୍ବଗଡ଼, ସମୟ: ସକାଳ ୯ଟା ୩୦।
- ଆସିକା ଏନ୍‌ଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଏନ୍‌ଏସି ଅଫିସ୍ କାର୍ଯ୍ୟାଳୟ, ଅପରାହ୍ନ ୩ ଟା ।

## ଗଜପତି

- କ୍ରୀଡା ଦିବସ ଉପଲକ୍ଷେ ସାଇକେଲ ରାଲି, ସ୍ଥାନ: ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ପ୍ୟାଲେସ ପର୍ଯ୍ୟନ୍ତ, ସମୟ: ସକାଳ ୬ଟା ୩୦।

## ଢେଙ୍କାନାଳ

- ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ସମୂହ ସାଇକେଲ ଶୋଭାଯାତ୍ରା, ସ୍ଥାନ: ଢେଙ୍କାନାଳ ବାଜିଚୌକ, ସମୟ: ସକାଳ ୮ଟା।
- ମୀନାବଜାର ଲକ୍ଷ୍ମୀପୂଜା ପ୍ରତିଷ୍ଠାନ ପକ୍ଷରୁ ମାଟି ଅନୁକୂଳ. ସ୍ଥାନ: ଢେଙ୍କାନାଳ ମୀନାବଜାର ପୂଜା ମଣ୍ଡପ, ସମୟ: ସକାଳ ୮ଟା।
- ରାଇଜିଂଷ୍ଟାର କ୍ଲବ ପକ୍ଷରୁ ପ୍ରସାଦ ସେବନ ସମାରୋହ. ସ୍ଥାନ: ଢେଙ୍କାନାଳ ଶିବ ମଣ୍ଡପ ସନ୍ନିକଟ ପୂଜା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ବିକାଶ ୟୁଥ୍ କ୍ଲବର ଷ୍ଟାର ନାଇଟ୍ ଉଦ୍‌ଯାପନ ସମାରୋହ, ସ୍ଥାନ: ଢେଙ୍କାନାଳ ଖମାରସାହି, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ

- ଫିଟନେସ୍ ସଚେତନତା ମିନି ମାରାଥନ, ସ୍ଥାନ: ଆଠମଲ୍ଲିକ ଇନ୍‌ଡୋର ଷ୍ଟାଡିୟମ, ସମୟ, ସକାଳ ୬ ଟା।
- ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ପତାକା ଉତ୍ତୋଳନ ଓ ପୋଷାକ ବଣ୍ଟନ, ସ୍ଥାନ: ଅନୁଗୋଳ ମ୍ୟୁନିସିପାଲିଟି ଅଫିସ ପରିସର, ସମୟ: ସକାଳ ୮ଟା ୩୦।
- ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭ ଉଦ୍‌ଘାଟନ, ସ୍ଥାନ: ଅନୁଗୋଳ ସହରାଞ୍ଚଳ ପରିସର, ସମୟ: ପୂର୍ବାହ୍ନ ୧୧ ଟା ୩୦।
- ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ସାଧାରଣ ସଭା, ସ୍ଥାନ : ଆଠମଲ୍ଲିକ କଲ୍ୟାଣ ମଣ୍ଡପ, ସମୟ : ଅପରାହ୍ନ ୩ଟା।
- ପଥପାର୍ଶ୍ୱ ଓ ସୌନ୍ଦର୍ଯ୍ୟକରଣ ଆଲୋକର ଶୁଭ ଉଦ୍‌ଘାଟନ, ସ୍ଥାନ: ଅନୁଗୋଳ ସହରର ବିଭିନ୍ନ ସ୍ଥାନ, ସମୟ: ସନ୍ଧ୍ୟା ୬ଟା।
- ସାଧାରଣସଭା, ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ସଭାଘର, ସମୟ: ସନ୍ଧ୍ୟା ୬ଟା ୩୦।

## ଜଗତ୍‌ସିଂହପୁର

- ପାରାଦୀପ ପୌରପରିଷଦ ପକ୍ଷରୁ ସ୍ୱାୟତ୍ତଶାସନ ଦିବସ ଉପଲକ୍ଷେ ଏକାଧିକ ନୂତନ ପ୍ରକଳ୍ପର ଲୋକାର୍ପଣ କାର୍ଯ୍ୟକ୍ରମ: ସ୍ଥାନ: ପୌର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାୟତ୍ତଶାସନ ଦିବସ ଉପଲକ୍ଷେ ସାଧାରଣ ସଭା, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ୍ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଶ୍ରୀ ରାଧାଷ୍ଟମୀ ଉତ୍ସବ, ସ୍ଥାନ: ନାମାଚାର୍ଯ୍ୟ ଶ୍ରୀମଦ ବାୟାବାବାଙ୍କ ମଠ, ଫୋରଡ, କେନ୍ଦ୍ରାପଡା, ଗୋପାଳଜୀଉ ମନ୍ଦିର, ଗରାପୁର, କେନ୍ଦ୍ରାପଡା ସହର, ଗରାପୁର ସମୟ: ସକାଳ ୬ଟା।
- ତେରଗାଁ ସରପଞ୍ଚଙ୍କ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ତେରଗାଁ, ମହାକାଳପଡା, ସମୟ: ସକାଳ ୮ଟା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ନାଗପୁରା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଟାଉନ ହଲ୍, କେନ୍ଦ୍ରାପଡା, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର

- ଗଣେଶ ପୂଜା ଉପଲକ୍ଷେ କଟକ ଶୁଭମ୍ ସଙ୍ଗୀତ ପକ୍ଷରୁ ମେଲୋଡି, ସ୍ଥାନ- ଜାରକା ଗଣେଶପୂଜା ମଣ୍ଡପ ନିକଟ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଦଶପଲ୍ଲା ଦୁର୍ଗାବଜାର କଲୋନୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ସମୟ: ସକାଳ ୮ଟା।
- ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ, ସ୍ଥାନ: ଖଣ୍ଡପଡ଼ା ଏନ୍‌ଏସି କାର୍ଯ୍ୟାଳୟ, ରଣପୁର ଏନ୍‌ଏସି କାର୍ଯ୍ୟାଳୟ ସମୟ: ପୂର୍ବାହ୍ନ ୧୦ଟା।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ନବମ ଦିବସ, ସ୍ଥାନ: ନୟାଗଡ଼ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା୩୦।
- ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ:ନୟାଗଡ଼ ମ୍ୟୁନିସିପାଲିଟି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହର ସାଧାରଣ ସଭା ଓ ପୁରସ୍କାର ବଣ୍ଟନ, ସ୍ଥାନ:ନୟାଗଡ଼ ପଠାଣି ସାମନ୍ତ ସଂସ୍କୃତି ଭବନ, ସମୟ:ପୂର୍ବାହ୍ନ ୧୧ଟା।
- ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ, ସ୍ଥାନ: ଦଶପଲ୍ଲା ଏନ୍‌ଏସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ନୟାଗଡ଼ ବଣିକ ସଂଘ ପକ୍ଷରୁ ଗଜାନନଙ୍କ ବିସର୍ଜନ ପର୍ବ, ସ୍ଥାନ: ନୟାଗଡ଼ ବଜାର ଓଡ଼ଗାଁ ରୋଡରୁ ଆରମ୍ଭ, ସମୟ: ମଧ୍ୟାହ୍ନ ୧୨ଟା।
- ନାଟକ 'ବେଦିରେ ବସିଛି କଳା ବଦନ', ସ୍ଥାନ: ଇଟାମାଟି ପାର୍କ ଛକ ୧୭ ଫୁଟ ଗଣେଶ ମେଢ, ସମୟ: ସନ୍ଧ୍ୟା ୬ଟା।
- ତଅପୋଇ ମହୋତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ପାଣ୍ଡୁସାହୁ ପାଟଣା ; ବେଣାଗାଡିଆ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଗୁଣପୁର ପୌର ପରିଷଦ କାର୍ଯ୍ୟାଳୟ, ସମୟ: ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା।
- ରଜତ ଜୟନ୍ତୀ ଅବସରରେ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ଶିବିର, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର,ପଦ୍ମପୁର, ସମୟ: ସକାଳ ୯ଟା।
- ସ୍ୱାୟତ୍ତ ଶାସନ ଦିବସ, ସ୍ଥାନ: ବିଜୁ ପଟ୍ଟନାୟକ ଅଡ଼ିଟୋରିୟମ୍, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଏନ୍‌ଏସି କଲ୍ୟାଣ ମଣ୍ଡପ, ଗୁଡ଼ାରୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦୁର୍ଗା ପୂଜା ନିମନ୍ତେ ମୃତ୍ତିକା ଆବାହନ, ସ୍ଥାନ: ମା ଭଣ୍ଡାରଘରଣୀ ମନ୍ଦିର, ଗୁଡ଼ାରୀ, ସମୟ: ପୂର୍ବାହ୍ନ ୧୧ଟା।
- ବିଷମକଟକ ନାଗରିକ ମଞ୍ଚ ପକ୍ଷରୁ ବୈଠକ , ସ୍ଥାନ: କୃଷ୍ଣମନ୍ଦିର, ବିଷମକଟକ, ସମୟ: ଅପରାହ୍ନ ୫ଟା।

## ନବରଙ୍ଗପୁର

- ଜିଲା କ୍ରୀଡ଼ା ସଙ୍ଘ ପକ୍ଷରୁ ସାଇକେଲ ରାଲି, ସ୍ଥାନ: ଉମରକୋଟ, ସମୟ: ସକାଳ ୭ଟା।
- ସ୍ୱାୟତ ଶାସନ ଦିବସ ପାଳନ, ସ୍ଥାନ: ଉମରକୋଟ ପୌରପରିଷଦ, ସମୟ: ସକାଳ ୭ଟା।
- ପୌରସଂସ୍ଥା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ନବରଙ୍ଗପୁର, ସମୟ: ସକାଳ ୭ଟା୧୫ରୁ ଆରମ୍ଭ।
- ଭାରତୀ କଳା ନିକେତନ ପକ୍ଷରୁ ନାଟକ 'ସେମାନେ ଆସିବେ', ସ୍ଥାନ: ଉମରକୋଟ କୋଣ୍ଡାଗାଁ ରୋଡ଼ସ୍ଥିତ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କୋରାପୁଟ

- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ପୌର କାର୍ଯ୍ୟାଳୟ ପରିସର, ସୁନାବେଡ଼ା, ସମୟ: ପ୍ରାତଃ ୫ଟାରୁ ଆରମ୍ଭ।
- ସ୍ୱାୟତ୍ତ ଶାସନ ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଏସି କାର୍ଯ୍ୟାଳୟ ପରିସର, କୋଟପାଡ଼, ସମୟ: ସକାଳ ୭ଟାରୁ ଆରମ୍ଭ।
- ସ୍ୱାୟତ୍ତ ଶାସନ ପାଳନ, ସ୍ଥାନ: ପୌର କାର୍ଯ୍ୟାଳୟ, ଜୟପୁର, ସମୟ: ସକାଳ ୮ଟା।
- ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ, ସ୍ଥାନ: କୋରାପୁଟ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ବାର୍ଷିକ ଚାରାରୋପଣ, ସ୍ଥାନ: ଏନ୍‌ସିସି ଅଫିସ ପାରାବେଡ଼ା, ଜୟପୁର, ସମୟ: ସକାଳ ୯ଟା ୩୦।
- ନୂତନ ପ୍ରକଳ୍ପର ଶୁଭାରମ୍ଭ, ସ୍ଥାନ: କୁନ୍ତରଖାଲ, ମକାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ମ୍ୟୁନିସିପାଲିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ମ୍ୟୁନିସିପାଲିଟି ଅଡିଟରିୟମ, କୋରାପୁଟ, ସମୟ: ସନ୍ଧ୍ୟା ୬ଟା।

## ମାଲକାନଗିରି

- ମା'ମାଉଲି ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ,ସ୍ଥାନ:ପୋନାରଗୁଡା, ସମୟ:ପୂର୍ବାହ୍ନ ୯ ଟା।
- ସ୍ୱାୟତ୍ତଶାସନ ଦିବସ ପାଳନ, ସ୍ଥାନ: ବାଲିମେଳା ଏନ୍‌ଏସି କାର୍ଯ୍ୟାଳୟ, ସମୟ: ସକାଳ ୭ଟା ।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ମାଲକାନଗିରି ଡିଆରଡିଏ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ସକାଳ ୬ଟା।
- ଦୈନିକ ନିଃଶୁଳ୍କ ଯୋଗ କେନ୍ଦ୍ର ଆୟୋଜନରେ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ଛକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ଜିଲା ପ୍ରଶାସନ ଆୟୋଜନରେ ସାଇକଲ ଶୋଭାଯାତ୍ରା, ସ୍ଥାନ : ନେଲସନ ମଣ୍ଡେଲା ଛକ, ସମୟ : ସକାଳ ୬ଟା ୩୦ ।
- ପଦ୍ମଶ୍ରୀ ବିନୋଦ ପଶାୟତ ଓ କବି ବିପିନ ଆଚାର୍ଯ୍ୟଙ୍କ ସ୍ମୃତିରେ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୭ଟା ।
- କୁଲତା ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ, ସ୍ଥାନ: ଦାନିପାଲି ସ୍ଥିତ ରଣେଶ୍ୱର ରାମଚଣ୍ଡୀ ପୀଠ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନର ବାର୍ଷିକ ବୈଠକ ଓ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ, ସ୍ଥାନ : ବୁଢ଼ାରଜା ସ୍ଥିତ ଗ୍ରାଣ୍ଡ ଶିବା ସମ୍ମିଳନୀ କକ୍ଷ, ସମୟ : ମଧ୍ୟାହ୍ନ ୧୨ଟା।
- ଗଣ୍ଡା ସମାଜ କଲ୍ୟାଣ ପରିଷଦର ପଞ୍ଜୀକୃତ ଦିବସ କାର୍ଯ୍ୟକ୍ରମ, ସ୍ଥାନ : ଜିଲା ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର

- ଓପିଟିସିଏଲ ୧୩୨/୩୩ ଗ୍ରୀଡ଼ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ରାମପୁର, ଆଗଲପୁର ବ୍ଲକ: ସମୟ ସକାଳ ୯ଟା।
- ନୂଆଁଖାଇ ଭେଟଘାଟ ଓ ୧୨୫ତମ ମନ କୀ ବାତ, ସ୍ଥାନ: ଗୁଗୁଡିଖାଲ, ଲୋଇସିଂହା, ସମୟ: ପୂର୍ବାହ୍ନ ୧୦ଟା ।୦

## ରାଉରକେଲା

- ସେୟାର ପକ୍ଷରୁ ଜାତୀୟ କ୍ରୀଡ଼ା ସପ୍ତାହ ପାଳନ, ସ୍ଥାନ:ସେକ୍ଟର-୬ ବଡ଼ିଆ ଭବନ, ସମୟ: ପୂର୍ବାହ୍ନ ୧୦ଟା ।
- ଡିଏଫ୍‌ୱାଇଆଇ ପକ୍ଷରୁ ଯୁବ ସମାବେଶ,୨ୟ ଦିବସ, ସ୍ଥାନ: ଆଦର୍ଶ ପାଠାଗାର, ସମୟ: ପୂର୍ବାହ୍ନ ୧୦ଟା।
- ଗଣେଶ ପୂଜାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ସେକ୍ଟର-୨ ଓଆରଟିସି କଲୋନୀ, ସମୟ: ଅପରାହ୍ନ ୪ଟା।
- ସତ୍ୟନରାୟଣ ଟ୍ରଷ୍ଟ ପକ୍ଷରୁ ଗଜାନନ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ : ଜଗଦା, ସମୟ: ସନ୍ଧ୍ୟା ୬ଟା।
- ଆର୍‌ଏମସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ, ସ୍ଥାନ: ଆର୍‌ଏମ୍‌ସି କାର୍ଯ୍ୟାଳୟ, ଉଦିତନଗର, ସମୟ: ସକାଳ ୭ଟା ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ହା ବେଦନା କୁଆ ନ ଜାଣେ,**
**ଠକ ଠକ କରି ଠେଙ୍ଗୁଣି ହାଣେ।**

ବଳଦଟି ଯେବେ ବୁଢ଼ା ବା ହଡ଼ା ହୋଇଯାଏ ସେତେବେଳେ ସେ ଆଉ କୌଣସି କାମକୁ ପାରି ନ ଥାଏ। ନିଜ ଭାଗ୍ୟକୁ ଆଦରି ଗୋଟିଏ ଜାଗାରେ ପଡ଼ିରହିଥାଏ। ବଳଦର ଅସହାୟତାକୁ ସୁଯୋଗ ମନେକରି କାଉ ବଳଦ ପିଠିରେ ବସି ଥଣ୍ଟରେ ଖୁମ୍ପି ଚାଲିଥାଏ। ବଳଦର ଦୁର୍ବଳ ଅବସ୍ଥା କାଉକୁ ଏପରି କରିବାକୁ ସାହସ ଯୋଗାଇ ଦେଇଥାଏ। ପରୋକ୍ଷରେ ବଳବୀର୍ଯ୍ୟ ହରାଇ ବସିଥିବା ମଣିଷର ଯନ୍ତ୍ରଣା ଅନ୍ୟକୁ ସେତେଟା ଉପଲବ୍ଧି ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ହଳଦୀ ମାଖମଖି,**
**ନରଣଗଡ଼ ପାରିହେଲେ କୁଟୁମ୍ବ ଦେଖାଦେଖି।**

ଆଗକାଳେ ରେଳ ଗାଡ଼ି ଚାଲୁ ନ ଥିବା ଯୋଗୁ ବାଲେଶ୍ୱରରୁ ଲୋକେ ଚାଲି ଚାଲି କଲିକତା ଯାଉଥିଲେ ଏବଂ ଯାତ୍ରା ସମୟରେ ନରଣଗଡ଼ଠାରେ ଡକାୟତଙ୍କ ହାବୁଡ଼େ ପଡ଼ି ସର୍ବସ୍ୱାନ୍ତ ହୋଇ ଘରକୁ ଫେରୁଥିଲେ। ପରୋକ୍ଷରେ ବିପଦପୂର୍ଣ୍ଣ ସ୍ଥାନରୁ ସକୁଶଳେ ଘରକୁ ଫେରିବା ନେଇ ଆଶା ରଖିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ବାଦଲଫଟା ...

ଗତ ୧୪ରେ କିସ୍ତୱାର ଜିଲାର ଦୂରବର୍ତ୍ତୀ ଚେସୋଟି ଗ୍ରାମରେ ବାଦଲଫଟା ବର୍ଷା ପ୍ରଭାବରେ ଭୂସ୍ଖଳନ ଓ ବନ୍ୟା ଆସି ୬୮ ଜଣଙ୍କର ମୃତ୍ୟୁ ହୋଇଥିଲା। ୩୨ ଜଣ ଲୋକ ଏବେ ମଧ୍ୟ ନିଖୋଜ ରହିଛନ୍ତି ଏବଂ ସେଠାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସେହିପରି ଗତ ୨୬ରେ ବାଦଲଫଟା ବର୍ଷା ପ୍ରଭାବରେ ବୈଷ୍ଣୋଦେବୀ ମନ୍ଦିରକୁ ଯାଉଥିବା ରାସ୍ତାରେ ଭୂସ୍ଖଳନ ଘଟି ୩୪ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨୩ ଜଣ ଆହତ ହୋଇଥିଲେ। ସେଥିମଧ୍ୟରୁ ଅଧିକାଂଶ ତୀର୍ଥଯାତ୍ରୀ ଥିଲେ। ଏବେ ମଧ୍ୟ ଘଟଣାସ୍ଥଳରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

# ଚିରଞ୍ଜୀବୀଙ୍କୁ ଭେଟିବାକୁ ଦୀର୍ଘ ଯାତ୍ରା

ହାଇଦ୍ରାବାଦ

ସାଉଥ୍ ସୁପରଷ୍ଟାର ଚିରଞ୍ଜୀବୀଙ୍କ ଜଣେ ମହିଳା ପ୍ରଶଂସକ ୩୧୨ କି.ମି. ସାଇକେଲ ଚଳାଇ ତାଙ୍କୁ ଭେଟିଛନ୍ତି। ଏହି ପ୍ରଶଂସକ ଜଣକ ଆନ୍ଧ୍ରପ୍ରଦେଶର ଅଦୋନୀ ନିବାସୀ ରାଜେଶ୍ୱରୀ ହୋଇଥିବା ବେଳେ ସେ ଅଦୋନୀରୁ ସାଇକେଲ ଚଳାଇ ହାଇଦ୍ରାବାଦସ୍ଥିତ ଚିରଞ୍ଜୀବୀଙ୍କ ଘରେ ଶୁକ୍ରବାର ପହଞ୍ଚିଥିଲେ। ଏହି ସମୟରେ ରାସ୍ତାରେ ତାଙ୍କୁ ଶାରୀରିକ କଷ୍ଟ ସହ ଅନେକ ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଘଟଣା ସମ୍ପର୍କରେ ଜାଣି ଚିରଞ୍ଜୀବୀ ସମୟ ନଷ୍ଟ ନ କରି ରାଜେଶ୍ୱରୀଙ୍କୁ ଭେଟିଥିଲେ। ନିଜ ପସନ୍ଦର ମେଗା ଷ୍ଟାର୍‌ଙ୍କୁ ଭେଟି ରାଜେଶ୍ୱରୀ ଭାବ ପ୍ରବଣ ହୋଇ ପଡ଼ିଥିଲେ। ଏହି ଅବସରରେ ରାଜେଶ୍ୱରୀ ଚିରଞ୍ଜୀବୀଙ୍କୁ ରାଖୀ ପିନ୍ଧାଇଥିଲେ। ସେହିପରି ଚିରଞ୍ଜୀବୀ ନିଜ ମହିଳା ପ୍ରଶଂସକଙ୍କୁ ଏକ ପାରମ୍ପରିକ ଶାଢ଼ି ଉପହାରରେ ଦେଇଥିଲେ। ରାଜେଶ୍ୱରୀଙ୍କ ପିଲାଙ୍କ ପଢ଼ା ଖର୍ଚ୍ଚ ସେ ବହନ କରିବେ ବୋଲି ଏହି ଅବସରରେ ଚିରଞ୍ଜୀବୀ ନିଜ ମହିଳା ପ୍ରଶଂସକଙ୍କୁ ଜଣାଇଥିଲେ।



# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦୀର୍ଘ ସମୟ ଅବସ୍ଥାନ କରିବା କଷ୍ଟକର ହୋଇପାରେ। ଯାତ୍ରା, ବିବାଦ, ଗୃହାରମ୍ଭ କ୍ଷେତ୍ରରେ ସତର୍କତା ରକ୍ଷା ନ କଲେ ସମସ୍ୟାର ସମ୍ମୁଖୀନ ହେବେ। ପରିବାର ଓ କର୍ମକ୍ଷେତ୍ରର ସମସ୍ୟା ସମ୍ପର୍କରେ ଚିନ୍ତା କରି ମନକୁ ବିଷାକ୍ତ କରିପାରନ୍ତି। କୃତ୍ତିକା ନକ୍ଷତ୍ର ମଉଜିଆ କଥା କହି ବନ୍ଧୁମାନଙ୍କୁ ଆପ୍ୟାୟିତ କରିପାରନ୍ତି।

**ବୃଷ**
ପୂର୍ବରୁ ପରିଶୋଧ କରିବାକୁ ଥିବା ଋଣ, ଦୂରଯାତ୍ରା ଓ ବନ୍ଧୁଙ୍କ ସମ୍ପର୍କୀୟଙ୍କ ଦୁଶ୍ଚିନ୍ତାରେ ସମୟ ଅତିବାହିତ ହେବ। କର୍ମକ୍ଷେତ୍ରରେ ସ୍ନେହ, ସହାନୁଭୂତି ଯୋଗୁ ଦୁଃଖ ଭୁଲିଯିବେ। ମନରେ ଘାରି ହେଉଥିବା ଘଟଣା ସମାଧାନ ସକାଶେ ପରିବାରରୁ ସମର୍ଥନ ପାଇବେ ନାହିଁ। ମୃଗଶିରା ନକ୍ଷତ୍ର ସକାଶେ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇପାରେ।

**ମିଥୁନ**
ଆର୍ଥିକ ଉନ୍ନତି, ସମସ୍ୟା ସମାଧାନ ଓ ବନ୍ଧୁ ସମ୍ପର୍କ ସୃଷ୍ଟିରେ ସହାୟକ ହେବ। ପୁନର୍ବସୁ ନକ୍ଷତ୍ର ସମ୍ପର୍କୀୟଙ୍କ ସହଯୋଗ ନେଇ ବନ୍ଧୁଙ୍କୁ ସାହାଯ୍ୟ କରିବାରେ ସମର୍ଥ ହେବେ। ପରିବହନ ଓ ବ୍ୟବସାୟରେ ସମସ୍ୟା ଦେଖାଦେଇପାରେ। ଆନୁଷ୍ଠାନିକ କାମରେ ମାନସିକ ଦ୍ୱନ୍ଦ୍ୱ ହେତୁ କୌଣସି ନିଷ୍ପତ୍ତି ନେବାରେ ପଛେଇ ଯାଇପାରନ୍ତି।

**କର୍କଟ**
ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗି ରହିବ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ଅସୁବିଧା ହେବନାହିଁ। ପୁଷ୍ୟା ନକ୍ଷତ୍ର ସକାଶେ କଳା, ସାହିତ୍ୟ, କ୍ରୀଡ଼ା ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ। ଆଜି ଶତ୍ରୁମାନଙ୍କ କ୍ରୂରତାର ପ୍ରଭାବ ଆପଣଙ୍କର କିଛି କ୍ଷତି କରିପାରିବ ନାହିଁ।

**ସିଂହ**
ପ୍ରତ୍ୟେକ କ୍ଷେତ୍ରରେ ବିଜୟୀ ହେବେ ଏବଂ ପଦସ୍ଥ ବ୍ୟକ୍ତିଙ୍କ ସୌହାର୍ଦ୍ଦ୍ୟ ଲାଭ କରିବେ। ଈର୍ଷାପରାୟଣ ବନ୍ଧୁଙ୍କ ଦ୍ୱାରା କର୍ମକ୍ଷେତ୍ରରେ ବାଧା ଉପୁଜିପାରେ। ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରି ଗାଳି ଶୁଣିପାରନ୍ତି। ମଘା ନକ୍ଷତ୍ର ପରିବାରର କୌଣସି ବ୍ୟତିକ୍ରମ କଥା ଚିନ୍ତାକରି ବ୍ୟସ୍ତ ହୋଇପାରନ୍ତି।

**କନ୍ୟା**
କର୍ମକ୍ଷେତ୍ରରେ ସହକର୍ମୀଙ୍କ ଖାମଖିଆଲ କାର୍ଯ୍ୟପଦ୍ଧତି ଫଳରେ କାମ ବିଶୃଙ୍ଖଳିତ ହୋଇପାରେ। ଆଜି ସକାଳୁ ବୁଲିବା ସାଙ୍ଗକୁ କିଛି ନୂତନ ଖବର ପାଇବାର ସୁଯୋଗ ଜୁଟିଯିବ। ଆଇନ ଅଦାଲତ, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଆଜି ହସ୍ତା ନକ୍ଷତ୍ର ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କୀୟ କାମକୁ ପ୍ରାଧାନ୍ୟ ଦେଇପାରନ୍ତି।

**ତୁଳା**
ଭଲ ସମ୍ପର୍କ ନଥିବା ବ୍ୟକ୍ତିଙ୍କ ନିକଟରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଗୃହକୁ ମୂଲ୍ୟବାନ୍ ପଦାର୍ଥ ଆଣିପାରନ୍ତି। ଯେତେ ଭଲ କାମ କଲେ ମଧ୍ୟ ଟିକିଏ ଟିକିଏ କଥାରେ ଚିହ୍ନା ପଡ଼ି ସମାଲୋଚିତ ହେବେ। ସ୍ୱାତୀ ନକ୍ଷତ୍ର ପାଇଁ ଆଜିର ଯାତ୍ରା, ବ୍ୟବସାୟ ଏବଂ ବିବାଦୀୟ ପରିସ୍ଥିତିରେ କୌଣସି ଅସୁବିଧା ରହିବ ନାହିଁ।

**ବିଛା**
ବନ୍ଧୁଙ୍କ ଜରିଆରେ ଆଶା କରିଥିବା ଅର୍ଥ ବିଳମ୍ବରେ ପାଇବେ। ପରୋକ୍ଷ ଶତ୍ରୁତାରୁ ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ ହେବ ନାହିଁ। ପୂର୍ବ ନିର୍ଦ୍ଧାରିତ ଯୋଜନାନୁସାରେ ଅନୁରାଧାର ଘରେ ବନ୍ଧୁମିଳନ ଓ ଖୁସିର ଆସର ଜମିପାରେ। ବିଗତ ଦିନର ଘଟଣାକୁ କେନ୍ଦ୍ର କରି କର୍ମକ୍ଷେତ୍ରରେ ଅଘଟଣ ଆଶଙ୍କା କରି ବିବ୍ରତ ହୋଇପାରନ୍ତି।

**ଧନୁ**
ପୂର୍ବାଷାଢ଼ା ନକ୍ଷତ୍ରର ସତର୍କତାର ଅଭାବରୁ ଧନହାନିର ଆଶଙ୍କା ଦେଖାଦେବ। ଜମା ପରୁଥିବା ବ୍ୟକ୍ତିଙ୍କ ଦ୍ୱାରା ସମସ୍ୟା ଭିତରକୁ ଟାଣି ହୋଇଯିବେ। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କଷ୍ଟକର ହେବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅନୁତାପ କରିବାକୁ ସମୟ ପାଇବେ ନାହିଁ।

**ମକର**
ଶ୍ରବଣା ନକ୍ଷତ୍ର ସକାଶେ ଚେଷ୍ଟା କରୁଥିବା କାମ ଆଶାନୁରୂପ ହେବାରୁ ମନ ପ୍ରଫୁଲ୍ଲ ରହିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଶିଳ୍ପ, ବାଣିଜ୍ୟ, କାରିଗରି, ପରିବହନରେ ପ୍ରତିବନ୍ଧକର ସାମ୍ନା କରିବେ। ଆର୍ଥିକ ସ୍ୱଚ୍ଛଳତା ଥିଲେ ମଧ୍ୟ ପାରିବାରିକ ଅସ୍ଥିରତାରୁ ଶାନ୍ତି ବ୍ୟାହତ ହେବ।

**କୁମ୍ଭ**
ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ନିର୍ଦ୍ଦିଷ୍ଟ ସ୍ଥାନରେ ଉପସ୍ଥିତ ନଥିବା ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହେବେ। ଶତଭିଷା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ କୌଣସି ଘଟଣା ବିବ୍ରତ କରିପାରେ। ଯାତ୍ରା, ପ୍ରଶାସନ, ଆଇନ, ସାହିତ୍ୟ କ୍ଷେତ୍ରରେ ସୁଫଳ ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ ନ କଲେ ସମସ୍ୟା ଉପୁଜିବାର ସମ୍ଭାବନା ରହିଛି।

**ମୀନ**
କାର୍ଯ୍ୟ ସାଧନ ସକାଶେ ପ୍ରତ୍ୟେକ ଦିଗରୁ ସାହାଯ୍ୟର ସୁଅ ବହିବ। ଉତ୍ତରଭାଦ୍ର ନକ୍ଷତ୍ରର ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ବ୍ୟବସାୟ ପ୍ରତିଷ୍ଠାନ, ନୂତନ ଯୋଜନା, ନିର୍ମାଣାଧୀନ କାର୍ଯ୍ୟ ସକାଶେ ଅନୁକୂଳ ବାତାବରଣ ସୃଷ୍ଟିହେବ। ସ୍ଥଗିତ କାର୍ଯ୍ୟ, ସଭାସମିତି ଓ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ।

ଆଜି ଅଗଷ୍ଟ ୩୧ ତାରିଖ, ରବିବାର, ସ୍ୱାୟତ୍ତ ଶାସନ ଦିବସ, ଭାଦ୍ରବ ଶୁକ୍ଳପକ୍ଷର ସର୍ବସମ୍ମତ ରାଧାଷ୍ଟମୀ, ଦୁର୍ଗାଶୟନ, ଶ୍ରୀସୁଦର୍ଶନ ଚକ୍ରରାଜଙ୍କ ଯମେଶ୍ୱରଙ୍କ ନିକଟକୁ ଯାତ୍ରା, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ, ଖୁଦୁରୁକୁଣୀ ଓଷା ଚତୁର୍ଥ ପାଳି, ରାଶିନକ୍ଷତ୍ର-ଅନୁରାଧା/ବିଛା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୪ ଗତେ ଘ.୦୯।୪୨ ମଧ୍ୟେ, ଘ.୦୧।୧୯ ଗତେ ଘ.୦୧।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୬ ଗତେ ଘ.୦୫।୫୯ ମଧ୍ୟେ ରାହୁକାଳ।

## ଫେକ୍ ୱେବ୍‌ସାଇଟ୍‌ରେ ମହାପ୍ରଭୁଙ୍କ ପୂଜା




## ନୂଆକୋଟରେ ମାଈ ହାତୀର ମୃତ୍ୟୁ

**ସାତମାଇଲ,୩୦।୮ (ସୁଶାନ୍ତ ପତି)**

ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳ ନୂଆକୋଟ ଜଙ୍ଗଲରେ ଶନିବାର ଏକ ମାଈ ହାତୀର ମୃତଦେହ ଠାବ କରାଯାଇଛି। ବାଉଁଶପୋଖରୀ ପଞ୍ଚାୟତ ନୂଆକୋଟ ଜଙ୍ଗଲ ଭିତରେ ହାତୀଟି ମରିପଡ଼ିଥିବା ସକାଳୁ ହାତୀ ସ୍କ୍ୱାଡ୍ କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ପରେ ଖବରପାଇ ବନ ବିଭାଗ ଉଚ୍ଚପଦସ୍ଥ ଅଧିକାରୀମାନେ ପହଞ୍ଚି ତଦନ୍ତ କରିଥିଲେ ହେଁ କେଉଁ କାରଣରୁ ହାତୀଟିର ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ଭାବେ ଜାଣିପାରି ନାହାନ୍ତି। ହିନ୍ଦୋଳ ପ୍ରାଣୀଧନ ଚିକିତ୍ସାଧିକାରୀ ବ୍ୟବଚ୍ଛେଦ କରିବା ପରେ ମୃତ ହାତୀକୁ ସେଠାରେ ପୋତିଦିଆଯାଇଛି।



କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ସରକାରୀ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଶିକ୍ଷା ବ୍ୟବସ୍ଥା, ନୂତନ ଶିକ୍ଷା ନୀତି ଓ ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଦି ସମେତ ଓଡ଼ିଶାରେ ଶିକ୍ଷା ଭିତ୍ତିଭୂମିର ଉନ୍ନତି ପାଇଁ ଆଗାମୀ ପଦକ୍ଷେପଗୁଡ଼ିକ ବିଷୟରେ ଆଲୋଚନା କରିଛନ୍ତି।

# ଏନ୍‌ଟିପିସି ଆଉ କୋଇଲାଖଣି ପରିଚାଳନା କରିବ ନାହିଁ

### ଏନ୍‌ଏମ୍‌ଏଲ୍‌କୁ ହସ୍ତାନ୍ତର ହେବ ୭,୭୩୫ କୋଟି ଟଙ୍କାର ଖଣି

**ଭୁବନେଶ୍ୱର, ୩୦।୮ (ରବିନାରାୟଣ ଜେନା)**

ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ (ଏନ୍‌ଟିପିସି) ହାତରେ ଥିବା ୭ଟି କୋଇଲା ଖଣିର ପରିଚାଳନା ଏହାର ସମ୍ପୂର୍ଣ୍ଣ ମାଲିକାନାରେ ଗଠିତ ହୋଇଥିବା ନୂତନ ସହାୟକ କମ୍ପାନୀ ଏନ୍‌ଟିପିସି ମାଇନିଂ ଲିମିଟେଡ୍ (ଏନ୍‌ଏମ୍‌ଏଲ୍)କୁ ଦେବ। କମ୍ପାନୀର ହସ୍ତାନ୍ତର ପ୍ରସ୍ତାବକୁ ଏନ୍‌ଟିପିସି ବୋର୍ଡ ଗତ ଗୁରୁବାର ଅନୁମୋଦନ କରିଛି। ଫଳରେ ହସ୍ତାନ୍ତର ପ୍ରକ୍ରିୟା ଏବେ ଜୋରଦାର ଆରମ୍ଭ ହୋଇଛି। ଏହି ହସ୍ତାନ୍ତର ପ୍ରକ୍ରିୟାରେ ପ୍ରାୟ ୭,୭୩୫ କୋଟି ଟଙ୍କାର ଖଣି ଏନ୍‌ଏମ୍‌ଏଲ୍‌କୁ ହସ୍ତାନ୍ତର ହେବ ବୋଲି ଜଣାପଡ଼ିଛି।

ଏନ୍‌ଟିପିସିରୁ ଉପଲବ୍ଧ ତଥ୍ୟ ଅନୁସାରେ ଏହି କେନ୍ଦ୍ର ସରକାରୀ ସଂସ୍ଥା ଓଡ଼ିଶାର ଦୁଲଙ୍ଗା କୋଇଲାଖଣି, ଝାଡ଼ଖଣ୍ଡର ପକ୍ରି-ବରବାଡି ସହିତ ସମୁଦାୟ ୫ଟି ଏବଂ ଛତିଶଗଡ଼ର ତଲାଇପାଲିକୁ ମିଶାଇ ଏପରି ଭାବେ ୭ଟି କୋଇଲାଖଣିକୁ ପରିଚାଳନା କରୁଛି। ଏନ୍‌ଟିପିସିର ପ୍ରାୟ ୮୫ଟି କୋଇଲା-ଭିତ୍ତିକ ତାପଜ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ମଧ୍ୟରୁ ୨୨ରୁ ଅଧିକ କେନ୍ଦ୍ରକୁ ନିଜସ୍ୱ କୋଇଲା ଖଣିରୁ କୋଇଲା ମିଳୁଛି। ଏଥିପାଇଁ ଏହିସବୁ ବିଦ୍ୟୁତ୍‌କେନ୍ଦ୍ରଗୁଡ଼ିକ ଏନ୍‌ଟିପିସିର ଅନ୍ୟ ତାପଜ କେନ୍ଦ୍ରଗୁଡ଼ିକଠାରୁ ୟୁନିଟ ପିଛା ପ୍ରାୟ ୧ ଟଙ୍କା କମ୍ ମୂଲ୍ୟରେ ବିଦ୍ୟୁତ୍ ବିକ୍ରି କରୁଛନ୍ତି। ସେଥିପାଇଁ ସୁନ୍ଦରଗଡ଼ର ଏନ୍‌ଟିପିସି-ଦର୍ଲିପାଲି ବିଦ୍ୟୁତ୍‌କେନ୍ଦ୍ରରୁ ଓଡ଼ିଶାକୁ ୮୦୦ ମେଗାୱାଟ ଶସ୍ତା ବିଦ୍ୟୁତ୍ ମିଳୁଛି। ପ୍ରକାଶଥାଉ କି, ଏନ୍‌ଟିପିସିର ନିଜସ୍ୱ ୭ଟି କୋଇଲା ଖଣିର ବାର୍ଷିକ ଉତ୍ପାଦନ କ୍ଷମତା ୭୧ ନିୟୁତ ଟନ୍ ଥିବାବେଳେ ୫ଟି କୋଇଲାଖଣିରୁ ବାର୍ଷିକ ୪୫ ନିୟୁତ ଟନ୍ କୋଇଲା ଉତ୍ପାଦନ କରୁଛି।

ଏହି ପରିପ୍ରେକ୍ଷୀରେ ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ (ଓପିଜିସି) ବୋର୍ଡ ଏହାର ୫୧% ସହାୟକ କମ୍ପାନୀ ଓଡ଼ିଶା କୋଲ୍ ଏଣ୍ଡ ପାୱାର ଲି. (ଓସିପିଏଲ )କୁ ଏହାସହିତ ମିଶ୍ରଣ କରିବା ପ୍ରସ୍ତାବକୁ ଗ୍ରହଣ କରିଛି। ଯେହେତୁ ଓସିପିଏଲ୍‌ରେ ରାଜ୍ୟ ସରକାରଙ୍କ ୪୯% ଅଂଶଧନ ଅଛି ତେଣୁ ଓପିଜିସି ବୋର୍ଡ ରାଜ୍ୟ ସରକାରଙ୍କୁ ଅପେକ୍ଷା କରିଛି। ସରକାରଙ୍କ ଜଣେ ଅଧିକାରୀଙ୍କ ସୂଚନା ମୁତାବକ, ବର୍ତ୍ତମାନ ପରିସ୍ଥିତିରେ ଓସିପିଏଲ୍‌କୁ ଓପିଜିସିରେ ମିଶ୍ରଣ ପ୍ରସ୍ତାବ ରାଜ୍ୟ ସ୍ୱାର୍ଥ ପରିପନ୍ଥୀ ଅଟେ। କାରଣ ଓସିପିଏଲ୍‌କୁ ଏବେ ଓଡ଼ିଶାରେ ପ୍ରଥମଥର ପାଇଁ ବ୍ୟବସାୟିକ କୋଇଲାଖଣି ସୁନ୍ଦରଗଡ଼ର ଟାଙ୍ଗର ମିଳିଛି। ଏହି କୋଇଲାଖଣିର ଉତ୍ପାଦନ କ୍ଷମତା ବାର୍ଷିକ ୧୬ ନିୟୁତ ଟନ୍। ଯେହେତୁ ଓସିପିଏଲ୍ ଏହାର ମନୋହରପୁର କୋଇଲାଖଣିରୁ ସୁରୁଖୁରୁରେ ଗତ ୬ବର୍ଷ ହେଲା କୋଇଲା ଉତ୍ପାଦନ କରି ଓପିଜିସିର ଆବଶ୍ୟକତା ପୂରଣ କରୁଛି ଓ ଏଥିରେ ସିଦ୍ଧହସ୍ତ ହୋଇଛି, ତେଣୁ ମିଶ୍ରଣ ପ୍ରସ୍ତାବ ରାଜ୍ୟ ପାଇଁ କ୍ଷତିକାରକ ହେବ। ଓସିପିଏଲ୍ ବ୍ୟବସାୟିକ କୋଇଲାଖଣି ପରିଚାଳନା କଲେ ରାଜ୍ୟର ଅର୍ଥନୈତିକ ପ୍ରଗତି ତ୍ୱରାନ୍ୱିତ ହେବ। ଓସିପିଏଲ୍‌ରୁ ପ୍ରାପ୍ତ ସୂଚନା ଅନୁସାରେ ୨୦୨୩-୨୪ରେ ଓସିପିଏଲ୍ ୧୨ ନିୟୁତ ଟନ୍ କୋଇଲା ଉତ୍ପାଦନ କରିଥିବାବେଳେ ଚଳିତବର୍ଷ ପାଇଁ ୧୬ ନିୟୁତ ଟନ୍ ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ କରିଛି।

ସେହିପରି ଓସିପିଏଲ୍-ଓପିଜିସି ମିଶ୍ରଣ ପଛରେ ଥିବା ବଡ଼ ଯୁକ୍ତିଟି ହେଉଛି ଜିଏସ୍‌ଟି କ୍ଷତିପୂରଣ ସେସ୍ ଟନ୍ ପିଛା ୪୦୦ ଟଙ୍କା ଆଉ ଭରଣା କରିବାକୁ ପଡ଼ିବ ନାହି, ଫଳରେ ଓପିଜିସି ବିଦ୍ୟୁତ୍ ମୂଲ୍ୟ ହ୍ରାସ ଘଟିବ ଓ ସେଥିପାଇଁ ଓଡ଼ିଶାର ୧କୋଟି ବିଦ୍ୟୁତ୍ ଉପଭୋକ୍ତା ଉପକୃତ ହେବେ।

ବାସ୍ତବ କଥା ହେଉଛି, ଏପର୍ଯ୍ୟନ୍ତ ଯେଉଁ ସେସ୍ ଭରଣା ହୋଇଛି ତାହାକୁ ଆଉ କେନ୍ଦ୍ର ସରକାର ଫେରସ୍ତ କରିବା ଆଶା ରଖିବା ଠିକ ନୁହେଁ। ଜିଏସ୍‌ଟି କ୍ଷତିପୂରଣ ସେସ୍ ଆଦାୟ ଅବଧି ଆସନ୍ତା ମାର୍ଚ୍ଚ ୨୦୨୬ରେ ସମାପ୍ତ ହୋଇଯିବ। ଅର୍ଥାତ୍ କୋଇଲା-ଭିତ୍ତିକ ତାପଜ ବିଦ୍ୟୁତକେନ୍ଦ୍ରଗୁଡ଼ିକ ପାଇଁ ଆବଣ୍ଟନ ହୋଇଥିବା କୋଇଲାଖଣି ଏପ୍ରିଲ ୨୦୨୬ରୁ ଜିଏସ୍‌ଟି କ୍ଷତିପୂରଣ ସେସ୍ ବାବଦକୁ ଟନ୍ ପିଛା ୪୦୦ ଟଙ୍କା ଆଉ ଦେବେନାହିଁ। ଟନ୍ ପିଛା ଜିଏସ୍‌ଟି କ୍ଷତିପୂରଣ ସେସ୍ ୪୦୦ ଟଙ୍କା ୨୦୧୭ ମସିହାରୁ ପ୍ରଣୀତ ହୋଇ କେନ୍ଦ୍ର ସରକାର ଆଦାୟ କରି ଆସୁଛନ୍ତି; ଯାହାର ପୂର୍ଣ୍ଣଚ୍ଛେଦ ଆସନ୍ତା ମାର୍ଚ୍ଚ ୨୦୨୬ରେ ପଡ଼ିବ।

ଏନେଇ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି, ଓଡ଼ିଶା ସରକାରଙ୍କ ମଡେଲ ଏନ୍‌ଟିପିସି ଆପଣାଇଛି। ତେଣୁ ଏନ୍‌ଟିପିସି ବୋର୍ଡ ଓସିପିଏଲ୍ ଭଳି ଏନ୍‌ଏମ୍‌ଏଲ୍ କମ୍ପାନୀ ଗଠନ କରି କୋଇଲାଖଣି ହସ୍ତାନ୍ତର ପ୍ରସ୍ତାବକୁ ମଞ୍ଜୁର କରିଛନ୍ତି।

# ୫ରୁ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ମହୋତ୍ସବ

**ଭୁବନେଶ୍ୱର, ୩୦।୮ (ସୌମ୍ୟରଞ୍ଜନ ରାଉତ)**




ମହୋତ୍ସବ ସମ୍ପର୍କରେ ସୃଜନୀର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଓ ପ୍ରୋଗ୍ରାମ ଏକ୍‌ଜିକ୍ୟୁଟିଭ୍ ଦେବପ୍ରସାଦ ମିଶ୍ର ଏ ସମ୍ପର୍କରେ ସୂଚନା ଦେଉଛନ୍ତି।

### ୬ଜଣ ପାଇବେ 'ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ'

ସୃଜନ ଗୁରୁ କେଳୁଚରଣ ଓଡ଼ିଶୀ ନୃତ୍ୟବାସ ପକ୍ଷରୁ ସେପ୍ଟେମ୍ବର ୫ରୁ ୯ ତାରିଖ ପର୍ଯ୍ୟନ୍ତ ରବୀନ୍ଦ୍ର ମଣ୍ଡପରେ ୩୧ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ମହୋତ୍ସବ ଅନୁଷ୍ଠିତ ହେବ। ଏଥିସହ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ ଓ ଥିଏଟର ପ୍ରଦର୍ଶନୀ କରାଯିବ। ଚଳିତବର୍ଷ ବିଭିନ୍ନ କ୍ଷେତ୍ରରେ ୬ଜଣ 'ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ' ପାଇବେ। ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ମାଧବୀ ମୁଦଗଲ୍ ଏବଂ ଓଡ଼ିଶୀ ଗାୟକ ଆଲେଖ ଚନ୍ଦ୍ର ସାମଲଙ୍କୁ 'ସାଲିମାର୍ସ ଗୁରୁ କେଳୁଚରଣ ମହାପାତ୍ର ଆୱାର୍ଡ' ପ୍ରଦାନ କରାଯିବ। ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ପ୍ରମାଣପତ୍ର ଦିଆଯିବ। ସେହିପରି ୪୦ ବର୍ଷରୁ କମ୍ ବର୍ଗରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଶତାବ୍ଦୀ ମଲ୍ଲିକ୍ ଓ ଓଡ଼ିଶୀ ସଙ୍ଗୀତ ପାଇଁ ମୁରଲୀଧର ସ୍ୱାଇଁଙ୍କୁ 'ସାଲିମାର୍ ଗୁରୁ କେଳୁଚରଣ ମହାପାତ୍ର ଯୁବ ପୁରସ୍କାର'ରେ ସମ୍ମାନିତ କରାଯିବ। ୧୫ହଜାର ଟଙ୍କାର ପୁରସ୍କାର ରାଶି ସହ ପ୍ରମାଣପତ୍ର ପ୍ରଦାନ କରାଯିବ। ରଘୁନାଥ ଦାସ ଓ ଅର୍ଣ୍ଣବ ବନ୍ଦୋପାଧ୍ୟାୟଙ୍କୁ 'ସାଲିମାର୍ ଗୁରୁ କେଳୁଚରଣ ମହାପାତ୍ର କଳା ସମ୍ମାନ' ପ୍ରଦାନ କରାଯିବ ଓ ୫୦ ହଜାର ଟଙ୍କାର ପୁରସ୍କାର ରାଶି ସହ ମାନପତ୍ର ଦିଆଯିବ।

ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର ଓ ପ୍ରୀତିଶା ମହାପାତ୍ର ଓଡ଼ିଶୀନୃତ୍ୟ ପରିବେଷଣରୁ ମହୋତ୍ସବ ଉଦ୍‌ଘାଟନୀ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହେବ। ବିଦ୍ୟାବତୀ ଦେବୀ ଓ ତାଙ୍କ ଗ୍ରୁପ୍ ନର୍ତ୍ତନାଳୟ ଦ୍ୱାରା ମଣିପୁରୀ ଗ୍ରୁପ୍ ନୃତ୍ୟ ଏବଂ ହିନ୍ଦୁସ୍ତାନୀ ଓ କର୍ଣ୍ଣାଟିକ୍ ସଙ୍ଗୀତରେ ପ୍ରତିଷ୍ଠିତ ଶିଳ୍ପୀମାନେ ମଧ୍ୟ ପରିବେଷଣ କରିବେ। ଖୟାଲ, ଠୁମରି, ଦାଦ୍ରା, ଭଜନ, କନ୍ନଡ଼ ଡାସ ସାହିତ୍ୟ, ବଚନ ସାହିତ୍ୟ ଏବଂ କନ୍ନଡ଼ ଭାବଗୀତି, ଭାରତନାଟ୍ୟମ୍, ଦଶମହାବିଦ୍ୟା, ରାମ ଭଜନ, ଥିଏଟର୍ ଏବଂ ଗୁରୁ ରତିକାନ୍ତ ମହାପାତ୍ରଙ୍କ ସୃଜନ ଅନୁଷ୍ଠାନ ପକ୍ଷରୁ ଦୁର୍ଯ୍ୟୋଧନକୁ ନେଇ ପ୍ରିମିୟର ଅନୁଷ୍ଠିତ ହେବ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମହୋତ୍ସବର ମିଡିଆ ପାର୍ଟନର ରହିଛି ବୋଲି ଶନିବାର ଖବରଦାତା ସମ୍ମିଳନୀରେ ସୃଜନୀର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଓ ପ୍ରୋଗ୍ରାମ ଏକ୍‌ଜିକ୍ୟୁଟିଭ୍ ଦେବପ୍ରସାଦ ମିଶ୍ର ସୂଚନା ଦେବା ସହ ପୋଷ୍ଟର ଉନ୍ମୋଚନ କରିଛନ୍ତି।

# ଇଟାମାଟିରେ କାଉ ମଡ଼କ

### ୫ ଦିନରେ ମଲେଣି ୮୫ରୁ ଉର୍ଦ୍ଧ୍ୱ କାଉ

**ନୟାଗଡ଼,୩୦।୮ (ଲୋକନାଥ ମିଶ୍ର)**

ନୟାଗଡ଼ ବ୍ଲକ ଇଟାମାଟରେ କାଉ ମଡ଼କ ଦେଖିବାକୁ ମିଳିଛି। ଆପେ ଆପେ କାଉ ମରି ତଳେ ଖସୁଛନ୍ତି। ଇଟାମାଟିର ପ୍ରଧାନସାହି, ତନ୍ତିସାହି, ପାଇକସାହି, ଦେଉଳସାହି, ଇଟାମାଟି ବଜାର, ପଞ୍ଚାୟତ ପଡିଆ, ପଞ୍ଚାୟତ ସାହି, ମେଡିକାଲ ପଡିଆରେ ୫ଦିନରେ ୮୫ରୁ ଉର୍ଦ୍ଧ୍ୱ କାଉ ମରିଲେଣି। କାଉ ମଡକକୁ ଦେଖି ଅନେକ ଏହାକୁ ବାର୍ଡ ଫ୍ଲୁର ଲକ୍ଷଣ ବୋଲି କହୁଛନ୍ତି। ହେଲେ ପ୍ରାଣୀ ବିଭାଗ ପକ୍ଷରୁ ଏଯାବତ୍ କୌଣସି ପଦକ୍ଷେପ ନିଆଯାଇନାହିଁ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ବସନ୍ତ କୁମାର ବେହେରା କୁହନ୍ତି, ଆମେ ଜାଣି ନ ଥିଲୁ। ଏ ଦିଗରେ ତଦନ୍ତ କରି ତ୍ୱରିତ ପଦକ୍ଷେପ ନେବୁ।



# 'ଏସ୍‌ସି, ଏସ୍‌ଟିଙ୍କ କଲ୍ୟାଣ ଦେଶ ପ୍ରଗତିର ମାପକାଠି'




ସମ୍ମିଳନୀର ଉଦ୍‌ଯାପନୀ ଅଧିବେଶନକୁ ଉଦ୍‌ଘାଟନ କରିବା ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ସହ ଅନ୍ୟମାନେ।


### ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟି ଅଧ୍ୟକ୍ଷଙ୍କ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

### ଅବହେଳିତ ବର୍ଗଙ୍କ ପାଇଁ କାମ କରିବାକୁ ଆହ୍ୱାନ ଦେଲେ ଓମ୍ ବିର୍ଲା

**ଭୁବନେଶ୍ୱର,୩୦।୮ (ବନ୍ଦନା ସେଠୀ)**

ଦେଶର ପ୍ରକୃତ ସମୃଦ୍ଧି ସଂଖ୍ୟା କିମ୍ବା ଭିତ୍ତିଭୂମିରେ ମପାଯାଏ ନାହିଁ। ଏହା ସବୁଠାରୁ ଅବହେଳିତ ସମ୍ପ୍ରଦାୟକୁ ପ୍ରଦାନ କରାଯାଉଥିବା ମର୍ଯ୍ୟାଦା ଏବଂ ସୁଯୋଗ ଦ୍ୱାରା ମପାଯାଏ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ଲୋକସେବା ଭବନରେ ଚାଲିଥିବା ଅନୁସୂଚିତ ଜାତି (ଏସ୍‌ସି) ଓ ଅନୁସୂଚିତ ଜନଜାତି (ଏସ୍‌ଟି) କଲ୍ୟାଣ କମିଟି ଅଧ୍ୟକ୍ଷଙ୍କ ଜାତୀୟ ସମ୍ମିଳନୀର ଶନିବାର ଉଦ୍‌ଯାପନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ସେ କହିଲେ, ଅନୁସୂଚିତ ଜାତି ଏବଂ ଜନଜାତି କେବଳ ଭାରତର ସାମାଜିକ ସଂରଚନାର ଅବିଚ୍ଛେଦ୍ୟ ଅଙ୍ଗ ନୁହନ୍ତି, ବରଂ ଦେଶର ଇତିହାସ, ସଂସ୍କୃତି ଏବଂ ଐତିହ୍ୟର ରକ୍ଷକ। ସେମାନଙ୍କ କଲ୍ୟାଣ କେବଳ ନୀତିର ପ୍ରଶ୍ନ ନୁହେଁ ଏହା ସମାନତା, ମର୍ଯ୍ୟାଦା ଏବଂ ଭାଇଚାରା ସ୍ତମ୍ଭ ଉପରେ ପ୍ରତିଷ୍ଠିତ ଗଣତନ୍ତ୍ର ଭାବରେ ଆମର ପ୍ରଗତିର ମାପକାଠି। ସାମ୍ବିଧାନିକ ସୁରକ୍ଷାକୁ ଅର୍ଥପୂର୍ଣ୍ଣ କାର୍ଯ୍ୟରେ ପରିଣତ କରିବାରେ ସଂସଦୀୟ ଏବଂ ରାଜ୍ୟ ବିଧାନସଭା କମିଟିଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଜ୍ୟପାଳ କହିଛନ୍ତି।

ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଯୋଗଦେଇ ସମସ୍ତେ ନୂତନ ଉତ୍ସାହ ଓ ଶକ୍ତି ସହିତ ସମାଜ ମଙ୍ଗଳ ପାଇଁ ପ୍ରତିବଦ୍ଧ ହେବା ସହିତ ଅବହେଳିତ ବର୍ଗଙ୍କ ଲାଗି କାମ କରିବାକୁ ଆହ୍ୱାନ ଜଣାଇଥିଲେ। ସମ୍ବିଧାନ ପ୍ରଣେତା ବାବାସାହେବ ଡ. ଆମ୍ବେଦକରଙ୍କ ଦର୍ଶନକୁ ଆଧାରକରି ଦେଶ ପାଇଁ ରୋଡ୍‌ମ୍ୟାପ ପ୍ରସ୍ତୁତ କରିବାରେ ଏହି ସମ୍ମିଳନୀ ପ୍ରେରଣା ଯୋଗାଇବ ବୋଲି ସେ ମତ ରଖିଛନ୍ତି। ରାଜ୍ୟ ସଭା ଉପାଧ୍ୟକ୍ଷ ହରି ବଂଶ ନାରାୟଣ ସିଂହ କହିଲେ, କେବଳ କାଗଜରେ ନୀତି ନ ପରଖି ବାସ୍ତବ କ୍ଷେତ୍ରରେ ଯୋଜନା ତୃଣମୂଳସ୍ତରରେ ଠିକ୍ ଭାବରେ କାର୍ଯ୍ୟକାରୀ ହେଲେ ସମାଜ ଓ ଦେଶର ମଙ୍ଗଳ ହେବ। ଏତଦ୍‌ବ୍ୟତୀତ ଲୋକଙ୍କ ପାଖକୁ ସରଳ ଭାବେ ସେବା ପହଞ୍ଚାଇବା ପାଇଁ ପ୍ରଯୁକ୍ତି ବିଦ୍ୟା ଏବଂ ସୁଶାସନର ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସଂସଦର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟି ଅଧ୍ୟକ୍ଷ ଡ. ଫଗନ ସିଂହ କୁଲସ୍ତେ ଏହି ସମ୍ମିଳନୀ ଭବିଷ୍ୟତ ପାଇଁ ମାର୍ଗଦର୍ଶିକା ଭାବେ ଉପଯୋଗ ହେବ ବୋଲି ମତ ରଖିଛନ୍ତି। ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଏପରି ଜାତୀୟସ୍ତରୀୟ ସମ୍ମିଳନୀର ଆୟୋଜନ କରିବା ପାଇଁ ସୁଯୋଗ ଦେଇଥିବାରୁ ଲୋକ ସଭା ବାଚସ୍ପତିଙ୍କୁ କୃତଜ୍ଞତା ଜଣାଇଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅମୃତ କାଳରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ବିକାଶ ଜରୁରୀ ବୋଲି କହିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଓଡ଼ିଶାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ସମ୍ପର୍କରେ ଅବତାରଣା କରି ଅନୁସୂଚିତ ଜାତି ଓ ଜନଜାତି ପାଇଁ ଉପଲବ୍ଧ ବଜେଟର ଶତପ୍ରତିଶତ ବିନିଯୋଗ ପାଇଁ ବଦ୍ଧପରିକର ହେବା ପାଇଁ କହିଛନ୍ତି। ଅନୁସୂଚିତ ଜାତି ଓ ଜନଜାତିଙ୍କ କଲ୍ୟାଣ, ବିକାଶ ଏବଂ ସଶକ୍ତୀକରଣରେ ସଂସଦୀୟ ଏବଂ ବିଧାନସଭା କମିଟିର ଭୂମିକା ଶୀର୍ଷକ ବିଷୟବସ୍ତୁ ଉପରେ ଏହି ଜାତୀୟ ସମ୍ମିଳନୀ କେନ୍ଦ୍ରିତ ଥିଲା।



ୟୁରୋପ ଓ ଆମେରିକାର ବିଜ୍ଞାନ, ଅର୍ଥନୈତିକ ଅଗ୍ରଗତି, ସଭ୍ୟତା ଓ ମାନବବାଦର ପଛଆଡେ ଯେ ପଶୁତ୍ୱର ପ୍ରଭାବ ଧୀରେ ଧୀରେ ଫେରିଆସୁଛି – ଏହାର ପ୍ରଚୁର ଲକ୍ଷଣ ଆମେ ଦେଖିପାରିବା। ଏବଂ ଏହି ଯୁଗର ପ୍ରଭାବ ଆମ ଉପରେ ମଧ୍ୟ ପଡୁଛି– ଏହା ଆମେ ଆହୁରି ଅଧିକ ପରିମାଣରେ ମଧ୍ୟ ଦେଖିପାରିବା। –ଶ୍ରୀଅରବିନ୍ଦ



# ବନ୍ଧୁତ୍ୱର ପତନ



**ଆକାର ପଟେଲ**

ଗୋଟିଏ ସମସ୍ୟା ସମାଧାନ କରିବାକୁ ହେଲେ ଆମକୁ ପ୍ରଥମେ ସମସ୍ୟାଟି ରହିଛି ବୋଲି ସ୍ୱୀକାର କରିବାକୁ ହେବ। ଯଦି ସମସ୍ୟାକୁ ସ୍ୱୀକାର କରିବା ନାହିଁ ତେବେ ତାହାକୁ ସମାଧାନ କରିହେବ ନାହିଁ। ଏହାକୁ ମଧ୍ୟ ଠିକ୍ କରିପାରିବା ନାହିଁ। ପ୍ରଥମ ପଦକ୍ଷେପ ହେଉଛି ସମସ୍ୟା ରହିଛି ବୋଲି ଗ୍ରହଣ କରିବା ପରେ ହିଁ ତାହାର ସମାଧାନ ଲାଗି ଆଗକୁ ବଢ଼ିବାକୁ ହେବ। ଆଜି ଆମେ ଯେଉଁ ସମସ୍ୟା ସମ୍ପର୍କରେ ଆଲୋଚନା କରିବାକୁ ଯାଉଛୁ ତାହା ହେଉଛି ଏକ ପ୍ରକାର ବ୍ୟକ୍ତିଗତ କୂଟନୀତି, ଯାହା ଆମେ ୨୦୧୪ ପରଠାରୁ ଦେଖିବାକୁ ପାଇଛୁ। ଏହା ବିଶେଷକରି ପାରସ୍ପରିକ ଆଲୋଚନା ଏବଂ ସହାନୁଭୂତି ପ୍ରଦର୍ଶନ, ଅତିଥିଙ୍କ ସମ୍ମାନାର୍ଥେ ଭବ୍ୟ କାର୍ଯ୍ୟକ୍ରମ ଭଳି ବିଷୟଗୁଡ଼ିକରେ କେନ୍ଦ୍ରିତ ରହେ ଏବଂ ଏହିସବୁ କାର୍ଯ୍ୟ ଦ୍ୱାରା ସୃଷ୍ଟି ହେଉଥିବା 'ବନ୍ଧୁତ୍ୱ' ସମସ୍ୟା ସମାଧାନରେ ସାହାଯ୍ୟ କରିବ ବୋଲି ଧାରଣା ରହିଛି। ଆମେ ଏହି ବିଷୟ ଆଲୋଚନା କରିବାର କାରଣ ହେଉଛି ଭାରତ ସରକାର ଏବେ ନିଜ ପାଇଁ ବିଶ୍ୱରେ ଏକ ସ୍ଥାନ ପାଇବାକୁ ସଂଗ୍ରାମ କରିଛି। ଦେଶଗୁଡ଼ିକ ନିଜକୁ ମିତ୍ର ବୋଲି ଭାବୁଥିଲେ ମଧ୍ୟ ଯଦି ସହଯୋଗୀ ନୁହନ୍ତି, ତେବେ ସେମାନଙ୍କୁ ବିନା କାରଣରେ ଦଣ୍ଡିତ କରାଯାଇଛି। ଏହା ଯୋଗୁ ଗତ କିଛିଦିନ ହେଲା ଦେଖିବାକୁ ମିଳିଛି ଯେ, ଦେଶଗୁଡ଼ିକ ଶତ୍ରୁ ନ ହେଲେ ବି ପ୍ରତିଦ୍ୱନ୍ଦ୍ୱୀ ପାଲଟିଯାଇଛନ୍ତି। ଏହା ହିଁ ହେଉଛି ସମସ୍ୟା। ଏହି ସରକାରଙ୍କ ପାଇଁ ଏହାର ସମାଧାନ ସହଜ ନୁହେଁ, କାରଣ ଜଣେ ବ୍ୟକ୍ତିଙ୍କ କ୍ଷମତା ଉପରେ ଏହାର ସଫଳତା ନିର୍ଭର କରେ। ହେଲେ ବୁଝିବାକୁ ହେବ ଯେ, ଯାହା ବିଶ୍ୱାସ କରାଯାଉଥିଲା ଏହି ଅସାଧାରଣ କ୍ଷମତା ସେଭଳି କାମ କରିନାହିଁ। କିନ୍ତୁ ଏହା ଉପରେ ଅଯାଚିତ ଭାବେ ମତଦେବା ଜଣେ ସ୍ତମ୍ଭକାରଙ୍କ କାମ ଏବଂ ସଙ୍କଟ ସମୟରେ ବିଶେଷକରି ଆମେ ମିଳିତ ଭାବେ କଠିନ ପରିଶ୍ରମ କରିବା ଦରକାର। ସମସ୍ୟାର ମୂଳରେ ରହିଛି ଗୋଟିଏ ସରଳ କଥା, ଯାହା ଏବେ ସ୍ପଷ୍ଟ ହୋଇଛି। ଆମ ପ୍ରଧାନମନ୍ତ୍ରୀ ବ୍ୟକ୍ତିଗତ କୂଟନୀତିରେ ଏତେ ଭଲ ନୁହନ୍ତି। ବ୍ୟକ୍ତିଗତ କୂଟନୀତି କାମ କରିଛି କି ନାହିଁ ତାହା ଏଠାରେ ବଡ଼ କଥା ନୁହେଁ। କିନ୍ତୁ ପରିସ୍ଥିତିକୁ ନେଇ ଏହା ଉପଯୋଗୀ ହୋଇପାରେ। ରିଚାର୍ଡ ନିକ୍ସନ ଏବଂ ହେନେରୀ କିସିଙ୍ଗର ଆମେରିକା ସମର୍ଥନରେ ଚାଇନାକୁ ଆଣିବାକୁ ବ୍ୟବହାର କରିଥିଲେ ଏବଂ ମାଓଙ୍କୁ ସୋଭିଏଟ୍ ସହ ମେଣ୍ଟ କରିବାରୁ ବିରତ କରିଥିଲେ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଜୁଲ୍ଫିକର ଅଲି ଭୁଟ୍ଟୋ ବିଦେଶର ଉଚ୍ଚପଦସ୍ଥ ବ୍ୟକ୍ତିଙ୍କୁ ଯେତେବେଳେ ଆତିଥେୟତା ପ୍ରଦାନ କରନ୍ତି, ସେତେବେଳେ ସେ ବ୍ୟକ୍ତିଗତ ଭାବେ ସେମାନଙ୍କୁ ପାଛୋଟି ଆଣିବା ସକାଶେ ବିମାନବନ୍ଦରରେ ଉପସ୍ଥିତ ହୋଇଥାନ୍ତି। ତାଙ୍କର ଏଭଳି କାର୍ଯ୍ୟକୁ ମନେପକାଇ ପାକିସ୍ତାନର ପୂର୍ବତନ କୂଟନୀତିଜ୍ଞ ଇକ୍‌ବାଲ ଅଖୁନ୍ଦ ଓ ଲେଖକ ରଫି ରାଜା ଲେଖିଛନ୍ତି ଯେ, ଏଥିରୁ ବେଳେବେଳେ ସକାରାତ୍ମକ ପରିଣାମ ମିଳିଛି। ତେବେ ଆମେ ଏଠି ତାହା କରୁନାହୁଁ। ଗଲୱାନ ଘାଟିରେ ଯେତେବେଳେ ସଂଘର୍ଷ ଘଟିଲା, ସେତେବେଳେ ପ୍ରଧାନମନ୍ତ୍ରୀ ଉତ୍ସାହିତ କରି ଆସିଥିବା ଏକ ପାରସ୍ପରିକ ବନ୍ଧୁତ୍ୱ ତଥା ବିଶ୍ୱାସର ପତନ ଘଟିଲା। ସେପ୍ଟେମ୍ବର ୨୦୧୪ରେ ସେ ଚାଇନା ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଦର୍ଶାଇବା ଲାଗି କରିଥିଲେ– ଏହି ସମ୍ପର୍କ 'ଇଞ୍ଚ'(ଆଇଏନ୍‌ସିଏଚ୍– ଇଣ୍ଡିଆ ଓ ଚାଇନା ସୂଚିତ କରେ)ରୁ 'ମାଇଲ୍ସ' ମିଲେନିୟମ ଅଫ୍ ଏକ୍ସେପସନାଲ ସିନର୍ଜି) ଆଡ଼କୁ ଆଗଉଛି। ୨୦୧୪ରେ ଯେଉଁ ରିପୋର୍ଟ ଏହାକୁ ସାମ୍ନାକୁ ଆଣିଥିଲା ତାହାର ଶେଷ ପାରାରେ ଉଲ୍ଲେଖ ରହିଥିଲା, ''ଲେହର ସ୍ଥାନୀୟ ଅଧିକାରୀମାନେ ଦାବି କରିଛନ୍ତି ଯେ, ଚାଇନାର ଲୋକେ ସରକାରୀ ଗାଡ଼ିରେ ଲଦାଖର ଡେମଚୋକର ଏକ ଅଞ୍ଚଳରେ ପ୍ରବେଶ କରିଥିଲେ ଏବଂ ସେଠାରେ ଏକ ଜଳସେଚନ ପ୍ରକଳ୍ପରେ କାମ କରୁଥିବା ଲୋକଙ୍କୁ ବାଧା ଦେଉଥିଲେ। ବିବାଦୀୟ ସୀମାକୁ ନେଇ ମୋଦି ଏବଂ ଶି'ଙ୍କ ମଧ୍ୟରେ ଆଲୋଚନା ହେବା ଦରକାର।''

୨୦୨୦ରେ ଗଲୱାନରେ ସଂଘର୍ଷ ଘଟିବା ପୂର୍ବରୁ ମୋଦି ୧୮ ଥର ଶି'ଙ୍କୁ ଭେଟିଥିଲେ। କିନ୍ତୁ ସୀମା ବିବାଦ ସମ୍ପର୍କରେ ଆଲୋଚନା କରି ନ ଥିଲେ। ଏହା ଆମ ବିଫଳତା ଥିଲା। ଶେଷରେ ତାଙ୍କ ପଦକ୍ଷେପଗୁଡ଼ିକର ପ୍ରତିକ୍ରିୟା ମଧ୍ୟ ବ୍ୟକ୍ତିଗତ ଥିଲା। ଗଲୱାନ ସଂଘର୍ଷ ପରେ ଏଯାବତ୍ ଶି'ଙ୍କୁ ସାକ୍ଷାତ କରିବା ପାଇଁ ମୋଦି ଚାହିଁ ନାହାନ୍ତି। ଏବେ ଟ୍ରମ୍ପ କାହିଁକି ଭାରତକୁ ନିର୍ଯାତନା ଦେଇଛନ୍ତି ସେ ବିଷୟରେ ଆମ କୂଟନୀତିଜ୍ଞମାନେ ନିଶ୍ଚିତ ନୁହନ୍ତି। ଅତୀତରେ ଏକ ଉଦାହରଣ ଦେଖିବା। ଟ୍ରମ୍ପଙ୍କ ପ୍ରଥମ ପାଳିରେ ଇରାନଠାରୁ ତେଲ କିଣିବା ବନ୍ଦ କରିବା ପାଇଁ ସେ ଭାରତ ଉପରେ ଚାପ ପକାଇଥିଲେ। ଆମେ ଅଭିଯୋଗ କରିଥିଲୁ, ଆମ ରିଫାଇନେରିଗୁଡ଼ିକ ଇରାନ ଅଶୋଧିତ ତେଲ ପାଇଁ ଠିକ୍। ତେବେ ଇରାନ ଉପରେ ଟ୍ରମ୍ପ ପ୍ରଶାସନର ଅପରେଶନକୁ ନେଇ ଜାତିସଂଘର କୌଣସି କଟକଣା ନ ଥିଲେ ମଧ୍ୟ ପରେ ଆମେ ଟ୍ରମ୍ପଙ୍କ କଥା ମାନିନେଲୁ।

ଟାରିଫ୍‌କୁ ନେଇ ଟ୍ରମ୍ପ କାହିଁକି ଆମ ପ୍ରତି କଠୋର ମନୋଭାବ ପ୍ରଦର୍ଶନ କରିଛନ୍ତି ତାହା ସହଜରେ ବୁଝି ହେଉଛି। ଦେଖିବାକୁ ଗଲେ ଭାରତ–ପାକିସ୍ତାନ ଯୁଦ୍ଧ ସମାପ୍ତ କରିବାରେ ତାଙ୍କ ଭୂମିକାକୁ ଭାରତ ଗ୍ରହଣ କରି ନ ଥିବାରୁ ସେ ଏଭଳି ପଦକ୍ଷେପ ନେଇନାହାନ୍ତି। ଉତ୍ପୀଡ଼କ ସବୁବେଳେ ସମସ୍ତଙ୍କ ସହ ଲଢ଼େଇ କରିବାକୁ ଚାହେଁନାହିଁ। ସେ ସାଧାରଣରେ ନିଜକୁ ଏକ ସ୍ୱତନ୍ତ୍ର ଭାବେ ଉପସ୍ଥାପିତ କରେ ଏବଂ ଅନ୍ୟମାନେ ବିନା ଯୁଦ୍ଧରେ ତା' ଆଜ୍ଞା ପାଳନ କରନ୍ତୁ ବୋଲି ଚାହେଁ। ଏବେ ବିଶ୍ୱ ସାମ୍ନାରେ ତାହା ହିଁ ଘଟିଛି। ହ୍ୟୁଷ୍ଟନ ଓ ଅହମଦାବାଦରେ ଟ୍ରମ୍ପଙ୍କ ପାଇଁ ବିଶାଳ ରାଲି ଆମକୁ ଏହି ଉତ୍ପୀଡ଼ନରୁ ରକ୍ଷା କରିପାରିଲା ନାହିଁ। କାରଣ ଟ୍ରମ୍ପ ଜଣେ ସ୍ୱାର୍ଥପର ଉତ୍ପୀଡ଼କ। ସେ ଆରମ୍ଭରୁ ଶେଷଯାଏ ତାଙ୍କ ସ୍ୱାର୍ଥ ଦେଖନ୍ତି। ତାହା ହିଁ ତାଙ୍କ ଚରିତ୍ର। ଏହା ଆମର ତ୍ରୁଟି ଯେ, ଟ୍ରମ୍ପଙ୍କ ସହ ଆମର ତଥାକଥିତ ନିବିଡ଼ତା ଥିବା ସତ୍ତ୍ୱେ ଶି'ଙ୍କ କ୍ଷେତ୍ରରେ ଯାହା ଘଟିଥିଲା ତାହାକୁ ଆମେ ବୁଝିପାରିଲୁ ନାହିଁ। ସେତେବେଳେ ଆମେ ଯାହାଥିଲୁ ଏବେ ସେହି ସ୍ତରରେ ରହିଛୁ ବୋଲି ଯଦି ଆମେ ବୁଝିଥାଆନ୍ତୁ ତେବେ ଆମେ ଏହାକୁ ସୁଧାରି ନେଇଥାଆନ୍ତୁ। କିନ୍ତୁ ରେକର୍ଡକୁ ଦେଖିଲେ, ଆମେ ୨୦୧୪ରୁ ଆପଣାଇଥିବା ଧାରାକୁ ଜାରି ରଖିଛୁ ଓ ଆଗକୁ ଏହାକୁ ଆପଣାଇବାର ଅଧିକ ସମ୍ଭାବନା ରହିଛି।

Email:aakar.patel@gmail.com

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 9 | | | | 5 |
| | 2 | | | | 4 | | 8 | 3 |
| | | 6 | | | | | | 7 |
| | | | | 5 | | | | 6 |
| | | 3 | | | | | | |
| | 4 | 7 | | | 3 | 8 | | 1 |
| 6 | | | 7 | | | 9 | | |
| 2 | 3 | | 6 | 8 | | 7 | | |
| 7 | | 8 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 7 | 2 | 8 | 4 | 1 | 9 | 5 |
| 9 | 4 | 8 | 3 | 1 | 5 | 2 | 6 | 7 |
| 1 | 5 | 2 | 6 | 9 | 7 | 4 | 8 | 3 |
| 7 | 8 | 5 | 9 | 4 | 6 | 3 | 2 | 1 |
| 4 | 1 | 9 | 8 | 3 | 2 | 7 | 5 | 6 |
| 3 | 2 | 6 | 5 | 7 | 1 | 9 | 4 | 8 |
| 8 | 6 | 3 | 7 | 2 | 9 | 5 | 1 | 4 |
| 5 | 9 | 4 | 1 | 6 | 3 | 8 | 7 | 2 |
| 2 | 7 | 1 | 4 | 5 | 8 | 6 | 3 | 9 |

ଗତକାଲିର ଉତ୍ତର

# କୁଢ଼ିଆ କରେକି କ୍ଷେତର ଜୟଗାନ



**ଡ. ସାରଦା ପ୍ରସାଦ କର**

ବାସି ଆଣରେ ସୋରିଷ ତେଲ, ପିଆଜ, ଭୁରୁଶୁଙ୍ଗ ପତ୍ର ପକା ଚକୁଳି ତୁଳନାରେ ପିଜା–ବର୍ଗର ବେଶି ସ୍ୱାସ୍ଥ୍ୟକର ବୋଲି କେହି ଛାତିରେ ହାତ ରଖି କହିପାରିବେନି। ତଥାପି ଭିଡ଼ ଲାଗିଛି। ସେବା କ୍ଷେତ୍ରକୁ ବିଦେଶୀ କମ୍ପାନୀ ଦୌଡ଼ି ଆସୁଛନ୍ତି। ଜମାଟୋ, ସ୍ୱିଗୀ, ଇଟ୍ କ୍ଲବ, କେଏଫ୍‌ସି କମ୍ପାନୀଙ୍କ ଦୋକାନ ଆଡ଼କୁ ତୀର ଚିହ୍ନ ମାରି ଚିହ୍ନେଇ ଦେବାଦିନରୁ କାହା ଘରକୁ ରୁଟି ପିଠା ଖଣ୍ଡେ ମାଗିବାକୁ କୁଆ ଯାଉନି। ବିଦେଶୀ ବିତରକ ଡିଏଚ୍‌ଏଲ୍, ଫେଡ୍ ଏକ୍ସ, ୟୁପିଏସ୍ ପରି ଖାଦ୍ୟ ବଣ୍ଟାଳି ଘରକୁ ଆସୁଛନ୍ତି। ବିଦେଶୀ ଅତିଥିଙ୍କୁ ଘରେ ବସେଇ ମନମୋହନ ସିଂହଙ୍କ ବଜାରୀକରଣ ପ୍ରଭାବ କହି ଆମ ହାଣ୍ଡିଶାଳ ତାତି କମେଇ ସାରିଲେଣି।

ଧୂପକାଠି, ସାବୁନ, ଜିଲେଟ ଖିଅର ବ୍ଲେଡ, ପାଣ୍ଟିନ, ହେଡ୍ ଆଣ୍ଡ ସୋଲଡର ଶାମ୍ପୁ, ଭିକ୍ସ, ଓରାଲ–ବି ଦାନ୍ତ ମଞ୍ଜନ ତଥା ବ୍ରଶ ଆଦି ଆମେରିକାର ପ୍ରୋକ୍ଟର ଆଣ୍ଡ ଗେମଲ ନାମରେ ଭାରତୀୟ ସାମଗ୍ରୀକୁ ତା' ନିଜ ମାଟିରେ ଚିତପଟାଙ୍ଗ କରିଛି। ଗହମ, ବାର୍ଲି, କ୍ଷୀର ପ୍ରସ୍ତୁତ ୧୮୭୩ରୁ ବ୍ରିଟିଶର ହର୍ଲିକ୍ସକୁ ଆମେ ସ୍ୱାସ୍ଥ୍ୟ ଅନୁକୂଳ ଖାଦ୍ୟ ହିସାବରେ ତାଲିକାଭୁକ୍ତ କରିଛୁ। ଖଦି ଉତ୍ପାଦନରେ ଆମେ ଆଗୁଆ। ଉକ୍ତ ଶିଳ୍ପରେ ସାମିଲ କାରିଗର ଆୟରେ ପଛୁଆ। ଖଦି ବୋର୍ଡ ଜରିଆରେ ବର୍ଷସାରା ରିହାତି ଦେଖେଇ ବିକ୍ରି ବଢ଼େଇବାକୁ ଚାହୁଁଥିବା ସରକାର ଏବେ ଆମ୍ବାସାଡର ନିଯୁକ୍ତ କରି ବେପାର ଆଶାୟୀ। ଉତ୍ପାଦକ କି ବିକ୍ରେତା ଜିଏସ୍‌ଟି ମୁକ୍ତ। ହେଲେ ହଜାରେ ଟଙ୍କାର ବସ୍ତ୍ରଟେ କିଣିଲେ ଗରାଖ ଉପରେ ରାଜ୍ୟ ଜିଏସ୍‌ଟି ୬ ପ୍ରତିଶତ ଆଉ କେନ୍ଦ୍ର ଜିଏସ୍‌ଟି ୬ ପ୍ରତିଶତ। ସରକାର କହିବେ ମୁଁ ପରା ରିହାତି ଦଉଛି, ପାର୍ବଣ ଋତୁରେ ଦଶ ପ୍ରତିଶତ ଅଧିକ। ଦକ୍ଷିଣକୋରିଆ, ଜାପାନ, ଫ୍ରାନ୍ସ, ୟୁରୋପରୁ ଆମଦାନୀ ଉଲ୍ ଖଦି, ସିଲ୍କ ଖଦି, ମୁସଲିନ ଖଦି ଆମ ଦେଶର ବଡ଼ବଡ଼ିଆଙ୍କ ଦେହ ମଣ୍ଡନ କରୁଥିବା ବେଳେ ସାଧାରଣଙ୍କୁ ସପ୍ତାହକୁ ଦୁଇଦିନ ପ୍ରାନ୍ତୀୟ ପ୍ରସ୍ତୁତ ଖଦି ପିନ୍ଧିବା ନିବେଦନ କରିବା କେତେ ଯଥାର୍ଥ? 'ମହତେ ଯାହା ଆଚରିବେ ଜଗତ ସେ ପଥେ ଗମିବେ' ନ୍ୟାୟରେ ଗୁଣୀଜନ ପରା ଆମକୁ ଲକ୍ଷେହୀରା ରୂପଜୀବୀ ପଛରେ ଗମିବା ଶିଖେଇଲେ। କେଏଫ୍‌ସି, କିଟ୍‌କାଟ୍, ନେସକେଫ, ମ୍ୟାଗି, ଡାନନ, ମଣ୍ଡେଲ୍‌ସ ଆଦି ଲକ୍ଷେହୀରାଙ୍କ କୋଠରି ପ୍ରବେଶ କଲାପରେ ଯାହା ନଉଛ ନିଅ ଆମକ ସୁଖ ଦିଅ।

ଉତ୍ସାହିତ ହୋଇ ଗଣତନ୍ତ୍ର ଦିବସରେ ସରକାର କହିଦେଲେ ଯେ ଦେଶର ଚାଷୀ ପାଇଁ ସାର ମହଜୁଦ ଅଛି। ସତକଥା ହେଲା ବିହନ ଆଉ ସାରର ଘୋର ଅଭାବ। କାନାଡ଼ା(ପଟାସ), ମରକ୍କୋ(ଫସ୍‌ଫେଟ), ରୁଷିଆ(ନାଇଟ୍ରୋଜେନ, ପଟାସ), କ୍ୱାତାର (ୟୁରିଆ), ୟୁଏଇ (ନାଇଟ୍ରୋଜେନ) ସାର ଦେଲେ ଦେଶ ଶସ୍ୟଶ୍ୟାମଳା ହବ। ଆମେ ଦେଶରେ ଉତ୍ପାଦନ ନ କରି ଗୋଦାମ ଖୋଲି ବିଦେଶାଗତକୁ ଅନେଇଛୁ। ଉତ୍ପାଦନକ୍ଷମ ତାଳଚେର ଫସ୍‌ଫେଟ କାରଖାନାକୁ ନ ଚଳାଇ ଚାଷୀଙ୍କୁ କହୁଛୁ ସାର ଅଭାବ ନାହିଁ। ଆମ ବିଷ ପ୍ରଭାବୀ ନ ହେବାରୁ କୀଟନାଶକ ଆସିବ ଭିଏଟ୍‌ନାମ, ୟୁଏଇ, ଆମେରିକାରୁ। ଅଷ୍ଟ୍ରେଲିଆ, ଚିଲି, ଆମେରିକା, ଥାଇଲାଣ୍ଡ, ଦକ୍ଷିଣକୋରିଆ, ଚାଇନା, ଜାପାନ, ଜର୍ମାନୀରୁ ହାଇବ୍ରିଡ ବିହନ ଆଣୁଛୁ, ପୁଣି ଆମେରିକା, ଚାଇନା, ଜାପାନ, ଇଟାଲୀରୁ ଟ୍ରାକ୍ଟର ଯନ୍ତ୍ରାଂଶ ଆଣୁଛୁ। ମିଛିମିଛିକା ଅନ୍ନଦାତା କିନ୍ତୁ ବଡ଼ ଲାଭ ଖାଉଥିବା ଚାଷୀ(କାର୍ଗିଲ ଇଙ୍କ୍, ଲୁଇସ ଡ୍ରିଫ୍ରସ ଭଳି ବହୁରାଷ୍ଟ୍ରୀୟ କମ୍ପାନୀ), ତା' ଥଇଥାନ ଆକାଉଣ୍ଟକୁ ଶହ ଶହ କୋଟି ଟଙ୍କା ଆଉ ମାଗଣା ଜମି ଦିଆଯାଉଛି। ତେବେ ସେ ଚରୁଥିବା ଯାଏ 'ଜୟ ସରକାର' ବୋଲି କହୁଥିବ।

ଓଡ଼ିଶାରୁ ବେଲ, ପଣସ ଆଉ ତାଳସଜ ଦୁବାଇ ମାର୍କେଟରେ ଡେଉଁଛି। ଭୁବନେଶ୍ୱର ମାର୍କେଟରେ ତାଳସଜ ଖୋସା ଗୋଟାକ ଦଶଟଙ୍କା। ଆମ ଦେଶୀ ବାଡ଼ି ଫଳକୁ ବିଦେଶକୁ ବାଟ କଢ଼େଇ ସରକାର ଭଲ ଦୁଇ ପଇସା ପାଇଲେ। ରପ୍ତାନି କଲାବାଲା ପାଣ୍ଟି ପାଇ ସେଟ୍ ହେଲା, ହେଲେ ଯାହା ବାଡ଼ିର ତାଳସଜ ସେ ସେଟ୍ ହୋଇପାରିଲା କି? ବିଶ୍ୱର ବୃହତ୍ତମ ମଣ୍ଡି ଭାରତ ହବାରେ ମଧ୍ୟମ ମାନର ଖାଇ ହେଲାଭଳି ଚାଉଳ କିଲୋ ପ୍ରତି ଷାଠିଏ ଟଙ୍କା, ଡାଲି କିଲୋ ପ୍ରତି ଦେଢ଼ ଶହ। କଫି ବୋର୍ଡ ଅଫ୍ ଇଣ୍ଡିଆଙ୍କ କହିବାନୁସାରେ ବର୍ଷ ୨୦୨୨ରୁ ଶହେ ଅଠରଟି ଦେଶକୁ କଫି ରପ୍ତାନି ଅନୁମତି ପ୍ରାପ୍ତ ହୋଇଛି। ଭଲ ଖବର ହେଲା ଓଡ଼ିଶାର କୋରାପୁଟ ଜିଲାରେ ଏବେ ଉଚ୍ଚ ମାନର କଫି ଉତ୍ପାଦନ ହୋଇ ମଧ୍ୟପ୍ରାଚ୍ୟ ଓ ୟୁରୋପୀୟ ବଜାରରେ ବିଦେଶୀଙ୍କ ରସନା ତୃପ୍ତି କରାଉଛି।



ଦେଶୀ ଲୋକଙ୍କ ପାଟି ଗନ୍ଧିଆ। ଉତ୍ପାଦନ ବଢ଼ିଲେ ଯେ ଲୋକେ ଟିକେ ଶସ୍ତାରେ ପାଟି ସୁଆଦ କରିବେ ଏ କଥା ଆମ ଦେଶରେ ମିଛ। ସରକାରଙ୍କଠାରୁ ୫୦୦ ଏକର ଜାଗା ଲିଜ ନେଇ କଫି ଚାଷ କରିବାକୁ ଯିଏ ଆଗ୍ରହ ଦେଖେଇବ ସେ ସେହିଭଳି ନନ୍ଦସୂତ କହ୍ନେଇଟିଏ ହୋଇ ଜନ୍ମ ହୋଇଥିବ।

କଶ୍ମୀର, ହିମାଚଳ ସେଓ ବିଦେଶ ମାଟିରେ ଆଣ୍ଡା ଜମେଇଲା ବେଳେ କଷି, ପାଣିଚିଆ, ବରଫ ବାଡିଆ ଆମ ବଜାରରେ ଲହଡି ଖାଉଛନ୍ତି। ଉତ୍ପାଦନ ବଳିବା ଆଖିକୁ ଦିଶୁଛି। ଆଉ ଦର ମଧ୍ୟ ସେହି ଅନୁପାତରେ ବଢ଼ିଛି। ଅର୍ଥନୀତିର ପରିଭାଷାରେ, ମୁଦ୍ରାସ୍ଫୀତି ଜାଗାରେ ଅପସ୍ଫୀତି ଅଧିକ କ୍ରିୟାଶୀଳ। କିଛି ଲୋକଙ୍କ କିଣାକିଣି ମନୋରଞ୍ଜନରେ ଆଉ ଥୋକେ ଦେଖିକି ଖୁସି। କୋରାପୁଟର କଫି, ନୟାଗଡ଼ର ମାଣ୍ଡିଆ ଆଉ କନ୍ଧମାଳ ହଳଦୀ ଚାଷରୁ ମାତ୍ର ଜଣେ ଭାଗ୍ୟବାନ ଚାଷୀ ଅନେକଙ୍କ ପାଇଁ ଉଦାହରଣ, ବାକି ସରକାରଙ୍କ ଉତ୍ସାହ ଦୁଇଗୁଣ। ଆଜି ଆମେରିକା ଆମ ଦ୍ରବ୍ୟକୁ ଟ୍ୟାକ୍ସ ଆଳରେ ନା କହିବାରେ ସରକାର ନୂଆ ଜାଗା ଖୋଜିଲେଣି। କମ୍ ମିଳୁପଛେ ବାହାରେ ଦେଲେ ବୈଦେଶିକ ମୁଦ୍ରା ବଢ଼ିବ, ଦେଶରେ ସାମାନ୍ୟ ଶସ୍ତାରେ ଦେଲେ ଲୋକଙ୍କ ପାଟିରେ ଲାଗିଯିବ। ଅର୍ଥନୀତିର ବିକଳ ଚିତ୍ର ଏଭଳି ଯେ ଅସମାନତା ରହିଲେ ଯାଇ ସରକାରଙ୍କ କବାଟ ବାଡ଼େଇ କିଛି ଲୋକ ହାତ ପାତିବେ ଆଉ ସରକାର ଦାତା ହେବେ। ଗୋଦରେଜ ଆଗ୍ରୋଭେଟ ପାମ ତେଲ, ପଶୁ ଖାଦ୍ୟ ଓ ଖାଦ୍ୟ ସୁରକ୍ଷା ନାମରେ ହଜାର ହଜାର ହେକ୍ଟର ବିଲ ମାଗଣା କବଜା କରି ଶୂନ୍ୟ ଟ୍ୟାକ୍ସର ସୁବିଧାରେ ଅୟସ କରୁଛି। ପୁଞ୍ଜିପତି କୃଷକ ହେଲେ ସେ କ'ଣ 'ଜୟ କିଷାନ' ତୁଣ୍ଡରେ ଧରିବ?

ଲୁଚାଛପା ଅର୍ଥନୀତିର ଖେଳ ଭିତରେ ଆମେ ଟ୍ରିଲିଅନ ଅର୍ଥ ବ୍ୟବସ୍ଥାରେ ବିଶ୍ୱ ବୀର କହି ଆପଣା ଲୋକ ବିରୋଧରେ ଲଢ଼ି ଲହୁ ଲୁହାଣ। ତୁମ ବାଡ଼ିର ଆମ୍ବ ଆଉ ମୋ ବାଡ଼ିର ଆମ୍ବଡା ବିନିମୟରୁ ଖାଲି ସାମାଜିକ ସଦ୍ଭାବନା ବଢ଼େନି ପେଟବି ପୂରେ। ଅନ୍ୟଥା ମାନ୍ଦାବସ୍ଥାରୁ 'ଟ୍ରେଡ୍ ଡେଫିସିଟି' ବା ଅଭାବୀ ବାଣିଜ୍ୟର ଅସମାନତା ବଢ଼େ। ସେହି ଅଭାବୀ ବାଣିଜ୍ୟକୁ ଆଳକରି ଆମେରିକାର ଟାରିଫ ଛାଟ କୋଏମ୍ବାଟୁର, ତିରୁପୁରର କପଡା ସାହୁକାରଙ୍କ ପିଠା ଲାଲ କରିଲାଣି। ଦେଶୀ ଲୋକଙ୍କ ପାଇଁ ସିନ୍ଥେଟିକ ଆଉ ହାତବୁଣା କପଡ଼ା ଉପରେ ଅଠର ପ୍ରତିଶତ ଜିଏସ୍‌ଟି ଲଗେଇ ବିଦେଶକୁ ସୁଲଭ ଯୋଗାଣ, ଆଜି ଗୋଟେ ମାନ୍ଦାବସ୍ଥାରୁ ଆମେ କ'ଣ ଶିଖିଲେ? ବୈଦେଶିକ ମୁଦ୍ରା ଅର୍ଜନ ପାଇଁ ମଧ୍ୟ ଦେଶୀ ଅର୍ଥ ବ୍ୟବସ୍ଥାରେ ସ୍ଥିରତା ଆଣିବା ଜରୁରୀ, ଉତ୍ପାଦନ ମନସ୍କ ହେବା ମୌଳିକ ଦାୟିତ୍ୱ। ବିଲ ମୁଣ୍ଡକୁ ଯାଇ ମାଟି ଚୋଟେ ହାଣି ନ ଥିବା ଲୋକ ଯଦି ମାଗଣା ପାଇ କୁଢ଼ିଆ ହେଲା ତେବେ ସେ କାହିଁକି 'ସରକାର କୀ ଜୟ' ନ କହି କ୍ଷେତର ଜୟଗାନ କରିବ!

ଡାକବଙ୍ଗଳା ଛକ, ଭୁବନେଶ୍ୱର
ମୋ: ୮୨୪୯୮୨୭୧୪୮

# ସୁଯୋଗ ଓ ସର୍ବନିମ୍ନତାର ସଙ୍ଗମ




**ଡ. ସନ୍ତୋଷ କୁମାର ବିଶ୍ୱାଳ**

ସୁଜଳ– ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମିଶନ (ନଗର ଜଳ ଯୋଗାଣ) ଓଡ଼ିଶାରେ ପୁରୀ ପରି ସହରଗୁଡ଼ିକୁ ଲକ୍ଷ୍ୟ କରି ଶତ ପ୍ରତିଶତ ଟ୍ୟାପ୍ ଜଳ ଯୋଗାଣକୁ ନିଶ୍ଚିତ କରିବାକୁ ପ୍ରୟାସରତ। ପୁରୀ ଦେଶର ପ୍ରଥମ ସହର, ଯେଉଁଠାରେ ଏହାକୁ ସାଧିତ କରାଯାଇଛି, ଯାହା ଲୋକଙ୍କ ସ୍ୱାସ୍ଥ୍ୟର ସୁଧାର ଏବଂ ପ୍ଲାଷ୍ଟିକ ବ୍ୟବହାର କମାଇବାରେ ସାହାଯ୍ୟ କରୁଛି। ଓଡ଼ିଶା ମିଲେଟ ମିଶନ ଉତ୍ତମ ପୋଷଣ, ଜଳବାୟୁ ସହିଷ୍ଣୁ କୃଷି ପ୍ରଣାଳୀ ଓ ଆଦିବାସୀ ଚାଷୀଙ୍କ ଆୟ ବୃଦ୍ଧିରେ ସାହାଯ୍ୟ କରୁଛି। ବିପଦ ପ୍ରସ୍ତୁତିରେ ଓଡ଼ିଶା ପୂର୍ବ ସତର୍କତାମୂଳକ ସ୍ଥାନାନ୍ତରଣ ଏବଂ ସମୁଦାୟ ନେତୃତ୍ୱଭିତ୍ତିକ ଉଦ୍ଧାରଣ ପ୍ରଣାଳୀ ମାଧ୍ୟମରେ ହଜାର ହଜାର ପ୍ରାଣ ରକ୍ଷା କରି ୟୁ.ଏନ୍. ଦ୍ୱାରା ଅଭିନନ୍ଦିତ ବିଶ୍ୱସ୍ତରୀୟ ବିପଦ ପ୍ରବନ୍ଧନର ଆଦର୍ଶ ହୋଇଛି।

ଓଡ଼ିଶା ଭଳି ଅନ୍ୟ ରାଜ୍ୟରେ ମଧ୍ୟ ଏହିପରି କିଛି ଉଦାହରଣ ମିଳେ। ତାମିଲନାଡୁର ଔରୋଭିଲ୍ଲେ ସ୍ଥାପିତ ଇକୋ ଫେମ ସଂସ୍ଥା ଜୈବିକ ବସ୍ତ୍ର, ମାସିକ ନାପ୍‌କିନ ଉତ୍ପାଦନ କରୁଛି, ଯାହା ପରିବେଶ ସହଯୋଗୀ, ଶସ୍ତା ଓ ଦୀର୍ଘକାଳୀନ। ଆନ୍ଧ୍ରପ୍ରଦେଶର ଆଦିବାସୀ ଚାଷୀମାନଙ୍କ ଉଦ୍ୟମରୁ ଆରମ୍ଭ ହୋଇଥିବା ଏକ ଜୈବିକ କଫି ବ୍ରାଣ୍ଡ 'ଆରକୁ କଫି', ଯେଉଁଥିରେ ସେମାନେ ଜୈବିକ କଫି ଚାଷ କରି ମଧ୍ୟସ୍ଥଙ୍କର ଶୋଷଣରୁ ମୁକ୍ତି ପାଇଛନ୍ତି। ରାଜସ୍ଥାନର ତିଲୋନିଆ ଅଞ୍ଚଳର ବେୟାରଫୁଟ କଲେଜ, ଗ୍ରାମୀଣ ମହିଳା ଏବଂ ଅନେକ ଅର୍ଦ୍ଧଶିକ୍ଷିତଙ୍କୁ ମଧ୍ୟ ସୌର ଇଞ୍ଜିନିୟର୍, ସ୍ୱାସ୍ଥ୍ୟକର୍ମୀ ବା ଶିଳ୍ପୀ ଭାବରେ ପ୍ରଶିକ୍ଷଣ ଦେଉଛି। ଏହି ଉଦ୍ୟମଗୁଡ଼ିକ ବିପଦ ସମୟରେ ସର୍ବନିମ୍ନ ଚେତନା ଅନୁସରଣ କରି ସ୍ୱଳ୍ପ ସାଧନରେ ତ୍ୱରିତ, କ୍ଷମତାଶୀଳ ଓ ଖର୍ଚ୍ଚକ୍ଷମ ଉତ୍ପାଦନ ମାଧ୍ୟମରେ ଅପୂର୍ବ ପ୍ରତିଯୋଗିତାତ୍ମକ ସୁଯୋଗ ସୃଷ୍ଟି କରିଛି।

ଜଣେ ସର୍ବନିମ୍ନବାଦୀ ହେବାର ଅନ୍ୱେଷଣ ଏବେ ଏକ କଳ୍ପନା ନୁହେଁ। ଆଜିର ଓଡ଼ିଶା ଓ ଭାରତରେ ଯେଉଁଠାରେ ଲୋକ ମାନସିକତା ଉପଭୋକ୍ତାବାଦ, ଡିଜିଟାଲ ପରିପୂର୍ଣ୍ଣତା ଓ ନିରନ୍ତର ଅନୁସନ୍ଧାନ ଦ୍ୱାରା ପରିଚାଳିତ, ସେଠି ସର୍ବନିମ୍ନବାଦ ଏକ ବ୍ୟାବହାରିକ ବିକଳ୍ପ । ସର୍ବନିମ୍ନବାଦତାକୁ ଅଭାବ, କଠୋରତା କିମ୍ବା ପ୍ରତ୍ୟାଖ୍ୟାନ ଭାବରେ ଭୁଲ୍ ଭାବେ ବ୍ୟାଖ୍ୟା କରାଯାଇଛି। ତଥାପି ଆମେ ଭାରତୀୟ ପରିପ୍ରେକ୍ଷିତରେ ଏହା କେବଳ ପଶ୍ଚିମ ଦେଶରୁ ଆସିଥିବା ଜୀବନଶୈଳୀ ନୁହେଁ, ଏହା ଧନୀମାନଙ୍କ ଏକ ବିଶେଷାଧିକାର ନୁହେଁ। ଏହା ବିପଦ ମାଧ୍ୟମରେ ଉଦ୍ଭବିତ, ଧୈର୍ଯ୍ୟ ମାଧ୍ୟମରେ ବିକଶିତ ଏବଂ ଲାଭ ଭାବେ ପରିଣତ ଏକ ସାମ୍ୟଳିକ ପରମ୍ପରା।

ଓଡ଼ିଶାରେ ସର୍ବନିମ୍ନତାକୁ କେବେ ବି ଶୂନ୍ୟତା ବିଷୟରେ ନଥିଲା, ଏହା ସଦା ଜୀବନର ଏକ ପ୍ରଣାଳୀ ରହିଛି। ପିଢ଼ି ପିଢ଼ି ଧରି ଭାରତୀୟ ପରିବାରଗୁଡ଼ିକ ନିଜ ସାଧନ ସମ୍ପତ୍ତିରେ ସୀମିତ ରହି ବଞ୍ଚିଛନ୍ତି। ଅଭାବରେ ଲୋକମାନେ ସାଧନକୁ ସମ୍ପ୍ରସାରିତ କରିବାକୁ ଏବଂ ସୃଜନଶୀଳ ଉପାୟ ମାଧ୍ୟମରେ ପ୍ରତିଷ୍ଠା କରିଥିଲେ। ପ୍ରତିକୂଳତା, ସୁବିଧା ଓ ସର୍ବନିମ୍ନତାର (ମିନିମାଲିଜିମ) ସଂଧିସ୍ଥଳକୁ ଖୋଜିବା ନୂଆ ଦୃଷ୍ଟିକୋଣ ଦେଇଥାଏ। ବିପଦ କେବଳ ଏକ ପରିସ୍ଥିତି ନୁହେଁ, ଏହା ଏକ ଶିକ୍ଷକ। ବିପଦ ଜୀବନକୁ ଆବଶ୍ୟକତାମୂଳକ ମୂଳଭିତ୍ତିରେ ବଂଚିବାକୁ ଶିଖାଏ। ପ୍ରତିକୂଳ ପରିସ୍ଥିତିରେ ଘଟୁଥିବା ସର୍ବନିମ୍ନବାଦର ଉଦ୍ଭବ କେବଳ ବଞ୍ଚିତ ହେବା ବିଷୟରେ ନୁହେଁ, ବରଂ ଏହା ସ୍ପଷ୍ଟତା ଆଣିଥାଏ। ଯେତେବେଳେ ଲୋକମାନେ ନିଜକୁ ପ୍ରାଥମିକତାରେ ସୀମିତ କରନ୍ତି, ସେମାନେ କେବଳ ବଞ୍ଚନ୍ତିନାହିଁ ବରଂ ସମୃଦ୍ଧ ହେଉଛନ୍ତି, ତାହା ହେଉଛି ନୂତନ ଗ୍ରହଣ।



ଉପନିଷଦରେ ପ୍ରାଚୀନ ଗ୍ରନ୍ଥରୁ ଆରମ୍ଭ କରି ଗାନ୍ଧୀବାଦୀ ଚିନ୍ତାଧାରା ପର୍ଯ୍ୟନ୍ତ ଓଡ଼ିଶା ସମେତ ଭାରତର ଦାର୍ଶନିକ ପରମ୍ପରା ସହିତ ମଧ୍ୟ ସର୍ବନିମ୍ନବାଦର ଦୃଢ଼ ସମ୍ପର୍କ ରହିଛି। ବାସ୍ତବରେ ସହରୀୟ ମଧ୍ୟବର୍ଗୀୟ ଭାରତୀୟମାନେ ବର୍ତ୍ତମାନ ଏକ ଭିନ୍ନ ଦୃଷ୍ଟିକୋଣରୁ ସର୍ବନିମ୍ନବାଦର ଲାଭକୁ ସ୍ୱୀକାର କରୁଛନ୍ତି। ଏଠାରେ ପ୍ରତିକୂଳ ପରିସ୍ଥିତି ଆର୍ଥିକ ସଙ୍କଟ ନୁହେଁ ବରଂ ସମୟର ଅଭାବ କିମ୍ବା ଚାପ କିମ୍ବା ଡିଜିଟାଲ ଓଭରଲୋଡ। ସହରୀୟ ପ୍ରସଙ୍ଗରେ ସର୍ବନିମ୍ନବାଦ ଅର୍ଥ ଅଧିକ ପୋଶାକୁ ମୁକ୍ତି, ସ୍କ୍ରିନ ସମୟ କମାଇବା ଏବଂ ଉପରେ ମାନସିକ ସୁସ୍ଥତାକୁ ଉନ୍ନତ କରିବା।

ଏହା ବର୍ତ୍ତମାନ ପ୍ରତିକୂଳ ପରିସ୍ଥିତି ପାଇଁ ଏକ ଅନୁକୂଳତା। ତଥାପି ଏହା ଏକ ଭିନ୍ନ ପ୍ରକାରର। ଅଧିକନ୍ତୁ, ଅତି ଉପଭୋକ୍ତା ଯୁଗରେ ଏକ ସର୍ବନିମ୍ନବାଦୀ ହେବାର ଲାଭ ହେଉଛି ଉନ୍ନତ ଯାନ, ସୁସ୍ଥ ସମ୍ପର୍କ ଏବଂ ପୁନଃ ସଂଯୋଜିତ ସଂସ୍ଥା। ଓଡ଼ିଶାର ଦାର୍ଶନିକ ପରମ୍ପରା ସହିତ ମଧ୍ୟ ସର୍ବନିମ୍ନବାଦର ଦୃଢ଼ ସମ୍ପର୍କ ରହିଛି। ଉପନିଷଦରେ ପ୍ରାଚୀନ ସନ୍ଦର୍ଭ ଠାରୁ ଆରମ୍ଭ କରି ଗାନ୍ଧୀଙ୍କ ଦ୍ୱାରା ଧାରଣ କରାଯାଇଥିବା ଆଦର୍ଶ ପର୍ଯ୍ୟନ୍ତ ସରଳତା, ସଂଯମ ଏବଂ ଅଧ୍ୟୟନରତ ଉପଭୋଗର ମୂଳ ନୀତିଗୁଡ଼ିକ ପ୍ରମୁଖତା ବାଣ୍ଟିଥିଲା। ଅବଶ୍ୟ ଭାରତର ସହରାଞ୍ଚଳ ମଧ୍ୟମବର୍ଗ ବର୍ତ୍ତମାନ ଏକ ବିକଳ୍ପ ଦୃଷ୍ଟିକୋଣରୁ ସର୍ବନିମ୍ନବାଦର ଲାଭକୁ ସ୍ୱୀକାର କରୁଛନ୍ତି। ଏଠାରେ ପ୍ରତିକୂଳ ପରିସ୍ଥିତି ଆର୍ଥିକ ଅସୁବିଧା ନୁହେଁ ବରଂ ସମୟର ଅଭାବ କିମ୍ବା ଚାପ କିମ୍ବା ଡିଜିଟାଲ ଓଭରଲୋଡସ୍। ଭାରତୀୟ ମହାନଗର ଏବଂ ସର୍ବନିମ୍ନତାର ଏବେ ପୋଷାକ ସଫା କରିବା, ସ୍କ୍ରିନ ସମୟ କମ କରିବା ଏବଂ ଭୌତିକ ପ୍ରଦର୍ଶନୀ ଅପେକ୍ଷା ମାନସିକ ସୁସ୍ଥତାକୁ ପ୍ରାଥମିକତା ଦେବା।

ପରିବେଶ ସଙ୍କଟ ମଧ୍ୟ ଏକ ଉଦାହରଣ ପ୍ରଦାନ କରେ ଯେ, କିପରି ଏକ ମିତବ୍ୟୟିତା ଭିତ୍ତିକ ସର୍ବନିମ୍ନବାଦ ଭାରତକୁ ଏକ ସମ୍ପତ୍ତି ଭାବରେ ଅବସ୍ଥାପିତ କରେ। ଏହା ଆମକୁ ସେମାନଙ୍କର ଉପଭୋଗ ଅଭ୍ୟାସ ଉପରେ ପୁନଃ ବିଚାର କରିବାକୁ ପ୍ରେରିତ କରେ। ପରିଶେଷରେ ସର୍ବନିମ୍ନବାଦ, ପ୍ରତିକୂଳତା ଏବଂ ଏକ ସୁବିଧା ଓଡ଼ିଶାର ବର୍ଣ୍ଣନା ଚାରିପାଖରେ ଏକତ୍ର ହୁଏ। ଓଡ଼ିଶା ପାଇଁ ପରିସ୍ଥିତି ହେଉଛି ଏକ ଐତିହାସିକ ବାସ୍ତବତା, ତାହା ଉପନିବେଶବାଦର ଉତ୍ତୋଳନ, କ୍ରମାଗତ ଦାରିଦ୍ର୍ୟ କିମ୍ବା ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବା ମାଧ୍ୟମରେ ହେଉ। ସର୍ବନିମ୍ନବାଦ ହେଉଛି ସାଂସ୍କୃତିକ, ସମ୍ପ୍ରଦାୟ ଏବଂ ପାରିବାରିକ ସ୍ତରରେ ସର୍ବନିମ୍ନତାର ହେଉଛି ଅନୁକୂଳନର ଏକ ପ୍ରକାର।

ଓଡ଼ିଶା ପାଇଁ ଏବଂ ସମଗ୍ର ଭାରତ ଲାଗି ଏବେ ପ୍ରଶ୍ନ ହେଉଛି ଯେ ଜଳବାୟୁ ପରିବର୍ତ୍ତନ, ଡିଜିଟାଲ ବିଭ୍ରାନ୍ତି ଏବଂ ଅସମାନତା ଭଳି ସମସାମୟିକ ପ୍ରତିକୂଳ ପରିସ୍ଥିତିରେ ଏହା ଏହି ମିନି ମାଲିଜିମର ଐତିହ୍ୟକୁ ଉପଯୋଗ କରିପାରିବ କି? ଯଦି ସର୍ବନିମ୍ନବାଦକୁ ଗରିବଙ୍କ ଦାରିଦ୍ର୍ୟ ଆବଶ୍ୟକତା କିମ୍ବା ଏକ ଧନୀ ସୁବିଧାରେ ପରିଣତ କରାଯାଏ, ତେବେ ଏହା ନଷ୍ଟ ହୋଇଯିବ। ଯଦି ଏହାକୁ ଏକ ସାମୂହିକ ନୀତିରେ ରୂପାନ୍ତରିତ କରାଯାଇପାରିବ, ତେବେ ଏହା ଭାରତର ଅଭିବୃଦ୍ଧିକୁ ସମାନତା ସହିତ ପ୍ରଯୁକ୍ତିବିଦ୍ୟା, ମାନବତା ଏବଂ ବ୍ୟବହାରକୁ ସ୍ଥାୟିତ୍ୱ ସହିତ ଉପଭୋଗ କରିବାର ଭାରତର କ୍ଷମତାକୁ ମୁକ୍ତ କରିବା ପାଇଁ ଏହା ଏକ ପ୍ରକୃତ ଲାଭ ହୋଇପାରେ।

ସହଯୋଗୀ ପ୍ରାଧ୍ୟାପକ,
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ମୋ: ୮୩୩୧୮୧୪୫୮୨

## ଏଇ ଭାରତରେ

ମ୍ୟାନଗ୍ରୋଭ(ହେନ୍ତାଳବଣ)ର ସୁରକ୍ଷାରେ ଉପକୂଳର ରକ୍ଷା ହେବା ସହ ଜୈବ ବିବଧତାର ସଂରକ୍ଷଣ ହୋଇଥାଏ। ଏହି ସିଦ୍ଧାନ୍ତକୁ ଭଲ ଭାବେ ବୁଝିଛନ୍ତି କେରଳ କନ୍ନୁର ଜିଲାର ୫୮ ବର୍ଷୀୟ କଣ୍ଡଲ ରଞ୍ଜନ। ସେ ମାଛ ଧରି ପରିବାର ପ୍ରତିପୋଷଣ କରନ୍ତି। ଏହାରି ଭିତରୁ ସମୟ ବାହାର କରି ସେ ଗଛ ଲଗାଇ ଜୈବ ବିବିଧତାର ସୁରକ୍ଷା କରୁଛନ୍ତି। କଣ୍ଡଲ ହେଉଛି ମାଲାୟାଲମ ଶବ୍ଦ। ଏହାର ଅର୍ଥ ହେଉଛି ମ୍ୟାନ୍‌ଗ୍ରୋଭ। ତାଙ୍କ ନାମର ଯଥାର୍ଥତା ଦର୍ଶାଇଛନ୍ତି। ପାଖାୟାଣ୍ଡି ନଦୀ ତଟରେ ମ୍ୟାନଗ୍ରୋଭର ସୁରକ୍ଷାରେ ଲାଗିବା ସହ ମ୍ୟାନ୍‌ଗ୍ରୋଭ ଗଛ ଲଗାଉଛନ୍ତି। କେବଳ ଏତିକି ନୁହେଁ, ସେ ତାଙ୍କ ଘରେ ଏକ ନର୍ସରି କରିଛନ୍ତି, ଯେଉଁଠି ବିଭିନ୍ନ କିସମର ୨୫ ହଜାର ଚାରାଗଛ ଅଛି। ଏବେ ସୁଦ୍ଧା ସେ ଦେଢ଼ ଲକ୍ଷ ଗଛ ଲଗାଇ ସାରିଲେଣି। ଧାନଚାଷ କରିବା ପାଇଁ ସ୍ଥାନୀୟ ଲୋକମାନେ ମ୍ୟାନଗ୍ରୋଭକୁ ବେଶି ନଷ୍ଟ କରୁଥିବାରୁ ତାହାକୁ ବନ୍ଦ କରିବା ପାଇଁ ସେ ଗଛ ଲଗାଇବା ଆରମ୍ଭ କରିଥିଲେ। ଏବେ ସେ ଏହି କାର୍ଯ୍ୟରେ ଅନେକଙ୍କୁ ନିଯୁକ୍ତ କରିବା ସହ ଚାରା ଗଛ ମଧ୍ୟ ବଣ୍ଟନ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୩୧ ଅଗଷ୍ଟ ୧୯୭୬

- ଦେଶର ଇତିହାସରେ ପ୍ରଥମକରି କେନ୍ଦ୍ର ସରକାର ୧୭ ନିୟୁତ ଟନ୍‌ର ବଳକା ଖାଦ୍ୟଶସ୍ୟ ମହଜୁଦ କରି ରଖିପାରିଛନ୍ତି।
- ଆନ୍ତର୍ଜାତିକ ଉନ୍ନୟନ ସଂସ୍ଥା ସାହାଯ୍ୟରେ ରାଜ୍ୟରେ ଗ୍ରୀଡ୍ ସବ୍‌ଷ୍ଟେସନମାନ ସ୍ଥାପନ କରି ଶକ୍ତି ସଞ୍ଚାଳନ ଲାଇନ ପ୍ରତିଷ୍ଠା କରିବାକୁ ୪୦ କୋଟି ଟଙ୍କା ବ୍ୟୟରେ ରାଜ୍ୟ ବିଦ୍ୟୁତ୍ ବୋର୍ଡ ପକ୍ଷରୁ ଏକ ନୂତନ ଯୋଜନା କାର୍ଯ୍ୟକାରୀ।
- ରାଜ୍ୟର ହାଇସ୍କୁଲଗୁଡ଼ିକରେ ୧୪୦ଟି ପାଠ୍ୟପୁସ୍ତକ ବ୍ୟାଙ୍କ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧ ଲକ୍ଷ ୬୮ ହଜାର ଟଙ୍କା ମଞ୍ଜୁର।

## ଚିରନ୍ତନୀ

ସେ ଫୁଲ ଫୁଟଇ କେଉଁ ଦେଶେ ହେ
ଆକୁଳ ଭୁବନ ତା'ର ବେଶେ ଯେ
ସେ କେଉଁ ପ୍ରେୟସୀ ମୋତେ ଲୋଡ଼ଇ
ମିଳନ–ବାସନାରାଶି ବଢ଼ଇ
ଭୁବନେ ଭୁବନେ ହସ ଛାଡ଼ଇ
ଭୁବନେ ଭୁବନେ ଗୀତ ଲେଖେ ହେ!
–(ଫଗୁଣ ଜ୍ୟୋତ୍ସ୍ନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ସ୍ୱତନ୍ତ୍ର ପରିଚୟ ଦେବାର ସମୟ

ମହାଶୟ,
ଭାରତର ୧୪୦ କୋଟି ଜନତାଙ୍କ ଭରଣପୋଷଣରେ ଆମେରିକା ଉପରେ କେହି ନିର୍ଭରଶୀଳ ନୁହନ୍ତି। ଭାରତର ପ୍ରଗତିପଥରେ ଆମେରିକାର ଶୁଳ୍କ ପ୍ରତିବନ୍ଧକ ନୁହେଁ ବୋଲି ଦେଖାଇବାକୁ ହେବ। ଆମ୍ଭମାନଙ୍କୁ ବିଶେଷତଃ କୃଷି ଓ ଖଣିଜ ସମ୍ପଦକୁ ବିନିଯୋଗ କରି ଶିଳ୍ପ ପ୍ରତିଷ୍ଠାନକୁ ଯଥାସମ୍ଭବ ସମୃଦ୍ଧ କରାଇବା ନିମନ୍ତେ ଆନ୍ତରିକତା ସହ ପ୍ରୟାସ କରାଯାଉ। ସାମରିକ ଦୃଷ୍ଟିକୋଣରୁ ପ୍ରତିରକ୍ଷା ବିଭାଗ ଉନ୍ନତମାନର ଆଧୁନିକ ଅସ୍ତ୍ରଶସ୍ତ୍ର ନିର୍ମାଣ କରାଇବା ଦିଗରେ ଚେଷ୍ଟା କଲେ ବିଦେଶୀ ଶତ୍ରୁମାନେ ଭାରତ ଉପରେ କଦାପି ଲୋଲୁପଦୃଷ୍ଟି ପକାଇବାକୁ ସାହସ କରିପାରିବେ ନାହିଁ। ସଂକ୍ଷେପରେ କହିବାକୁ ହେଲେ, ଆମେରିକା ଲଗାଇଥିବା ଅତ୍ୟଧିକ ତାରିଫ ବା ଶୁଳ୍କ ପ୍ରକୃତପକ୍ଷରେ ଭାରତକୁ ଆତ୍ମନିର୍ଭରଶୀଳ କରାଇବାକୁ ବାଟ ଦେଖାଇଛି ବୋଲି ଅସ୍ୱୀକାର କରିହେବ ନାହିଁ।

**– ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜଳ ଯୋଗାଣ ଯୋଜନାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ

**ଜିଲା ଜଳ ଓ ପରିମଳ ମିଶନ ସମନ୍ୱୟ କମିଟି ବୈଠକ**

ବାରିପଦା,୩୦ା୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)


ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ପୂର୍ବାହ୍ନ ୧୧ଟାରେ ଜିଲା ଜଳ ଓ ପରିମଳ ମିଶନ ସମନ୍ୱୟ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ମେଗା, ଏକକ ଓ ବହୁ ଗ୍ରାମ ଜଳ ଯୋଗାଣ ଯୋଜନାର ସୁଗମ କାର୍ଯ୍ୟକାରିତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ପରିବାର, ଜନସମାଗମ ହେଉଥିବା ସାଧାରଣ ସ୍ଥାନ ତଥା ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ପାଇପ୍ ଯୋଗେ ସ୍ୱଚ୍ଛ ଓ ଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ନେଇ ତୃଣମୂଳ ସ୍ତରରେ କ'ଣ ପଦକ୍ଷେପ ନିଆଯାଇଛି, ସେ ବିଷୟରେ ଜିଲାପାଳ ସମୀକ୍ଷା କରିଥିଲେ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ କିଭଳି ସ୍ୱଚ୍ଛ ପାନୀୟଜଳ ପାଇପ୍ ଯୋଗେ ଉପଲବ୍ଧ ହେବା ସହ ବିଦ୍ୟାଳୟ ହଷ୍ଟେଲଗୁଡ଼ିକରେ ଏହି ସୁବିଧା ଯୋଗାଇ ଦେବାକୁ ବିହିତ ପଦକ୍ଷେପ ନେବାକୁ ଜିଲା ଜଳ ଯୋଗାଣ ଉପ-ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଜିଲା ଶିକ୍ଷା ଅଧିକାରୀଙ୍କ ସହଯୋଗରେ କାର୍ଯ୍ୟକାରୀ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସରକାରଙ୍କ ଯୋଜନା ଅନୁସାରେ ପ୍ରତ୍ୟେକ ଘର ସହ ସମସ୍ତ ସ୍ଥାନକୁ ପର୍ଯ୍ୟାପ୍ତ ପରିମାଣରେ ଜଳ ଯୋଗାଣ କିଭଳି ହୋଇପାରିବ ସେ ବିଷୟରେ ଧ୍ୟାନ ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପିଭିଟିଜି ବାସ କରୁଥିବା ସମସ୍ତ ଅଞ୍ଚଳକୁ ଜଳ ଯୋଗାଣ ବ୍ୟବସ୍ଥା ସୁଚାରୁରୂପେ ସମ୍ପାଦନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

କାର୍ଯ୍ୟ କରୁଥିବା ବିଭିନ୍ନ ଠିକାସଂସ୍ଥାକୁ ଅଧିକ ମ୍ୟାନପାୱାର ନିୟୋଜିତ କରି ତ୍ୱରାନ୍ୱିତ ପ୍ରକ୍ରିୟାରେ ଠିକ୍ ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା, କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜିଓଟ୍ୟାଗ୍ ଫଟୋ ମାଧ୍ୟମରେ ଅବଗତ କରାଇବାକୁ ଜିଲାପାଳ କହିଥିଲେ। ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ରାଇରଙ୍ଗପୁର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀକାନ୍ତ ରାଉତ, ସମସ୍ତ ବ୍ଲକର ଲାଇନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନା କରିଥିଲେ। ଜିଲାରେ ମେଗା ପାଇପ୍ ଜଳ ଯୋଗାଣକୁ କିପରି ତ୍ୱରାନ୍ୱିତ କରିବାକୁ ହେବ, ସମସ୍ତ ଜଳ ଯୋଗାଣ ସ୍ଥାନରେ ଭୂମି ସୀମାଙ୍କନ ଆଦି କାର୍ଯ୍ୟ କିପରି ଠିକ୍ ଭାବେ କାର୍ଯ୍ୟକାରୀ ହେବ ସେ ବିଷୟରେ ଆଲୋଚନା କରିଥିଲେ। ବିଦ୍ୟୁତ୍, ଜଙ୍ଗଲ, ପୂର୍ତ୍ତ, ଶିକ୍ଷା, ଗୃହ ନିର୍ମାଣ, ରାଜସ୍ୱ, ଜାତୀୟ ରାଜପଥ ନିର୍ମାଣ ଆଦି ବିଭାଗ ସମ୍ବଳିତ ଜଳ ଯୋଗାଣ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ତୁରନ୍ତ ନିର୍ଯ୍ୟାସ ପାଇଁ ଏହି କାର୍ଯ୍ୟକାରୀ ବୈଠକରେ ନିଜର ମତ ରଖିଥିଲେ। ବାରିପଦା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜ୍ଞାନେନ୍ଦ୍ର ନାୟକ ସଞ୍ଚାଳନ କରିଥିବା ବେଳେ ସମସ୍ତ ବିଭାଗୀୟ ଓ ଉପବିଭାଗୀୟ ଅଧିକାରୀ ବୈଠକରେ ଯୋଗ ଦେଇଥିଲେ।

## ଦୁର୍ଘଟଣାରେ ଗୁରୁତରଙ୍କୁ ଡାକ୍ତରଖାନାନେଲେ ଥାନା ଅଧିକାରିଣୀ

ବାରିପଦା,୩୦ା୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ବାରିପଦା-ଉଦଳା ରାସ୍ତା ବାଇଗଣବାଡ଼ିଆ ରାସ୍ତା ପାର୍ଶ୍ୱ ଦୁର୍ଘଟଣାରେ ଜଣେ ବ୍ୟକ୍ତି ଗୁରୁତର ହୋଇଥିଲେ। ବ୍ୟକ୍ତିଙ୍କୁ ଥାନାଧିକାରିଣୀ ସ୍ୱର୍ଣ୍ଣଲତା ମିଞ୍ଜ ଉଦ୍ଧାର କରି କର୍ମଚାରୀଙ୍କ ସହାୟତାରେ ଥାନା ବୋଲେରୋରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଗୁରୁତରଙ୍କ ପରିଚୟ ମିଳି ନ ଥିବା ବେଳେ ଉତ୍ତମ ଚିକିତ୍ସା ପାଇଁ ଥାନା ଅଧିକାରିଣୀ ଡାକ୍ତରଙ୍କୁ ନିବେଦନ କରିଛନ୍ତି। ଥାନା ଅଧିକାରିଣୀଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରାଯାଉଛି। ତେବେ ଏକ ପିଡିଏସ ଚାଉଳ ବୋଝେଇ ଟ୍ରକ୍ ଧକ୍କା ଦେଇ ପଳାଇଥିବା ଜଣାପଡ଼ିଛି। ଘଟଣାକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି।

## ଆଶ୍ରମରୁ ପଳାଇଥିବା ୩ ବାଳିକା ଉଦ୍ଧାର

ମୋରଡା,୩୦ା୮ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ହରେକୃଷ୍ଣପୁରସ୍ଥିତ ସୀମାନ୍ତ ପ୍ରାଥମିକ ଆଶ୍ରମ ବିଦ୍ୟାଳୟର ୩ ଜଣ ଛାତ୍ରୀ ଆଶ୍ରମରୁ କାହାକୁ ନ ଜଣାଇ ପଳାଇଯାଇଥିଲେ। ସ୍ଥାନୀୟ ଗ୍ରାମବାସୀ ସମସ୍ତଙ୍କୁ ଉଦ୍ଧାର କରି ବିଦ୍ୟାଳୟରେ ଛାଡ଼ିଥିବା ଜଣାପଡ଼ିଛି। ଆଶ୍ରମ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ ଛାତ୍ରୀ ବାହାରକୁ ଯାଇଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ବିଦ୍ୟାଳୟର ପ୍ରଥମ ଶ୍ରେଣୀର ୩ ଜଣ ଛାତ୍ରୀ ଶନିବାର ଭୋରରୁ ବିଦ୍ୟାଳୟରୁ ବାହାରକୁ ଯାଇ ଜଙ୍ଗଲ ନିକଟ କେନାଲ ରାସ୍ତାରେ ଯାଉଥିଲେ। ପଳାସମୁଣ୍ଡଳି ଗ୍ରାମର ରଞ୍ଜନ କୁମାର ସାହୁ ଉକ୍ତ ୩ ଛାତ୍ରୀଙ୍କୁ ଉଦ୍ଧାର କରି ମୋରଡ଼ା ପୋଲିସକୁ ଖବର ଦେଇଥିଲେ। ପୋଲିସ ୩ ଜଣଙ୍କୁ ଥାନାକୁ ଆଣି ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ପିଲାଙ୍କ ଅଭିଭାବକଙ୍କୁ ଜଣାଇଥିଲେ। ତେବେ ଘରକୁ ଯିବାକୁ ଇଚ୍ଛା ହେବାରୁ ଛାତ୍ରୀମାନେ ବିଦ୍ୟାଳୟରୁ ପଳାଇ ଆସିଥିଲେ ବୋଲି କହିଥିଲେ। ଉକ୍ତ ୩ ଜଣ ଛାତ୍ରୀଙ୍କୁ ତାଙ୍କ ଅଭିଭାବକମାନେ ଘରକୁ ନେଇ ଯାଇଥିବାର ଥାନା ଅଧିକାରୀ ସୁମିତ କୁମାର ସୋରେନ କହିଛନ୍ତି।

## ମାରପିଟ: ଜଣେ ଗୁରୁତର, ଜଣେ ଆହତ

ବୈଶିଙ୍ଗା,୩୦ା୮ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ବାମଡା ଗ୍ରାମରେ ଶୁକ୍ରବାର ଦୁଇଜଣଙ୍କ ଝଗଡ଼ା ଶନିବାର ସନ୍ଧ୍ୟାରେ ଗଣ୍ଡଗୋଳର ରୂପ ନେଇଛି। ମାର୍‌ପିଟ୍‌ରେ ଜଣେ ବ୍ୟକ୍ତି ଗୁରୁତର ହୋଇଥିବା ବେଳେ ଜଣେ ଯୁବକ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନରେ ଗ୍ରାମଛକରେ ବାମଡା ଗ୍ରାମର ଜଣେ ଯୁବକ ଏବଂ ନାବାଳକଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସନ୍ଧ୍ୟାରେ ଏନେଇ ଗ୍ରାମସଭାରେ ଆପୋଷ ସମାଧାନ ହୋଇଥିଲା। ହେଲେ ଶନିବାର ସନ୍ଧ୍ୟା ୬ଟା ବେଳେ ନାବାଳକଙ୍କ ସମେତ ତାଙ୍କ ବାପା ଓ ମା' ସଂଘବଦ୍ଧ ଭାବେ ଯୁବକଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଯୁବକ ଜଣକ ଆହତ ହୋଇ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ପକ୍ଷରୁ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଅପରପକ୍ଷେ ଧସ୍ତାଧସ୍ତି ଚାଲିଥିବା ବେଳେ ଯୁବକଙ୍କ ହାତରେ ଥିବା ବିଜୁଳି ଟେଷ୍ଟର ନାବାଳକଙ୍କ ବାପାଙ୍କ ପେଟରେ ବାଜି ପ୍ରବଳ ରକ୍ତସ୍ରାବ ହେବାରୁ ତାଙ୍କୁ ନିକଟସ୍ଥ ରୂପ୍‌ସା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବୈଶିଙ୍ଗା ପୋଲିସ ଡାକ୍ତରଖାନା ପହଞ୍ଚି ତାଙ୍କ ବୟାନ ନେଇଛି। ଖବର ଲେଖାହେବା ବେଳକୁ ଉଭୟ ପକ୍ଷର ପରିବାର ଲୋକ ଥାନାରେ ହାଜର ହୋଇଥିଲେ।

## ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

**ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଖାଦ୍ୟ ସୁରକ୍ଷା ଆଇନ: ବ୍ଲକସ୍ତରୀୟ ଜନଶୁଣାଣି**

ମୋରଡା,୩୦ା୮ (ସ୍ମାରକ ମାଜୀ)



ଶିବିରରେ ଉପସ୍ଥିତ ଅଧିକାରୀମାନେ।

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ଚିତ୍ରଡ଼ାସ୍ଥିତ ବ୍ଲକ କାର୍ଯ୍ୟାଳୟ କନ୍‌ଫରେନ୍ସ ହଲ୍‌ରେ ଶନିବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା) ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଗତ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ପିଥନାଥ ସୋରେନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ୨୦୨୪ ଅକ୍ଟୋବର ୧ରୁ ୨୦୨୫ ମାର୍ଚ୍ଚ ୩୧ ସମୟସୀମା ମଧ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବ୍ଲକର ବିଭିନ୍ନ ପଞ୍ଚାୟତରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ତେବେ ବ୍ଲକର ଗଡିଆ, ସାନମୁଣ୍ଡାବଣି, ଚଢେଇଗାଁ, ନୁହାଖାଲିଆ, ମୋରଡ଼ା, ନୂଆଗାଁ ସହ ଅଧିକାଂଶ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିବା ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକର କ୍ୟାସ୍‌ବୁକ୍ ରେକର୍ଡ ଠିକ୍ ଭାବେ ପରିଚାଳନା ହୋଇନାହିଁ ବୋଲି ଜଣାପଡ଼ିଥିଲା। ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ନୂତନ ରାଶନ କାର୍ଡ ପାଇଁ ଅନ୍‌ଲାଇନ ମାଧ୍ୟମରେ ଆବେଦନ କରି ଇ-କେୱାଇସି କରିବା ପରେ ସଦସ୍ୟ ନାମ ଯୋଡ଼ିପାରିବେ ବୋଲି ବ୍ଲକ ଯୋଗାଣ ଅଧିକାରୀ ପ୍ରବୀର ପାତ୍ର ସୂଚନା ଦେଇଥିଲେ। ଏଡିଏମ୍ ଈଶ୍ୱରଚନ୍ଦ୍ର ନାଏକ, ବିଡିଓ ଅଣାକର ନାଏକ, ଜିଲା ପରିଷଦ ସଭ୍ୟ ଅଭିରାମ ଭୋଇ, ଅଡିଟର ମିତା ବେଷ୍ଟକାର, ଏପିଓ ରୂପସ୍ୱିନୀ ରଣା ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ।

## ପୋଚ, ଦେଶୀ ରନ୍ଧା ମଦ ନଷ୍ଟ କଲା ଅବକାରୀ ବିଭାଗ

ବୈଶିଙ୍ଗା, ୩୦ା୮ (ରତନ ଦାଶ)

ମୟୂରଭଞ୍ଜ ଜିଲା ବେତନଟୀ ଅବକାରୀ ଥାନା ପକ୍ଷରୁ ଶନିବାର ସକାଳୁ ଅଚାନକ ଚଢାଉ କରାଯାଇ ବ୍ୟାପକ ପରିମାଣର ମାଟିରେ ପୋତା ଯାଇଥିବା ପୋଚ ଓ ଦେଶୀ ରନ୍ଧାମଦ ଜବତ କରି ନଷ୍ଟ କରିଦିଆଯାଇଛି। ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରା କୌଣସି ସୂତ୍ରରୁ ଖବରପାଇ ଉଦଳା ଅବକାରୀ ଅଧିକାରୀ ସଞ୍ଜୟ କୁମାର କାଣ୍ଡିଙ୍କ ସହଯୋଗରେ, ଏସ୍‌ଆଇ ସୂର୍ଯ୍ୟକାନ୍ତ ମଲ୍ଲିକ ସଦଳବଳେ ବୈଶିଙ୍ଗା ଥାନା ଅଧୀନ ଭିତରଶୋଳ ଓ ଭାଳିଆଡିହ ଜଙ୍ଗଲ ଭିତରେ ଚଢ଼ାଉ କରି ୮୨୦୦କେଜି ପୋଚ ଓ ୧୦୧୦ଲିଟର ଦେଶୀ ରନ୍ଧା ମଦ ଭର୍ତ୍ତି ପ୍ଲାଷ୍ଟିକ ଡ୍ରମ ଉଦ୍ଧାର କରି ସେସବୁକୁ ଘଟଣାସ୍ଥଳରେ ନଷ୍ଟ କରି ଦେଇଥିଲେ। ଡ୍ରମଗୁଡିକ ଜବତ କରି ବିଭାଗୀୟ କାର୍ଯ୍ୟାଳୟକୁ ଆଣିଥିଲେ ବୋଲି ବେହେରା କହିଛନ୍ତି। ଏକ ସପ୍ତାହ ପୂର୍ବରୁ ଏହି ଗ୍ରାମରେ ଅବକାରୀ ବିଭାଗ ଚଢାଉ କରି ୧୦ହଜାର ଲିଟରରୁ ଅଧିକ ରନ୍ଧାମଦ ଓ ପୋଚ ନଷ୍ଟ କରିଥିଲା।


**ପୌରପରିଷଦ କାର୍ଯ୍ୟାଳୟ, ଗୁଣପୁର**
**ସ୍ୱାୟତ୍ତ ଶାସନ ଦିବସ**
୩୧ ଅଗଷ୍ଟ ୨୦୨୫

ମହାଶୟା/ମହାଶୟ,
ଆସନ୍ତା ତା.୩୧.୦୮.୨୦୨୫ରିଖ ରବିବାର ଦିନ ଗୁଣପୁର ପୌରପରିଷଦ ତରଫରୁ "ସ୍ୱାୟତ୍ତ ଶାସନ ଦିବସ - ୨୦୨୫" ପାଳନ ହେବାକୁ ଯାଉଅଛି। ଏହି ଅବସରରେ ପୌରପରିଷଦ ଆପଣଙ୍କୁ ଶୁଭେଚ୍ଛା ଜଣାଉଛି। ପରିଷଦକୁ ସ୍ୱଚ୍ଛ, ସୁନ୍ଦର, ବିକାଶଶୀଳ ଓ ସୁବ୍ୟବସ୍ଥିତ କରିବା ଲାଗି ସହଯୋଗ କରନ୍ତୁ। ପୌରପରିଷଦ ଗୁଣପୁର ସର୍ବଦା ଆପଣଙ୍କ ସେବାରେ।

**ବାର୍ତ୍ତା**

୧. "ମା'ଙ୍କ ପାଇଁ ଗଛଟିଏ" - ଆସନ୍ତୁ ଗଛ ଲଗାଇବା, ଗୁଣପୁର ସହରକୁ ସୁସ୍ଥ, ସବୁଜ ଓ ସୁନ୍ଦର ରଖିବା।
୨. ଗୃହର ଅଳିଆ ଆବର୍ଜନା ଏଣେତେଣେ ନ ପକାଇ ପରିଷଦର ଆବର୍ଜନା ସଂଗ୍ରହ ଗାଡିରେ ଦିଅନ୍ତୁ।
୩. ଗୃହପାଳିତ ପଶୁ ଯଥା : ଗାଈଗୋରୁ, ଘୁଷୁରି, କୁକୁରଗୁଡିକୁ ସହର ମଧ୍ୟରାସ୍ତାକୁ ଛାଡନ୍ତୁ ନାହିଁ।
୪. ବାହାରେ ମଳତ୍ୟାଗ ନକରି ନିଜେ ଘରେ ନିର୍ମାଣ କରିଥିବା ପାଇଖାନା କିମ୍ବା ଗୋଷ୍ଠୀ ଶୌଚାଳୟ ବ୍ୟବହାର କରନ୍ତୁ।
୫. ଘରର ଲାଟ୍ରିନ ଟାଙ୍କି ସଫା କରିବା ପାଇଁ ପରିଷଦର ସେସ୍‌ପୁଲ୍ ଗାଡିକୁ ବ୍ୟବହାର କରନ୍ତୁ।

।। ଶ୍ରଦ୍ଧାର ସହ ।।
ଆପଣଙ୍କ ଗୁଣମୁଗ୍ଧ



ଶ୍ରୀମତୀ ମମତା ଗୌଡ଼
ଅଧ୍ୟକ୍ଷା
ପୌରପରିଷଦ, ଗୁଣପୁର

ଶ୍ରୀଯୁକ୍ତ ଶିବ ପ୍ରସାଦ ଗୌଡ
ଉପାଧ୍ୟକ୍ଷ
ପୌରପରିଷଦ, ଗୁଣପୁର

ଶ୍ରୀଯୁକ୍ତ ସନ୍ତୋଷ କୁମାର ନାୟକ
କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ, ଗୁଣପୁର

ପୌରପରିଷଦର ସମସ୍ତ ପାରିଷଦବୃନ୍ଦ

## କଳାବଜାରକାରୀଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ

ବାରିପଦା,୩୦ା୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଖରିଫ ଧାନ ଚାଷ ନିମନ୍ତେ ଚାଷୀଙ୍କୁ ସାରର ସୁଷମ ବଣ୍ଟନ ପାଇଁ ଶୁକ୍ରବାର ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଜିଲାଗସ୍ତରେ ଆସି ସାର ବଣ୍ଟନକୁ ନେଇ ସମୀକ୍ଷା କରିଛନ୍ତି। ଅଭାବୀ ସାର ସମସ୍ୟା ଉତ୍ଥାପନ କରୁଥିବା କୁଚକ୍ରୀ ଓ କଳାବଜାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଗସ୍ତ ସମୟରେ ଏକ ପ୍ରତିନିଧି ଦଳ ସହିତ ଜିଲା ମୁଖ୍ୟ କୃଷି ଅଧିକାରୀ ଜ୍ଞାନ ରଞ୍ଜନ ଦାସଙ୍କ ସହିତ ବ୍ୟାପକ ଆଲୋଚନା କରିଛନ୍ତି।

ସୂଚନା ଅନୁଯାୟୀ, ଜିଲାରେ ଚଳିତ ବର୍ଷ ଖରିଫ ଧାନ ଚାଷ ପାଇଁ ୧୭ ହଜାର ମେଟ୍ରିକ ଟନ ୟୁରିଆ ସାରର ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨୧ ହଜାର ୪୯୯ ମେଟ୍ରିକ୍ ଟନ୍ ସାର ଆସିଛି । ଡିଏପି ସାର ୧୧ ହଜାର ମେଟ୍ରିକ ଟନ ଆବଶ୍ୟକ ଥିବା ବେଳେ ୧୨ ହଜାର ୯୨୨ ମେଟ୍ରିକ ଟନ ସାର ଆସିଛି । ଏନ୍‌ପିକେଏସ୍ ସାର ୧୩ ହଜାର ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୧୭ ହଜାର ୭୩୮ ମେଟ୍ରିକ ଟନ୍ ସାର ଆସିଛି। ଏମଓପି୩୪ ଶହ ମେଟ୍ରିକ ଟନ ଆବଶ୍ୟକ ଥିବା ବେଳେ ୩୮୯୪ ମେଟ୍ରିକ ଟନ୍ ଆସିଛି। ଆଗକୁ ଯୁଦ୍ଧକାଳୀନ ଭିତ୍ତିରେ ସାରର ଆମଦାନୀ କରାଯାଇ ଚାଷୀଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ପ୍ରୟାସ ଜାରି ରହିଛି। ଜିଲାରେ ୪୮ ହୋଲସେଲରଙ୍କ ମାଧ୍ୟମରେ ୭୮୪ ଜଣ ସରକାରୀ ସ୍ୱୀକୃତିପ୍ରାପ୍ତ ଡିଲର୍ ଓ ୫୨ଟି ସେବା ସମବାୟ ସମିତି ମାଧ୍ୟମରେ ଚାଷୀଙ୍କୁ ଶୃଙ୍ଖଳିତ ଭାବେ ସାର ବଣ୍ଟନ ପାଇଁ ଜିଲା ପ୍ରଶାସନ ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଚାଷୀଙ୍କୁ ସାର ସୁଷମ ବଣ୍ଟନରେ ଯେଉଁମାନେ ବିଶୃଙ୍ଖଳା କରିବେ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସାହୁ ଚେତାବନୀ ଦେଇଛନ୍ତି। ମନୁଷ୍ୟକୃତ ଅଭାବୀ ବିକ୍ରି ଓ କଳା ବଜାରି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲାରେ ଆବଶ୍ୟକତାଠାରୁ ପର୍ଯ୍ୟାପ୍ତ ପରିମାଣର ସାର ସରକାର ଯୋଗାଇ ଦେଇଥିବା ବେଳେ କିଛି କୁଚକ୍ରୀ ତଥା ଅସାଧୁ ଡିଲର ସରକାରଙ୍କୁ ବଦନାମ କରିବା ପାଇଁ ଚକ୍ରାନ୍ତ ଚଳାଇଥିବା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ସାହୁ କହିଛନ୍ତି। ଆଲୋଚନା ସମୟରେ କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ଉପସଭାପତି ଶଙ୍କର୍ଷଣ ଜେନା, ରାଜ୍ୟ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ମହାପାତ୍ର, କୈଳାଶ ଚନ୍ଦ୍ର ବାରିକ, ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ଶିରିଷ କୁମାର ମହାନ୍ତ, ଅଶୋକ କୁମାର ମହାନ୍ତ, କୃଷ୍ଣ ସିଂହ, ମିଥୁନ ଧଳ, ସାଇକୃଷ୍ଣ ବଡ଼ନାଏକ, ସୁମନ ଧଳ, ଆକାଶ ଦେହୁରୀ ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ବାରିପଦା ପୌରପାଳିକା ପକ୍ଷରୁ ଭଲିବଲ ଟୁର୍ନାମେଣ୍ଟ
## ମା' ତାରିଣୀ ଭଲିବଲ ଟିମ୍ ଚାମ୍ପିୟନ

ବାରିପଦା, ୩୦ା୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ ପାଳନ ଅବସରରେ ବାରିପଦା ପୌରପରିଷଦ ପକ୍ଷରୁ ଭଲିବଲ ଟୁର୍ନାମେଣ୍ଟ ଶନିବାର ଆୟୋଜନ କରାଯାଇଥିଲା। ସ୍ଥାନୀୟ ରିଜର୍ଭ ପୋଲିସ ପଡ଼ିଆଠାରେ ଆୟୋଜିତ ଟୁର୍ନାମେଣ୍ଟକୁ ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ଉଦ୍‌ଘାଟନ କରିଥିଲେ। ସମୁଦାୟ ୪ଟି ଟିମ୍ ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନେ ହେଲେ ମା ତାରିଣୀ ଭଲିବଲ ଟିମ୍, ମା' କିଚକେଶ୍ୱରୀ ଭଲିବଲ ଏକାଡେମୀ, ତକତପୁର ଭଲିବଲ ଟିମ ଓ ପୋଲିସ ଭଲିବଲ ଟିମ୍। ସମସ୍ତ ଟିମ ଉନ୍ନତ ଖେଳ ପ୍ରଦର୍ଶନ କରିଥିବା ବେଳେ ମା' ତାରିଣୀ ଟିମ ଓ ପୋଲିସ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ମା' ତାରିଣୀ ଭଲିବଲ ଟିମ୍ ଚାମ୍ପିୟନ ହୋଇଥିଲା।

ମନୋରଞ୍ଜନ ଜୀଉ, ପାର୍ଥସାରଥୀ ସ୍ୱାଇଁ, ତିମିରିକାନ୍ତ ଦାସ, ଅମର ସେଠୀ, ଦୀପକ ବେହେରା, ରାଜେନ୍ଦ୍ର ନାୟକ, ରାଜେଶ ଦାସ, ଅନୀଲ ଗିରି, ହରିହର ମଲ୍ଲିକ, ଆଶିଷ ସେଠୀ, ପ୍ରଦୋଷ କୁମାର ଟିପିରିଆ, ଚନ୍ଦ୍ରମୋହନ ଦଳେଇ, ବାରିପଦା ପୌରପାଳିକା ସହକାରୀ ଯନ୍ତ୍ରୀ ଦେବାଶିଷ ସ୍ୱାଇଁ, କନିଷ୍ଠଯନ୍ତ୍ରୀ ଯାଦବେନ୍ଦ୍ର ମହାପାତ୍ର, ବୁଦ୍ଧିରାମ ସିଂ, ଭଗବାନ ମାଝୀ, ବିଜୟ ଗୌରବ ଦାସ, ସପନ ବେହେରା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ବାରିପଦା ପୌରପରିଷଦ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭଞ୍ଜପୁରଠାରେ ପୌରାଧ୍ୟକ୍ଷ ମହାନ୍ତିଙ୍କ ସମେତ ୱାର୍ଡ କାଉନସିଲର ପ୍ରମୁଖ ଉପସ୍ଥିତ ରହି ପଥଚାରୀମାନଙ୍କୁ ସଡ଼କ ସୁରକ୍ଷା ନେଇ ସଚେତନ କରିଥିଲେ। ପ୍ଲାକାର୍ଡ ଓ ଲିଫଲେଟ ମାଧ୍ୟମରେ ସଚେତନ କରିବା ସହ ଗାଡି ଚଳାଇବା ବେଳେ ସଦା ହେଲମେଟ ପରିଧାନ କରିବାକୁ ଅନୁରୋଧ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ତହସିଲଦାର ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସପନ କୁମାର ସାହୁ, ଉପାଧ୍ୟକ୍ଷା ସୀମା ଦାସ ଏବଂ ସମସ୍ତ କାଉନସିଲର ଉପସ୍ଥିତ ଥିଲେ।

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ : ୨୦୨୫ ଅବସରରେ
ବାରିପଦାବାସୀଙ୍କୁ ପୌରପାଳିକାର
**ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା**
ଆସନ୍ତୁ ସମସ୍ତେ ମିଶି ବାରିପଦା ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢି ତୋଳିବା ପାଇଁ ସଂକଳ୍ପବଦ୍ଧ ହେବା

ସୀମା ଦାସ
ଉପନଗରପାଳ,
ବାରିପଦା ପୌରପାଳିକା ଓ ସମସ୍ତ କାଉନ୍‌ସିଲର ବୃନ୍ଦ

ସପନ କୁମାର ସାହୁ, ଓ.ପ୍ର.ସେ - ଏ (କେ.ବି)
ନିର୍ବାହୀ ଅଧିକାରୀ,
ବାରିପଦା ପୌରପାଳିକା

କୃଷ୍ଣାନନ୍ଦ ମହାନ୍ତି
ନଗରପାଳ,
ବାରିପଦା ପୌରପାଳିକା

**ବ୍ରହ୍ମପୁର ମହାନଗର ନିଗମ**

ସବୁଜ ସୁନ୍ଦର ବ୍ରହ୍ମପୁର ସହର ପାଇଁ ସର୍ବସାଧାରଣଙ୍କୁ ଅନୁରୋଧ

**କରନ୍ତୁ:**
(୧) ଆପଣଙ୍କ ଘର/ ଅନୁଷ୍ଠାନର ଓଦା ବର୍ଜ୍ୟବସ୍ତୁ ଯଥା ପରିବାଚୋପା, ବାସିଖାଦ୍ୟ ଇତ୍ୟାଦି ଶାଗୁଆ ରଙ୍ଗର ଡଷ୍ଟବିନ୍‌ରେ ଏବଂ ଶୁଖିଲା ବର୍ଜ୍ୟବସ୍ତୁ ଯଥା କାଗଜ/ପ୍ଲାଷ୍ଟିକ୍ ଇତ୍ୟାଦିକୁ ନୀଳରଙ୍ଗର ଡଷ୍ଟବିନ୍‌ରେ ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ମହାନଗର ନିଗମ ଦ୍ୱାରା ନିୟୋଜିତ ଆବର୍ଜନା ସଂଗ୍ରହକାରୀ ଯାନରେ ପକାନ୍ତୁ।
(୨) ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଉପଭୋକ୍ତା ଦେୟ ସ୍ୱଚ୍ଛସାଥୀଙ୍କୁ ପ୍ରଦାନ କରନ୍ତୁ।
(୩) ବର୍ଜ୍ୟବସ୍ତୁ ଉତ୍ପାଦନକୁ କମ୍ କରନ୍ତୁ।
(୪) ସେପ୍‌ଟିକ୍ ଟ୍ୟାଙ୍କ ସହିତ ଶୌଚାଳୟକୁ ସଂଯୋଗ କରନ୍ତୁ ଏବଂ ଏହାକୁ ପ୍ରତି ତିନିବର୍ଷରେ ଥରେ ସଫାକରନ୍ତୁ।
(୫) ଅତି କମ୍‌ରେ ନିଜର ୫ମିଟର ପରିସର ପର୍ଯ୍ୟନ୍ତ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ।

**କରନ୍ତୁ ନାହିଁ:**
(୧) ଗୋଟିଏ ଡଷ୍ଟବିନ୍‌ରେ ଓଦା ଏବଂ ଶୁଖିଲା ଅଳିଆ ମିଶ୍ରଣ କରନ୍ତୁ ନାହିଁ।
(୨) ଘରୋଇ ପଚାଶଢ଼ା ବର୍ଜ୍ୟବସ୍ତୁ ଏବଂ ଘରୋଇ ବର୍ଜ୍ୟବସ୍ତୁ ସହ ଅଦରକାରୀ ପଦାର୍ଥ ଯଥା କାଗଜ, ପ୍ଲାଷ୍ଟିକ୍ ଇତ୍ୟାଦି ମିଶ୍ରଣ କରନ୍ତୁ ନାହିଁ।
(୩) ବାଲ୍‌କୋନୀ/ଝରକାରୁ ସର୍ବସାଧାରଣ ରାସ୍ତା କିମ୍ବା ଡ୍ରେନ୍‌କୁ ଅଳିଆ ପକାନ୍ତୁ ନାହିଁ।
(୪) ଶୌଚାଳୟକୁ ନର୍ଦ୍ଦମା ସହ ସଂଯୋଗ କରନ୍ତୁ ନାହିଁ।
(୫) ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ଅପରିଷ୍କାର କରନ୍ତୁ ନାହିଁ।
(୬) ପଲିଥିନ୍ ବ୍ୟାଗ୍, କପ୍, ପ୍ଲାଷ୍ଟିକ୍ ଚାମଚ, ଥର୍‌ମୋକଲ ଇତ୍ୟାଦି ବ୍ୟବହାର କରନ୍ତୁ ନାହିଁ।
(୭) ଟାୟାର, ଫୁଲକୁଣ୍ଡ, ଅନ୍ୟାନ୍ୟ ପାତ୍ର ଇତ୍ୟାଦିରେ ଦିନ ଦିନ ବ୍ୟାପୀ ପାଣି ଜମାହେବାକୁ ଦିଅନ୍ତୁ ନାହିଁ।

ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ
କମିଶନର,
ବ୍ରହ୍ମପୁର ମହାନଗର ନିଗମ

ଶ୍ରୀମତୀ ସଂଘମିତ୍ରା ଦଳେଇ
ମେୟର
ବ୍ରହ୍ମପୁର ମହାନଗର ନିଗମ

ଶ୍ରୀ ଇ.ବିବେକ୍ ରେଡ୍ଡୀ
ଡେପୁଟି ମେୟର, ବ୍ରହ୍ମପୁର ମହାନଗର ନିଗମ
ଓ ସମସ୍ତ କର୍ପୋରେଟର ବୃନ୍ଦ, ବ୍ରହ୍ମପୁର ମହାନଗର ନିଗମ

**ବଲାଙ୍ଗିର ପୌରସଂସ୍ଥା, ବଲାଙ୍ଗିର**

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଗଣପର୍ବ "ନୂଆଁଖାଇ-୨୦୨୫" ଓ ନିଖିଳ ଭାରତ ସ୍ୱାୟତ୍ତ ଦିବସ ୨୦୨୫ ଉପଲକ୍ଷେ ବଲାଙ୍ଗିର ପୌରପରିଷଦ ର ସମସ୍ତ ଜନସାଧାରଣ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଅଛୁଁ। ଏହି ଅବସରରେ ପୌର ପରିଷଦ ସମସ୍ତଙ୍କର ସୁଖ, ସମୃଦ୍ଧି ଓ ଶାନ୍ତି କମନା କରୁଛି। ଏ ମାଟିର ଅଧିଷ୍ଠାତ୍ରୀ ଇଷ୍ଟଦେବୀ ମାଁ ସମଲେଶ୍ୱରୀ ଏବଂ ମାଁ ପାଟଣେଶ୍ୱରୀ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହାହିଁ ଆମର ପ୍ରାର୍ଥନା।




- ବାର୍ତ୍ତା -

ପୌର ପରିଷଦ, ବଲାଙ୍ଗିର ରେ ବସବାସ କରୁଥିବା ସମସ୍ତ ଜନ ସାଧାରଣଙ୍କୁ ମୌଳିକ ସେବା ଯୋଗାଇ ଦେବାପାଇଁ ଆମ୍ଭେମାନେ ବଦ୍ଧପରିକର।

Executive Officer
Balangir Municipality

## ଜିଲା ପୋଲିସ ବିଭାଗରେ ଅଦଳବଦଳ

ଭଦ୍ରକ,୩୦।୮ (ସନାତନ ରାଉତ)

ଆଗକୁ ପାର୍ବଣ ଋତୁ ଆସୁଥିବା ବେଳେ ଜିଲାରେ ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲା ପୋଲିସ ବିଭାଗରେ ଶୁକ୍ରବାର ଅଦଳବଦଳ କରାଯାଇଛି। ଭଦ୍ରକ ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାଶଙ୍କୁ ହେଡକ୍ୱାର୍ଟରକୁ ବଦଳି କରାଯାଇଥିବା ବେଳେ ହେଡକ୍ୱାର୍ଟରରେ ଥିବା ଇନ୍ସପେକ୍ଟର ନିରୋଜ ସାମଲଙ୍କୁ ଗ୍ରାମାଞ୍ଚଳ ଥାନାଧିକାରୀ ଭାବେ ବଦଳି କରାଯାଇଛି। ସେହିପରି ଧାମନଗର ଥାନାଧିକାରୀ ଗୋପାଳକୃଷ୍ଣ ଜେନାଙ୍କୁ ହେଡକ୍ୱାର୍ଟରକୁ ଓ ଜିଲା ମାନବାଧିକାର ସୁରକ୍ଷା ସେଲ୍‌ରେ କାର୍ଯ୍ୟରତ ଇନ୍ସପେକ୍ଟର ରଞ୍ଜନ ସେଠୀଙ୍କୁ ଧାମନଗର ଥାନାଧିକାରୀ ଭାବେ ବଦଳି କରାଯାଇଛି। ଘଣ୍ଟେଶ୍ୱର ଫାଣ୍ଡି ଏସ୍ଆଇ ସୂର୍ଯ୍ୟକାନ୍ତ ମହାନ୍ତିଙ୍କୁ ହେଡକ୍ୱାର୍ଟରେ, ଧାମନଗର ଏସ୍ଆଇ ରାଜେଶ ସେଠୀଙ୍କୁ ଘଣ୍ଟେଶ୍ୱର ଫାଣ୍ଡି, ଚାନ୍ଦବାଲି ଥାନା ଏସ୍ଆଇ ରସାନନ୍ଦ ନାୟକଙ୍କୁ ଗ୍ରାମାଞ୍ଚଳ ଥାନା, ଟାଉନ ଥାନା ଏସ୍ଆଇ ଆଶିଷ ସେନାପତିଙ୍କୁ ଚାନ୍ଦବାଲି ଥାନା, ଟାଉନ ଥାନା ଏସ୍ଆଇ ନାରାୟଣ ନାୟକଙ୍କୁ ଧାମନଗର ଓ ହେଡ୍‌କ୍ୱାର୍ଟରରେ ଥିବା ଏସ୍ଆଇ ରମ୍ୟରଞ୍ଜନ ପ୍ରଧାନଙ୍କୁ ଟାଉନ ଥାନାକୁ ବଦଳି କରାଯାଇଛି।

# ଉନ୍ନୟନ କାର୍ଯ୍ୟ ବାହାନାରେ କାଟିଦେଲେ ଶତାଧିକ ଗଛ



ଧାମନଗର କଲେଜ ପରିସରରୁ ଗଛ କଟାଯାଇଛି।

ଧାମନଗର,୩୦।୮ (ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର କଲେଜ ପରିସରରେ ଉନ୍ନୟନମୂଳକ କାର୍ଯ୍ୟ ବାହାନାରେ ବହୁ ମୂଲ୍ୟବାନ ଗଛ କାଟି ଦିଆଯାଉଛି। ଦୀର୍ଘ ୩୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଥିବା ଶତାଧିକ ଗଛ ଗତ ୩/୪ ଦିନ ମଧ୍ୟରେ କଟାସରିଛି। ପ୍ରାୟ ୨ ଶହ ଗଛ କଟାଯିବାକୁ ଯୋଜନା ରହିଥିବା ଜଣାପଡ଼ିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ୧୯୭୭ରେ ସ୍ଥାପିତ ଏହି କଲେଜରେ ନିଜସ୍ୱ ଜାଗା ପ୍ରାୟ ୨୨ ଏକରରୁ ଊର୍ଦ୍ଧ୍ୱ ହେବ। ଏବେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରଚେଷ୍ଟାରେ ଏହି କଲେଜର ନୂତନ ଗୃହ, ପାଚେରି ନିର୍ମାଣ, ସାଇନ୍ସ ଲାବ୍, ଆଲୋକୀକରଣ ସହ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ପ୍ରାୟ ୧୦ କୋଟି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

୧୯୮୦ରେ କଲେଜ ମୁଖ୍ୟ ଫାଟକ ପ୍ରବେଶ ପଥର ବାମପାର୍ଶ୍ୱରେ ପ୍ରାୟ ୨ ଶହରୁ ଊର୍ଦ୍ଧ୍ୱ ବିଭିନ୍ନ କିସମର ଗଛ ଲଗାଯାଇଥିଲା। ଅନୁଦାନ ରାଶି ବିନିଯୋଗ ବାହାନାରେ ବେଆଇନ ଭାବେ ଗଛ କାଟି ଦିଆଯାଇଛି। ସେହିପରି ଗତ କିଛି ବର୍ଷ ପୂର୍ବରୁ ମୁଖ୍ୟ ଫାଟକ ପ୍ରବେଶ ପଥର ଡାହାଣ ପାର୍ଶ୍ୱରେ ଥିବା କଲେଜର ପ୍ରତିଷ୍ଠାତା ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକଙ୍କ ପ୍ରତିମୂର୍ତ୍ତି ନିକଟରୁ ଅନେକ ଗଛ କଟାଯାଇଥିଲା। ଗଛ କଟାଯାଇଥିବା ଜାଗାରେ ଏପର୍ଯ୍ୟନ୍ତ କୌଣସି କାମ ନ ହୋଇ କେବଳ ମୁଠାଏ ମାଟି ପଡ଼ିଛି। ଏବେ ଯେଉଁ ଗଛ ସବୁ କଟାଯାଉଛି, ତାହା ଠିକ୍ ଟେଣ୍ଡର କିମ୍ବା ବିଜ୍ଞାପନ ନ କରି ମନଇଚ୍ଛା ମୂଲ୍ୟ ନିର୍ଦ୍ଧାରଣ କରି ନିଜକୁ ସୁହାଇଲା ଭଳି ଜଣେ ବେପାରୀଙ୍କୁ ବିକ୍ରି କରାଯାଉଛି ବୋଲି ଆଲୋଚନା ହେଉଛି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ଅଜୟ କୁମାର ବେଜ କହିଛନ୍ତି, ତହସିଲଦାର ଏବଂ ଜିଲା ବନ୍ୟପ୍ରାଣୀ ଓ ବନଖଣ୍ଡ ଅଧିକାରୀଙ୍କ ମିଳିତ ଭେରିଫିକେଶନ ପରେ ଗଛ କଟାଯାଉଛି ଏବଂ ଗଛ କଟା ନେଇ ଜଣେ ବ୍ୟକ୍ତିଙ୍କୁ ଦାୟିତ୍ୱ ଦିଆଯାଇଛି। ଧାମନଗର ରେଞ୍ଜର ସୁଷମା ସାହୁଙ୍କୁ ପଚାରିବାରୁ ସେଠାରୁ ଗଛ କଟାଯିବା ପାଇଁ ସରକାରୀ ଅନୁମତି ଦିଆଯାଇଛି ବୋଲି କହିଛନ୍ତି। ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ କହିଛନ୍ତି, ବନ ବିଭାଗ ଓ ତହସିଲ ପକ୍ଷରୁ ମିଳିତ ଅନୁଧ୍ୟାନ କରାଯାଇ ପ୍ଲଟ, ଗଛ ଚିହ୍ନଟ କରାଯାଇଥିଲା। ଟେଣ୍ଡର ପ୍ରକ୍ରିୟା ବନ ବିଭାଗ କର୍ପୋରେଶନର ଦାୟିତ୍ୱ ବୋଲି ସେ କହିଛନ୍ତି।

## 'ପୂଜା ଉତ୍ସବ ଭାଇଚାରାର ପ୍ରତୀକ'

ଭଣ୍ଡାରିପୋଖରୀ,୩୦।୮ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ମାଳଦା ପିଲା ଗଣେଶ କମିଟିର ୯ମ ବାର୍ଷିକ ପୂଜା ଚାଲିଥିବା ବେଳେ ଦୁଇଦିନ ବ୍ୟାପୀ ସାଂସ୍କୃତିକ ଉତ୍ସବ ଶୁକ୍ରବାର ରାତି ୯ଟାରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଖବରଦାତା ଦୁର୍ଯ୍ୟୋଧନ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ମଲ୍ଲିକ ଯୋଗଦେଇ ପୂଜା ଉତ୍ସବ ଭାଇଚାରାର ପ୍ରତୀକ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ, ସମିତିସଭ୍ୟା ରୀତାଞ୍ଜଳି ସାମଲ, ବରିଷ୍ଠ ନାଗରିକ ନୃସିଂହ ଖିଲାର, ଶିକ୍ଷାବିତ୍ ଦେବେନ୍ଦ୍ର ମହାନ୍ତି, ଯୁବନେତା ଭାଗୀରଥି ପରିଡ଼ା ପ୍ରମୁଖ ଯୋଗଦେଇ ଗଣେଶ ପୂଜା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସାମାଜିକ କର୍ମୀ ପ୍ରତ୍ୟୁଷ ସାମଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପୂଜା କମିଟି ସଭାପତି ପରେଶ ଜେନା ସ୍ୱାଗତ ଭାଷଣ ଓ ସମ୍ପାଦକ ସପନ ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମୂର୍ତ୍ତି କାରିଗର ତଥା ଚିତ୍ରଶିଳ୍ପୀ କ୍ଷୀରୋଦ ଚନ୍ଦ୍ର ଦାସଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ସଦସ୍ୟ ମହେଶ୍ୱର ଜେନା, ଅରୁଣ କୁମାର ଜେନା, ଗଣେଶ ଜେନା, ସାଗର ଜେନା, ବିକ୍ରମ ଜେନା, ପ୍ରଶାନ୍ତ ଜେନା, ସତ୍ୟଜିତ ସାମଲ, ପ୍ରସନ୍ନଜିତ ସାମଲ, ରାକେଶ ଜେନା, କାର୍ତ୍ତିକ ଜେନା, କାଠିଆ ଜେନା, ପପୁନ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧.୭୬ ଲକ୍ଷ ପ୍ଲଟ୍‌ରେ ହେବ ସର୍ବେକ୍ଷଣ



ପ୍ରଶିକ୍ଷଣ ଶିବିରରେ ଅଧିକାରୀମାନେ।

### ବ୍ଲକସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ ପ୍ରଶିକ୍ଷଣ

ଧାମନଗର,୩୦।୮ (ସନ୍ତୋଷ କୁମାର ମହାପାତ୍ର)

ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଶନିବାର ପୂର୍ବାହ୍ନରେ ଧାମନଗର ବ୍ଲକ କୃଷି କାର୍ଯ୍ୟାଳୟ ପରିସରରେ ଡିଜିଟାଲ ଫସଲ ସର୍ବେକ୍ଷଣ ପାଇଁ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ଅନୁରାଧା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ଜିଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଏମ୍‌ପିଙ୍କ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ସହକାରୀ ମତ୍ସ୍ୟ ଅଧିକାରୀ ଆୟୁଷ୍ମାନ କର, ସହକାରୀ କୃଷି ଅଧିକାରୀ ଦେବାଶିଷ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟତଃ ଡିଜିଟାଲ ଫସଲ ସର୍ବେକ୍ଷଣ ହେବା ଦ୍ୱାରା ପ୍ରକୃତ ଚାଷୀ ଚିହ୍ନଟ, ଧାନ କ୍ରୟ ସମୟରେ ପ୍ରକୃତ ଧାର୍ଯ୍ୟ ପରିମାଣ ନିର୍ଣ୍ଣୟ କରିବାରେ ସହାୟକ, ବନ୍ୟା କିମ୍ବା ମରୁଡ଼ି ହେଲେ ଚାଷର କ୍ଷୟକ୍ଷତି ହିସାବ ସହ ଇନ୍‌ପୁଟ୍ ସବ୍‌ସିଡି ଦେବାରେ ସହାୟକ ହେବ ବୋଲି କୁହାଯାଇଥିଲା। ସାଟେଲାଇଟ ଜରିଆରେ ଜମିର କିସମ ଚିହ୍ନଟ ପ୍ରକ୍ରିୟା ଡିଜିଟାଲ ସର୍ବେକ୍ଷଣ କରାଯାଇ ଖରିଫ ଧାନ ଚାଷ ବ୍ୟତୀତ ଅନ୍ୟ ଚାଷର ସୂଚନା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ସୂଚନା ଅନୁଯାୟୀ ବ୍ଲକର ମୋଟ ୩୧ ପଞ୍ଚାୟତରେ ୧ ଲକ୍ଷ ୭୬ ହଜାର ପ୍ଲଟ୍‌ରେ ସର୍ବେକ୍ଷଣ କରାଯିବ। ଗତ ୨୫ ତାରିଖରୁ ଅଦ୍ୟାବଧି ୧୨ ହଜାର ପ୍ଲଟ୍ ସର୍ବେକ୍ଷଣ କରାଯାଇଛି ବୋଲି ସହକାରୀ କୃଷି ଅଧିକାରୀ ତ୍ରିପାଠୀ କହିଛନ୍ତି। ଶସ୍ୟ ଓ ଅଣଶସ୍ୟ ମୋଟ ୧୭,୧୩୦ ହେକ୍ଟର ଚାଷ କରାଯାଇଛି। ସେଥିରୁ ପ୍ରାୟ ୧୬,୫୦୦ ହେକ୍ଟର ଚାଷଜମିରେ କେବଳ ଖରିଫ ଶସ୍ୟ କରାଯାଇଛି। ଏହି ସର୍ବେକ୍ଷଣ କମିଟିରେ ବ୍ଲକ, କୃଷି, ରାଜସ୍ୱ ନିରୀକ୍ଷକ ପ୍ରମୁଖ ଅଧିକାରୀଙ୍କ ମିଳିତ ତତ୍ତ୍ୱାବଧାନରେ ଏହି ସର୍ବେକ୍ଷଣ କାର୍ଯ୍ୟ ହେଉଛି। ଗ୍ରାମ କୃଷି ଅଧିକାରୀ, ପ୍ରାଥମିକ କୃଷି ସମବାୟ ସମିତିର ଭାରପ୍ରାପ୍ତ ସମ୍ପାଦକ, ରାଜସ୍ୱ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍‌ଏସି ଦାବିରେ ଦସ୍ତଖତ ଅଭିଯାନ ଆଜିଠୁ

ବନ୍ତ,୩୦।୮ (ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲାର ବନ୍ତ ସଦରମହକୁମାକୁ ଏନ୍‌ଏସି ଘୋଷଣା ଦାବି ନେଇ ବନ୍ତ ଅଞ୍ଚଳର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଶିକ୍ଷାବିତ୍, ସାମାଜିକ କର୍ମୀଙ୍କ ସମେତ ବିଭିନ୍ନ ଦଳର ନେତୃତ୍ୱ ଆଣ୍ଠୁ ଭିଡ଼ିଛନ୍ତି। ଏନେଇ ଗତ ୨୪ ତାରିଖରେ ଏକ ବୈଠକ ଅନୁଷ୍ଠିତ ହୋଇ ବନ୍ତକୁ ଏନ୍‌ଏସି ଘୋଷଣା ପାଇଁ ରାଜ୍ୟ ସରକାରଙ୍କ ପାଖରେ ଦାବି ଜଣାଇବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ରବିବାରଠାରୁ ଦସ୍ତଖତ ଅଭିଯାନ ଆରମ୍ଭ ହେବ। ଏଥିସହ ଖୁର୍ଦ୍ଧାସ୍ଥ ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ ଓ ଭାଜପା ରାଜ୍ୟ ସଭାପତିଙ୍କୁ ଭେଟି ସ୍ମାରକ ପତ୍ର ଦିଆଯିବ ବୋଲି ଗୀତା ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷ ଡ. ମନ୍ମଥ କୁମାର ରାଉଳ, ତିଲୋ ପଞ୍ଚାୟତ ସରପଞ୍ଚ ସଂଗ୍ରାମ କେଶରୀ ଜେନା, ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ ପ୍ରମୁଖ ଶନିବାର ଜଣାଇଛନ୍ତି। ପ୍ରକାଶ ଯେ, ୧୯୬୧ରେ ବନ୍ତ ପଞ୍ଚାୟତ ସମିତି ଗଠନ ହୋଇଥିଲା। ସଦର ମହକୁମାରେ ପଞ୍ଚାୟତ ସମିତି, ତହସିଲ, ସବ୍ ରେଜେଷ୍ଟ୍ରି ଅଫିସ, ଥାନା, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଣୀ ଚିକିତ୍ସାଳୟ, ବ୍ଲକ ଶିକ୍ଷାଧିକାରୀ, ଜଳସେଚନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ, ଉପଡାକଘର, କଲେଜ, ୩ ହାଇସ୍କୁଲ ଓ ୪ ବ୍ୟାଙ୍କ ରହିଛି। ବିଶେଷକରି ବନ୍ତ, ପଧାନପଡ଼ା ଓ ତିଲୋ ୩ ପଞ୍ଚାୟତ ମଧ୍ୟରେ ବନ୍ତ ସଦର ମହକୁମା ରହିଛି। ସଦର ମହକୁମା ମଧ୍ୟ ଦେଇ ଭଦ୍ରକ-ଆନନ୍ଦପୁର ୫୩ ନଂ. ରାଜ୍ୟ ରାଜପଥ ଏବଂ ବିବେକବିମ୍ବ ରାସ୍ତା ଯାଇଛି। ନିୟମିତ ସଦର ମହକୁମାକୁ ହଜାର ହଜାର ଲୋକ ବିଭିନ୍ନ କାର୍ଯ୍ୟରେ ଆସୁଛନ୍ତି। ସରକାରୀ ଗାଇଡଲାଇନ ଅନୁଯାୟୀ ଭୌଗୋଳିକ ସ୍ଥିତି ଓ ଆଶାବନ୍ଧ ଜନସଂଖ୍ୟା ଦୃଷ୍ଟିରୁ ବନ୍ତ ସଦରମହକୁମା ଏନ୍‌ଏସି ପାଇଁ ଯୋଗ୍ୟ ହୋଇଥିବାରୁ ଅଞ୍ଚଳବାସୀ ଦୀର୍ଘଦିନ ହେଲା ଦାବି କରିଆସୁଛନ୍ତି। ୨୦୨୩ ଡିସେମ୍ବର ୨୧ରେ ବନ୍ତକୁ ଏନ୍‌ଏସି ମାନ୍ୟତା ଦେବା ନେଇ ବନ୍ତ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ତତ୍କାଳୀନ ରାଜ୍ୟପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ପରେ ଏ ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ଚିଠି ହୋଇଥିଲା। ଏହାମଧ୍ୟରେ ଦୀର୍ଘ ମାସ ବିତି ଯାଇଥିବା ବେଳେ ବନ୍ତ ଅଞ୍ଚଳବାସୀ ଏନ୍‌ଏସି ଘୋଷଣା ଅପେକ୍ଷାରେ ରହିଛନ୍ତି।

## ବାଲିପୋଖରୀ, ଷୋଳମପୁରରେ ତାଳଗୋଟମା ରୋପଣ



ଷୋଳମପୁରଠାରେ ତାଳଗୋଟମା ରୋପଣ କରାଯାଉଛି।

ଭଣ୍ଡାରିପୋଖରୀ,୩୦।୮ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ନେତାଜୀ ଯୁବକ ସଂଘ ପକ୍ଷରୁ ଗ୍ରିଲାଏନ୍ସ ଫାଉଣ୍ଡେଶନ ସହଯୋଗରେ ତାଳଗୋଟମା ରୋପଣ ଅଭିଯାନ ଆରମ୍ଭ କରାଯାଇଛି। ପରିବେଶ ସୁରକ୍ଷା ଓ ବଜ୍ରପାତରୁ ସୁରକ୍ଷା ପାଇଁ ତାଳଗଛର ଆବଶ୍ୟକତା ରହିଥିବାରୁ ବାଲିପୋଖରୀ ଓ ଷୋଳମପୁର ପଞ୍ଚାୟତରେ ତାଳଗୋଟମା ରୋପଣ କରାଯାଉଛି। ଶନିବାର ବାଲିପୋଖରୀଠାରେ ସରପଞ୍ଚ ଅକ୍ଷୟ କୁମାର ତ୍ରିପାଠୀ ଓ ନେତାଜୀ ଯୁବକ ସଂଘ କର୍ମକର୍ତ୍ତାମାନେ ତାଳଗୋଟମା ରୋପଣ ଆରମ୍ଭ କରିଥିଲେ। ସେହିପରି ସଂଘ ସଦସ୍ୟଙ୍କ ଉପସ୍ଥିତିରେ ଷୋଳମପୁର ପଞ୍ଚାୟତରେ ପଞ୍ଚାୟତ ମହାସଂଘ ସଭାନେତ୍ରୀ, ସମିତିଙ୍କ, ସଦସ୍ୟ, ଏମ୍‌ବିକେ, ଗ୍ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ଦିବ୍ୟକାନ୍ତ ନାୟକ ଓ ମୋହିତ ଚୌଧୁରୀଙ୍କ ସହଯୋଗରେ ତାଳଗୋଟମା ରୋପଣ କରାଯାଇଥିଲା। ଏହି ଅଭିଯାନରେ ବାଲିପୋଖରୀ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଅଢ଼େଇ ହଜାର ଓ ଷୋଳମପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ୧ ହଜାର ତାଳଗୋଟମା ରୋପଣ କରାଯିବ ବୋଲି ନେତାଜୀ ଯୁବକ ସଂଘ ଓ ଗ୍ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି। ନେତାଜୀ ଯୁବକ ସଂଘ ପକ୍ଷରୁ ବୀଣାପାଣି ମଙ୍ଗଳ ଓ ଅଜୟ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭଦ୍ରକରେ ପୁନଃ ଆର୍‌ଏମ୍‌ଏସ୍ କାର୍ଯ୍ୟକ୍ଷମ ପାଇଁ ଦାବିପତ୍ର ଦେଲେ ଅସିତ୍



କଂଗ୍ରେସର ଜିଲା ସଂଯୋଜକ ଅସିତ୍ ପଟ୍ଟନାୟକ ଡାକ ବିଭାଗ ମୁଖ୍ୟ ପରିଚାଳକଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଭଦ୍ରକ,୩୦।୮ (ସନାତନ ରାଉତ)

ଭଦ୍ରକ ଚରମ୍ପାସ୍ଥିତ ରେଳ ଷ୍ଟେଶନରେ ଥିବା ଆର୍‌ଏମ୍‌ଏସ୍ (ରେଲୱେ ମେଲ୍ ସର୍ଭିସ୍) ସେବା ବାଲେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ଏହାକୁ ପୁଣିଥରେ ଭଦ୍ରକ ରେଳଷ୍ଟେଶନରେ କାର୍ଯ୍ୟକ୍ଷମ ପାଇଁ କଂଗ୍ରେସର ଭଦ୍ରକ ଜିଲା ସଂଯୋଜକ ଅସିତ୍ ପଟ୍ଟନାୟକ ଶନିବାର ଭଦ୍ରକ ଡାକ ବିଭାଗ ମୁଖ୍ୟ ପରିଚାଳକ ବିଜୟ ମହାନ୍ତିଙ୍କୁ ତାଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାକୁ ସ୍ଥାନାନ୍ତର କରାଯାଇଥିବାରୁ ଭଦ୍ରକରେ ରେଳ ଡାକସେବା ବ୍ୟାହତ ହୋଇଛି। ଏହି ଡାକସେବାକୁ ପୁନଃ ଏଠାରେ କାର୍ଯ୍ୟକ୍ଷମ କରିବା ପାଇଁ ସେ ଆଲୋଚନା କରିଛନ୍ତି।

## ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍

ଧାମନଗର,୩୦।୮ (ଦେବେନ୍ଦ୍ର ଆଦ୍ଦିଆ/ସନ୍ତୋଷ କୁମାର ମହାପାତ୍ର)




ଉଦ୍‌ଘାଟନୀ ସଭାରେ ଉପସ୍ଥିତ ଅତିଥି।

ଭଦ୍ରକ ଜିଲା ସଟଲ ଆସୋସିଏଶନ ଓ ଧାମନଗର ମା' ଦୁର୍ଗା ଆସୋସିଏଶନର ମିଳିତ ସହଯୋଗରେ ଜିଲା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଟୁର୍ନାମେଣ୍ଟ ଶନିବାର ଧାମନଗର ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍‌ରେ ଉଦ୍‌ଘାଟିତ ହୋଇଛି। ଓଡ଼ିଶା ଷ୍ଟେଟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସ୍ୱୀକୃତିପ୍ରାପ୍ତ ଦୁଇଦିନ ବ୍ୟାପୀ ଏହି ପ୍ରତିଯୋଗିତାରେ ଭଦ୍ରକ ଜିଲାର ବିଭିନ୍ନ ବିଦ୍ୟାଳୟ ଓ ବିଭିନ୍ନ ବ୍ଲକରୁ ଶତାଧିକ ପ୍ରତିଯୋଗୀ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଅନ୍ୟତମ ଅତିଥି ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ରମାକାନ୍ତ ମହାନ୍ତି, ମନ୍ତ୍ରୀଙ୍କ ଏନ୍‌ଏସି ପ୍ରତିନିଧି କୈଳାଶ ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ସରୋଜ ମହାପାତ୍ର, ବରିଷ୍ଠ ନେତା ଅରବିନ୍ଦ ପତି ପ୍ରମୁଖ ଯୋଗ ଦେଇଥିଲେ।

ଜିଲା ସଟଲ ଆସୋସିଏଶନର ସଭାପତି ମହେଶ ପ୍ରସାଦ ଦାସ, ସମ୍ପାଦକ ସମୀର ଦାସ, ମା' ଦୁର୍ଗା ଆସୋସିଏଶନର ସମ୍ପାଦକ ଅଜିତ ମହାପାତ୍ର, କାର୍ଯ୍ୟକାରୀ ସଭାପତି ବିବେକ ଜେନା, କାର୍ଯ୍ୟକାରୀ ସମ୍ପାଦକ ସଞ୍ଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଧାମନଗରରେ ଏହି ପ୍ରତିଯୋଗିତା ପ୍ରଥମଥର ଆୟୋଜିତ ହେଉଥିବାରୁ ସେମାନେ ଜିଲା ପ୍ରଶାସନ ଓ ଷ୍ଟେଟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନକୁ କୃତଜ୍ଞତା ଜଣାଇଥିଲେ। ବିକାଶ ଗୁପ୍ତା, ଅମର ରାମ, ସୁବ୍ରତ ସାହୁ, ଦୟାନିଧି ରାଉତ, ଶୁଭମ ବସନ୍ତରାୟ, ନୀତିନ ସାହୁ, ରଞ୍ଜିତ ମଲ୍ଲିକ, ସ୍ମୃତିରଞ୍ଜନ ବାରିକ, କିଶୋର ନାୟକ ପ୍ରମୁଖ ପରିଚାଳନା କରିଥିଲେ। ବ୍ୟୋମକେଶ ମହାପାତ୍ର ସଂଯୋଜନା କରିଥିବା ବେଳେ ମନ୍ମଥ ରାଉତ ଧନ୍ୟବାଦ ଦେଇଥିଲେ।

## ଜିଲା ଲେଭଲ ଭି(ଏ) ଶିକ୍ଷକ ସଂଘ ଗଠିତ

ଭଦ୍ରକ,୩୦।୮ (ସନାତନ ରାଉତ/ ରବିନାରାୟଣ ଖିଲାର)

ପ୍ରାଥମିକ ଶିକ୍ଷକମାନଙ୍କର ମୂଳ ବେତନର ସଂଶୋଧନ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ପ୍ରାଥମିକ ଶିକ୍ଷକଙ୍କ ମନରେ କୁଠାରାଘାତ କରିଛି। ଏହାର ବିରୋଧ କରି ଶୁକ୍ରବାର ସ୍ଥାନୀୟ ବାଇପାସ୍‌ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରକୋଷ୍ଠରେ ବରିଷ୍ଠ ଶିକ୍ଷକ କୃତିବାସ ରାଉତଙ୍କ ଆବାହକତ୍ୱରେ ଓ ଶୁଭେନ୍ଦୁ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଜିଲା ଲେଭଲ ଭି(ଏ) ଶିକ୍ଷକ ସଂଘ ଗଠିତ ହୋଇଛି। ଏଥିରେ ୩ ବ୍ଲକରୁ ପ୍ରାୟ ୨୦୦ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ଜ୍ୟୋତିର୍ମୟ ଅଗସ୍ତି ସଭାପତି ଏବଂ ସୁଧୀର କୁମାର ବାରିକ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ମହାସଚିବ ଭାବେ ବ୍ୟୋମକେଶ ପରିଡ଼ା, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ବାରିକ ଏବଂ ଉପସଭାପତି ଭାବେ ବିପିନ ବିହାରୀ ଜେନା, ତପନ କୁମାର ସାହୁ, ଆନନ୍ଦ ମହାଲିକ, ସଞ୍ଜୀବ ମହାନ୍ତି, ମାନିନୀ ପରିଡ଼ା, ପୀତାମ୍ବର ମିଶ୍ର, ଦେବାଶିଷ ମୁଦୁଲି, ଶ୍ରୀଧର ପଣ୍ଡା, ସଞ୍ଜୟ ବିନ୍ଧାଣୀ ଏବଂ ଓମ୍‌ପ୍ରକାଶ ନାୟକଙ୍କୁ ଚୟନ କରାଯାଇଥିଲା। ସେହିପରି ସହସମ୍ପାଦକ ରୂପେ ପ୍ରଦୀପ କୁମାର ପଲାଇ, ଚନ୍ଦ୍ରଶେଖର ମୁଦୁଲି, ସ୍ୱର୍ଣ୍ଣପ୍ରଭା ନାୟକ, ଅର୍ଜୁନ ଦାସ, ରାମକୃଷ୍ଣ ବାରିକ, ସନ୍ତୋଷ ମଲ୍ଲିକ, ଦିଲୀପ ସାହୁ, ଦେବାଶିଷ ନାଥ, ଦେବେନ୍ଦ୍ର କବି, ଉପଦେଷ୍ଟା ଭାବେ ବରିଷ୍ଠ ଶିକ୍ଷକ ଶୁଭେନ୍ଦୁ କୁମାର ବିଶ୍ୱାଳ, ପ୍ରଦୀପ ସେଠୀ, କୃତିବାସ ରାଉତ, ପ୍ରଭାସ ପଣ୍ଡା ଓ ଅଶୋକ କୁମାର ଦାସ ମନୋନୀତ ହୋଇଛନ୍ତି। ଶିକ୍ଷକ ଅଜିତ୍ କୁମାର ମହାରଣା ଓ ପ୍ରକାଶ ନାରାୟଣ ଜେନାଙ୍କୁ ରାଜ୍ୟ କୋର୍ କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଛି। ଆଗାମୀ ମୌସୁମୀ ଅଧିବେଶନ ପୂର୍ବରୁ ସରକାର ୪୨୮୦ ଗ୍ରେଡ୍‌ପେ ୬ବର୍ଷର ଚୁକ୍ତି ଅବଧିକୁ ମୂଳ ଚାକିରିରେ ଗଣନା କରିବା ସହ ୬ଟି ନ୍ୟାଶନାଲ ଇନ୍‌କ୍ରିମେଣ୍ଟ ନ ଦେଲେ ରାଜ୍ୟସ୍ତରୀୟ ଆନ୍ଦୋଳନରେ ଜିଲାର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ହେବାକୁ ବୈଠକରେ ମତପ୍ରକାଶ ପାଇଥିଲା।

# ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା

### ବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ

ଚାନ୍ଦବାଲି,୩୦।୮ (କିଷାନ ପାତ୍ର)



କ୍ରୀଡ଼ା ଦିବସ ପାଳନ ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର।

ଚାନ୍ଦବାଲି ବ୍ଲକ ଗୋପାଳପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୋପାଳପୁର ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକ ତପନ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ମୋନାଲିସା ମହାପାତ୍ରଙ୍କ ସଂଯୋଜନାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରୀଡ଼ା ସମ୍ବନ୍ଧୀୟ ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ ଲିଖନ, ସ୍ଲୋଗାନ ଲିଖନ, ଇନ୍‌ଡୋର ଓ ଆଉଟଡୋର୍ ଗେମ୍ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ଶିଶୁବାଟିକାରୁ ୫ମ ଶ୍ରେଣୀ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସିଆର୍‌ସିସି ତପନ ସାହୁ ଶିକ୍ଷା ସହ କ୍ରୀଡ଼ାର ମହତ୍ତ୍ୱ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଦିବସ ବିଦ୍ୟାଳୟରେ ୩ ଦିନ ଧରି ପାଳନ ହେବ ବୋଲି ଶିକ୍ଷୟିତ୍ରୀ ମୋନାଲିସା ମହାପାତ୍ର ସୂଚନା ପ୍ରଦାନ କରିଥିଲେ। ମେଜର ଧ୍ୟାନଚାନ୍ଦଙ୍କ ଅବଦାନ ଓ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ସମ୍ପର୍କରେ ଶପଥପାଠ, ବିଭିନ୍ନ ପ୍ରତିଯୋଗିତା, ସାଇକେଲ ଚାଳନା ପ୍ରତିଯୋଗିତା ଆଦି ରବିବାର ଅନୁଷ୍ଠିତ ହେବ। ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ, ସ୍ୱୟଂସହାୟକ ଗୋଷ୍ଠୀ ଓ ସ୍ଥାନୀୟ ପ୍ରଶାସନର ମିଳିତ ଉଦ୍ୟମରେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସାଧିତ ହେବ ବୋଲି ସିଆର୍‌ସିସି ତପନ ସାହୁ କହିଥିଲେ।

## ୨ ବାଇକ୍ ଧକ୍କା, ଯୁବକ ମୃତ

ବାସୁଦେବପୁର,୩୦।୮ (କାଳିପଦ ରାୟ)

ଚାନ୍ଦବାଲି ବ୍ଲକ ଅଧୀନ ଧାମରା ପ୍ରତିରକ୍ଷା ରାସ୍ତାରେ ଶନିବାର ଅପରାହ୍ନରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ପଶ୍ଚିମବଙ୍ଗର ଗଣେଶ ଜେନା(୩୦)ବୋଲି ଜଣାପଡ଼ିଛି। ଅନ୍ୟ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ସ୍ଥାନୀୟ ଅଞ୍ଚଳରେ ରାଜମିସ୍ତ୍ରୀ ଭାବେ କାମ କରୁଥିଲେ। ସୂଚନା ଅନୁଯାୟୀ, ସେ ବାଇକ୍‌ରେ ଯାଉଥିବା ବେଳେ କେନ୍ଦ୍ରାପଡ଼ା ଜିଲା ତାଲଚୁଆ ଅଞ୍ଚଳର ଶିବଶଙ୍କର ପ୍ରଧାନଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଗଣେଶଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଶିବଶଙ୍କରଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଧାନ ବିକ୍ରି ପାଇଁ ପଞ୍ଜୀକରଣ କଲେ ୧୦,୯୯୫ ଚାଷୀ

### ବାଦ୍ ପଡ଼ିଥିବା ଚାଷୀଙ୍କ ଅସନ୍ତୋଷ

ତିହିଡ଼ି, ୩୦।୮ (ସଞ୍ଜିତ ବଳ)

ତିହିଡ଼ି ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ୧୫ ସମବାୟ ସମିତିରେ ମୋଟ ୧୦,୯୯୫ଜଣ ଚାଷୀ ଚଳିତ ଖରିଫ ଧାନ ବିକ୍ରି ପାଇଁ ଅନ୍‌ଲାଇନରେ ପଞ୍ଜୀକରଣ କରିଛନ୍ତି। ତେବେ ବହୁ ଚାଷୀ ଏଥିରୁ ବାଦ୍ ପଡ଼ିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଖରିଫ୍ ଧାନ ବିକ୍ରି ପାଇଁ ଅନ୍‌ଲାଇନରେ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଗତ ଜୁଲାଇ ୧୯ରୁ ଆରମ୍ଭ ହୋଇଥିଲା। ପଞ୍ଜୀକରଣର ଶେଷ ତାରିଖ ଅଗଷ୍ଟ ୨୦କୁ ଧାର୍ଯ୍ୟ କରାଯାଇଥିଲା। ପଞ୍ଜୀକରଣର କେତେକ ନୂଆ ନିୟମକୁ ନେଇ ଉଭୟ ଚାଷୀ ଓ ସମବାୟ ସମିତି ସମ୍ପାଦକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଚାଷୀଙ୍କ ଦାବିକୁ ଦୃଷ୍ଟି ଦେଇ ସରକାରଙ୍କ ପକ୍ଷରୁ ସମୟସୀମା ବୃଦ୍ଧି କରାଯାଇ ଅଗଷ୍ଟ ୨୫କୁ ରଖାଯାଇଥିଲା। ୨୫ ତାରିଖ ରାତି ୧୨ଟାରେ ଅନ୍‌ଲାଇନ ପଞ୍ଜୀକରଣ ସାଇଟ୍‌କୁ ବନ୍ଦ କରି ଦିଆଯାଇଥିଲା। ତେବେ ଅନେକ ଚାଷୀ ଅଗଷ୍ଟ ଶେଷ ଯାଏ ସମୟସୀମା ଥିବା ଭାବି ରହିଥିବା ବେଳେ ସାଇଟ୍ ବନ୍ଦ ହୋଇଯିବା ପରେ ମଧ୍ୟ ଜାଣି ନ ପାରି ସମିତିକୁ ପଞ୍ଜୀକରଣ ପାଇଁ ଯାଇ ନିରାଶରେ ଫେରିଛନ୍ତି। ସୂଚନା ଅନୁଯାୟୀ, ପାଳିଆବିନ୍ଧା ସମିତିରେ ୭୫୦, ଅଣ୍ଡରାଇରେ ୬୦୮, ବିଲଣାରେ ୪୬୦, ଗାନ୍ଧୀନଗରରେ ୭୩୮, ମଙ୍ଗଳପୁରରେ ୮୫୯, ଭାଟପଡ଼ାରେ ୯୯୪, ବାମନବିନ୍ଧାରେ ୭୯୦, ନିଶ୍ଚିନ୍ତପୁରରେ ୮୧୭, ବାରସରରେ ୧୦୧୧, ଶ୍ୟାମସୁନ୍ଦରପୁରରେ ୧୦୬୬, ଚାରିତରଫରେ ୭୦୭, ଜାମଯୋଡ଼ିରେ ୬୩୦, ଅମୃତପୁରରେ ୬୪୫, ଆରସାରେ ୫୬୦ ଓ ନରେନ୍ଦ୍ରପୁରରେ ୩୬୦ଜଣ ଚାଷୀ ଅନ୍‌ଲାଇନରେ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ମୋଟ ୮, ୬୪୩ଜଣ ଚାଷୀ ପଞ୍ଜୀକରଣ କରିଥିବାବେଳେ ଚଳିତବର୍ଷ ଏହା ବୃଦ୍ଧି ପାଇ ୧୦, ୪୩୫ରେ ପହଞ୍ଚିଛି। ଅଗଷ୍ଟ ୩୦ ପର୍ଯ୍ୟନ୍ତ ପଞ୍ଜୀକରଣ ଚାଲିଥିଲେ ଏହି ସଂଖ୍ୟା ବୃଦ୍ଧି ପାଇଥାନ୍ତା ବୋଲି ଉଭୟ ସମିତି ଓ ଚାଷୀମାନଙ୍କ ପକ୍ଷରୁ ମତପ୍ରକାଶ ପାଇଛି। ଏପରି ସ୍ଥଳେ ଅଧିକ ୫ଦିନ ସମୟ ଦିଆଯାଇ ବଞ୍ଚିତ ହୋଇଥିବା ଚାଷୀମାନଙ୍କୁ ପଞ୍ଜୀକରଣ ସୁଯୋଗ ଦେବାକୁ ଦାବି ହୋଇଛି।

## ଧ୍ୟାନଚାନ୍ଦ କ୍ରୀଡ଼ାଜଗତର ମାଇଲଖୁଣ୍ଟ

ବାଲେଶ୍ୱର, ୩୦।୮(ବାଞ୍ଛାନିଧି ଦେ): ହକି ତାରକା ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନ ଅବସରରେ ବାଲେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ ପଡ଼ିଆରେ ଶୁକ୍ରବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ପରେ ୨୫ଶହରୁ ଊର୍ଦ୍ଧ୍ୱ ଖେଳାଳିଙ୍କ ସହଭାଗିତାରେ ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏମ୍ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରି ଧ୍ୟାନଚାନ୍ଦଙ୍କ କ୍ରୀଡ଼ାଜୀବନର ସ୍ମୃତି ରୋମନ୍ଥନ କରିଥିଲେ। ସେ କ୍ରୀଡ଼ାଜଗତର ମାଇଲଖୁଣ୍ଟ ଥିଲେ ବୋଲି ବକ୍ତବ୍ୟରେ କହିଥିଲେ। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ଅପରାହ୍ନରେ ଭଲିବଲ, ଖୋ-ଖୋ ଓ ବ୍ୟାଡମିଣ୍ଟନ ମ୍ୟାଚ ଆୟୋଜିତ ହୋଇଥିଲା। ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।

# ରାସ୍ତା ପାଇଁ ଗଣବିକ୍ଷୋଭ


ଆଞ୍ଚଳିକ ସୁରକ୍ଷା ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି।

ରସୁଲପୁର, ୩୦।୮(ଶରତ ସାମଲ)

ବାଲେଶ୍ୱର ସହର ଉପକଣ୍ଠ କୁରୁଡ଼ା ଛକଠାରୁ ମଠସାହିରାସ୍ତାର ଦୁରବସ୍ଥାକୁ ନେଇ ଆଞ୍ଚଳିକ ସୁରକ୍ଷା ମଞ୍ଚ ପକ୍ଷରୁ ଶନିବାର ଗଣବିକ୍ଷୋଭ ସହ ରାସ୍ତା ଅବରୋଧ କରାଯାଇଛି। ରାସ୍ତା ବିଭାଗ ପକ୍ଷରୁ ମରାମତି ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣବିକ୍ଷୋଭ କରାଯିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଖବରପାଇ ଗ୍ରାମ୍ୟ ଉନ୍ନୟନର ଏସ୍‌ଡିଓ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ମରାମତି ହେବାର ପ୍ରତିଶ୍ରୁତି ଦେଇଥିଲେ। ତେବେ ବିଭାଗୀୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାସ୍ତା ମରାମତି କରିବାର ଲିଖିତ ପ୍ରତିଶ୍ରୁତି ଦେଲେ ଆନ୍ଦୋଳନକାରୀ ଆନ୍ଦୋଳନରୁ ହଟିବେ ବୋଲି କହିଥିଲେ। ଏନେଇ ମଞ୍ଚ ପକ୍ଷରୁ ସ୍ଥାନୀୟ ବିଧାୟକ, ଏମ୍ପି, ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିବାରୁ ଏଭଳି ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯାଇଛିବୋଲି ମଞ୍ଚର ଆବାହକ କହିଛନ୍ତି। ସୂଚନା ଅନୁଯାୟୀ, ଏହି ରାସ୍ତାଟିର ଲମ୍ବ ୧୦କି.ମି.। ୭ / ୮ ବର୍ଷ ପୂର୍ବେ ଉକ୍ତ ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ରାସ୍ତା ମରାମତି ହୋଇଥିଲା। ନିମ୍ନମାନର କାମ ଯୋଗୁ ୨/୩ ବର୍ଷ ଭିତରେ ରାସ୍ତା ନଷ୍ଟ ହୋଇଯାଇଥିଲା। ଉକ୍ତ ରାସ୍ତା ଦେଇ ପ୍ରାୟ ୪/୫ଟି ପଞ୍ଚାୟତର ଲୋକେ ଯାତାୟାତ କରିଥାନ୍ତି। ବିଭିନ୍ନ ସ୍କୁଲ, କଲେଜର ପିଲାମାନେ ଯିବାଆସିବା କରିବା ସହ ବିଭିନ୍ନ କଲେଜ ବସ୍ ଏବଂ ସେସବୁ କାର୍ଯ୍ୟରେ ନିୟୋଜିତ ଡମ୍ପର ସମେତ ବଡ଼ ବଡ଼ ଟ୍ରକ, ମାଲ ବୋଝେଇ ଗାଡ଼ି ଆଦି ଯାତାୟାତ କରୁଛି। ରାସ୍ତାଟି ସମ୍ପୂର୍ଣ୍ଣ ଖାଲଖମା ହୋଇଯାଇଥିବା ଯୋଗୁ ଯାତାୟାତରେ ବହୁ ଅସୁବିଧା ହେଉଛି। ବହୁବାର ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ ସେମାନେ ଏହାର ସ୍ଥାୟୀ ପ୍ରତିକାର ନ କରିବାରୁ ଦିନକୁ ଦିନ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତାର ମରାମତି ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଏହା ଆସନ୍ତା ୨୦ ତାରିଖ ପରେ ରାସ୍ତାର ମରାମତି ହେବା ସହିତ ୨ରୁ ୩ଦିନ ମଧ୍ୟରେ ଅସ୍ଥାୟୀ ଭାବେ ମରାମତି ହେବ ବୋଲି ଏସ୍‌ଡିଓ କହିଛନ୍ତି।

## ଦୋଷୀଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡ

**ମହିଳାଙ୍କୁ ବଳାତ୍କାର, ଅଶ୍ଳୀଳ ଫଟୋ ଭାଇରାଲ ମାମଲା**

ବାଲେଶ୍ୱର, ୩୦।୮(ବାଞ୍ଛାନିଧି ଦେ)

ଜଣେ ବିବାହିତ ମହିଳାଙ୍କୁ ବଳାତ୍କାର ଓ ଅଶ୍ଳୀଳ ଫଟୋ ଭାଇରାଲ କରିବା ମାମଲାର ଶୁଣାଣି କରି ଶନିବାର ବାଲେଶ୍ୱର ଆଡହକ ଆଡିଶନାଲ ଜିଲ୍ଲା ଏବଂ ସେସନ୍ସ ଜଜ ଅନିତା ସାହୁ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୧୨ଜଣ ସାକ୍ଷୀ ଓ ୪୧ଟି ଦସ୍ତାବିଜକୁ ଆଧାର କରି ତାଳସାରୀ ମେରାଇନ ଥାନା ଅଧୀନ ସାହାବାଜପୁର ଅଞ୍ଚଳର ଜଗନ୍ନାଥ ଦାସଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୨ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ତାଳସାରୀ ମେରାଇନ ଥାନା ଅଞ୍ଚଳର ଜଣେ ଯୁବତୀ ପାଠ ପଢୁଥିବା ବେଳେ ଜଗନ୍ନାଥଙ୍କ ସହ ସମ୍ପର୍କ ଗଢିଉଠିଥିଲା। କିନ୍ତୁ ଜଗନ୍ନାଥ ବିବାହିତ ବୋଲି ଯୁବତୀଜଣକ ଜାଣିବା ପରେ ତାଙ୍କଠାରୁ ସେ ଦୂରେଇ ଯାଇଥିଲେ। ଏହାପରେ ଯୁବତୀଙ୍କ ପରିବାର ଲୋକେ ତାଙ୍କୁ ଅନ୍ୟତ୍ର ବିବାହ କରି ଦେଇଥିଲେ। ବିବାହର ଦୁଇ ବର୍ଷ ପରେ ୨୦୨୩ ମସିହାରେ ଜଗନ୍ନାଥଙ୍କ ସହ ବିବାହିତା ମହିଳାଙ୍କର ଏକ ମାର୍କେଟରେ ଦେଖା ହୋଇଥିଲା। ପୂର୍ବରୁ ରଖିଥିବା ଅଶ୍ଳୀଳ ଫଟୋ ଭାଇରାଲ କରିଦେବା ଧମକ ଦେବା ସହ ଅଭିଯୁକ୍ତଜଣକ ମହିଳାଙ୍କ ଇଚ୍ଛା ବିରୋଧରେ ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ଫଟୋ ମଧ୍ୟ ଭାଇରାଲ କରିଥିଲେ। ଏନେଇ ସେ ତାଳସାରୀ ମେରାଇନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ. ୪୩/୨୩) ରୁଜୁ କରି ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଥିଲା। ଉକ୍ତ ମାମଲାର ବିଚାର କରି ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ଦୀପକ କୁମାର ଦାଶ ପରିଚାଳନା କରୁଥିଲେ।

## ଭସାଣି ଶୋଭାଯାତ୍ରା ପାଇଁ ମିଳିଲା ଅନୁମତି

**ହଟିଲା ରାସ୍ତା ଅବରୋଧ**

ଖଇରା, ୩୦।୮(ଉତ୍କଳବନ୍ଧୁ ପଣ୍ଡା)

ଖଇରା, ୩୦।୮(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲ୍ଲା ଖଇରା ବଜାରରେ ଶନିବାର ସନ୍ଧ୍ୟାରେ ୨ କ୍ଲବ ଦ୍ୱାରା ଆୟୋଜିତ ହେବାକୁ ଥିବା ଭସାଣି ଶୋଭାଯାତ୍ରା ଉପରେ ପୋଲିସ କଟକଣା ଲଗାଇବାକୁ ନେଇ ଉଭୟ କ୍ଲବର ଶତାଧିକ ସଦସ୍ୟ ଅପରାହ୍ନରେ ସୋର-କୁପାରୀ ରାସ୍ତାକୁ ଦୁର୍ଗାମଣ୍ଡପ ଛକରେ ଅବରୋଧ କରିଥିଲେ। ପାଖାପାଖି ୨ଘଣ୍ଟା ଧରି ସମସ୍ତ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ତହସିଲଦାର ଅମିତ ରଞ୍ଜନ ହୋତା ଓ ଖଇରା ଥାନା ଆଇଆଇସି ସୁଚନ୍ଦ୍ର ମହାଳିକ ଆନ୍ଦୋଳନରତ କ୍ଲବ ସଦସ୍ୟଙ୍କୁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଡିଜେ ପାଇଁ ଶୋଭାଯାତ୍ରା ବନ୍ଦ ହୋଇଥିବା ନେଇ ଆଲୋଚନା ଅବସରରେ କହିଥିଲେ। ଶେଷରେ ଆଇଆଇସି ଥାନା ପରିସରରେ କ୍ଲବ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବା ପରେ କ୍ଲବ କର୍ମକର୍ତ୍ତାମାନେ ସରକାରଙ୍କ ଶବ୍ଦ ପ୍ରଦୂଷଣ ଗାଇଡଲାଇନକୁ ସମ୍ମାନ ଦେଇ ଶୋଭାଯାତ୍ରା ଶେଷ କରିବାକୁ ଲିଜେଣ୍ଡ ଲାୟନ୍ସ କ୍ଲବ ଓ ୱାରିଅର୍ସ କ୍ଲବର ସଦସ୍ୟମାନେ ପ୍ରତିଶ୍ରୁତି ଦେବା ପରେ ଶୋଭାଯାତ୍ରା ପାଇଁ ପ୍ରଶାସନ ଅନୁମତି ଦେଇଥିଲା।

# ଧାରଣାରେ ବସିଲେ ଛାତ୍ରୀଛାତ୍ର, ଅଭିଭାବକ


ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର ଓ କମିଟି ସଦସ୍ୟଙ୍କ ଧାରଣା।

**ସୁଜାଗଡ ପ୍ରାଥମିକ ବିଦ୍ୟାଳୟରେ ଆର୍ଥିକ ଅନିୟମିତତା**

ଖଇରା, ୩୦।୮(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ସାରକୋଣା ପଞ୍ଚାୟତ ଅଧୀନ ସୁଜାଗଡ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀଙ୍କ ମନମୁଖୀ କାର୍ଯ୍ୟକଳାପ ତଥା ୨୦୨୪-୨୫ ମସିହାରୁ ଆର୍ଥିକ ଅନିୟମିତତା ହେଉଥିବା ଅଭିଯୋଗ ଆଣି ପରିଚାଳନା କମିଟି, ଛାତ୍ରୀଛାତ୍ର ତଥା ବହୁ ଗ୍ରାମବାସୀ ପ୍ରବଳ ବର୍ଷା ସତ୍ତ୍ୱେ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ମାଣିକ ମିଶ୍ର ଧାରଣାସ୍ଥଳରେ ପହଞ୍ଚି ଅଭିଭାବକ ଓ କମିଟି ସଦସ୍ୟଙ୍କ ସହ ଆଲୋଚନା କରି ୨୩ହଜାର ୬୧୬ଟଙ୍କାର ହିସାବ କମିଟିକୁ ଦେବାକୁ ପ୍ରଧାନଶିକ୍ଷୟିତ୍ରୀଙ୍କୁ ନିର୍ଦ୍ଦେଶ ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଅଭିଯୋଗ ଅନୁଯାୟୀ ପ୍ରଧାନଶିକ୍ଷୟିତ୍ରୀ ସରସ୍ୱତୀ ମଲ୍ଲିକ ନୂତନ ପରିଚାଳନା କମିଟି ଗଠନ ପରଠାରୁ ଗୋଟିଏ ହେଲେ ବୈଠକ ଡକା ନ ଯିବା, ବିଦ୍ୟାଳୟକୁ ଆସିଥିବା ଅନୁଦାନର ହିସାବ କମିଟିକୁ ନ ଦେବା, କମିଟି ସଭ୍ୟଙ୍କୁ ଗାଳିଗୁଲଜ କରାଯିବା ଭଳି ଅଭିଯୋଗର ତଦନ୍ତ ପାଇଁ ଅଗଷ୍ଟ ୬ତାରିଖରେ କମିଟି ସଦସ୍ୟମାନେ ସିଆରସିସି ଓ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ। ହେଲେ ଅଭିଯୋଗର ସମାଧାନ ନ ହେବାରୁ ପରିଚାଳନା କମିଟି ସଭାପତି ଅଶେଷ ପରିଡା, ରିତାଞ୍ଜଳୀ ମଲ୍ଲିକ, ସୁରେନ୍ଦ୍ର ପରିଡା, ଶଶିକାନ୍ତ ପାତ୍ରଙ୍କ ନେତୃତ୍ୱରେ ଏହି ଧାରଣା ଦିଆଯାଇଥିଲା।

## ଦୋଷୀଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ

**ଘରେ ପଶି ଲୁଟ, ମହିଳାଙ୍କୁ ବଳାତ୍କାର ମାମଲା**

ବାଲେଶ୍ୱର, ୩୦।୮(ବାଞ୍ଛାନିଧି ଦେ)

ଜଣେ ମହିଳାଙ୍କ ଘରୁ ଲୁଟ ଓ ବଳାତ୍କାର ମାମଲାର ଶୁଣାଣି କରି ଶନିବାର ବାଲେଶ୍ୱର ଆଡହକ ଆଡିଶନାଲ ଜିଲ୍ଲା ଏବଂ ସେସନ୍ସ ଜଜ ଅନିତା ସାହୁ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀ ମାୟାଧର ମଲିକଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୩ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୩ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଦର୍ଶାଯାଇଛି।

ସୂଚନା ମୁତାବକ, ୨୦୨୧ ଡିସେମ୍ବର ୧୨ତାରିଖ ରାତିରେ ସୋର ଥାନା ଅଞ୍ଚଳର ଜଣେ ମହିଳାଙ୍କ ଘରେ ପଶି ମୁକୁନ୍ଦପୁର ଗ୍ରାମର ଅଭିଯୁକ୍ତ ମାୟାଧର ମଲିକ ସୁନା କାନଫୁଲ, ମୋବାଇଲ ସହ ୨୩୦ଟଙ୍କା ଲୁଟ କରିବା ସହ ଉକ୍ତ ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ମହିଳା ଜଣଙ୍କ ଚିତ୍କାର କରିବାରୁ ଅଭିଯୁକ୍ତ ସେଠାରୁ ପଳାଇଯାଇଥିଲେ। ଏନେଇ ମହିଳା ଜଣଙ୍କ ସୋର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୪୯୬/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସମସ୍ତ ସାକ୍ଷୀ ଓ ଦସ୍ତାବିଜକୁ ଆଧାର କରି ଏହି ମାମଲାର ବିଚାର କରି ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦୀପକ କୁମାର ଦାଶ ପରିଚାଳନା କରୁଥିଲେ।

## ଅବକାରୀ ବିଭାଗ ଚଢାଉ: ବିପୁଳ ମଦ ଜବତ

ଔପଦା, ୩୦।୮(ଧରିତ୍ରୀ ପଣ୍ଡା)

ଔପଦା ଅଞ୍ଚଳର ବିଭିନ୍ନ ସ୍ଥାନରେ ଦେଶୀ ଓ ବିଦେଶୀ ମଦ କାରବାର ବ୍ୟାପକ ଭାବରେ ଚାଲୁଥିବା ବେଳେ ଅବକାରୀ ବିଭାଗ ପକ୍ଷରୁ ଶନିବାର ଚଢାଉ କରାଯାଇ ବେଡେଇ ଜଙ୍ଗଲରୁ ୪୦୦ ଲିଟର ଦେଶୀ ମହୁଲି ମଦ ଓ ୩୨୦୦ ଲିଟର ମହୁଲି ପୋଚ ନଷ୍ଟ କରାଯାଇଛି। ସେହିପରି ଅଘିରାପଦା ଗ୍ରାମରୁ ଅକ୍ଷୟ ମଲ୍ଲିକଙ୍କ ଘରୁ ୩୮ଲିଟର ବିଦେଶୀ ମଦ ଓ ୨୮ଲିଟର ଦେଶୀ ମଦ ଜବତ କରାଯାଇଛି। ଦରଖୋଳି ହାଟ ବୁଦ୍ଧିଆ ରାଉତଙ୍କ ଦୋକାନରୁ ୨୦ଲିଟର ବିଦେଶୀ ଓ ତଳକିଆ ଗଙ୍ଗାଧର ବେହେରାଙ୍କ ଘରୁ ୨୮ଲିଟର ଦେଶୀ ମଦ ଜବତ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ମିଶନ ଶକ୍ତି ସଭାନେତ୍ରୀଙ୍କୁ ଅସମ୍ମାନ


ଫାଣ୍ଡି ଅଧିକାରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଉଛି।

**ଫାଣ୍ଡିରେ ଅଭିଯୋଗ**

କାଳିପଦା, ୩୦।୮(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ଜମ୍ବିରାଇ ପଞ୍ଚାୟତ ଚାଉଳିତିର ମା' ମାନସା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନଙ୍କ କିସ୍ତି ଟଙ୍କା ନେଣଦେଣକୁ ନେଇ ଦୀର୍ଘ ୧୦ମାସ ଧରି ବିବାଦ ଲାଗିରହିଛି। ଏ ବାବଦରେ ସଦସ୍ୟମାନେ ଜିଟିଏଲଏଫ୍‌ର ସଭାନେତ୍ରୀ ସ୍ନେହଲତା ବେହେରାଙ୍କୁ ଜଣାଇଥିଲେ। ଏନେଇ ସଭାନେତ୍ରୀ ଶୁକ୍ରବାର ତରାଇସ୍ଥିତ ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ମ୍ୟାନେଜରଙ୍କୁ ଘଟଣା ବିଷୟରେ ଅବଗତ କରାଇଥିଲେ ଏବଂ କିସ୍ତି ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କିସ୍ତି ଟଙ୍କା ଆଦାୟ କରିବା ପାଇଁ ଅଡ଼ି ବସିଥିଲେ। ମାତ୍ର ବ୍ୟାଙ୍କ ମ୍ୟାନେଜର କଥା ସମାଧାନ କରିବା ପରିବର୍ତ୍ତେ ଅସମ୍ମାନ କରି ବ୍ୟାଙ୍କରୁ ତଣ୍ଟିଆ ମାରି ବାହାର କରିଦେବେ ବୋଲି ଧମକ ଦେଇଥିଲେ। ଶନିବାର ବେହେରା ଜାମକୁଣ୍ଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମ୍ୟବ୍ୟାଙ୍କ ମ୍ୟାନେଜର ଜଗଦୀଶ ହେମ୍ବ୍ରମଙ୍କୁ ପଚାରିବାରୁ ଅସମ୍ମାନ କରିଥିବା କଥା ଅସ୍ୱୀକାର କରିଛନ୍ତି। ଖୁବ୍‌ଶୀଘ୍ର ଘଟଣାର ତଦନ୍ତ କରାଯିବ ବୋଲି ଜାମକୁଣ୍ଡା ଫାଣ୍ଡି ଅଧିକାରୀ ଆଶୁତୋଷ ଦାସ କହିଛନ୍ତି।

## ମାସିକ ଆସରରେ 'ରେବତୀ ଏକ ଆହ୍ୱାନ'

ସୋର, ୩୦।୮(ଜନ୍ମେଜୟ ମିଶ୍ର)

ସ୍ୱାମୀ ବିବେକାନନ୍ଦ ଲୋକ ସାହିତ୍ୟ ସଂସଦ ବାଲେଶ୍ୱର ଶାଖା ତରଫରୁ ଆୟୋଜିତ ଅଗଷ୍ଟ ମାସର ମାସିକ ଆସର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଆସରରେ ଜିଲ୍ଲା ସଭାପତି ପ୍ରାବନ୍ଧିକ ପ୍ରଫେସର ରମାକାନ୍ତ ବେହେରା ପୌରୋହିତ୍ୟ କରିଥିବା ବେଳେ ଶ୍ରୀ ସୁଭାଷିନୀ ଜୀ ସଂଯୋଜନା କରିଥିଲେ। ବକ୍ତା ଭାବେ ଅଧ୍ୟାପକ ତଥା ଜଗନ୍ନାଥ ସଂସ୍କୃତିର ଗବେଷକ ଡ. ପ୍ରଦୀପ୍ତ କୁମାର ମିଶ୍ର ଆସରରେ ଯୋଗଦେଇ ଫକୀରମୋହନଙ୍କ 'ରେବତୀ ଏକ ଆହ୍ୱାନ' ଶୀର୍ଷକ ପ୍ରସଙ୍ଗରେ ଅତି ତାତ୍ପର୍ଯ୍ୟପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିଥିଲେ। ଡ. ମିଶ୍ର ତାଙ୍କ ବକ୍ତବ୍ୟରେ ଫକୀରମୋହନ ଥିଲେ ସମାଜ ସଚେତନ କଥାଶିଳ୍ପୀ। ରେବତୀ ଗଳ୍ପରେ ଭାଷାର ଲାଳିତ୍ୟ ଓ ପ୍ରବହମାନତା, ଭାବର ଉଚ୍ଚତା ଓ ବର୍ଣ୍ଣନା ନୈପୁଣ୍ୟ ବେଶ୍ ପ୍ରାଣବନ୍ତ। ନାରୀ ଶିକ୍ଷାପ୍ରତି ପ୍ରାଚୀନ ସମାଜର ବିରୋଧ ତଥା ନୂତନ ଶିକ୍ଷିତ ସମାଜର ସ୍ୱାଗତ ଏବଂ ଏହି ଦୁଇ ଚିନ୍ତାଧାରାର ଭାବଗତ ସଂଘର୍ଷ ଓ ପ୍ରାଚୀନତାର ଧକ୍କାରେ ନୂତନର ବିପର୍ଯ୍ୟୟକୁ ଅତି ଚମତ୍କାର ଭାବେ ଦେଖାଇ ଦିଆଯାଇଛି ବୋଲି କହିଥିଲେ। ଜିଲ୍ଲାର ସମ୍ପାଦକ ଶିକ୍ଷାବିତ୍ ରାମଚନ୍ଦ୍ର ପୃଷ୍ଟି ବିବେକବାଣୀ ପଠନ କରିଥିବାବେଳେ ସଂସଦର ଉପସଭାପତି ହରେକୃଷ୍ଣ ଗିରି ଧନ୍ୟବାଦ ଦେଇଥିଲେ।

## ଜିଏସ୍‌ଟି ହ୍ରାସ, ଅନଲାଇନରେ ଔଷଧ ବିକ୍ରି ଉପରେ କଟକଣା ଦାବି

ଭୋଗରାଇ, ୩୦।୮(ପ୍ରଦୀପ ଦାସ )

ସରକାର ସମସ୍ତ ଜୀବନ ରକ୍ଷାକାରୀ ଔଷଧରୁ ଜିଏସ୍‌ଟି ୧୮ଶତାଂଶରୁ ୫ଶତାଂଶକୁ ହ୍ରାସ କରିବା ଏବଂ ଅନଲାଇନରେ ଔଷଧ ବିକ୍ରି ଉପରେ କଟକଣାକୁ ଦୃଢ଼ ଭାବେ ଲାଗୁ କରିବା ଦାବି ନେଇ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଜିଲ୍ଲା ଔଷଧ ବ୍ୟବସାୟୀ ସଂଘ ପକ୍ଷରୁ ଶନିବାର ମଧ୍ୟାହ୍ନରେ ଏକ ବୈଠକ କରାଯାଇ ବିଭିନ୍ନ ସମସ୍ୟା ଓ ସଂଘର ପ୍ରାକ୍ ନିର୍ବାଚନ ପ୍ରସ୍ତୁତି ସମ୍ପର୍କିତ ଆଲୋଚନା ପର୍ଯ୍ୟାଲୋଚନା କରାଯାଇଥିଲା। ସଂଘର ବରିଷ୍ଠ ଓ ବଳିଷ୍ଠ ପୂର୍ବତନ ରାଜ୍ୟ ସମ୍ପାଦକ ମଣ୍ଡଳୀର ସଦସ୍ୟ ସୁରେଶ ଚନ୍ଦ୍ର ଜେନା ବୈଠକରେ ପୌରୋହିତ୍ୟ କରିଥିଲେ। କେନ୍ଦ୍ର ସରକାର ଔଷଧ କମ୍ପାନୀଗୁଡ଼ିକ ଅନଲାଇନ ବିକ୍ରି କରୁଥିବାରୁ ଖୁଚୁରା ବ୍ୟବସାୟୀମାନେ ପ୍ରଭାବିତ ହେଉଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଅପରପକ୍ଷରେ ସଙ୍ଗଠନକୁ ଦୃଢ଼ କରିବା ନିମନ୍ତେ ଅଧିକ ସଦସ୍ୟ ସଂଖ୍ୟା ଗ୍ରହଣ ଓ ସଂଘର ନିର୍ବାଚନ ସଂକ୍ରାନ୍ତୀୟ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ନିଆଯିବା ପରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟଙ୍କ ସହମତି ଭିତ୍ତିରେ ଭୋଗରାଇରୁ ସୁରେଶ ଚନ୍ଦ୍ର ଜେନାଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ କରାଯାଇଥିଲା। ସରପଞ୍ଚ ବରେନ୍ଦ୍ର କୁମାର ପାତ୍ର ସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ବୈଠକରେ ସଂଘର ଜିଲ୍ଲା ସମ୍ପାଦକ ସମୀର ଜଟାଣିଆ, ଡେପୁଟି ଇଲେକ୍ସନ ଅଫିସର ଅଖତର ଅଲ୍ଲୀ, ଇଲେକ୍ସନ ଅଫିସର ରାଇଜୁ ମିଶ୍ର, ଭୋଗରାଇ ଜୋନ ସଭାପତି ଅତୁଲ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଦସ୍ୟ ଅଞ୍ଜନ କୁମାର ପାତ୍ର, କମର୍ଦ୍ଧା କାର୍ଯ୍ୟକାରୀ କମିଟିର ସଦସ୍ୟ ଅଶୋକ କୁମାର ମହାପାତ୍ର, ଭବଶଙ୍କର ପାତ୍ର, ବାଲିଆପାଳ କାର୍ଯ୍ୟକାରୀ ସଦସ୍ୟ ରାମନାରାୟଣ ପାତ୍ର ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

## ଭସାଣି ଶୋଭାଯାତ୍ରାରେ ବାଜିଲା ନାହିଁ ଡିଜେ

**ବାରଣ କଲା ପୋଲିସ**

ନୀଳଗିରି, ୩୦।୮
(ପ୍ରଶାନ୍ତ କୁମାର ବିଶ୍ୱାଳ)

ନୀଳଗିରି ସହରରେ ଗଣେଶ ମେଢ ଭସାଣି ପାଇଁ ବିଭିନ୍ନ କମିଟି ପକ୍ଷରୁ ଗାଡ଼ିରେ ଡିଜେ ସଜାଇ ପ୍ରସ୍ତୁତି ହୋଇଥିବା ବେଳେ ଶନିବାର ମଧ୍ୟାହ୍ନରେ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ପହଞ୍ଚି ତାଗିଦ କରିବା ସହ ସମସ୍ତ କମିଟିକୁ ନୀଳଗିରି ପୋଲିସ ବାରଣ କରିଥିଲେ। ନୀଳଗିରି ସହରରେ ଡିଜେ ବାଜିପାରିବ ନାହିଁ ବୋଲି ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଅଛି ବୋଲି ପ୍ରକାଶ କରିଥିଲେ। ଫଳରେ ସବୁ କମିଟି ଡିଜେକୁ ଆଉ ବଜାଇ ନ ଥିଲେ। ଶେଷରେ ନୀଳଗିରି ପୋଲିସର ନିର୍ଦ୍ଦେଶକୁ ସବୁ କମିଟି ମାନି ନେଇ ଦୁଇଟି ବକ୍ସ ବଜାଇ ବିସର୍ଜନ କରିଥିବା ଦେଖିବାକୁ ମିଳିଥିଲା। ପୋଲିସ କିଛି ଡିଜେ ଗାଡିକୁ ଥାନାକୁ ନେଇଥିବା ଜଣାପଡିଛି।

## ଅନନ୍ତପୁର ଡାକ୍ତରଖାନା ଆଗରେ କ୍ରିୟାନୁଷ୍ଠାନ କମିଟିର ଧାରଣା

ସୋର, ୩୦।୮(ଜନ୍ମେଜୟ ମିଶ୍ର)

ସୋର ବ୍ଲକ ଅନନ୍ତପୁର ଡାକ୍ତରଖାନାର ବିଭିନ୍ନ ସମସ୍ୟାକୁ ନେଇ ଅନନ୍ତପୁର ଡାକ୍ତରଖାନା କ୍ରିୟାନୁଷ୍ଠାନ କମିଟି ଆବାହକ ବିଶିକେସନ ଦାଶଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକେ ଧାରଣାରେ ବସିଥିଲେ। ତେବେ ବିଭାଗୀୟ ପ୍ରତିଶ୍ରୁତି ପାଇବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଅନନ୍ତପୁର ଡାକ୍ତରଖାନା ଉପରେ ପ୍ରତିଦିନ ସୋର, ବାହାନଗା ଓ ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକରୁ ଲୋକେ ନିର୍ଭରଶୀଳ ହେଉଥିବା ବେଳେ ଦୀର୍ଘବର୍ଷ ଧରି ଡାକ୍ତରଖାନାରେ ଡାକ୍ତର ଓ କର୍ମଚାରୀଙ୍କ ପଦବୀ ଖାଲି ପଡ଼ିଛି। ଏଥିସହିତ ଡ୍ରେନେଜ ସମସ୍ୟା, ବିଦ୍ୟୁତ ସମସ୍ୟା ଆଦି ୮ ଦଫା ଦାବି ନେଇ ଏହି ଗଣଧାରଣା ଦିଆଯାଇଥିଲା। ଏହି ଦାବିକୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବାରମ୍ବାର ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସମାଧାନ ନ ହେବାରୁ ଏହି ଦାବିକୁ ସମର୍ଥନ ଜଣାଇ ବିଭିନ୍ନ ରାଜନୈତିକ ଦଳର ନେତା ଏବଂ ସ୍ଥାନୀୟ ଅଞ୍ଚଳର ଶତାଧିକ ଗ୍ରାମବାସୀ ଶନିବାର ସକାଳ ୧୦ଟାରୁ ଏହି ଗଣଧାରଣା ଦିଆଯାଇଥିଲା। ଅପରାହ୍ନରେ ସୋର ବିଧାୟକ ମାଧବ ଧଡ଼ା ଓ ବାଲେଶ୍ୱର ସିଡିଏମଓ ଡାକ୍ତର ପ୍ରଭାତ ବେହେରା ଘଟଣା ସ୍ଥଳରେ ପହଞ୍ଚି ଡାକ୍ତରଖାନା ପରିଦର୍ଶନ କରିବା ସହିତ ଦାବୀ ପୂରଣ ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ଧାରଣାରେ ବସିଥିବା କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା।

# ମହତାବ ସ୍ୱାଧୀନତା ସଂଗ୍ରାମ, ରାଜନୀତିରେ ଅମଳିନ ବ୍ୟକ୍ତିତ୍ୱ

**■ଡ.ହରେକୃଷ୍ଣ ମହତାବଙ୍କ ଜନ୍ମବାର୍ଷିକୀ ସ୍ମରଣୋତ୍ସବ**
**■ଏଫଏମ୍‌ୟୁରେ ଜାତୀୟ ଆଲୋଚନାଚକ୍ର**

ବାଲେଶ୍ୱର, ୩୦।୮(ବାଞ୍ଛାନିଧି ଦେ)

ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଭୁବନେଶ୍ୱର ହରେକୃଷ୍ଣ ମହତାବ ସଂଶାଧନ କେନ୍ଦ୍ର ମିଳିତ ସହଯୋଗରେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଶନିବାର ଉତ୍କଳ କେଶରୀ ଡ଼. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ସ୍ମରଣୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦ୍ୱି-ଦିବସୀୟ ଜାତୀୟ ଆଲୋଚନାଚକ୍ର ଶୁଭାରମ୍ଭ ହୋଇଛି। ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଡ. ହରେକୃଷ୍ଣ ମହତାବ କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତର ସ୍ୱାଧୀନତା ସଂଗ୍ରାମ ଓ ରାଜନୀତିରେ ଏକ ଅମଳିନ ବ୍ୟକ୍ତିତ୍ୱ। ରାଜନୀତି ସହ ସାହିତ୍ୟ, ସାମ୍ବାଦିକତା ଓ ଶିକ୍ଷାକ୍ଷେତ୍ରରେ ତାଙ୍କ ଅବଦାନ ଆଜିର ପିଢି ପାଇଁ ପ୍ରେରଣାଦାୟକ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନନୀୟ ଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ଯୋଗଦେଇ ମହତାବଙ୍କ ସାହସିକ ନେତୃତ୍ୱ ଓଡ଼ିଶାର ପରିଚୟକୁ ନୂଆ ଦିଗ ଦେଇଛି ବୋଲି କହିଥିଲେ। ମୁଖ୍ୟବକ୍ତା ତଥା ଲବ୍ଧପ୍ରତିଷ୍ଠ ସାହିତ୍ୟିକ ଓ ସ୍ତମ୍ଭକାର ଦାସ ବେନହୁର ମଞ୍ଚାସିନ ହୋଇ ମହତାବ ଜଣେ ପାନ୍ଥଶାଳା, ଜନନେତା ତଥା ମାନବତା ଓ ଜାତୀୟତା ସହ ସାହିତ୍ୟିକ, ସାମାଜିକ ଓ ରାଜନୀତିକ ପ୍ରତୀକ ଥିଲେ ବୋଲି କହିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ଡ.ମହତାବ ଜଣେ ସାମଗ୍ରିକ ବ୍ୟକ୍ତିତ୍ୱ ତଥା 'ନବଉତ୍କଳର ନିର୍ମାତା'। ତାଙ୍କ ବିନା ଓଡ଼ିଶାର ସ୍ୱାଧୀନ ପରିଚୟକୁ ଚିନ୍ତା କରିହେବ ନାହିଁ ବୋଲି କହିଥିଲେ। ହରେକୃଷ୍ଣ ମହତାବ ସଂଶାଧନ କେନ୍ଦ୍ରର ସଚିବ ପ୍ରଫେସର ଉପେନ୍ଦ୍ର ପାଢ଼ୀ ମହତାବଙ୍କ ଚିନ୍ତାଧାରାକୁ ଆଜିର ଶିକ୍ଷା, ସାହିତ୍ୟ ଓ ସମାଜଚର୍ଚ୍ଚାରେ ସାମିଲ କରାଯିବା ସହ ଗବେଷଣା ଓ ଅଧ୍ୟୟନ କରାଇବା ପାଇଁ ଏପରି ପ୍ରୟାସ ଆଗକୁ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରିଥିଲେ। ଏଥିସହ ମହତାବଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସହ ଗବେଷଣାତ୍ମକ ଉନ୍ନତିକରଣରେ ସହାୟତା ପାଇଁ ପ୍ରସ୍ତାବ ରଖିଥିଲେ। ଦୁଇ ଦିନରେ ୫ଟି ଆଲୋଚନାଚକ୍ର ଅଧିବେଶନରେ ଓଡ଼ିଆ ସାହିତ୍ୟର ମାର୍ଗଦର୍ଶକ ଡକ୍ଟର ହରେକୃଷ୍ଣ ମହତାବ, ଓଡ଼ିଆ ସାମ୍ବାଦିକତାର ନବଦିଗନ୍ତ, ସ୍ୱାଧୀନତା ସଂଗ୍ରାମ, ନବଉତ୍କଳ ନିର୍ମାତା ଓ ସ୍ୱାଧୀନୋତ୍ତର ଓଡ଼ିଶାର ରାଜନୀତି ବିଷୟକୁ ଅନ୍ତର୍ଭୁକ୍ତ କରାଯାଇଛି।


ମହତାବଙ୍କ ଫଟୋ ଚିତ୍ର ନିକଟରେ ଅତିଥିଗଣ।

## ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ବଉଳା,୩୦।୮ (ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅମୂଲ୍ୟ କୁମାର ଦାଶଙ୍କୁ ଶନିବାର ବ୍ଲକ୍ କାର୍ଯ୍ୟାଳୟ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବିଡିଓ ରଞ୍ଜନ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଯନ୍ତ୍ରୀ ମଦନମୋହନ ବେହେରା, ରବିନ୍ଦ୍ର ସୋରେନ ଓ ଚକ୍ରମୋହନ ମାରାଣ୍ଡି, ଏପିଓ ଭୈରବ କୁମାର ତ୍ରିପାଠୀ, ବରିଷ୍ଠ ମୁଖ୍ୟ କିରାଣୀ ଶ୍ରବଣ କୁମାର ପରିଡ଼ା, ଶରତ କୁମାର ବେଜ୍ ଓ ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ବିଦାୟୀ ଯନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ତାଙ୍କର ଅବଶିଷ୍ଟ ଜୀବନ ସୁଖମୟ ହେଉ ବୋଲି କାମନା କରିଥିଲେ।

# କାଗଜ କପ୍‌ରେ ଦିଆଯାଉଛି ଚା’

## ନିୟମ ମାନୁନାହାନ୍ତି ଦୋକାନୀ

କେନ୍ଦୁଝର,୩୦।୮ (ଦୀପକ ମିଶ୍ର)



ସରକାରୀସ୍ତରରେ କାଗଜ କପ୍‌ରେ ଚା’ ପରଶିବାକୁ ନିଷିଦ୍ଧ କରାଯାଇଛି। କାଗଜ କପରେ ଚା ବିକ୍ରିକଲେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସରକାରଙ୍କ ପ୍ରଦୂଷଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ମଧ୍ୟ ଜାରି ହୋଇଛି। ମାତ୍ର କେନ୍ଦୁଝରଗଡ଼ ପୌରପାଳିକାରେ ଦୋକାନୀ ନିୟମ ମାନୁନାହାନ୍ତି। ପଲିଥିନ କଟକଣା ପରି କାଗଜ ଚା’ କପ ବନ୍ଦ ନିୟମ ବି ଫୁଙ୍କରି ଉଡ଼ାଇ ଦେଉଛନ୍ତି।

ପ୍ରକାଶ ଯେ, ପୌରପାଳିକା ପକ୍ଷରୁ ବିଭିନ୍ନ ସମୟରେ ଏ ସମ୍ପର୍କରେ ସର୍ବସାଧାରଣରେ ନୋଟିସ୍ ଜାରି କରାଯାଇଛି। ପଲିଥିନ, ଥର୍ମୋକୁଲ ଓ କାଗଜ ଚା’ କପ ବ୍ୟବହାର ନ କରିବାକୁ ସଚେତନ କରାଯାଉଛି। ପ୍ଲାଷ୍ଟିକ୍ ପରିବର୍ତ୍ତେ ଷ୍ଟିଲ୍ ପ୍ଲେଟ୍ କିମ୍ବା ପରିବେଶ ଅନୁକୂଳ ପ୍ଲେଟ୍ ବ୍ୟବହାର କରିବାକୁ କୁହାଯାଉଛି। କାଗଜ କପ୍‌ରେ ମହମ ଆସ୍ତରଣ ଥିବାରୁ ମାରାତ୍ମକ ରୋଗର କାରଣ ସାଜୁଥିବା କୁହାଯାଉଛି। ଉକ୍ତ କପରେ ଚା’ ପିଇଲେ ମହମ ତରଳି ପେଟ ଭିତରକୁ ଯାଉଛି। ତେଣୁ ଏହା ପରିବର୍ତ୍ତେ ମାଟି କପ କିମ୍ବା କାଚ ଗ୍ଲାସ ବ୍ୟବହାର କରିବାକୁ ନିର୍ଦ୍ଦେଶ ହୋଇଛି। ମାତ୍ର ଏବେ ବି ବିଭିନ୍ନ ଚା’ ଷ୍ଟଲରେ କାଗଜ କପ୍ ବ୍ୟବହାର କରାଯାଉଛି। ଫଳରେ ଲୋକେ ରୋଗରେ ପଡ଼ିବାର ଆଶଙ୍କା କରାଯାଉଛି। କୋଭିଡ୍ ପରଠାରୁ ଏହି ଟ୍ରେଣ୍ଡ ବହୁ ମାତ୍ରାରେ ଆରମ୍ଭ ହୋଇଛି। କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ ଚଢ଼ାଉ ହେଉଥିଲେ ହେଁ ବଜାରରେ ଖୁଲମଖୁଲା ଏହାର ବ୍ୟବହାର ହେଉଥିବା ଅଭିଯୋଗ ହୋଇଛି। ପୌରପାଳିକା ଉପ ନଗରପାଳ ବରଦା ଦାସ କହିଛନ୍ତି, ଚଢ଼ାଉ ହେଉଛି ଓ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଉଛି। ଆଗାମୀ ଦିନରେ ଏକ ସ୍କ୍ୱାଡ ଗଠନ କରାଯାଇ ଚଢ଼ାଉ ନିୟମିତ କରାଯିବ। ଏଥିସହ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

## ଡାକ୍ତରଖାନା, ମଣ୍ଡଳ କାରାଗାର ବୁଲି ଦେଖିଲେ

### ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷାଙ୍କ କେନ୍ଦୁଝର ଗସ୍ତ

କେନ୍ଦୁଝର,୩୦।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ଶନିବାର କେନ୍ଦୁଝର ଗସ୍ତ କରିଛନ୍ତି। ମଣ୍ଡୁଆ ଓ ବଣିଆପାଟରେ ଥିବା ସଖି ଶକ୍ତି ସଦନ ଗସ୍ତକରି ଅନ୍ତେବାସିନୀଙ୍କ ସହ ଭାବ ବିନିମୟ କରିଛନ୍ତି। ସେଠାରେ ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ପରିଦର୍ଶନ କରି ଉପଲବ୍ଧ ସ୍ୱାସ୍ଥ୍ୟ ସେବାର ସମୀକ୍ଷା କରିଥିଲେ। ଜିଲା ମଣ୍ଡଳ କାରାଗାର ଗସ୍ତ କରି ମହିଳା କଏଦୀଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ ଓ ସେମାନେ କିପରି ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ସେନେଇ ଆଲୋକପାତ କରିଥିଲେ। ସଦର ଥାନାରେ ଥିବା ମହିଳା ଓ ଶିଶୁ ଡେସ୍କ ପରିଦର୍ଶନରେ ଯାଇ ମହିଳା ଓ ଶିଶୁଙ୍କ ଲାଗି ଉଦ୍ଦିଷ୍ଟ ଆଇନଗତ ପ୍ରକ୍ରିୟାର ତଦାରଖ କରିଥିଲେ। ଶ୍ରୀମତୀ ମହାନ୍ତିଙ୍କ ଏହି ଗସ୍ତ ଅବସରରେ ସମାଜ ମଙ୍ଗଳ ଅଧିକାରୀ ଭାରତୀ ସାହୁ, ଜିଲା କାର୍ଯ୍ୟକ୍ରମ ଅଧିକାରୀ ବାସନ୍ତୀ ମହାନ୍ତ ଏବଂ ସୁରକ୍ଷା ଅଧିକାରୀ ଚନ୍ଦ୍ରକାନ୍ତି ଜେନା ସାମିଲ ହୋଇଥିଲେ।

# ୨୩ ଲକ୍ଷ ଟଙ୍କା, ୧୧ ଗ୍ରାମ ୯୧୦ ମିଲିଗ୍ରାମ୍ ସୁନା ମିଳିଲା

ଘଟଗାଁ,୩୦।୮ (ରାଜେନ୍ଦ୍ର କୁମାର ପଟ୍ଟନାୟକ)

## ମା’ ତାରିଣୀଙ୍କ ହୁଣ୍ଡୀ ଗଣତି

କେନ୍ଦୁଝର ଜିଲା ଘଟଗାଁ ମା’ ତାରିଣୀଙ୍କ ହୁଣ୍ଡୀ ଶନିବାର ଗଣତି ହୋଇଛି। ଭିତର ଓ ବାହାର ବେଢ଼ାର ମୋଟ ୧୩ ଗୋଟି ହୁଣ୍ଡିରୁ ୨୨ ଲକ୍ଷ ୯୮ ହଜାର ୭୯୭ ଟଙ୍କା, ୧୧ ଗ୍ରାମ ୯୧୦ମିଲିଗ୍ରାମ ସୁନା ଓ ୬୩୮ଗ୍ରାମ ୬୦୦ ମିଲିଗ୍ରାମ ରୂପା ମିଳିଥିବା ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ସମ୍ବଲପୁର ଦେବୋତ୍ତର ବିଭାଗ ଡିଭିଜିନାଲ ଇନ୍ସପେକ୍ଟର ଦକ୍ଷିଣ କୁମାର ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଂଜୀବ କୁମାର ମହାପାତ୍ର, ପୋଲିସ କର୍ମଚାରୀ ଆରତୀ ସାହୁ ପ୍ରମୁଖ ଉପସ୍ଥିତ ରହି ମନ୍ଦିର ବେଢ଼ା ଭିତର ଓ ବାହାର ମୋଟ ୧୩ ଗୋଟି ହୁଣ୍ଡୀ ଖୋଲାଯାଇ ଗଣତି କରାଯାଇଥିଲା। ମନ୍ଦିର ବରିଷ୍ଠ କର୍ମଚାରୀ ଅବନୀ ଜେନା, ହରେକୃଷ୍ଣ ପଲେଇ, ମହେଶ୍ୱର ସାହୁ, ରଞ୍ଜନ ସାହୁ, ଅରୁଣ କୁମାର ନାୟକ, ଶ୍ରୀକାନ୍ତ ଦେହୁରୀ, ନବୀନ ମହାନ୍ତ, କାଳନ୍ଦୀ ମହାନ୍ତ, ତୁଷାରକାନ୍ତ ରାଉତ, ଲକ୍ଷ୍ମୀଧର ମହାନ୍ତ, ଦେବଦତ୍ତ ବଳ, ପରମେଶ୍ୱର ବଳ, ସନାତନ ନାଏକ, ତରଣୀସେନ ରାଉତ, ତୁଷାରକାନ୍ତ ରାଉତ, ହରିହର ମହାନ୍ତ, ନାରାୟଣ ମୁଖି, ଗଗନ ବେହେରା, ପିତାମ୍ବର ଗିରି, ଚକ୍ରଧର ନାଏକ, ସନିଆ ମୁଖି ସମେତ ଗଣତିରେ ଭାଗ ନେଇଥିଲେ। ଏଥିସହ ଷ୍ଟେଟ୍ ବ୍ୟାଙ୍କ ଶାଖା କର୍ମଚାରୀ ତ୍ରିଶାଳା ହାଁସଦା, ବେଣୁଧର ପାତ୍ର ପ୍ରମୁଖ ଉପସ୍ଥିତ ରହି ଗଣତି କରିଥିଲେ।

# ‘ଆମ ପୋଲିସ ସମିତି’ ପୋଲିସ ବିଭାଗର ଆଖି



ଥାନା ଅଧିକାରୀ ଓ ଆମ ପୋଲିସ ସମିତି ସଦସ୍ୟମାନେ।

ଚମ୍ପୁଆ,୩୦।୮ (ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଧୀନସ୍ଥ ରଜିଆ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହଠାରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ଥାନା ଅଧିକାରୀ ରମାକାନ୍ତ ମୁଦୁଲିଙ୍କ ସଭାପତିତ୍ୱରେ ସ୍ଥାନୀୟ ସରପଞ୍ଚ, ରଜିଆ ଓ ପତଳା ଗ୍ରାମ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଯୋଗଦେଇଥିଲେ। ଚମ୍ପୁଆ ଥାନା ଅଧିକାରୀ ଆମ ପୋଲିସ ସମିତିର ଆଭିମୁଖ୍ୟ ଓ ଲକ୍ଷ୍ୟ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରିବା ସହିତ ଆମ ପୋଲିସ ସମିତି ପୋଲିସ ବିଭାଗର ଆଖି ବୋଲି ଅଭିହିତ କରିଥିଲେ। ଏଥି ସହିତ ଜନସାଧାରଣ ଓ ପୋଲିସ ମଧ୍ୟରେ ସୁସମ୍ପର୍କ ରକ୍ଷା କରିବା, ପୋଲିସର ସହାୟତା, ବାହାରୁ ଗ୍ରାମାଞ୍ଚଳକୁ ପ୍ରବେଶ କରୁଥିବା ଅଚିହ୍ନା ଓ ଅପରିଚିତ ଲୋକଙ୍କ ବିଷୟରେ ପୋଲିସକୁ ଅବଗତ କରିବା ସହିତ ଅନାଥ ଶିଶୁ ଓ ପାଠପଢ଼ା କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଥିବା ଛାତ୍ରୀଛାତ୍ରଙ୍କ ବିଷୟରେ ସ୍ଥାନୀୟ ଜନସାଧାରଣ ଅବଗତ କରିବାକୁ ପରାମର୍ଶ ଦେଇଥିଲେ। ଏଥି ସହିତ ପୋଲିସ ଓ ଜନ ସାଧାରଣ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ପଞ୍ଚାୟତସ୍ତରୀୟ ବ୍ୟବସ୍ଥା କରାଯାଇ ବିଟ୍ ଅଧିକାରୀମାନେ ଗ୍ରାମବାସୀଙ୍କ ସମସ୍ୟା ବିଷୟରେ ଅବଗତ ହେବା ସହିତ ଥାନା ଅଧିକାରୀଙ୍କୁ ସୂଚନା ଦେବା ପାଇଁ ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ ସ୍ଥାନୀୟ ଜନ ସାଧାରଣ ସମ୍ମୁଖୀନ ହେଉଥିବା ଅସାମାଜିକ କାର୍ଯ୍ୟକଳାପ, ଦ୍ରୁତ ଯାନବାହାନ ଚଳାଚଳ ଦ୍ୱାରା ଘଟୁଥିବା ଦୁର୍ଘଟଣା ଓ ଉପୁଜୁଥିବା ସମସ୍ୟା ବିଷୟରେ ଅଧିକାରୀଙ୍କୁ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଯୋଗ ଦେଇଥିଲେ।

# ଦୋଷୀଙ୍କୁ ୫ ବର୍ଷ କାରାଦଣ୍ଡ

## ତୀର ମାରି ହତ୍ୟା ଉଦ୍ୟମ ମାମଲା

କେନ୍ଦୁଝର, ୩୦।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଚିଫ୍ ଜୁଡ଼ିସିଆଲ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ଶନିବାର ଏକ ହତ୍ୟା ଉଦ୍ୟମ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁଧାଂଶୁ ଶେଖର ବିଶ୍ୱାଳ ମାମଲାର ବିଚାର କରି ଅଭିଯୁକ୍ତ କୁଆଁର ମାଝୀ(୪୦)ଙ୍କୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୩ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ଏକ ମାସ ଜେଲଦଣ୍ଡ ଆଦେଶ ଶୁଣାଇଛନ୍ତି।

ମାମଲା ବିବରଣୀ ଅନୁଯାୟୀ, ୧୫ ଜୁଲାଇ ୨୦୨୦ରେ ହରିଚନ୍ଦନପୁର ଥାନା ଅନ୍ତର୍ଗତ ହରଡ଼ାଗୋଠ ମାଝୀ ସାହିର ଭାଗବତ ମାଝୀ ବିଲରେ ପାଣି ମଡ଼ାଉଥିବାବେଳେ ଗ୍ରାମର କୁଆଁର ମାଝୀଙ୍କ ସହ ବଚସା ହୋଇଥିଲା। କୁଆଁର ଉତ୍କ୍ଷିପ୍ତ ହୋଇ ଭାଗବତଙ୍କୁ ତୀର ମାରିଥିଲେ। ଛାତିରେ ତୀର ବାଜି ଭାଗବତ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ହରିଚନ୍ଦନପୁର ପରେ କେନ୍ଦୁଝର ଏବଂ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ଭାଗବତଙ୍କ ଅଜା ରଘୁନାଥ ମାଝୀ ହରିଚନ୍ଦନପୁର ଥାନାରେ ଘଟଣାର ୨ ଦିନ ପରେ ଏତଲା ଦେଇଥିଲେ। ପୋଲିସ ଧନୁତୀର ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଘଟଣାରେ ୧୩ଜଣ ସାକ୍ଷୀଙ୍କ ବୟାନ ଏବଂ ତଦନ୍ତ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଥିବା ମାମଲା ପରିଚାଳନା କରୁଥିବା ଅତିରିକ୍ତ ପିପି ଅଶୋକ କୁମାର ଦାସ ସୂଚନା ଦେଇଛନ୍ତି।

# ସରକାରୀ ମହିଳା ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ

କେନ୍ଦୁଝର,୩୦।୮ (ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପକ୍ଷରୁ ଶନିବାର ପ୍ରଥମ ବର୍ଷ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଉତ୍ସବ ସହ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ. ଋଷିନାଥ ନାଏକଙ୍କ ତତ୍ତ୍ୱାବଧାନରେ ବିଧିବଦ୍ଧ ଭାବେ ପିଲାଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ଯୋଗଦେଇ ପିଲାଙ୍କୁ ସ୍ୱାଗତ କରି କଠିନ ଅଧ୍ୟବସାୟ ଦ୍ୱାରା ଜଣେ ସଫଳ ମଣିଷ ହୋଇପାରିବ। ଏଥିସହ ପାଠଚକ୍ର ପିଲାଙ୍କ ପାଇଁ ଉପାଦେୟ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସଂସ୍କୃତ ମହାବିଦ୍ୟାଳୟ, ବାରିପଦା ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. ଧର୍ମବୀର ମୋହନ ସିଂହ ଯୋଗଦେଇ ଉତ୍ତର ଆଧୁନିକତା କବିତାରେ ମାନବବାଦ ସମ୍ପର୍କରେ ଆଲୋଚନା ମୁତାବକ ୧୯୮୦ ପରବର୍ତ୍ତୀ କବିତା ଠାରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ କବିତାକୁ ଆଲୋଚନା କରିଥିଲେ। ବରିଷ୍ଠ ପ୍ରଫେସର୍ ସୁଧାକର ଦାଶ କବିତାରେ କବିତାରେ ସ୍ୱାଗତ କରିଥିଲେ। ବନୀୟ ବିଭାଗର ମୁଖ୍ୟ ତଥା ଅର୍ଥ ଅଧିକାରୀ ଡ. ଅଜିତ୍ କୁମାର ବରାଳ ବିଦ୍ୟାଳୟର ବିଭିନ୍ନ ମେଧାବୃତ୍ତି ସମ୍ପର୍କରେ କହିଥିଲେ। ଅନ୍ୟତମ ବିଭାଗର ଅଧ୍ୟାପକ ଡ. ସୂର୍ଯ୍ୟକାନ୍ତ ନାଏକ, ଅନ୍ୟତମ ଅଧ୍ୟାପିକା ଡ. ରଶ୍ମିତା ସାହୁ, ବିଭାଗର ଅନ୍ୟତମ ଅଧ୍ୟାପିକା ବର୍ଷାରଣୀ ବେହେରା, ପ୍ରଫେସର ବାଞ୍ଛାନିଧି ମହାପାତ୍ର, ଅଧ୍ୟାପିକା ମୌସୁମୀ ଦାସ, ଅନ୍ୟତମ ପରିବେଶ ବିଜ୍ଞାନ ଅଧ୍ୟାପିକା ଦିପ୍ତିମୟୀ ସାହୁ ଯୋଗଦେଇ ନିଜ ଭବିଷ୍ୟତ ନିଜ ହାତରେ। ତେଣୁ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟକୁ ସୂଚାରୁ ରୂପେ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ। ନୂତନ ଭାବରେ ପ୍ରଥମ ବର୍ଷର ଛାତ୍ରୀ ରିତୁଲତା ନାଥଙ୍କୁ ପାଠଚକ୍ର ସମ୍ପାଦିକା ଭାବରେ ବିଭାଗ ତରଫରୁ ଚୟନ କରାଯାଇଥିଲା। ଉତ୍ସବରେ ପ୍ରଥମ ବର୍ଷ, ଦ୍ୱିତୀୟ ବର୍ଷ ଓ ତୃତୀୟ ବର୍ଷର ଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ଦ୍ୱିତୀୟ ବର୍ଷର ଛାତ୍ରୀ ଜୟସ୍ମିତା କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।

# ବନୀକରଣକ୍ଷେତ୍ର ପରିଦର୍ଶନକଲେ ପିସିସିଏଫ୍

ପାଟଣା,୩୦।୮ (ବୀର କିଶୋର ଦାଶ)



କେନ୍ଦୁଝର ଜିଲା ପାଟଣା ରେଞ୍ଜ ଖୀରେଇଟାଙ୍ଗିରୀ ସେକ୍ସନ ଜଡ଼ିପଦା ସଂରକ୍ଷିତ ଜଙ୍ଗଲ, ସାହାରପଡ଼ା ସେକ୍ସନ ନୟା ଜଗନ୍ନାଥପୁର ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଏବଂ ପାଟଣା ସେକ୍ସନ ପୋଇପାଣି ସଂରକ୍ଷିତ ଜଙ୍ଗଲରେ ପାଟଣା ବନ ବିଭାଗ ତରଫରୁ ହୋଇଥିବା ଚାରାରୋପଣ କ୍ଷେତ୍ରକୁ ଶୁକ୍ରବାର ବିଳମ୍ବିତ ରାତିରେ ପିସିସିଏଫ୍(ପ୍ରଧାନ ବନ ସଂରକ୍ଷକ)ସୁରେଶ ପନ୍ଥ ପରିଦର୍ଶନ କରିଛନ୍ତି। ତାଙ୍କ ସହ ଆରସିସିଏଫ୍ (ଆଞ୍ଚଳିକ ବନ ସଂରକ୍ଷକ)ରାଉରକେଲା ପିରାମ ସାମୀ, କେନ୍ଦୁଝର ଡିଏଫ୍‌ଓ ଏର୍‌ଡି ଧନ୍‌ରାଜ, ଏସିଏଫ୍ କେନ୍ଦୁଝର ଅଶୋକ କୁମାର ଦାସ, ପ୍ରବେସନ ଆଇଏଫ୍‌ଏସ୍ ପ୍ରତିକ କୁମାର ଇନ୍ଦୁଲକର ପ୍ରମୁଖ ଚାରାରୋପଣ କ୍ଷେତ୍ର ପରିଦର୍ଶନ କରିଥିଲେ। ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର, ପାଟଣା ବନପାଳ ନିରଞ୍ଜନ ସେଠୀ, ସାହାରପଡ଼ା ବନପାଳ ଶ୍ରୀମନ୍ତ କୁମାର ବେହେରା ଓ ଖିରେଇ ଟାଙ୍ଗିରି ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ। କାମ୍ପା ଫଣ୍ଡରୁ ହୋଇଥିବା ଜଡ଼ିପଦାରେ ୩୦ ହଜାର, ନୟା ଜଗନ୍ନାଥପୁର ୧୦ ହଜାର ଓ ପୋଇପାଣିରେ ୨୭ହଜାର ୫ଶହ ନୂତନ ବନୀକରଣରେ ଶାଳ, କରଞ୍ଜ, କଇଥ, ମହୁଲ, ପଣସ, ଆମ୍ବ ଆଦି ଚାରରୋପଣ କ୍ଷେତ୍ର ବୁଲି ଦେଖିଥିଲେ।

# ସାରର ସୁଷମ ବଣ୍ଟନ ଉପରେ ଆଲୋଚନା

କେନ୍ଦୁଝର,୩୦।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ଖରିଫ ଧାନ ଚାଷରେ ଚାଷୀଙ୍କୁ ସାରର ସୁଷମ ବଣ୍ଟନ ପାଇଁ ଶୁକ୍ରବାର ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲା ମୁଖ୍ୟ କୃଷି ଅଧିକାରୀ ସତ୍ୟବାନ ସୋରେନଙ୍କ ସହିତ ବ୍ୟାପକ ଆଲୋଚନା କରିଛନ୍ତି। ଚଳିତ ବର୍ଷ ଖରିଫ ଧାନ ଚାଷ ପାଇଁ ୧୪ ହଜାର ମେଟ୍ରିକ ଟନ୍ ୟୁରିଆ ସାରର ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୮ ହଜାର ୬୬୫ ମେଟ୍ରିକ ଟନ ସାର ଆସିଛି। ଡିଏପି ସାର ୧୦ ହଜାର ମେଟ୍ରିକ ଟନ୍ ଆବଶ୍ୟକ ଥିବା ବେଳେ ୧୦ ହଜାର ୬୯ ମେଟ୍ରିକ ଟନ ସାର ଆସିଛି। ଏନ୍‌ପିକେ ଏସ ସାର ୨ ହଜାର ୯୪୦ ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୩ ହଜାର ୬୬୭ ମେଟ୍ରିକ ଟନ ସାର ଆସିଛି। ପଟାସ ସାର ୨ ହଜାର ମେଟ୍ରିକ ଟନ ଆବଶ୍ୟକ ଥିବା ବେଳେ ୯୩୧ ମେଟ୍ରିକ ଟନ ଆସିଛି। ଆଗକୁ ଯୁଦ୍ଧକାଳୀନ ଭିତ୍ତିରେ ସାରର ଆମଦାନୀ କରାଯାଇ ଚାଷୀଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଆଲୋଚନା ସମୟରେ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ଆଗୁଆ ଲଗାତାର ବର୍ଷା କାରଣରୁ ଚାଷ କାମ ବହୁ ଆଗରୁ ଆରମ୍ଭ ହୋଇଯାଇଛି। ଫଳରେ ସାରା ଯୋଗାଣରେ କିଛି ସ୍ଥାନରେ ସାମାନ୍ୟ ଅସୁବିଧା ହୋଇଥିବା ଅଭିଯୋଗ ଆସିଛି। ସମସ୍ୟା ଯଥାଶୀଘ୍ର ସମାଧାନ କରାଯିବାକୁ ରାଜ୍ୟ ସଭାପତି ସାହୁ ଆଲୋଚନା ସମୟରେ କହିଛନ୍ତି। ସାର ମନୁଷ୍ୟକୃତ ଅଭାବୀ ବିକ୍ରି ପାଇଁ ଓ କଳା ବଜାରି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଆଲୋଚନା ସମୟରେ କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ଉପସଭାପତି ରାଧାକାନ୍ତ ମହାନ୍ତ, ରାଜ୍ୟ ସଂଯୋଜକ ସୁଧାକର ସାହୁ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଶିରିଶ କୁମାର ସାହୁ, ଭାଜପା ଲୋକସଭା ମିଡିଆ ପ୍ରମୁଖ ବ୍ରଜକିଶୋର ରାୟ, ଗଦାଧର ମହାନ୍ତ, କୈଳାଶ ଚନ୍ଦ୍ର ନାୟକ, ହିମାଂଶୁ ଶେଖର ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ସହ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଓ ପ୍ରତିନିଧି ଦଳ ଆଲୋଚନା କରୁଛନ୍ତି।


# ବଜ୍ରପାତରେ ମହିଳାଙ୍କ ମୃତ୍ୟୁ

ଘଟଗାଁ,୩୦।୮ (ରାଜେନ୍ଦ୍ର କୁମାର ପଟ୍ଟନାୟକ): କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ରାଜପାଟ ଟିକରପଡ଼ା ସାହିରେ ଶନିବାର ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ସାହିର ବାସନ୍ତୀ ମହାନ୍ତ(୩୯)। ସେ ବିଲରେ କାମ କରୁଥିବା ସମୟରେ ବଜ୍ରପାତର ଶିକାର ହୋଇଥିଲେ। ସେଠାରେ କାମ କରୁଥିବା ଲୋକେ ତାଙ୍କୁ ଘଟଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ କରୁଛି।

# ଶିକ୍ଷକ ସମନ୍ୱୟ ସମିତି ଆନୁକୂଲ୍ୟରେ ରକ୍ତଦାନ ଶିବିର

ବାରିପଦା,୩୦।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ): ବାରିପଦା ରୋଟାରୀ କ୍ଲବ୍ ସମ୍ମିଳନୀ କକ୍ଷରେ ମୟୂରଭଞ୍ଜ ଜିଲା ଶିକ୍ଷକ ସମନ୍ୱୟ ସମିତି ଆନୁକୂଲ୍ୟରେ ତଥା ରୋଟାରୀ କ୍ଲବ୍‌ର ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶନିବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ଓ ବାରିପଦା ଉପ ଜିଲାପାଳ ଡ. ଦୟାସିନ୍ଧୁ ପରିଡ଼ା ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ଆବାହକ ବିମଳ କୁମାର ଆଚାର୍ଯ୍ୟ, ଅଧ୍ୟକ୍ଷ ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ରାଜ୍ୟ ସଂଯୋଜକ ଯାମିନୀକାନ୍ତ ପଣ୍ଡା, ଜିଲା ସଂଯୋଜକ ହରେକୃଷ୍ଣ ବାରିକ, ଉପଦେଷ୍ଟା ସୋମନାଥ ସିଂହ, ଗଣମାଧ୍ୟମ ସଂଯୋଜକ ଗଦାଧର ନାୟକ, ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି, ସାମାଜିକକର୍ମୀ ଅମର କୁମାର ସେଠୀ ଓ ଡ. ନିରୋଜ କୁମାର ପୋଥାଳ, ରୋଟାରୀ କ୍ଲବ୍‌ର ସଭାପତି ଭବାନୀ ଶଙ୍କର ସାହୁ, ସମ୍ପାଦକ ତିମିର କୁମାର ଘୋଷ, ସଦସ୍ୟ ସୁନିତ ପୁରୀ ଓ ମୋହନ ବର୍ଣ୍ଣୱାଲ ପ୍ରମୁଖ ଉପସ୍ଥିତ ଥିଲେ। ପରବର୍ତ୍ତୀ ସମୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ, ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୪ ଜଣ ଶିକ୍ଷୟିତ୍ରୀ, ବାରିପଦା ବିଆରସିସି ତପସ୍ୱିନୀ ଦାଶଙ୍କ ସମେତ ମୋଟ ୩୫ ଜଣ ରକ୍ତଦାନ କରିଥିଲେ। ଶିକ୍ଷକ ନେତା ହରେକୃଷ୍ଣ ବାରିକ, ଗଦାଧର ନାୟକ, ସିଦ୍ଧେଶ୍ୱର ମିଶ୍ର, ପ୍ରଦୀପ କୁମାର ନାଥ, ସୌମ୍ୟ ଦାଶ, ଅଜୟ ମହାପାତ୍ର, ସୁବୋଧ ଦାସ, ସୁଶୀଲ କୁମାର ପଣ୍ଡା, ଧନପତି ମିଶ୍ର, ଶିବ ନାରାୟଣ ମହାନ୍ତ ରକ୍ତଦାନ କରିବା ସହ ଶିବିର ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଶିକ୍ଷକ ଭବେଶ ପାଣିଗ୍ରାହୀ, ବୀରେନ୍ଦ୍ର ମଢ଼େଇ, ସୁବୀର ପରିଡ଼ା, ରାଜେନ୍ଦ୍ର ମହାନ୍ତ, ଗୌର ଗୋପାଳ ଲେଙ୍କା, ସପନ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ. ଅସୀମ କୁମାର ଚକ୍ରବର୍ତ୍ତୀ ଶିବିର ପରିଚାଳନା କରିଥିଲେ। ରକ୍ତ ଭଣ୍ଡାର ଅଧିକାରୀ ଡା. ସୌମ୍ୟରଞ୍ଜନ ନାୟକଙ୍କ ନେତୃତ୍ୱରେ ରକ୍ତ ସଂଗୃହୀତ ହୋଇଥିଲା।


ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ
"ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ"
ଆମ ସହର ଆମର ଗର୍ବ ଓ ଗୌରବ
ଏହାକୁ ସଫା ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ।।
"ସ୍ୱଚ୍ଛତା ହିଁ ସମ୍ମାନ"



କାର୍ଯ୍ୟନିର୍ବାହୀ ଅଧିକାରୀ
ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ

ଶୁଭେଚ୍ଛା ସହ.... ପୌର ପରିଷଦ, ରାଇରଙ୍ଗପୁର
ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ପାଳନ ଅବସରରେ ପୌର ପରିଷଦ, ରାଇରଙ୍ଗପୁର ସହରର ସମସ୍ତ ଜନସାଧାରଣମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ରାଇରଙ୍ଗପୁର ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ସହରବାସୀଙ୍କ ସହଯୋଗ କାମନା କରୁଅଛି ।
ନିବେଦନ: ୧.ରାଇରଙ୍ଗପୁର ସହରକୁ ସରସ, ସୁନ୍ଦର ଓ ସବୁଜିମାଭରା ଏକ ଉନ୍ନତ ସହର ରୂପେ ଗଢି ତୋଳିବାରେ ସହାୟକ ହୁଅନ୍ତୁ । ୨.ନିଜ ଗୃହର ଅଳିଆ ଆବର୍ଜନା, ପ୍ଲାଷ୍ଟିକ ତଥା ଜରି ଆଦି ରାସ୍ତା କଡରେ କିମ୍ବା ନାଳ ନର୍ଦ୍ଦମାରେ ନପକାଇ ଘରକୁ ଘର ବୁଲି ଅଳିଆ ସଂଗ୍ରହ କରୁଥିବା ଗାଡିକୁ ଦିଅନ୍ତୁ । ୩.ରାସ୍ତା କଡ ଜମି ଜବରଦଖଲ କରି ବିଭିନ୍ନ ପ୍ରକାର ଉନ୍ନତିମୂଳକ କାର୍ଯ୍ୟରେ ବାଧାପ୍ରାପ୍ତ କରାନ୍ତୁ ନାହିଁ । ୪.ପରିଷଦର ଦେୟ ଠିକ୍ ସମୟରେ ପୈଠ କରନ୍ତୁ । ୫.ପ୍ଲାଷ୍ଟିକ ଜରିର ବ୍ୟବହାର ସରକାରଙ୍କ ଦ୍ୱାରା ସଂପୂର୍ଣ୍ଣ ନିଷିଦ୍ଧ ଘୋଷଣା କରାଯାଇଥିବାରୁ ସହରର ସମସ୍ତ ଜନସାଧାରଣ ଏବଂ ଦୋକାନୀମାନଙ୍କୁ ଅନୁରୋଧ ଏହାର ବ୍ୟବହାର କରନ୍ତୁ ନାହିଁ । ୬. ପରିଷଦ ସମ୍ପତ୍ତି ଆପଣଙ୍କର । ଏହାର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣରେ ସହଯୋଗ କରନ୍ତୁ । ୭.ଖୋଲାଜାଗାରେ ମଳତ୍ୟାଗ କରନ୍ତୁ ନାହିଁ, ଏଣେତେଣେ ପାନଛେପ ପକାନ୍ତୁ ନାହିଁ, ପରିବେଶକୁ ସୁସ୍ଥ ଓ ସ୍ୱଚ୍ଛ ରଖନ୍ତୁ । ୮. ଘରର ପାଇଖାନା ଟାଙ୍କିର ପାଇପ୍ ଡ୍ରେନକୁ ନଛାଡ଼ି ସେପଟିକ ଟାଙ୍କିରେ ପକାନ୍ତୁ ଏବଂ ସେପ୍‌ଟିକ ଟାଙ୍କି ପୂର୍ଣ୍ଣ ହେଲେ ରାଇରଙ୍ଗପୁର ପୌର ସଂସ୍ଥା ଦ୍ୱାରା ଧାର୍ଯ୍ୟ ମୂଲ୍ୟ ଦାଖଲ କରି ପଞ୍ଜିକୃତ ସେସ୍‌ପୁଲ ଗାଡି ଦ୍ୱାରା ଏହାକୁ ସଫା କରାନ୍ତୁ ।
"ପୌର ସେବା କର ପାଇଁ ପୌର କର ସେବା ପାଇଁ"
ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ୨୦୨୫ ଅବସରରେ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଦୁଇ ଗୋଟି କଲ୍ୟାଣମଣ୍ଡପର ଶୁଭ ଉଦ୍‌ଘାଟନ କରାଯିବ ।
ଶ୍ରୀଯୁକ୍ତ ଅଭିଷେକ ପଟ୍ଟନାୟକ, ଅଧ୍ୟକ୍ଷ, ପୌର ପରିଷଦ, ରାଇରଙ୍ଗପୁର
ଶ୍ରୀମତୀ ମମିତା ଚୌଧୁରୀ, ଉପାଧ୍ୟକ୍ଷା ଏବଂ ପାରିଷଦ ବୃନ୍ଦ, ପୌର ପରିଷଦ, ରାଇରଙ୍ଗପୁର
ଶ୍ରୀମତୀ ସକୁନ୍ତଳା ହାଁସଦାଃ (ଓ.ରା.ସେ.), କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସମସ୍ତ କର୍ମଚାରୀ ବୃନ୍ଦ, ପୌର ପରିଷଦ, ରାଇରଙ୍ଗପୁର

ସ୍ୱାଗତମ୍ ସ୍ୱାଗତମ୍ ସ୍ୱାଗତମ୍
ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ
ସର୍ବଭାରତସ୍ତରୀୟ ପବିତ୍ର ସ୍ୱାୟତ୍ତ ଶାସନ ଦିବସ-୩୧ ଅଗଷ୍ଟ ୨୦୨୫ ପାଳନ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ, କେନ୍ଦୁଝର ଜନସାଧାରଣଙ୍କ ଉନ୍ନତି, ବିକାଶ ତଥା ସର୍ବୋପରି ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ସାମିଲ ହୋଇ ଆସୁଥିବାର କାର୍ଯ୍ୟକ୍ରମ ସହିତ ସହରବାସୀଙ୍କ ସହଯୋଗ ଓ ସହାନୁଭୂତି ପରିଷଦ ସହିତ ଯୋଡ଼ିହୋଇ ଏକ ଭାଇଚାରା ସୃଷ୍ଟି କରୁ, ଏହାହିଁ ଆଜିର ପବିତ୍ର ଦିବସରେ କାମନା । ଆସନ୍ତୁ ସମସ୍ତେ ମିଳିମିଶି ଏହି ଶୁଭ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆକୁ ସରସ, ସୁନ୍ଦର ଓ ବିକଶିତ କରିବା ପାଇଁ ପରିଷଦ/ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଟିକସମାନ ଠିକ୍ ସମୟରେ ପୈଠ କରି ନିଜର କର୍ତ୍ତବ୍ୟ ଓ ଅଧିକାରକୁ ସାବ୍ୟସ୍ତ କରିବା ଦିଗରେ ସଚେତନ ହେବା ।
"ଘର ଚାରିପାଖ ସଫା ରଖିବା ଡେଙ୍ଗୁ ମ୍ୟାଲେରିଆ ଏଡ଼ାଇ ଦେବା"
"ଆଇନଗତ ସଫେଇ ସୁରକ୍ଷିତ ସଫେଇ" "ଆମର ଲକ୍ଷ୍ୟ-ସ୍ୱଚ୍ଛ, ସୁନ୍ଦର ଓ ସ୍ୱଚ୍ଛ ସହର"



ଶ୍ରୀ ଜଗନ୍ନାଥ ବେହେରା,ଓ.ରା.ସେ, କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ,ଚମ୍ପୁଆ
ଶ୍ରୀମତୀ ସୁମିତ୍ରା ବେହେରା, ଉପାଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ,ଚମ୍ପୁଆ
ଶ୍ରୀଯୁକ୍ତ ଗିରିଜା ଶଙ୍କର ସାହୁ, ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ,ଚମ୍ପୁଆ

ପୌରପରିଷଦ, ବାଲେଶ୍ୱର
ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ - ୨୦୨୫
ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ତା.୩୧.୦୮.୨୦୨୫ରିଖ ଅବସରରେ ବାଲେଶ୍ୱର ପୌରପାଳିକା ସମସ୍ତ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଅଛି ଏବଂ ସହରର ସର୍ବାଙ୍ଗୀନ ବିକାଶ ପାଇଁ ଆପଣଙ୍କ ସହଯୋଗ ଆଶା କରୁଅଛି ।
ନିବେଦନ:- ୦୧- ପୌର ସମ୍ପତ୍ତି ଆପଣଙ୍କର, ଏହାର ରକ୍ଷଣାବେକ୍ଷଣ ଆପଣଙ୍କର ଦାୟିତ୍ୱ । ୦୨- ସହରର ରାସ୍ତା ଏବଂ ଡ୍ରେନ ଅବରୋଧ କରନ୍ତୁ ନାହିଁ ଏବଂ ଏଥିରେ ଅଳିଆ ପକାଇ ପରିବେଶ ଦୂଷିତ କରନ୍ତୁ ନାହିଁ । ୦୩- ସର୍ବସାଧାରଣ ସ୍ଥାନରେ ଏବଂ ରାସ୍ତାରେ ଗୃହପାଳିତ ପଶୁମାନଙ୍କୁ ଛାଡ଼ି ଜନସାଧାରଣଙ୍କ ଯାତାୟାତରେ ଏବଂ ଯାନବାହନ ଚଳାଚଳରେ ବ୍ୟାଘାତ ସୃଷ୍ଟି କରନ୍ତୁ ନାହିଁ । ୦୪- ନୂତନ ଗୃହ ନିର୍ମାଣ ପୂର୍ବରୁ ପୌରପାଳିକାରୁ ନକ୍ସା ଅନୁମୋଦନ କରାଇନିଅନ୍ତୁ । ୦୫- ଜଳ ନିଷ୍କାସନ ସୁରକ୍ଷିତ ଭାବେ ଡ୍ରେନରେ କରନ୍ତୁ ଓ ରାସ୍ତାକୁ ସଫା ରଖନ୍ତୁ । ୦୬- ଗୃହର ବର୍ଜ୍ୟବସ୍ତୁକୁ ପୃଥକ୍ ଭାବେ ରଖି ପୌରପାଳିକାରେ BOV ଗାଡ଼ିକୁ ପ୍ରଦାନ କରନ୍ତୁ । ୦୭- ନିୟମିତ ଭାବେ ଘର ଟିକସ, ଦୋକାନ ଲାଇସେନ୍ସ ଟିକସ, ପୌରପାଳିକା ଦୋକାନ ଗୃହ ଭଡ଼ା ପଇଠ କରି ପୌରପାଳିକାର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ । ୦୮- ନିଜ ବାସଗୃହ ଏବଂ ବ୍ୟବସାୟ ପ୍ରତିଷ୍ଠାନରୁ ନିର୍ଗତ ବର୍ଜ୍ୟବସ୍ତୁର ସଫଳ ପରିଚାଳନା କରିବାରେ ସହାୟକ ହୁଅନ୍ତୁ ଏବଂ ଏକ ସ୍ୱଚ୍ଛ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରନ୍ତୁ । ୦୯- ଯଥା ସମୟରେ ଜନ୍ମ, ମୃତ୍ୟୁ ଏବଂ ହିନ୍ଦୁ ବିବାହର ପଞ୍ଜୀକରଣ କରନ୍ତୁ । ୧୦- ଜନସାଧାରଣଙ୍କ ପାଇଖାନା ଟାଙ୍କି ପ୍ରତି ୩ ବର୍ଷରେ ପୌରପାଳିକାର ସେସପୁଲ ଗାଡ଼ି ଦ୍ୱାରା ନିୟମ ଅନୁଯାୟୀ ସଫେଇ କରନ୍ତୁ । ୧୧- ବାଲେଶ୍ୱର ସହରକୁ ସ୍ୱଚ୍ଛ, ନିର୍ମଳ, ସ୍ୱାସ୍ଥ୍ୟକର, ସୁନ୍ଦର ଓ ସୁରକ୍ଷିତ କରି ଗଢ଼ିତୋଳିବା ପାଇଁ ପୌରପାଳିକାକୁ ସହଯୋଗ କରନ୍ତୁ ।



ଶ୍ରୀମତୀ ନିର୍ଲିପ୍ତା ମହାନ୍ତି, ଓ.ପ୍ର.ସେ.-୧ (ଏସ୍.ବି), କାର୍ଯ୍ୟନିର୍ବାହୀ ଅଧିକାରୀ, ବାଲେଶ୍ୱର ପୌରପାଳିକା
ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ସେଠୀ, ଉପାଧ୍ୟକ୍ଷ, ବାଲେଶ୍ୱର ପୌରପାଳିକା
ଶ୍ରୀମତୀ ସବିତା ସାହୁ, ପୌରାଧ୍ୟକ୍ଷା, ବାଲେଶ୍ୱର ପୌରପାଳିକା

ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ, ଉଦଳା
ଉଦଳା ପୌରାଞ୍ଚଳ ପରିଷଦର ଜନସାଧାରଣଙ୍କୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ ।
❖ରାସ୍ତାକଡରେ କିମ୍ବା ରାସ୍ତାରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ । ❖ନିଜ ଘରୁ ବାହାରୁଥିବା ଅଳିଆ ଆବର୍ଜନାକୁ ପୃଥକୀକରଣ (ଓଦା/ଶୁଖିଲା) କରି ପୌରପାଳିକାର ଆସୁଥିବା ଅଳିଆ ସଂଗ୍ରହ ଗାଡ଼ିକୁ ହସ୍ତାନ୍ତର କରନ୍ତୁ । ❖ଜଳ ନିଷ୍କାସନ ପାଇଁ ଉଦ୍ଦିଷ୍ଟ ନାଳରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ । ❖ନିୟମିତ ଧାର୍ଯ୍ୟ ଟିକସ ପ୍ରଦାନ କରି ପରିଷଦର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ । ❖ଘରେ ନିଜେ ତିଆରି କରିଥିବା ଶୌଚାଳୟ ଏବଂ ବିଜ୍ଞାପିତ ଅଞ୍ଚଳ ତରଫରୁ ନିର୍ମିତ ହୋଇଥିବା ଶୌଚାଳୟ ଓ ପରିସ୍ରାଗାର ବ୍ୟବହାର କରନ୍ତୁ । ❖କଠିନ ବର୍ଜ୍ୟବସ୍ତୁ ପାଇଁ ବ୍ୟାବହାରିକ ଧାର୍ଯ୍ୟ ଟିକସ ସ୍ୱଚ୍ଛସାଥୀମାନଙ୍କୁ ଠିକ୍ ସମୟରେ ପ୍ରଦାନ କରନ୍ତୁ । ❖ପଲିଥିନ ତଥା ଥର୍ମୋକୋଲ ବ୍ୟବହାର ନକରି ପ୍ରଦୂଷଣମୁକ୍ତ ସହରାଞ୍ଚଳ ଗଠନରେ ସହାୟକ ହୁଅନ୍ତୁ । ❖ଗୃହ ନିର୍ମାଣ ପୂର୍ବରୁ ପୌରପାଳିକା ନକ୍ସା ଅନୁମୋଦନ କରାଇ ନିଅନ୍ତୁ । ❖ରାସ୍ତା ଉପରେ କିମ୍ବା ରାସ୍ତା କଡରେ ବାଲି, ଗୋଡ଼ି, ପଥର ତଥା ଭାରିଯାନ ରଖି ଯାତାୟାତରେ ବ୍ୟାଘାତ ସୃଷ୍ଟି କରନ୍ତୁ ନାହିଁ । ❖ଆସନ୍ତୁ ସଭିଏଁ ମିଶି ଉଦଳା ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାରେ ସହଯୋଗ କରିବା ।
ସ୍ୱା./-ପ୍ରିୟ ରଞ୍ଜନ ଜେନା, ନିର୍ବାହୀ ଅଧିକାରୀ, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ
ସ୍ୱା./-ପ୍ରମିଳା ପଣ୍ଡା, ନଗରପାଳ, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ
ପରିଷଦର ସମସ୍ତ କାଉନସିଲର ବୃନ୍ଦ ଏବଂ କର୍ମଚାରୀଗଣ

# ଅଭିଯୁକ୍ତଙ୍କୁ ୩୦ ବର୍ଷ ସଶ୍ରମ କାରାଦଣ୍ଡ

## ଶିଶୁକନ୍ୟା ବଳାତ୍କାର ମାମଲା

### ଅଭିଯୁକ୍ତଙ୍କୁ ଫାଶୀଦଣ୍ଡ ଦେବା କଥା: ପୀଡ଼ିତାଙ୍କ ମା'

ସମ୍ବଲପୁର,୩୦।୮ (ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ମହୁଲପାଲି ଥାନା ଅଞ୍ଚଳରେ ୨୦୨୪ରେ ସଂଘଟିତ ଏକ ଶିଶୁକନ୍ୟା ବଳାତ୍କାର ମାମଲାରେ ସମ୍ବଲପୁର ଅତିରିକ୍ତ ଜିଲାଜଜ୍ ତଥା ପୋକ୍ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତି ଶନିବାର ଅଭିଯୁକ୍ତଙ୍କୁ ୩୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୧୫ଜଣ ସାକ୍ଷୀ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ ଡୁମକୁ ଖଡ଼ିଆପଡ଼ାର ଅନିଲ ସାମଦ(୨୪)ଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଆଇପିସି ଦଫା ୩୭୬(ଏବି)ରେ ଅଭିଯୁକ୍ତଙ୍କୁ ୩୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା, ଦଫା ୫୦୬ରେ ୫ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ଏବଂ ପୋକ୍ସୋ ଆକ୍ଟର ଦଫା ୬ରେ ୧ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଏହାସହ ପୀଡ଼ିତ ଶିଶୁକନ୍ୟାଙ୍କୁ କ୍ଷତିପୂରଣ ବାବଦରେ ୧୩.୫୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲା ଆଇନ୍‌ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୁନ୍ଦରଗଡ଼ ଜିଲା ଦର୍ଲିପାଲି ଅଞ୍ଚଳର ୬ ବର୍ଷୀୟା ନାବାଳିକା ତାଙ୍କ ମା'ଙ୍କ ସହ ମାମୁଙ୍କ ବିବାହ ଉତ୍ସବରେ ଯୋଗଦେବାକୁ ୨୦୨୪ ଏପ୍ରିଲ୍ ୨୭ରେ ମହୁଲପାଲି ଆସିଥିଲେ। ରାତିରେ ବିବାହ ଉତ୍ସବରେ ନାଚୁଥିବା ବେଳେ ଅଭିଯୁକ୍ତ ଅନିଲ ସମଦଙ୍କ ନଜର ଆଡ଼ୁଆଳରେ ଶିଶୁକନ୍ୟାଙ୍କୁ ସେଠାରୁ ନେଇଯାଇ ବଳାତ୍କାର କରିଥିଲେ। ଝିଅକୁ ନ ପାଇ ତାଙ୍କ ମା' ଓ ପରିବାର ବିଭିନ୍ନ ସ୍ଥାନ ଖୋଜାଖୋଜି କରିଥିଲେ। ରାତି ସାଢ଼େ ୯ଟାରେ ଅଭିଯୁକ୍ତ ଝିଅକୁ କ୍ଷତାକ୍ତ ଅବସ୍ଥାରେ ଆଣି ତାଙ୍କ ମାମୁଘର ପାଖରେ ଛାଡ଼ି ଚାଲିଯାଇଥିଲେ। ଘରକୁ ଆସି ଝିଅ ତା'ସହ ଘଟିଥିବା ସବୁକଥା କହିଥିଲା। ପରିବାର ଲୋକେ ତାଙ୍କୁ କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟ ଓ ପରେ ଭିମସାରରେ ଭର୍ତ୍ତି କରିଥିଲେ। ଏପ୍ରିଲ୍ ୨୮ରେ ମହୁଲପାଲି ଥାନାରେ ଦଫା ୩୭୬(ଏବି), ୫୦୬ ଓ ୬ ପୋକ୍ସୋ ଆଇନରେ ଏକ ମାମଲା (ନଂ.୮୦/୨୪)ରୁଜୁକରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଦାଲତରେ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ। ଅପରପକ୍ଷରେ ପୀଡ଼ିତ ଶିଶୁକନ୍ୟାଙ୍କ ମା' କହିଛନ୍ତି ଏପର୍ଯ୍ୟନ୍ତ ଝିଅ ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହିଁ। ଏହି ଘଟଣାରେ ଅଭିଯୁକ୍ତଙ୍କୁ ଫାଶୀଦଣ୍ଡ ଦେବା ଉଚିତ ବୋଲି ସେ କହିଛନ୍ତି।

# ଗୁଜରାଟରୁ ଆଉ ଜଣେ ଅଭିଯୁକ୍ତ ଗିରଫ

## ଡ୍ରେସ୍ ଯୋଗାଇବା ଆଳରେ ବ୍ୟବସାୟୀଙ୍କୁ ଠକେଇ ଘଟଣା

ଭୁବନେଶ୍ୱର,୩୦।୮ (ସତ୍ୟଜିତ ରାଉତ)

ଡ୍ରେସ୍ ଯୋଗାଇବା ଆଳରେ ଜଣେ ମହିଳା ବ୍ୟବସାୟୀଙ୍କୁ ୧୪.୫୫ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ଆଉ ଜଣେ ସାଇବର ଠକଙ୍କୁ ଗୁଜରାଟରୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଗୁଜରାଟ ଜୁନାଗଡ଼ ଜିଲାର ମିଲନ ଚୌହାନ(୨୭)। ତାଙ୍କୁ ଓଡ଼ିଶା ଆଣିଯାଇ ଶନିବାର କୋର୍ଟ ଚାଲାଣ କରାଯିବାପରେ ଜେଲ ହାଜତକୁ ପଠା ଦିଆଯାଇଛି। ଏହାପୂର୍ବରୁ ୩ଜଣ ଅଭିଯୁକ୍ତଙ୍କୁ ଗୁଜରାଟରୁ ଗିରଫ କରାଯାଇଥିବାବେଳେ ସେମାନେ ଜୁଲାଇ ୨୯ରେ ଜେଲ ଯାଇଥିଲେ।



ମିଲନ ଚୌହାନ

ସୂଚନାଯୋଗ୍ୟ, ଅଭିଯୋଗକାରିଣୀ ଭୁବନେଶ୍ୱର ଜାଗମାରାରେ ଏକ ଗାର୍ମେଣ୍ଟସ ଶପ୍ କରିଛନ୍ତି। ସେ କିଛି ଡ୍ରେସ୍ କିଣିବାକୁ ଜଷ୍ଟଡାଏଲ୍ ସାଇଟ୍‌ରେ ଖୋଜାଖୋଜି କରିଥିଲେ। ସେଠାରୁ ସାଇବର ଠକମାନେ ତାଙ୍କ ନମ୍ବର ନେଇ ଯୋଗାଯୋଗ କରିଥିଲେ। ଗୁଜରାଟରେ ତାଙ୍କର ନାମୀଦାମୀ ଗାର୍ମେଣ୍ଟସ ଶପ୍ ରହିଥିବା କହି ଫସାଇଥିଲେ। ଏଥିସହ ଡ୍ରେସ୍ ଡିଜାଇନ୍ ଓ ଫେକ୍ ଆଇକାର୍ଡ ଆଦି ପଠାଇ ବିଶ୍ୱାସ ଜନ୍ମାଇଥିଲେ। ଅତି କମ୍ ଦାମରେ ଆକର୍ଷଣୀୟ ଡ୍ରେସ୍ ଯୋଗାଇଦେବେ ବୋଲି ଠକମାନେ ପ୍ରତିଶ୍ରୁତି ଦେଇ ଟଙ୍କା ପଠାଇବାକୁ କହିଥିଲେ। ମହିଳା ଜଣକ ୧୪ଲକ୍ଷ ୫୫ହଜାର ୪୫୦ଟଙ୍କା ପଠାଇ ଠକେଇର ଶିକାର ହୋଇଥିଲେ। ଏନେଇ ଏପ୍ରିଲ ୨୮ରେ ସାଇବର ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ତେବେ ତଦନ୍ତ ବେଳେ ୨.୫୨ଲକ୍ଷ ଟଙ୍କା ମିଲନ୍‌ଙ୍କ ଆକାଉଣ୍ଟରେ ଜମା ହୋଇଥିବା ପୋଲିସ ଜାଣିବାକୁ ପାଇଛି।

# ଗୁପ୍ତିଘାଟରେ ବନ୍ଧୁକ ଧରି ଆତଙ୍କ: ଯୁବକ ଗିରଫ

## ସ୍ଥାନୀୟ ଲୋକେ କାବୁକରି ପୋଲିସ ଜିମା ଦେଲେ

ରାଜନଗର, ୩୦।୮ (ଭାସ୍କର ରାଉତରାଏ)

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅନ୍ତର୍ଗତ ଗୁପ୍ତି ଘାଟରେ ଜଣେ ଯୁବକ ବନ୍ଧୁକ ଧରି ଆତଙ୍କ ସୃଷ୍ଟି କରିଛନ୍ତି। ଯୁବକ ଜଣକ ନିଶାଗ୍ରସ୍ତ ଅବସ୍ଥାରେ ଥିଲା ଏବଂ ବଙ୍ଗଳା ଭାଷାରେ କଥା ହେଉଥିଲେ। ସ୍ଥାନୀୟ ଲୋକେ ତାଙ୍କୁ କାବୁକରି ପୋଲିସ ଜିମା ଦେଇଛନ୍ତି। ନିଶା ଛାଡ଼ିବା ପରେ ତାଙ୍କ ପରିଚୟ ମିଳିପାରିଛି। ସେ ହେଲେ ପଶ୍ଚିମବଙ୍ଗ ଚବିଶପ୍ରଗଣାସ୍ଥିତ ଷଣ୍ଢଖାଲ ଥାନା ଅନ୍ତର୍ଗତ ଦାଉଦପୁର ଗାଁର ମୃତ୍ୟୁଞ୍ଜୟ ମଣ୍ଡଳ (୩୦)। ମଧ୍ୟାହ୍ନ ପ୍ରାୟ



ଆତଙ୍କ ସୃଷ୍ଟି କରିଥିବା ମୃତ୍ୟୁଞ୍ଜୟ ମଣ୍ଡଳ ଲୋକେ କାବୁ କରିଛନ୍ତି।

୧୨ଟା ବେଳେ ସେ ରାଜନଗର ଥାନା ଅନ୍ତର୍ଗତ ଗୁପ୍ତିଘାଟ ନିକଟରେ ପହଞ୍ଚିଥିଲେ। ସେଠାରେ ସେ ବନ୍ଧୁକ ଦେଖାଇ ଲୋକଙ୍କୁ ଭୟଭୀତ କରିବାକୁ ଉଦ୍ୟମ କରିଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ବହୁ କଷ୍ଟରେ ସ୍ଥାନୀୟ ଲୋକେ ତାଙ୍କୁ ଧରି ପୋଲିସରେ ଖବର ଦେଇଥିଲେ। ପୋଲିସ ତାଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଉତ୍ତର ବଗପାଟିଆର ବାସୁଦେବ ମଣ୍ଡଳ ଚାଷ କାମ ପାଇଁ ପଶ୍ଚିବଙ୍ଗରୁ ମୃତ୍ୟୁଞ୍ଜୟଙ୍କ ସହ ୮ ଜଣଙ୍କୁ ଡକାଇଥିଲେ। ଏନେଇ ମୃତ୍ୟୁଞ୍ଜୟ ଗୁପ୍ତି ଆସୁଥିବାବେଳେ ବାଟରେ ବନ୍ଧୁକ ପାଇଥିଲେ ବୋଲି ପୋଲିସ ଆଗରେ ପ୍ରକାଶ କରିଛନ୍ତି।

# ରାସ୍ତାକଡ଼ରେ ଯୁବତୀଙ୍କୁ ଗଣବଳାତ୍କାର

ଉଦଳା, ୩୦।୮ (ସନ୍ତୋଷ କୁମାର ବାଛିନି)

ମୟୂରଭଞ୍ଜ ଜିଲା ଉଦଳା ଅଞ୍ଚଳରେ ଶୁକ୍ରବାର ରାତିରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଚାକିରି କରାଇଦେବା ବାହାନାରେ ଜଣେ ଯୁବତୀଙ୍କୁ ଡାକି ନେଇ ରାସ୍ତାକଡରେ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଶନିବାର ଉଦଳା ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ବାଙ୍ଗିରିପୋଷି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ କମ୍ପାନୀରେ ଚାକିରି କରାଇଦେବାକୁ କହି ଘରୁ ଏକ ଓମିନି ଗାଡ଼ିରେ ୨ ଜଣ ଡାକି ଆଣିଥିଲେ। ପରେ ରାସ୍ତାରୁ ଆଉ ୩ଜଣ ଉକ୍ତ ଗାଡ଼ିରେ ଚଢ଼ିଥିଲେ। ବାଙ୍ଗିରିପୋଷିରୁ ୮୦ କି.ମି. ଦୂର ଉଦଳା ଆଣି ରାସ୍ତାକଡରେ ଗାଡି ଛିଡା କରି ୬ଜଣ ଯୁବକ ଗଣବଳାତ୍କାର କରିଥିଲେ। ଯୁବତୀଜଣକ ଚିତ୍କାର କରିବାରୁ ଯୁବକମାନେ ତାଙ୍କୁ ଗାଡି ବାହାରକୁ ଠେଲି ଦେଇ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଯୁବତୀଙ୍କୁ ଉଦ୍ଧାର କରି ତାଙ୍କ ଘରେ ଛାଡିଥିଲେ। ଯୁବତୀଜଣକ ଏ ସମ୍ପର୍କରେ ଘରେ ଜଣାଇବା ପରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

# ସଫେଇ କର୍ମଚାରୀଙ୍କ ପ୍ରତି ଅବହେଳା ଅଭିଯୋଗ

## ରିପୋର୍ଟ ତଲବ କଲେ ଓଏଚ୍ଆର୍‌ସି

ଭୁବନେଶ୍ୱର,୩୦।୮ (ସତ୍ୟଜିତ ରାଉତ)

ଅତି ଅସ୍ୱାସ୍ଥ୍ୟକର ଡ୍ରେନ୍‌ରେ ପଶି ସଫା କରୁଥିବା ସଫେଇ କର୍ମଚାରୀଙ୍କ ଆଇନଗତ ଅଧିକାର ସମେତ ରାଜ୍ୟ ସରକାର ଲାଗୁ କରିଥିବା ଗରିମା ସ୍କିମ୍ କାର୍ଯ୍ୟକାରିତା ସମ୍ପର୍କରେ ଆସନ୍ତା ଅକ୍ଟୋବର ୧ ସୁଦ୍ଧା ରିପୋର୍ଟ ଦାଖଲ ପାଇଁ ରାଜ୍ୟ ମାନବ ଅଧିକାର କମିଶନ(ଓଏଚ୍ଆର୍‌ସି) ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ଶ୍ରମ ବିଭାଗ, ନଗର ଉନ୍ନୟନ ବିଭଗ, ଅନୁସୂଚିତ ଜାତି ଜନଜାତି କଲ୍ୟାଣ ବିଭାଗ, ସାମାଜିକ ସୁରକ୍ଷା ବିଭାଗ ଆଦିର ମୁଖ୍ୟଙ୍କୁ ଓଏଚ୍ଆର୍‌ସି ଅଧ୍ୟକ୍ଷ ବିଚାରପତି ଶତ୍ରୁଘ୍ନ ପୂଜାହାରୀ ଓ ସଦସ୍ୟ ଅସୀମ ଅମିତାଭ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ରିପୋର୍ଟ ତଲବ କରିଛନ୍ତି।

ମାନବକ ଅଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ, ନରେନ୍ଦ୍ର ମହାନ୍ତି ଓ ଆଇନ୍‌ଜୀବୀ ବିଜୟ କୁମାର ପଣ୍ଡାଙ୍କ ପକ୍ଷରୁ ହୋଇଥିବା ପିଟିଶନ ଉପରେ ଗତ ୨୧ତାରିଖରେ ଶୁଣାଣି ହୋଇଥିଲା। ଏକ ଦୈନିକ ଇଂଲିଶ ଖବରକାଗଜରେ ସଫେଇ କର୍ମଚାରୀମାନେ କିଭଳି ଅମାନବୀୟ ଓ ଅସ୍ୱାସ୍ଥ୍ୟକର ପରିବେଶରେ ଘଣ୍ଟାଘଣ୍ଟା ଧରି କାମ କରୁଛନ୍ତି ଓ ଏ ସଂକ୍ରାନ୍ତରେ ସୁପ୍ରିମ୍‌କୋର୍ଟ ଯେଉଁ ଗାଇଡ୍‌ଲାଇନ ଦେଇଛନ୍ତି ତାହା ପାଳନ କରାଯାଉନାହିଁ ଓ ଏପରିକି ଗରିମା ସ୍କିମ୍‌ର ଖୋଲା ଉଲ୍ଲଂଘନ ସମ୍ପର୍କରେ ଆବେଦନକାରୀ ଅଭିଯୋଗ କରିଥିଲେ। ବିଶେଷକରି ସ୍ୱରେଜ ଲାଇନ୍, ଡ୍ରେନ୍ ସଫା କରିବାକୁ ମେଶିନ ବଦଳରେ ଦଳିତ ସମ୍ପ୍ରଦାୟର ଲୋକଙ୍କୁ ମୁଖ୍ୟତଃ ନିୟୋଜିତ କରାଯାଉଛି। ସର୍ବନିମ୍ନ ମଜୁରୀ ଓ ନିର୍ଦ୍ଦିଷ୍ଟ ସମୟସୀମା ମଧ ନାହିଁ। ଏପରି କି କର୍ମଚାରୀଙ୍କୁ ଗ୍ଲୋଭ ଓ ବୁଟ୍ ଆଦି ଭଳି ସର୍ବନିମ୍ନ ସୁରକ୍ଷା ସରଞ୍ଜାମ ଦିଆଯାଉନାହିଁ ବୋଲି ଅଭିଯୋଗ ହୋଇଥିଲା। ସବୁ ସଫେଇ କର୍ମଚାରୀଙ୍କୁ ଚିହ୍ନଟ, ଏସମ୍ପର୍କରେ ଥିବା ଆଇନ ଓ ସ୍କିମ୍ କାର୍ଯ୍ୟକାରିତା ସମ୍ପର୍କରେ ଏକ ସ୍ୱାଧୀନ କମିଟି ଦ୍ୱାରା ଅନୁଧ୍ୟାନ, ଆବଶ୍ୟକ ପଦକ୍ଷେପ ନେବାପାଇଁ କମିଶନଙ୍କ ହସ୍ତକ୍ଷେପ ପାଇଁ ଆବେଦନରେ ଦର୍ଶାଯାଇଥିଲା।

# ଅପରେଶନ ଗଜ: ୮ଜଣଙ୍କୁ ଗିରଫ କଲା ପଦ୍ମପୁର ପୋଲିସ

## ବିପୁଳ ପରିମାଣର ନିଶାଦ୍ରବ୍ୟ ସହ କାର୍, ବାଇକ୍ ଜବତ

ପଦ୍ମପୁର,୩୦।୮ (ପ୍ରଦୀପ୍ତ ଦାଶ)

ଅପରେଶନ ଗଜରେ ବରଗଡ଼ ଜିଲା ପଦ୍ମପୁର ପୋଲିସ ଶନିବାର ବେଆଇନ ନିଶା କାରବାର କରିବା ଅଭିଯୋଗରେ ୮ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପଦ୍ମପୁରର ସରଫରାଜ ଖାଁ, ମନୋରଞ୍ଜନ ପୋଢ, ଏମ୍‌ଡି ଆସିଫ, ତନ୍ମୟ ନାଗ, ପିଣ୍ଟୁ ପଟେଲ, ହଲଦୀପାଲିର ପ୍ରଶାନ୍ତ ଦାଶ, ସୋହେଲାର ଦୁଷ୍ମନ୍ତ ନାଏକ, ବରଗଡ଼ର ରଘୁ ସାହୁ। ଅଭିଯୁକ୍ତମାନଙ୍କଠାରୁ ବିପୁଳ ପରିମାଣର ନିଶାଦ୍ରବ୍ୟ ସହ କାର, ବାଇକ୍ ଜବତ କରାଯାଇଥିବା ନେଇ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସ୍ଥାନୀୟ ଉପଖଣ୍ଡ ପୋଲିସ ଅଧିକାରୀ ପାଣ୍ଡବ ଶବର ସୂଚନା ଦେଇଛନ୍ତି।



ଜବତ ସାମଗ୍ରୀ।

ପ୍ରକାଶ ଯେ, ପଦ୍ମପୁର ପୋଲିସର ଏକ ଟିମ୍ କୌଣସି ସୂତ୍ରରୁ ସୂଚନା ପାଇ ଗାଇସିଲେଟ ପଦ୍ମପୁର ରାସ୍ତାର ସପିଆଠାରେ ଏକ କାର (ଓଡି ୦୫ ଟି ୫୪ ୦୦)କୁ ଅଟକାଇ ଯାଞ୍ଚ କରିଥିଲା। ଗାଡିରୁ ୫୦୦୦ ନିଶା ଇଞ୍ଜେକଶନ, ୭୨୦ବୋତଲ କଫ ସିରପ୍, ୧୨୦୦୦ ଟାବଲେଟ, ନଗଦ ୩୮ହଜାର ୩୭୦ଟଙ୍କା, ୭ଟି ମୋବାଇଲ ଫୋନ, ଗୋଟିଏ ହିରୋ ବାଇକ୍ (ଓଡି ୧୭ ଜେ ୫୬ ୫୮), ଗୋଟିଏ ଟିଭିଏସ୍ ଆପାଚି (ଓଡି ୧୭ ଏଏ ୭୧ ୬୫) ଜବତ ହୋଇଥିବା ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ପଦ୍ମପୁର ଥାନା ପୋଲିସ ଏକ (ନଂ. ୨୩୧/୨୫) ମାମଲା ରୁଜୁ କରିଛି। ଏହି ଚଢ଼ାଉରେ ଏସ୍ଆଇ ପ୍ରମିଳା ମରେଇ, ଏଏସ୍ଆଇ ଏସ୍.କେ. ସାହୁ, ହାବିଲଦାର ପ୍ରକାଶ ଆଚାର୍ଯ୍ୟ ପ୍ରମୁଖ ସାମିଲ ଥିଲେ।

# ବ୍ୟବସାୟୀଙ୍କୁ ଭୁଜାଲିରେ ହାଣି ଲୁଟ୍

ସାତମାଇଲ,୩୦।୮ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ମହାଲୁଣ୍ଡା ପଞ୍ଚାୟତ ମହାଲୁଣ୍ଡା ଗ୍ରାମର ବ୍ୟବସାୟୀ ଗିରିଶ ସାହୁ(୫୫) ସ୍ଥାନୀୟ କୁମୁରିଙ୍ଗା ସାପ୍ତାହିକ ହାଟ ସାରି ଶନିବାର ଦ୍ୱିପ୍ରହରେ ଘରକୁ ଫେରୁଥିବାବେଳେ ଲୁଟ୍‌ର ଶୀକାର ହୋଇଛନ୍ତି। ସୂଚନା ଅନୁଯାୟୀ, ଗିରିଶ ହାଟରୁ ଫେରୁଥିବାବେଳେ ହାଟ ନିକଟରେ ୩ ବାଇକ୍ ଲୁଟେରା ଗିରିଶଙ୍କୁ ଭୁଜାଲିରେ ହାଣି ଦେବାରୁ ସେ ତଳେ ଖସି ପଡ଼ିଥିଲେ। ଏହି ସମୟର ଦୁର୍ବୃତ୍ତମାନେ ଗିରିଶଙ୍କ ବ୍ୟାଗ୍ ଛଡ଼ାଇ ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ଲୋକ ଗିରିଶଙ୍କୁ ଉଦ୍ଧାର କରି ନିକଟସ୍ଥ ଖଜୁରିଆକଟା ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ଚିକିତ୍ସା ପରେ ଗିରିଶ ବାଲିମି ଥାନାରେ ଅଭିଯୋଗ କରିଥିଲେ। ବାଲିମି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି। ଆଗରୁ ସେହି ସ୍ଥାନରେ ବଳିମି ପୋଲିସ ତରଫରୁ କର୍ମଚାରୀ ନିୟୋଜିତ ଥିବାବେଳେ ଏହାର ବିଶେଷ ପ୍ରଭାବ ପଡୁ ନ ଥିବା ଦେଖିବାକୁ ମିଳିଛି। ଦ୍ୱିପ୍ରହରେ ପୋଲିସକୁ ଚ୍ୟାଲେଞ୍ଜ ଦେଇ ଏଭଳି ଲୁଟ୍ ହେଉଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଯିବାଆସିବା କରିବାକୁ ଭୟ କଲେଣି। ତୁରନ୍ତ ଏହି ଅଞ୍ଚଳରେ ଅଧିକ ପୋଲିସ ନିୟୋଜିତ କରିବାକୁ ସାଧାରଣରେ ଦାବି ହେଉଛି।

# ଅଭିଯୁକ୍ତଙ୍କ ମୃତ୍ୟୁ ମାମଲାରେ ପୂର୍ବତନ ଏସ୍ଆଇ ଗିରଫ

ଜୟପୁର,୩୦।୮ (ପବନ ପାଣିଗ୍ରାହୀ)

୨୦୧୭ରେ ବିଭିନ୍ନ ଆପରାଧୀକ ମାମଲାରେ ଜଡ଼ିତ ଥିବା ଅଭିଯୁକ୍ତ ଆକାଶ ମହୁରିଆଙ୍କ ମୃତ୍ୟୁ ମାମଲାରେ ପୂର୍ବତନ ଏସ୍ଆଇ ଶିବ ଶଙ୍କର ସାହୁଙ୍କୁ କ୍ରାଇମବ୍ରାଞ୍ଚ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ଶିବ କଳାହାଣ୍ଡି ଜିଲାର ଏକ ଗଣେଶ ପୂଜା ବଜାରରେ ବୁଲୁଥିବା ବେଳେ କ୍ରାଇମବ୍ରାଞ୍ଚ ପୋଲିସ ତାଙ୍କୁ ଗିରଫ କରିଥିଲା। ଶୁକ୍ରବାର ସକାଳୁ ତାଙ୍କୁ ଜୟପୁର ଆଣିବା ପରେ ସନ୍ଧ୍ୟାରେ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରି ସ୍ୱତନ୍ତ୍ର କାରାଗାରକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ବିଭିନ୍ନ ଆପରାଧିକ ମାମଲାରେ ଜଡ଼ିତ ଥିବା ଆକାଶଙ୍କୁ ପୋଲିସ ଗୋଡ଼ାଉଥିବା ବେଳେ ଗାଡ଼ିରୁ ପଡି ତାଙ୍କର ମୃତ୍ୟୁ ହୋଇଥିବା ନେଇ ଜୟପୁର ଟାଉନ ଥାନାରେ ମାମଲା ରୁଜୁ ହୋଇଥିଲା। ଏହା ପରେ ତାଙ୍କ ଭଉଣୀ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। କ୍ରାଇମବ୍ରାଞ୍ଚ ପୋଲିସ ପୂର୍ବତନ ଟାଉନ ଥାନା ଅଧିକାରୀ ତପନ ରଥ, ଏସ୍ଆଇ ଶିବ ଶଙ୍କର ସାହୁ, ଏସ୍ଆଇ ରାଜେଶ ବଳିଆର ସିଂ ଓ ଏସ୍‌ଡିପିଓ ରାଜେନ୍ଦ୍ର ସେନାପତିଙ୍କ ନାଁରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ଶିବ ତଦନ୍ତକାରୀ ଅଧିକାରୀ ଥିବାରୁ ତାଙ୍କ ନାଁରେ ଚାର୍ଜସିଟ୍ ଦାଖଲ ହୋଇଥିଲା। ସେହି ଦିନଠାରୁ ଶିବଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା।

# ଭିଜିଲାନ୍ସ କୋର୍ଟରେ ଆର୍‌ଡବ୍ଲ୍ୟୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀ ଦୋଷୀ ସାବ୍ୟସ୍ତ

## ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା

ପାରଳାଖେମୁଣ୍ଡି,୩୦।୮ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଆର୍‌ଡବ୍ଲ୍ୟୁଏସ୍ଏସ୍ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ଜେନାଙ୍କୁ ବାରିପଦାସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ଦୁଇ ବର୍ଷ ସଶ୍ରମ କାରାଦଣ୍ଡ ସହ ଏକଲକ୍ଷ ଟଙ୍କା ଜରିମାନାରେ କୋର୍ଟ ଦଣ୍ଡିତ କରିଛନ୍ତି। ଏଥିସହ ଚାକିରିରୁ ବହିଷ୍କାର କରିବାକୁ ସକ୍ଷମ ପ୍ରାଧିକରଣଙ୍କ ନିକଟରେ ଆବେଦନ କରାଯିବ ବୋଲି କଟକସ୍ଥିତ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି।

ଖବରରୁ ଜଣାପଡିଛି, କନିଷ୍ଠଯନ୍ତ୍ରୀ ଅରୁଣ ମୟୁରଭଞ୍ଜରେ ଏସ୍ଏସ୍ଏ ବିଭାଗରେ କାର୍ଯ୍ୟରତ ଥିବା ବେଳେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ଭିଜିଲାନ୍ସ ବିଭାଗ ଦୁର୍ନୀତି ନିବାରଣ ଆଇନରେ ମାମଲା ରୁଜୁ କରିଥିଲା। ବାଲେଶ୍ୱର ଭିଜିଲାନ୍ସ ଡିଭିଜନର ପୂର୍ବତନ ଇନ୍ସପେକ୍ଟର ନରେନ୍ଦ୍ର ବେହେରା ଏହାର ତଦନ୍ତ କରୁଥିଲେ। ବାରିପଦା ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପିପି ଶାନ୍ତନୁ ଦାସ ମାମଲା ପରିଚାଳନା କରୁଥିଲେ।

# ଘର ଭିତରୁ ଦେଢ଼ ବର୍ଷର ଶିଶୁପୁତ୍ର ନିଖୋଜ

ରାସୋଳ,୩୦।୮ (ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ରାସୋଳ ଥାନା କନକା ଗ୍ରାମରେ ଏକ ଘର ଭିତରୁ ଦେଢ଼ ବର୍ଷର ଶିଶୁପୁତ୍ର ନିଖୋଜ ଥିବା ନେଇ ଶନିବାର ଥାନାରେ ଅଭିଯୋଗ ହୋଇଛି। କନକା ଗ୍ରାମର ହୃଦାନନ୍ଦ ପ୍ରଧାନ ଶୁକ୍ରବାର ସକାଳେ କାମକୁ ବାହାରି ଯାଇଥିଲେ। ଘରେ ଶିଶୁପୁତ୍ର ଶୋଇଥିବା ବେଳେ ତାଙ୍କ ସ୍ତ୍ରୀ ବାଡ଼ି ପଛପଟ ଜଙ୍ଗଲକୁ ଛେଳି ଛାଡ଼ିବାକୁ ଯାଇଥିଲେ। ସେଠାରୁ ସେ ଫେରି ଶିଶୁପୁତ୍ରକୁ ଘରେ ପାଇ ନ ଥିଲେ। ବହୁ ଖୋଜାଖୋଜି କରିଥିଲେ ମଧ ଶିଶୁପୁତ୍ରର ସନ୍ଧାନ ନ ପାଇବାରୁ ଶନିବାର ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ରାସୋଳ ପୋଲିସ ତଦନ୍ତ ଆରମ୍ଭ କରିଛି।

# ହତ୍ୟା ମାମଲାରେ ୩ ଜଣଙ୍କୁ ଆଜୀବନ କାରାଦଣ୍ଡ

ରାୟଗଡ଼ା,୩୦।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଅତିରିକ୍ତ ଜିଲା ଦୌରାଜଜ୍ ଅଜ୍ମନା ସ୍ୱାଇଁ ଏକ ହତ୍ୟା ମାମଲାର ବିଚାରକରି ୩ ଜଣ ଅଭିଯୁକ୍ତଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନା ପ୍ରଦାନ ପାଇଁ ଶନିବାର ରାୟ ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ଅଶୋକ ଗୌଡ଼, ଭାଗୀରଥି ଗୌଡ଼ ଓ ବିକ୍ରମ ଗୌଡ଼। ୨୩ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଦଫା ୩୦୨/୩୪ ଆଇପିସି, ଆର୍‌ଡବ୍ଲ୍ୟୁ ୩(୧)(ଆର୍)(ଏସ୍)/୩(୨)(ଭି)(ଭିଏ) ଏସସି ଏବଂ ଏସ୍‌ଟି (ପିଓଏ) ଆକ୍ଟରେ ବିଚାରକରି ରାୟ ପ୍ରକାଶ ପାଇଛି। ଜରିମାନା ଅନାଦାୟେ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ପାଇଁ ଆଦେଶ ଦିଆଯାଇଛି।

ମିଳିଥିବା ସୂଚନା ମୁତାବକ, ୨୦୨୩ ଜୁନ୍ ୯ ସକାଳ ସମୟରେ କାଶୀପୁର ବ୍ଲକର ଗଜେନ୍ଦ୍ର ନାୟକ କଣନାଦୋରା ଗ୍ରାମରେ ଥିବା ଜମିରେ ସମତଳ ହେଉଥିବା କାର୍ଯ୍ୟକୁ ତଦାରଖ ପାଇଁ ଯାଇଥିଲେ। ଜେସିବି ଦ୍ୱାରା ଅପରେଟର ରଘୁ ଝୋଡିଆ, ତାଙ୍କ ସହଯୋଗୀ ଅନନ୍ତ ମାଝି ଓ ଚୈତନ୍ୟ ମାଝି ଏହି କାର୍ଯ୍ୟ କରୁଥିଲେ। ଉକ୍ତ ସମୟରେ ଭାଗୀରଥି ଗୌଡ଼, ତାଙ୍କର ଦୁଇ ସହଯୋଗୀ ଅଶୋକ ଏବଂ ବିକ୍ରମ ସେହି ସ୍ଥାନକୁ ଆସି ଆମ ଜମି କେଉଁଠି ଅଛି ଦେଖାଇଦେ କହିବା ସହ ସେମାନେ ସାଙ୍ଗରେ ଆଣିଥିବା ଟାଙ୍ଗିଆ ଦ୍ୱାରା ପ୍ରଥମେ ତାଙ୍କ ଗୋଡ ଏବଂ ପରେ ବେକକୁ ଆକ୍ରମଣ କରିଥିଲେ। ସେଠାରେ କାର୍ଯ୍ୟ କରୁଥିବା ଲୋକମାନେ ପାଟି କରିବାରୁ ସେମାନେ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ଜମିରେ କାର୍ଯ୍ୟ କରୁଥିବା ଲୋକମାନେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗଜେନ୍ଦ୍ରଙ୍କୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗଜେନ୍ଦ୍ରଙ୍କ ପୁଅ ମିହିର କୁମାର ନାୟକ ଏନେଇ କାଶୀପୁର ଥାନାରେ ଅଭିଯୋଗ କରିଥିଲେ। କାଶୀପୁର ପୋଲିସ ଘଟଣାର ତଦନ୍ତକରି ୨୦୨୩ ଜୁନ୍ ୧୨ରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫକରିବା ସହ ବ୍ୟବହର ହୋଇଥିବା ୩ଟି ଟାଙ୍ଗିଆକୁ ଜବତ କରିଥିଲା। ସରକାରଙ୍କ ତରଫରୁ ଏହି ମାମଲାକୁ ଏପିପି ରାମପ୍ରସାଦ ପାତ୍ର ପରିଚାଳନା କରୁଥିଲେ।

# ନାବାଳିକାଙ୍କୁ ନାବାଳକଙ୍କ ବଳାତ୍କାର

ଖଣ୍ଡପଡ଼ା, ୩୦।୮ (ଅଜୟ କୁମାର ମହାରଣା)

ଖଣ୍ଡପଡା ଥାନା ଅଧୀନ ରାଣୀପଡ଼ା ଅଞ୍ଚଳର ଜଣେ ୭ ବର୍ଷର ନାବାଳିକାଙ୍କୁ ସେହି ଅଞ୍ଚଳର ଜଣେ ୧୪ ବର୍ଷର ନାବାଳକ ଏକ ନିକାଞ୍ଚନ ସ୍ଥାନକୁ ଡାକି ନେଇ ବଳାତ୍କାର କରିଥିବା ନେଇ ଶୁକ୍ରବାର ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଛି। ନାବାଳିକା ପରିବାର ଲୋକଙ୍କ ଲିଖିତ ଅଭିଯୋଗକ୍ରମେ ପୋଲିସ ସମ୍ପୃକ୍ତ ନାବାଳକଙ୍କୁ ଗ୍ରାମରୁ ଉଠାଇ ନେଇ ଥାନାରେ ଅଟକ ରଖି ତଦନ୍ତ କରିଥିଲା। ଶନିବାର ତାଙ୍କୁ ଅନୁଗୋଳସ୍ଥିତ ଜୁଭେନାଇଲ ଜଷ୍ଟିସ୍ ହୋମ୍‌କୁ ପଠାଇ ଦିଆଯାଇଛି।

କଟକ ମହାନଗର ନିଗମ
ସ୍ୱାୟତ୍ତ ଶାସନ ପାଳନ ଅବସରରେ
କଟକ ମହାନଗର ନିଗମ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ
No. DSPL - 230
କାର୍ଯ୍ୟସୂଚୀ
ତା୩୦।୦୮।୨୦୨୫ରିଖ
ପ୍ରାତଃ ୦୯.୦୦ ଘଟିକା: ରକ୍ତଦାନ ଶିବିର, ଟାଉନହଲ, କଟକ
ତା୩୧।୦୮।୨୦୨୫ରିଖ
ପୂର୍ବାହ୍ନ ୧୦.୩୦ଘଟିକା: ନିଗମ ଅଞ୍ଚଳରେ ନୂତନ ପ୍ରକଳ୍ପ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ଓ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପଗୁଡ଼ିକର ଶୁଭ ଉଦ୍‌ଘାଟନ।
ସନ୍ଧ୍ୟା ୦୫.୦୦ଘଟିକା: ସହିଦ ଭବନ, କଟକଠାରେ ସାଧାରଣ ସଭା
ମୁଖ୍ୟ ଅତିଥି: ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ମହାପାତ୍ର
ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗ, ଓଡ଼ିଶା
ମୁଖ୍ୟବକ୍ତା: ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ
ମାନ୍ୟବର ସାଂସଦ (ଲୋକସଭା), କଟକ
ସ୍ୱତନ୍ତ୍ର ଅତିଥି: ଶ୍ରୀଯୁକ୍ତ ଦେବାଶିଷ ସାମନ୍ତରାୟ
ମାନ୍ୟବର ସାଂସଦ (ରାଜ୍ୟସଭା) ତଥା ସଭାପତି କଟକ ମହାନଗର ନିଗମ କର୍ମଚାରୀ ସଂଘ
ସମ୍ମାନିତ ଅତିଥି ବୃନ୍ଦ:
ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ, ମାନ୍ୟବର ବିଧାୟକ, ଚୌଦ୍ୱାର-କଟକ
ଇଂ. ସୋଫିଆ ଫିରଦୋସ, ମାନ୍ୟବର ବିଧାୟିକା, ବାରବାଟୀ-କଟକ
ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ମାନ୍ୟବର ବିଧାୟକ, କଟକ ସଦର
ଶ୍ରୀଯୁକ୍ତ ପ୍ରଭାତ ତ୍ରିପାଠୀ, ପୂର୍ବତନ ବିଧାୟକ ତଥା ସଭାପତି କଟକ ମହାନଗର ନିଗମ ମେହେନ୍ତର ସଂଘ
ଶ୍ରୀଯୁକ୍ତ ଦତାତ୍ରୟ ଭାଉସାହେବ ସିନ୍ଦେ, (ଭା.ପ୍ର.ସେ.), ଜିଲ୍ଲାପାଳ, କଟକ
ଶ୍ରୀଯୁକ୍ତ ଖିଲାରି ଋଷିକେଶ ଦ୍ୟାନଦେଓ, (ଭା.ପୁ.ସେ.), ଡିସିପି, କମିଶନରେଟ ପୋଲିସ, କଟକ
୧. ନିଗମ ଅଞ୍ଚଳରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ।
୨. ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତୀ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ।
୩. ନିଗମର କର୍ତ୍ତବ୍ୟନିଷ୍ଠ କର୍ମଚାରୀମାନଙ୍କୁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ପୁରସ୍କାର ବିତରଣ।
ସୁଶ୍ରୀ କିରନ୍‌ଦୀପ୍ କୌର ସହୋତା, (ଭା.ପ୍ର.ସେ) ଆୟୁକ୍ତ
ସୁଶ୍ରୀ ଦମୟନ୍ତୀ ମାଝୀ ଡେପୁଟି ମେୟର
ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ସିଂହ ମେୟର
ନିଗମର ସମସ୍ତ କର୍ପୋରେଟର, ସମସ୍ତ ଅଧିକାରୀ ଏବଂ କର୍ମଚାରୀ ବୃନ୍ଦ
OIPR-13031/13/0212/2526

GOVERNMENT OF CHHATTISGARH
WATER RESOURCES DEPARTMENT
OFFICE OF THE EXECUTIVE ENGINEER
WATER RESOURCES DIVISION, JASHPUR, DISTT.: JASHPUR (C.G.)
e-Procurement Tender Notice
eProcurement Portal: https://eproc.cgstate.gov.in
(First CALL)
Online tenders are invited for the following works upto 15.09.2025 (17.30 hours IST).

| System Tender No./NIT No./Dated | Name of Work | Probable Amount of Contract |
|---|---|---|
| S.T.N. 174034/N.I.T. No. 02/ SAC/2025-26 Date: 25.08.2025 | Construction of Head Work and canal & their Structure of Gurmhakona Diversion Scheme | Rs.411.70 Lakhs |
| S.T.N. 174042/NIT No. 03/ SAC/2025-26 Date: 25.08.2025 | Construction of Head Work and canal & their Structure of Semra Tank Scheme | Rs.241.73 |

The details can be viewed & downloaded online directly from the Govt. of Chhattisgarh integrated e-Procurement portal **(https://eproc.cgstate.gov.in)** from **dated 01.09.2025 at 17.31 hours (IST)** onwards.
**Note:** All eligible/interested contractors/bidders are mandated to get enrolled on the integrated e-Procurement portal **(https://eproc.cgstate.gov.in)** and get approval on specific vendor class from PWD under centralized contractor/supplier registration in order to download the tender documents and participate in the subsequent bidding process.
Sd./- Executive Engineer
Water Resources Division, Jashpur (C.G.)
For, Chief Engineer
Hasdeo Ganga Basin, W.R. Deptt., Ambikapur, Sarguja (C.G.)
G-252603083/1

# ବାଇଗୁଣିଆରେ ଗୋଷ୍ଠୀ ସଂଘର୍ଷ: ଗଉଡ଼ସାହିର ଜଣେ ଗୁରୁତର, ୧୦ ଆହତ

ନୟାଗଡ଼/ଭାପୁର,୩୦।୮ (ଲୋକନାଥ ମିଶ୍ର/ପ୍ରଭାତ ବରାଡ଼)

ନୟାଗଡ ଜିଲା ଫତେଗଡ଼ ଥାନା ଜଗନ୍ନାଥପ୍ରସାଦ ଫାଣ୍ଡି ବାଇଗୁଣିଆ ଗାଁର ଗଉଡ଼ସାହିର ଗୋଟିଏ ଗୋଷ୍ଠୀ ଏବଂ ଦଳିତ ସାହି ଏକ ଗୋଷ୍ଠୀ ମଧ୍ୟରେ ଶନିବାର ରାତି ପ୍ରାୟ ସାଢ଼େ ୮ଟାରେ ସଂଘର୍ଷ ଘଟିଛି। ଏଥିରେ ଜଣେ ଗୁରୁତର ହୋଇଥିବାବେଳେ ଉଭୟ ପକ୍ଷର ୧୦ ଜଣ ଆହତ ହୋଇଛନ୍ତି। ଗୋଷ୍ଠୀ ସଂଘର୍ଷ ପୂର୍ବରୁ ଗଉଡ଼ସାହିର ରାଜେଶ ବେହେରାଙ୍କୁ ଆକ୍ରମଣ କରାଯାଇଥିଲା। ରାଜେଶଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ରାଜେଶ ଗୁରୁତର ଥିବା ଖବର ଜଣାପଡିବା ପରେ ଗାଁରେ ଉଭୟ ପକ୍ଷ ମୁହାଁମୁହିଁ ହୋଇ ସଂଘର୍ଷ ହୋଇଥିଲା। ଖବର ପାଇ ଫତେଗଡ଼ ଥାନା ପୋଲିସ ଘଟଣାର ଅନୁଧ୍ୟାନ କରୁଥିବାବେଳେ ଉଭୟ ସାହିରେ ଫୋର୍ସ ମୁତୟନ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ୨ ବର୍ଷ ତଳେ ଗଣେଶ ପୂଜା ଭସାଣିକୁ ନେଇ ଗଉଡ଼ସାହି ଓ ଦଳିତ ସାହିର ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଉଭୟ ପକ୍ଷକୁ ବୁଝାଶୁଝା କରାଯାଇ ସମାଧାନ କରାଯାଇଥିଲା। କିନ୍ତୁ ବିବାଦ ଧୀରେ ଧୀରେ ବଢ଼ିବାରେ ଲାଗିଥିଲା। ପୂର୍ବ ଶତ୍ରୁତାକୁ ନେଇ ଏବେ ପ୍ରାୟ ୪ ଦିନ ହେଲା ଗାଁରେ ଉତ୍ତେଜନା ଦେଖାଦେଇଥିଲା। ଦଳିତ ସାହିର କେତେଜଣ ଲୋକ ଗଉଡ଼ସାହିର ରାଜେଶଙ୍କୁ ଆକ୍ରମଣ ପରେ ବିବାଦ ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା।

# ନିଜ ହାତରେ ଶାସନ ବ୍ୟବସ୍ଥା

ବ୍ରିଟିଶ୍ ଅମଳରୁ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ପରିକଳ୍ପନା କରାଯାଇଛି। ସେହି ଅନୁସାରେ ପଞ୍ଚାୟତିରାଜ ବ୍ୟବସ୍ଥାଠାରୁ ଆରମ୍ଭକରି ମହାନଗର ପର୍ଯ୍ୟନ୍ତ ସବୁଠି ଏହି ପ୍ରକ୍ରିୟା ଲାଗୁ କରାଯାଇଛି। ବିକାଶକୁ ସରଳୀକରଣ କରିବା ପାଇଁ ଲୋକଙ୍କ ହାତରେ ଶାସନ ବ୍ୟବସ୍ଥାକୁ ଦିଆଯାଇଛି। ଗଞ୍ଜାମରେ ସ୍ୱାୟତ୍ତତାର ସ୍ଥିତିକୁ ଦେଖିଲେ ପ୍ରଥମକରି ୧୮୬୭ରେ ବ୍ରହ୍ମପୁରକୁ ପୌରପାଳିକା ଘୋଷଣା କରାଯାଇଥିଲା। ସେତେବେଳେ ବ୍ରହ୍ମପୁରର ପରିସୀମା ଛୋଟ ଥିଲା। ଲୋକସଂଖ୍ୟା ବି କମ୍ ଥିଲା। ବିଦ୍ୟୁତ୍ ବ୍ୟବସ୍ଥା ନ ଥିବାରୁ ଷ୍ଟ୍ରିଟ୍ ଲାଇଟ୍‌ରେ ଲଣ୍ଠନ ଲଗାଇ ଲୋକଙ୍କୁ ଆଲୁଅ ଯୋଗାଇ ଦିଆଯାଉଥିଲା। ରାସ୍ତାଘାଟ ସ୍ୱଚ୍ଛ ଥିଲା। ପରିମଳ ବ୍ୟବସ୍ଥା ବି ଭଲ ଥିଲା। ତେଣୁ ୧୯୩୦ରେ ବ୍ରହ୍ମପୁର ପୌରପାଳିକା ବ୍ରିଟିଶ୍ ଶାସନ ସମୟରେ ମାଡ୍ରାସ ପ୍ରେସିଡେନ୍ସି ପକ୍ଷରୁ ପୁରସ୍କୃତ ହୋଇଥିଲା। ଦୀର୍ଘଦିନ ପରେ କିଛି ବଡ଼ ଅଞ୍ଚଳର ଲୋକସଂଖ୍ୟା ଦୃଷ୍ଟିରୁ ବିଜ୍ଞାପିତ ଅଞ୍ଚଳ ରୂପେ ଘୋଷଣା କରାଯାଇଥିଲା। ବର୍ତ୍ତମାନ ଗଞ୍ଜାମରେ ଏକ ମହାନଗର ନିଗମ, ଏକ ପୌରପାଳିକା ଏବଂ ୧୬ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ରହିଛି। ଆଗକୁ ଆହୁରି କେତେ ଏନ୍ଏସି ଘୋଷଣା ବାକି ଅଛି। ବ୍ରହ୍ମପୁର ଇଂରେଜ ଅମଳର ହୋଇଥିବାବେଳେ ହିଞ୍ଜିଳିକାଟୁ ଉପରେ ବିଜେଡି ସରକାର ଅମଳରେ ପୌରପାଳିକାର ମୋହର ବାଜିଛି। ତେବେ ଦେଖିବାକୁ ଗଲେ ନିଜ ହାତକୁ ଶାସନ କ୍ଷମତା ଆସିବା ପରେ କାମ ଢେର୍ ବଢ଼ିଯାଇଛି। କିନ୍ତୁ ସମସ୍ୟା ବି ବଢ଼ିଛି। ଏ ସଂକ୍ରାନ୍ତରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନର ଅବସରପ୍ରାପ୍ତ ପ୍ରଫେସର ବିଷ୍ଣୁ ଚୌଧୁରୀ କୁହନ୍ତି, ଏହା ଏକ ଭଲ ବ୍ୟବସ୍ଥା। କିନ୍ତୁ ଏହାଦ୍ୱାରା କ୍ଷମତାର ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ହେଲା କିନ୍ତୁ ପ୍ରକୃତ କ୍ଷମତା ମିଳିନାହିଁ। ଲୋକଙ୍କ ହାତରେ ଶାସନ ବ୍ୟବସ୍ଥାକୁ ଲଦିଦେଇ କ୍ଷମତା ଅନ୍ୟ ହାତରେ ଥିଲେ ତାହା ବ୍ୟବସ୍ଥାକୁ ଜଟିଳ କରିପାରେ। ଉଦାହରଣ ସ୍ୱରୂପ, ଗୋଟିଏ ଘରେ ୨ ଜଣ ଥିବେ। ଅଞ୍ଚଳ ସଫା ରହିବ। ସେହି ଘରେ ଯଦି ୧୨ ଜଣ ହେବେ ତେବେ ନିଶ୍ଚିତ ଭାବେ ତାହା ଅସନା ହେବ। ୧୯୩୦ରେ ବ୍ରିଟିଶ୍ ସରକାର ବିଭିନ୍ନ ଦିଗକୁ ତର୍ଜମାକରି ବ୍ରହ୍ମପୁରକୁ ଭଲ ପୌରପାଳିକାର ମୋହର ମାରିଥିଲେ। ଏବେ ପୌରପାଳିକା ମହାନଗର ନିଗମରେ ପରିଣତ ହୋଇଛି। ସେହି ଅନୁସାରେ ଅଞ୍ଚଳ ବି ବଢ଼ିଛି। ୨୭ ୱାର୍ଡରୁ ୪୨ ହୋଇଛି। ସେହି ଅନୁସାରେ ବିକାଶ ବି ହୋଇଛି। କିନ୍ତୁ ଲୋକଙ୍କୁ ସଶକ୍ତ କରିବା ପାଇଁ ପ୍ରଣୀତ ଏହି ବ୍ୟବସ୍ଥାରେ ଏନ୍ଏସି ଓ ମ୍ୟୁନିସିପାଲିଟିଗୁଡ଼ିକ କେତେ ପରିମାଣରେ ସଫଳ ହୋଇଛନ୍ତି ତାହା ଆକଳନ କରିବା ମୁସ୍କିଲ। ପୌରପାଳିକା ତଥା ବିଜ୍ଞାପିତ ଅଞ୍ଚଳଗୁଡ଼ିକର ଶାସନ ଲୋକଙ୍କର, ଲୋକଙ୍କ ଦ୍ୱାରା ଓ ଲୋକଙ୍କ ପାଇଁ। ସେମାନେ ନିଜ ନେତା ନିଜେ ବାଛିବେ, ଯିଏକି ତାଙ୍କୁ ଶାସନ କରିବ। ଲୋକଙ୍କ ପାଇଁ ଯାହା ଯାହା ଦରକାର ତାହା ଠିକ୍ ଭାବରେ ଯୋଗାଇ ଦିଆଯାଇପାରୁଛି କି ନାହିଁ ତାହାକୁ ଲୋକେ ହିଁ ପରଖି ଏହି ମାପକାଠି ନିର୍ଣ୍ଣୟ କରିପାରିବେ ବୋଲି ସେ କହିଥିଲେ। ଏ ସମ୍ପର୍କରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ପ୍ରଫେସର ଜୟନ୍ତ କୁମାର ପଣ୍ଡା କୁହନ୍ତି, ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ସମସ୍ତେ ସାମିଲ ହେବା ଉଚିତ। ଏହା ଗୋଷ୍ଠୀଗତ ଉନ୍ନତିରେ ସହାୟକ ହୋଇଥାଏ। ଲୋକଙ୍କୁ ସଶକ୍ତ କରିବା ପାଇଁ ଏଭଳି ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଲୋକଙ୍କର ପ୍ରମୁଖ ଦାୟିତ୍ୱ ରହିଛି। ଅନେକ ସ୍ଥାନରେ ଏହା ସଫଳ ହୋଇଆସୁଛି। ଜନସାଧାରଣ ଓ ଜନପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ଦୃଢ଼ ହେଲେ ଭବିଷ୍ୟତରେ ଏହା ଆହୁରି ସୁଦୃଢ଼ ହୋଇପାରିବ ବୋଲି ସେ କହିଥିଲେ।

**–ଅଶୋକ କୁମାର ସାହୁ**, ବ୍ରହ୍ମପୁର

# ବିକାଶ ଅପେକ୍ଷା ପ୍ରଚାର ଅଧିକ

**୧୨୦ ବର୍ଷର ବାରିପଦା ପୌରପାଳିକା**



ମୟୂରଭଞ୍ଜ ଜିଲ୍ଲା ବାରିପଦା ପୌର ପରିଷଦ ୧୨୦ ବର୍ଷରେ ପଦାର୍ପଣ କରିଛି। ବିକାଶ ଦିଗରେ କାର୍ଯ୍ୟ କରୁଥିବା ପୌର ପରିଷଦ ବହୁ ପଛରେ ପଡ଼ିରହିଛି। କର୍ମଚାରୀ ଅଭାବ ପାଇଁ ଅଞ୍ଚଳର ଗମନାଗମନ, ଆମୋଦ ପ୍ରମୋଦ ଓ ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଆସିପାରୁନାହିଁ। ଫଳରେ ବର୍ଷାଦିନେ ସହରବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ପ୍ରାଚୀନ କଳା ସ୍ଥାପତ୍ୟ, ଐତିହ୍ୟଗୁଡ଼ିକ ଭଗ୍ନାବସ୍ଥାରେ ଆସିଯାଇଛି। ବାରିପଦା ସହରକୁ ସୁରକ୍ଷିତ ରଖିବା ପାଇଁ ବୁଢ଼ାବଳଙ୍ଗ ନଦୀରେ ଆଡ଼ିବନ୍ଧ ଯୋଜନା ପ୍ରସ୍ତାବ ପାଲଟିଛି। ଜଗାରା ନଦୀରୁ ପାନୀୟଜଳ ଯୋଗାଣ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାରେ ବିଳମ୍ବ ହେବାକୁ ନେଇ ସରକାରୀ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ଉଠାଉଛି। ରିଂ-ରୋଡ଼, ଆଡ଼ିବନ୍ଧ, ଆଧୁନିକ ବସ୍‌ଷ୍ଟାଣ୍ଡ, ଟାଉନ୍ ବସ୍‌ଷ୍ଟାଣ୍ଡ ଓ ବସ୍ ଚଳାଚଳ, ସ୍ୱୟଂ ଚାଳିତ ଟ୍ରାଫିକ୍ ବ୍ୟବସ୍ଥା, ୱାର୍ଡ ସଂଖ୍ୟା ବୃଦ୍ଧି ଭଳି ଯୋଜନା ବାତବଣା ହୋଇପଡ଼ିଛି। ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ବିକାଶର ବାର୍ତ୍ତା କେବଳ ପ୍ରଚାର ମାଧ୍ୟମରେ ସୀମିତ ରହୁଛି।

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଶାସନକାଳ ସମୟରେ ବାରିପଦା ସହରର ୨ ବର୍ଗକିମି ଆୟତନକୁ ନେଇ ୧୯୦୫, ଜୁଲାଇ ୧ରେ ପୌରପରିଷଦ କାର୍ଯ୍ୟ ଆରମ୍ଭ କରିଥିଲା। ମହାରାଜାଙ୍କ ଦ୍ୱାରା ମନୋନୀତ ହରିଶ୍ଚନ୍ଦ୍ର ଭଞ୍ଜଦେଓ ଥିଲେ ପ୍ରଥମ ଅଧ୍ୟକ୍ଷ ଓ ମୟୂରଭଞ୍ଜ ରାଜ୍ୟର ସରକାରୀ ଆଇନଜୀବୀ ଉତ୍କଳମଣି ଗୋପବନ୍ଧୁ ଦାସ ଥିଲେ ପ୍ରଥମ ଉପାଧ୍ୟକ୍ଷ। ସେ ସମୟର ଉଚ୍ଚ ଚିନ୍ତାଧାରାକୁ ନେଇ ସହରର ରାସ୍ତାଘାଟ, ପାନୀୟଜଳ, ପରିମଳ ବ୍ୟବସ୍ଥା, ବିଦ୍ୟୁତ୍ ସେବା ସହ ବିଭିନ୍ନ ଦିଗରେ ପୌରପରିଷଦ ସର୍ବଶ୍ରେଷ୍ଠ ରହିଥିଲା। ତେବେ ପ୍ରାଚୀନ କଳା ସ୍ଥାପତ୍ୟ, ଐତିହ୍ୟଗୁଡ଼ିକ ଭଗ୍ନାବସ୍ଥାରେ ପଡ଼ି ରହିଥିବା ବେଳେ ଏହାର ପୁନରୁଦ୍ଧାର କରାଯାଇପାରୁନାହିଁ।

ଏହି ପୌରପରିଷଦ ଅଧୀନରେ ୨୮ଟି ୱାର୍ଡ। ୨୦୧୧ ଜନଗଣନା ଅନୁଯାୟୀ, ପରିଷଦର ଜନସଂଖ୍ୟା ୧ଲକ୍ଷ ୧୬ହଜାର ଥିବା ବେଳେ ୧୫ ବର୍ଷ ପରେ ତାହା ଦୁଇଲକ୍ଷ ଟପିଗଲାଣି। ବର୍ଦ୍ଧିତ ଜନସଂଖ୍ୟା କାରଣରୁ ସହରର ରାସ୍ତାଘାଟ ସଙ୍କୁଚିତ ହେବାରେ ଲାଗିଛି। ଜବରଦଖଲଠାରୁ ଆରମ୍ଭକରି ଛିନ୍ତାଇ, ରାହାଜାନି ଓ ଆତଙ୍କରାଜ ବୃଦ୍ଧି ପାଇବାରେ ଲାଗିଛି। ଶାନ୍ତିପ୍ରିୟ ସହରରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଛି। ଅନୁପ୍ରବେଶକାରୀଙ୍କ ସମ୍ପର୍କରେ କୌଣସି ସୂଚନା କିମ୍ବା ତଥ୍ୟ ମ୍ୟୁନିସିପାଲିଟି ପାଖରେ ନାହିଁ। କାର୍ଯ୍ୟାଳୟରେ ୧୩୫ ପଦବୀ ମଧ୍ୟରୁ ୯୩ଟି ଫାଙ୍କା ପଡ଼ିଛି। ଟ୍ୟାକ୍ସ ଏବଂ ଦେୟ ସଂଗ୍ରହ କରୁଥିବା ୨୮ କର୍ମଚାରୀଙ୍କ ମଧ୍ୟରୁ ୨୦ଟି ପଦବୀ ଖାଲିରହିଛି। ସହରରେ ବହୁତଳ ପ୍ରାସାଦ ନିର୍ମାଣ ବଢୁଥିଲେ ହେଁ କର୍ମଚାରୀ ଅଭାବରୁ ରାଜସ୍ୱ ଆଦାୟ ବୃଦ୍ଧି ପ୍ରତି ପଦକ୍ଷେପ ଗ୍ରହଣ କରାଯାଇପାରୁନାହିଁ। ବିକାଶ ଦିଗରେ କାର୍ଯ୍ୟ କରୁଥିବା ପୌର ପରିଷଦ ସହରକୁ କଂକ୍ରିଟୀକରଣ କରି ଚାକଚକ୍ୟ କରିବାରେ ଲାଗିଛି। ଗମନାଗମନ ଓ ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଆସିପାରୁ ନ ଥିବାରୁ ବର୍ଷାଦିନେ ସହରବାସୀଙ୍କ ଘରେ ବର୍ଷା ଜଳ ପ୍ରବେଶ କରୁଛି। ସେହିପରି ସଫେଇ କର୍ମଚାରୀ ପଦବୀ ୨୬ଟି ଫାଙ୍କା ପଡ଼ିଥିବାରୁ ବିଭିନ୍ନ ୱାର୍ଡରେ ଡ୍ରେନ୍ ସଫେଇ ଓ ପରିମଳ ବ୍ୟବସ୍ଥାରେ ଉନ୍ନତୀକରଣ ହୋଇଥିଲେ ମଧ୍ୟ ଶତପ୍ରତିଶତ ସଫଳତା ମିଳିପାରିନାହିଁ।

ପୌରପାଳିକାର ନିଜସ୍ୱ କାର୍ଯ୍ୟାଳୟଟି ୧୯୧୭ ମସିହା ରାଜରାଜୁଡ଼ା ଅମଳରେ ନିର୍ମାଣ କରାଯାଇଥିବା ବେଳେ ତାହା ଦୂରକୁ ସୁନ୍ଦର ଭାବେ ଉଭା ହୋଇଛି। ଜୁବୁଲି ଲାଇବ୍ରେରି ଓ ବାରିପଦା କ୍ଲବ ଭଳି କେତେକ ଅନୁଷ୍ଠାନ କେବଳ ସ୍ମୃତିର ମୂକସାକ୍ଷୀ ହୋଇ ରହିଛି। ରକ୍ଷଣାବେକ୍ଷଣ ଅଭାବରୁ ଐତିହ୍ୟଗୁଡ଼ିକ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ଜବରଦଖଲକାରୀଙ୍କ ପାଇଁ ପୌରପରିଷଦର ମାନଚିତ୍ର ବଦଳିଥିବା ବେଳେ ବେଆଇନ ଗୃହ, ରାସ୍ତା, ଡ୍ରେନ୍ ଓ ଦୋକାନ ଗୃହ ନିର୍ମାଣ ବିକାଶରେ ଅନ୍ତରାୟ ସୃଷ୍ଟି କରୁଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ତୁଳନାରେ ଗାଡ଼ିମୋଟର ଚଳାଚଳ ଓ ଦୋକାନ ବୃଦ୍ଧି ପାଇଁ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ସ୍ୱାସ୍ଥ୍ୟ, ଶିକ୍ଷା ଓ ପାରିପାର୍ଶ୍ୱିକ ଉନ୍ନତି ପୌରପାଳିକା ବୟସ ତୁଳନାରେ ପଛରେ ପଡ଼ିଛି। ଅସ୍ତିଆ, ଟିପଟ ଅସ୍ତିଆ, ରଘୁନାଥପୁର, ମୁର୍ଗାବାଡ଼ି ଓ ପାଲବଣି ଅଞ୍ଚଳକୁ ପୌରପରିଷଦରେ ସାମିଲ ସହିତ ୱାର୍ଡସଂଖ୍ୟା ବୃଦ୍ଧି କରାଗଲେ ସହରାଞ୍ଚଳ ବିକାଶ ଯୋଜନାରେ ଲୋକମାନେ ବିଶେଷ ଉପକୃତ ହୋଇପାରନ୍ତେ। ଚଳିତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଦଳମତ ନିର୍ବିଶେଷରେ ସମସ୍ତେ ଏକ୍ ହୋଇ ସହଯୋଗର ହାତ ବଢ଼ାଇଲେ ପୌରପରିଷଦର ହଜିଯାଇଥିବା ଗୌରବ ପୁଣି ଫେରିଆସନ୍ତା ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

**– ନୀଳାଦ୍ରି ବିହାରୀ ଦଣ୍ଡପାଟ**, ବାରିପଦା

# ପଛରେ ପଡ଼ିଛି ରାଜ୍ୟର ପ୍ରଥମ ମ୍ୟୁନିସିପାଲିଟି

ଓଡ଼ିଶାର ପ୍ରଥମ ମ୍ୟୁନିସିପାଲିଟି କେନ୍ଦ୍ରାପଡ଼ାଠାରେ ୧୮୬୯ ମାର୍ଚ୍ଚ ୧୦ରେ ପ୍ରତିଷ୍ଠା ହୋଇଥିଲା। କେନ୍ଦ୍ରାପଡ଼ା କେବଳ ପ୍ରଥମ ମ୍ୟୁନିସିପାଲିଟି ନୁହେଁ, ଏହି ସହର ଦେଇ ଯାଇଥିବା କେନ୍ଦ୍ରାପଡ଼ା କେନାଲ ରାଜ୍ୟର ପ୍ରଥମ କେନାଲ(୧୮୬୯ ମେ’ ୨୯) ଭାବେ ମାନ୍ୟତା ପାଇଛି। ସେହିପରି ମହିଳାଙ୍କୁ ଶିକ୍ଷା ଦେବା ପାଇଁ ଇଂରେଜମାନେ ଫେଜର ବାଳିକା ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଶିକ୍ଷାର ବିକାଶ ଲାଗି ତତ୍କାଳୀନ ସମୟରେ ପ୍ରତିଷ୍ଠା ହୋଇଥିବା ସହରର ପୁରୁଣା ବସ୍‌ଷ୍ଟାଣ୍ଡର ଡାଇମଣ୍ଡ ଜୁବିଲି ପାଠାଗାର ଏବେବି ଐତିହାସିକ ସ୍ୱାକ୍ଷର ବହନ କରୁଛି। ଆଖପାଖ ୬.୪୭ ବର୍ଗକିଲୋମିଟର ମଧ୍ୟରେ ଥିବା ୧୪ଟି ପଡ଼ା ଗ୍ରାମକୁ ନେଇ ଗଠିତ ଏହି ମ୍ୟୁନିସିପାଲିଟିରେ ୧୮୮୭ ମସିହାରେ ଲୋକାଲ ବୋର୍ଡ ଗଠନ ହୋଇଥିଲା। ଏଠାରେ ପ୍ରଥମଥର ୱାର୍ଡ କାଉନ୍‌ସିଲର ନିର୍ବାଚନ ୧୯୧୧ରେ ଅନୁଷ୍ଠିତ ହୋଇଥିଲା। ତେବେ ୧୮୮୫– ୮୬ ମସିହାରେ ଏହାର ଲୋକସଂଖ୍ୟା ଥିଲା ମାତ୍ର ୧୫,୭୧୯। ସମ୍ପ୍ରତି ଏହି ମ୍ୟୁନିସିପାଲିଟି ୨୧ଟି ୱାର୍ଡରେ ପରିଣତ ହୋଇଛି। ଏଠାରେ ଏବେ ୬୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବାବେଳେ ସହରର କଳେବର ମଧ ବଢୁଛି। କଟକ–ଚାନ୍ଦବାଲି ରାଜ୍ୟ ରାଜପଥର ଜମଧରଠାରୁ ଜଜାଙ୍ଗ, ଅପରପକ୍ଷରେ ୫୩(କ) ଜାତୀୟ ରାଜପଥର ଛତାଠାରୁ ହଜାରୀ ଛକ ଯାଏ ସହର ଲମ୍ବିଗଲାଣି। ଏହାକୁ ହିସାବ ରଖିଲେ ସହରରେ ଏବେ ୧ ଲକ୍ଷରୁ ଅଧିକ ଲୋକ ବସବାସ କରୁଛନ୍ତି। କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟା ଓ କଳେବର ବୃଦ୍ଧି ପାଉଥିଲେ ମଧ ପୌରାଞ୍ଚଳର ପରିସୀମା ବୃଦ୍ଧି ପାଉନି।




ନିକଟରେ ଏହାର ପରିସୀମା ବୃଦ୍ଧି ପାଇଁ ପ୍ରସ୍ତାବ ଆଗତ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ କ୍ଷେତ୍ରର ବିକାଶ ସହିତ ୧୫୬ ବର୍ଷର ଏହି ପୌରାଞ୍ଚଳ ସବୁବେଳେ ଅବହେଳାର ଶିକାର ହୋଇଥିବା ଅଭିଯୋଗ ହେଉଛି। ଏଠାକାର ଶିକ୍ଷାନୁଷ୍ଠାନରେ ଶିକ୍ଷକ ଓ କର୍ମଚାରୀ ଅଭାବ ସହିତ ଭିତ୍ତିଭୂମି କ୍ଷେତ୍ରରେ ବହୁପଛରେ ପଡ଼ିଛି। କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ସହରବାସୀଙ୍କ ସମେତ ଜିଲାବାସୀ ବହୁବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେହିପରି ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜାରି ରହିଛି। କୃଷି ବିଶ୍ୱବିଦ୍ୟାଳୟ, ସ୍ୱରୋଜଗାର ଓ କର୍ମନିଯୁକ୍ତି ପାଇଁ ତାଲିମ୍ କେନ୍ଦ୍ର ଏଠାରେ ଅଭାବ ରହିଛି। ଆଗାମୀ ଦିନରେ ଏହି ଜିଲାରେ ବିଭିନ୍ନ ଶିଳ୍ପ ସହ ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ଦୃଷ୍ଟିରେ ରଖିଲେ ସହରର ରାସ୍ତା ସମସ୍ୟା ଅଧିକ ଉତ୍କଟ ହେବ। ତିନିମୁହାଣୀ ସହରର ମୁଖ୍ୟ ଛକ ହୋଇଥିବା ବେଳେ ଏଠାରେ ସରକାରୀ ଓ ବେସରକାରୀ ଅବରୋଧ ଅଧିକ ହୋଇଛି। ଆସନ୍ତା ୫୦ ବର୍ଷର ସହର ଯୋଜନା ଦୃଷ୍ଟିରୁ ଏଠାରେ ନିର୍ମାଣ ହୋଇଥିବା ସୁଲଭ ଶୌଚାଳୟ, ଆଇ ଲଭ୍ କେନ୍ଦ୍ରାପଡ଼ା, ଭେଣ୍ଡିଂ ଜୋନ୍ ଆଦି ଅପ୍ରାସଙ୍ଗିକ ହୋଇପଡ଼ିବ। ସେହିପରି ନିର୍ମାଣାଧୀନ ଗାନ୍ଧୀ ସ୍ମୃତି ପୀଠର ସ୍ଥାନାନ୍ତର ନିହାତି ଆବଶ୍ୟକ ବୋଲି ବୁଦ୍ଧିଜୀବୀ ସ୍ୱର ଉଠାଇଛନ୍ତି। ବାଇପାସ୍ ରାସ୍ତା ବହୁ ବିଳମ୍ବରେ ଆରମ୍ଭ ହେଉଛି। ମହାଭୋଇ ପୋଖରୀ, ଗୋବରୀ ନଦୀ ଓ କେନାଲରେ ନୌକାବିହାର, ଫୁଟ୍‌ପାଥ୍ ନିର୍ମାଣ ଓ ଆଲୋକୀକରଣ ଇତ୍ୟାଦି ସହର ପାଇଁ ଆବଶ୍ୟକ ହୋଇପଡ଼ିଛି। ସହର ମଧ୍ୟସ୍ଥ ପାର୍କକୁ ଉପଯୋଗୀ କରିବା ସହ ସହରର ସୌନ୍ଦର୍ଯ୍ୟକରଣରେ ଅପ୍ରଶସ୍ତ ରାସ୍ତା, ବିଦ୍ୟୁତ୍ ଖୁଣ୍ଟ ଆଦି ବାଧା ସୃଷ୍ଟି କରୁଛି। ଏହି ସହରରେ ବହୁ ଐତିହାସିକ ସ୍ମାରକୀ ଅଛି। ସୂର୍ଯ୍ୟଘଡ଼ି, ପୁରୁଣା ବଳଦେବଜୀଉ ମନ୍ଦିରର ସୁନାକୂଅ, ବାଲାବାବା ମନ୍ଦିର ପରିସରରେ ଥିବା ରାଜାବାବାଙ୍କ ମୂର୍ତ୍ତି ପଛପଟର ସୁଡ଼ଙ୍ଗ ଆଦିକୁ ଅଧିକ ଗୁରୁତ୍ୱ ଦିଆଗଲେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିପାରନ୍ତା। ଏହାବ୍ୟତୀତ ଆଧ୍ୟାତ୍ମିକ ପର୍ଯ୍ୟଟନ ସ୍ଥଳ ପାଇଁ ଛୋଟ ଛୋଟ ଆଧ୍ୟାତ୍ମିକ ପ୍ରକଳ୍ପ ଆବଶ୍ୟକ। ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ସ୍ୱେରେଜ୍ ସିଷ୍ଟମ, ପଲିଥିନ ବ୍ୟାନ୍, ରସାବଳୀ ସହିତ ପୋଟଳି ପିଠାକୁ ଜିଲାର ମିଠା ଭାବେ ସ୍ୱୀକୃତି ଦେବା, ଶ୍ରୀବଳଦେବଜୀଉ ଓ ଅନ୍ୟ ଧାର୍ମିକ ପୀଠସ୍ଥଳକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସହରବାସୀ ସଦାସର୍ବଦା ଆଲୋଚନା କରୁଛନ୍ତି।

**–ଜଗନ୍ନାଥ ଧଳ**, କେନ୍ଦ୍ରାପଡ଼ା

## ରାଜ୍ୟ ଖବର

# ଶିଶୁଭବନରେ ଶଯ୍ୟା ସଂଖ୍ୟା ୮୪୬କୁ ବୃଦ୍ଧି

ଭୁବନେଶ୍ୱର, ୩୦।୮ (ବନ୍ଦନା ସେଠୀ)

ଶିଶୁମାନଙ୍କ ପାଇଁ ଗୁଣାତ୍ମକ ଚିକିତ୍ସା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କ୍ରମରେ କଟକର ଶିଶୁଭବନ ନାମରେ ପରିଚିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପେଡିଆଟ୍ରିକ୍ସ (ଏସ୍‌ଭିପିପିଜିଆଇପି)ରେ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯାଇଛି। ପୂର୍ବରୁ ଏଠାରେ ୪୨୨ଟି ଶଯ୍ୟା ଉପଲବ୍ଧ ଥିଲା। ତେବେ ଶନିବାର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆଉ ୪୨୪ଟି ଶଯ୍ୟା ମଞ୍ଜୁର କରିଛନ୍ତି। ଫଳରେ ଏଠାରେ ମୋଟ ଶଯ୍ୟା ସଂଖ୍ୟା ୮୪୬କୁ ବୃଦ୍ଧି ପାଇଛି। ଶିଶୁଭବନରେ ଶଯ୍ୟା ସଂଖ୍ୟା ବୃଦ୍ଧି ପାଇବା ଦ୍ୱାରା ରାଜ୍ୟର ବିଭିନ୍ନ ଜିଲା ଏବଂ ପଡୋଶୀ ରାଜ୍ୟରୁ ଏଠାକୁ ଚିକିତ୍ସା ପାଇଁ ଆସୁଥିବା ପିଲାମାନଙ୍କ ଆବଶ୍ୟକତା ପୂରଣ ହୋଇପାରିବ।

**୫୯ ଅଧ୍ୟାପକ, ଡାକ୍ତର ପଦବୀ ମଞ୍ଜୁର କଲେ ରାଜ୍ୟ ସରକାର**

ସେହିପରି ରାଜ୍ୟ ସରକାର ଶିଶୁ ଭବନ ପାଇଁ ବିଭିନ୍ନ ବର୍ଗରେ ୫୯ଟି ନୂତନ ଅଧ୍ୟାପକ ଏବଂ ଡାକ୍ତର ପଦବୀକୁ ମଧ୍ୟ ମଞ୍ଜୁର କରିଛନ୍ତି। ଏଥିମଧ୍ୟରେ ୫ଟି ପ୍ରଫେସର ପଦବୀ ରହିଥିବାବେଳେ ୧୦ଟି ଆସୋସିଏଟ୍ ପ୍ରଫେସର, ୧୮ଟି ଆସିଷ୍ଟାଣ୍ଟ ପ୍ରଫେସର, ୨୪ଟି ସିନିୟର ରେସିଡେଣ୍ଟସ୍, ୨ଟି ମେଡିକାଲ ଅଫିସର ପଦବୀ ରହିଛି। ମେଡିକାଲ ଅଫିସର ପଦବୀ ମଧ୍ୟରୁ ଗୋଟିଏ ବ୍ଲଡ୍‌ବ୍ୟାଙ୍କ ଏବଂ ଗୋଟିଏ ଡ୍ରଗ୍ ଷ୍ଟୋର୍ ପାଇଁ ରହିଥିବା ସୂଚନା ଦିଆଯାଇଛି। ଏହି ନୂତନ ମଞ୍ଜୁରୀ ଉପରେ ସନ୍ତୋଷ ପ୍ରକାଶ କରି ମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି, ୧୯୬୦ରେ ଶିଶୁଭବନ ପ୍ରତିଷ୍ଠା ହେବା ପରଠାରୁ ଏହି ସମ୍ପ୍ରସାରଣ ସର୍ବାଧିକ। ଏହା ପୂର୍ବ ଭାରତରେ ଏସ୍‌ଭିପିପିଜିଆଇପିକୁ ଏକ ଉନ୍ନତ ଏବଂ ପ୍ରମୁଖ ଶିଶୁ ଚିକିତ୍ସା ପ୍ରତିଷ୍ଠାନରେ ବିକଶିତ କରିବାରେ ସହଯୋଗ କରିବ।


## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST -374E, ତା.23.08.2025ରିଖ

**କାର୍ଯ୍ୟର ନାମ :** ଭଦ୍ରକ - ନିର୍ଗୁଣ୍ଡି ସେକ୍ସନ ପାଇଁ 2TR କ୍ଷମତା ବିଶିଷ୍ଟ ପ୍ରିସିଜନ୍ ଏସି ଏବଂ 2TR ସ୍ପ୍ଲିଟ୍ ଏସି ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 86.06 ଲକ୍ଷ, EMD : ₹ 1,72,100.00, କାର୍ଯ୍ୟ ଶେଷ ହେବା ଅବଧି : 9 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.23.09.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିକ୍ରେତାମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିକ୍ରେତାମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉପର୍ଯ୍ୟ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B, G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-III)/ ଭୁବନେଶ୍ୱର

PR-89/CI/25-26

## ପୂର୍ବ ତଟ ରେଳପଥ

ଫାଇଲ ସଂ. DRM/Engg/KUR/25-26/E-Tender/66 ତା.26.08.2025ରିଖ

1) ଟେଣ୍ଡର ସଂ. eTender-CenKUR-224-2025, ତା.18-08-2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ତାଳଚେର - ପାରାଦୀପ ସେକ୍ସନରେ ବିଭିନ୍ନ ୟାର୍ଡରେ ୟାର୍ଡର ଉନ୍ନତି / ଅପ୍‌ଗ୍ରେଡେସନ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 778.70 ଲକ୍ଷ, EMD (₹) : 5,39,400.00, ଶେଷ ହେବା ଅବଧି : 18 (ଅଠର) ମାସ।

2) ଟେଣ୍ଡର ସଂ. e-Tender-CENTKUR-229-2025, ତା.20-08-2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (P.Way)/ଅନୁଗୁଳ ଅଧୀନରେ 30.09.2026ରେ ଶେଷ ହେଉଥିବା ଅବଧି ପାଇଁ କେରେଜାଙ୍ଗ ଠାରୁ ତାଳଚେର ରୋଡ଼ ଷ୍ଟେସନ ମଧ୍ୟରେ କି.ମି. 140.400 ଠାରୁ 169.537 ପର୍ଯ୍ୟନ୍ତ P.Way ଜୋନାଲ କାର୍ଯ୍ୟର ସମସ୍ତ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 148.20 ଲକ୍ଷ, EMD (₹) : 2,24,100.00, ଶେଷ ହେବା ଅବଧି : 12 (ବାର) ମାସ।

3) ଟେଣ୍ଡର ସଂ. e-Tender-CENTKUR-230-2025, ତା.20-08-2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ରାଜ ଆଠଗଡ଼ ଏବଂ ତାଳଚେର ଠାରେ TRD କାର୍ଯ୍ୟଶାଳା ସହିତ ମଡେଲ OHE ପାଇଁ OHE ଏବଂ PSI ଡିପୋରେ ସୁଧାର।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 170.14 ଲକ୍ଷ, EMD (₹) : 2,35,100.00, ଶେଷ ହେବା ଅବଧି : 08 (ଆଠ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** (ସମସ୍ତ ଟେଣ୍ଡର ନିମନ୍ତେ) ତା.10.09.2025ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-539/Q/25-26

## Government of Odisha

No.B-442

**OFFICE OF THE CHIEF CONSTRUCTION ENGINEER CUTTACK (R&B) CIRCLE, CUTTACK**

E-mail ID - sectcrb_2006@yahoo.co.in

Tel/Fax - 0671-2301751/2302751

**('e'-PROCUREMENT NOTICE)**

**Bid Identification No.CCE.Ctc.(R&B) 5/2025-26**

1 The Chief Construction Engineer, Cuttack (R&B) Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road works as mentioned below.
2 No. of work : 04 Nos.
3 Nature of work : Road works
4 Class of contractor : **'B' & 'A' Class**
5 Tender paper cost : Rs. 10000/- **(online)**
6 Available of bid document in the website : **From 01.09.2025 to 17:30 Hours of 15.09.2025**
7 Date of opening of bid : **Dt. 16.09.2025 at 11.00 Hours**
8 The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said web site.

OIPR-34012/11/0042/2526

Sd./- Chief Construction Engineer
Cuttack (R&B) Circle

## GOVERNMENT OF ODISHA

**OFFICE OF THE SUPERINTENDING ENGINEER BARGARH (R&B) DIVISION, BARGARH**

E-mail: eepwdbgh@gmail.com, Phone/Fax: 06646-234819

**INVITATIONS FOR BIDS (I.F.B.)**

No. B-456

**e-Procurement Notice**

**IDENTIFICATION No. IFB-SE PWD BGH No. 09 of 2025-26**

No. 4469 Dated: 22.08.2025

1. The Superintending Engineer, Bargarh (R&B) Division, Bargarh on behalf of Governor of Odisha invites Percentage Rate bid in Single & Double Cover System in ONLINE MODE for the Road Works as detailed in the Detailed Tender Call Notice (D.T.C.N.) from the eligible class of contractors
2. No. of Road Work : 07 Nos.
3. Cost of Tender Paper : Rs.6,000/- & Rs.10,000/-
4. Class of Contractor : "D", "C", "B" Class & Electrical Contractor
5. Date & time of available in website & receipt of Bids : 11.00 Hrs. of 02.09.2025 to 17.00 Hrs. of 11.09.2025
6. Date of Opening of Technical Bid : 12.09.2025 at 11.30 Hrs.
7. The bidders have to participate in ONLINE bidding only. Further details can be seen from the State Govt. Portal website **https://tendersodisha.gov.in**.
8. Any corrigendum/addendum will be displayed in the website **https://tendersodisha.gov.in** only.

OIPR-34039/11/0028/2526

Sd./- Superintending Engineer
Bargarh (R&B) Division

No.D-444

GOVT. OF ODISHA

## Government of Odisha "e" Procurement Notice

**Bid Identification No. PWDK - 11/2025-26**

No. G2/7875 Dt. 22.08.2025

e-mail : eepwdkeonjhar@yahoo.com

1 No. of the work : 02 Nos. of Road Work.
2 Estimated cost : **Rs.45.61 Lakh to Rs.80.69 Lakh**
3 Period of completion : **02 (Two) to 03 (Three)** Calendar Months
4 Date and Time of availability of Bid document in the portal : From 10.00 Hr **01.09.2025** to 17.00 Hr of **15.09.2025**
5 Last date / Time for receipt of bids in the portal : 17.00 Hr of **15.09.2025**
6 Date of opening of Bid from Portal : 10.30 Hr of **16.09.2025**
7 Name and address of the officer inviting Bid : Superintending Engineer, Keonjhar (R&B) Division, Keonjhar

Further details can be seen from the e-procurement portal "**http://tendersodisha.gov.in**".

OIPR-34004/11/0035/2526

Sd./- Superintending Engineer,
Keonjhar (R&B) Division

## ई–प्रोक्योरमेन्ट सेल कार्यपालक अभियंता का कार्यालय, भवन निर्माण विभाग, भवन प्रमंडल, गोड्डा।

**e-Procurement Notice**

ई–टेन्डर रेफरेन्स नं0– BCD/EE/08/Godda/2025-26 दिनांक– 29.08.2025

| | | |
|---|---|---|
| 1. | कार्य का नाम | Construction of 50 Bedded Girls Hostel, at- Volleyball Training Centre, Godda. |
| 2. | प्राक्कलित राशि (रू0) | रू0 2,69,37,700.00 (दो करोड़ उनहत्तर लाख सैंतीस हजार सात सौ) मात्र। |
| 3. | कार्य पूर्ण की अवधि | 11 (ग्यारह) माह |
| 4. | वेबसाईट पर निविदा प्रकाशन की तिथि | 18.09.2025 11:00 बजे |
| 5. | बिड प्राप्ति के लिए अन्तिम तिथि/समय | 25.09.2025 11:00 बजे |
| 6. | निविदा प्रकाशित करने वाले कार्यालय का नाम एवं पता | ई–प्रोक्योरमेन्ट सेल कार्यपालक अभियंता का कार्यालय, भवन निर्माण विभाग भवन प्रमंडल, गोड्डा। |
| 7. | निविदा खोलने की तिथि/समय एवं स्थान | 26.09.2025 12:00 बजे नोडल पदाधिकारी, ई–प्रोक्योरमेन्ट सेल, मुख्य अभियंता का कार्यालय, भवन निर्माण विभाग, लाईन टैंक रोड, झारखण्ड, राँची। |
| 8. | प्रोक्योरमेन्ट पदाधिकारी का सम्पर्क संख्या | 8709838492 |
| 9. | ई–प्रोक्योरमेन्ट सेल का हेल्पलाईन संख्या | 8285834461 |

10. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
11. सूचना प्रौद्योगिकी एवं ई–गवर्नेंस विभाग, झारखण्ड सरकार के आदेश ज्ञापांक 120 दिनांक 03.10.2023 के द्वारा निर्गत SOP (मानक संचालन प्रक्रिया) एवं भवन निर्माण विभाग, झारखण्ड सरकार के पत्रांक 2229 दिनांक 06.10.2023 के आलोक में निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
12. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, SOP के तहत् अग्रधन की राशि उसी खाते में वापस होगी। अगर खाता बंद कर दिया जाता है जो उसकी संपूर्ण जवाबदेही आपकी होगी।

- अन्य किसी भी प्रकार की सूचना बदलाव **http://jharkhandtenders.gov.in** पर देखा जा सकता है।

ई–प्रोक्योरमेन्ट सेल
कार्यपालक अभियंता का कार्यालय,
भवन निर्माण विभाग,भवन प्रमंडल, गोड्डा।

PR 360784 Building(25-26)D

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

(ଗ୍ରାମ୍ୟ/ପୋଷ୍ଟ: ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**

(At/P.O.- Ambapua, Near Income Tax Office, Berhampur - 760011, Ganjam, Odisha)
(E-mail: serwbpr2004@yahoo.com, Tel No.: 0680-2404287)

**NATIONAL COMPETITIVE BIDDING THROUGH e-Procurement**

No. O-657

**Bid Identification No. Online Tender / 24-2025-26/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 24-2025-26/ BPR | Road Works under MMSY-TRIP & SETU BANDHANA YOJANA (SBY) | 02 Nos. | From Rs.344.24 Lakhs to Rs.377.25 Lakhs | "A" Class as applicable | Period of Completion as provided as per Col No. 5 of Annexure of NIT |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 24-2025-26/BPR | 04.09.2025 at 10.00 A.M. | 18.09.2025 upto 5.30 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: **www.tendersodisha.gov.in**.

OIPR-25071/11/0117/2526

Sd./- Chief Construction Engineer, R.W. Circle, Berhampur

## ODISHA CONSTRUCTION CORPORATION LIMITED, BHUBANESWAR, ODISHA

PIN: 751012, Tel. No.: (0674) 2562020, e-Mail: theoccltd@odishaconstruction.com, GSTIN - 21AAACO2571K2ZM

No. CAD-1591

**e-Procurement Notice No. 41/OCCL/2025-26 (Online)**

Online item rate tender is invited for the following works:

| Sl. No. | Name of Work | Name of Division | Bid Identification No. | Approx Value of Work | Bid Security (In Rs.) | Period of Completion (in Months) | Availability & submission of tender of tender (Online) |
|---|---|---|---|---|---|---|---|
| 1 | Renovation of Papanga Minor (C.C. Lining) from RD 1500 M to RD 8870 M for the year 2024-25 | Burla Irrigation Division | OCCL-SMP/16/2025-26 | Rs.2.30 Crore | Rs.2,30,000/- | 6 Calendar Months | From 04.09.2025, 03.30 P.M. to 24.09.2025, 05.30 P.M. |
| 2 | Renovation (C.C., Lining) of Lahanda Minor in between RD 00 M to RD 6000 M for the year 2024-25 | Burla Irrigation Division | OCCL-SMP/17/2025-26 | Rs.2.29 Crore | Rs.2,29,000/- | 6 Calendar Months | |
| 3 | Renovation (C.C. Lining) of Banipali Minor in between RD 00 M to RD 3962 M & Porbari Minor from RD 00 M to RD 1750 M for the year 2024-25 | Burla Irrigation Division | OCCL-SMP/18/2025-26 | Rs.2.30 Crore | Rs.2,30,000/- | 6 Calendar Months | |
| 4 | Construction of C.C. Lining from RD 60 M to RD 1800 M of Behera Distributary | Bargarh Irrigation Division | OCCL-SMP/19/2025-26 | Rs.2.30 Crore | Rs.2,30,000/- | 6 Calendar Months | |
| 5 | Improvement to Khandahata Sub-Minor | Bargarh Irrigation Division | OCCL-SMP/20/2025-26 | Rs.2.27 Crore | Rs.2,27,000/- | 6 Calendar Months | |
| 6 | Improvement to Sambalpur Ditributary in between RD 11500 M to RD 12500 M for the year 2024-25 | Sambalpur Irrigation Division | OCCL-SMP/21/2025-26 | Rs.2.31 Crore | Rs.2,31,000/- | 6 Calendar Months | |
| 7 | Improvement to Sambalpur Distributary in between RD 5650 M to RD 6700 M for the year 2024-25 | Sambalpur Irrigation Division | OCCL-SMP/22/2025-26 | Rs.2.30 Crore | Rs.2,30,000/- | 6 Calendar Months | |
| 8 | Improvement to Sambalpur Distributary in between RD 7445 M to RD 8610 M for the year 2024-25 | Sambalpur Irrigation Division | OCCL-SMP/23/2025-26 | Rs.2.28 Crore | Rs.2,28,000/- | 6 Calendar Months | |
| 9 | Improvement to Resham Distributary within RD 60 M to RD 7050 M | Barpalli Irrigation Division | OCCL-SMP/24/2025-26 | Rs.2.29 Crore | Rs.2,29,000/- | 6 Calendar Months | |
| 10 | Improvement to Rampur Distributary within RD 320 M to RD 7980 M | Barpalli Irrigation Division | OCCL-SMP/25/2025-26 | Rs.2.28 Crore | Rs.2,28,000/- | 6 Calendar Months | |

Procurement Officer : Managing Director, OCCL
Date of Opening of the Tender: 25.09.2025, 12.00 Noon onwards
Further details can be seen from the e-procurement portal: **https://www.tendersodisha.gov.in, https://odishaconstruction.com**

OIPR-34120/11/0065/2526

Sd./- Managing Director

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଦେଶରେ ଉତ୍ପାଦନ ହେବ ଟେମ୍ପର୍ଡ ଗ୍ଲାସ୍

**ଭୁବନେଶ୍ୱର,୩୦।୮(ଅନୁରାଧା ମହାରଣା)**

ଏଣିକି ଦେଶରେ ମୋବାଇଲ ଡିଭାଇସ୍ ପାଇଁ ଟେମ୍ପର୍ଡ ଗ୍ଲାସ୍ ଉତ୍ପାଦନ ହେବ। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରବିବାର ନୋଏଡାରେ ଭାରତର ପ୍ରଥମ ମୋବାଇଲ ଡିଭାଇସ୍ ପାଇଁ ଟେମ୍ପର୍ଡ ଗ୍ଲାସ୍ ଉତ୍ପାଦନ କାରଖାନାର ଉଦ୍‌ଘାଟନ କରିଛନ୍ତି। ଓପ୍ଟିଏମ୍‌ସ ଇଲେକ୍ଟ୍ରୋନିକ୍ସ ଓ ଆମେରିକାର କର୍ନିଂ ଇନ୍‌କର୍ପୋରେଟେଡ୍ ମିଳିତ ଭାବେ ଏହି କାରଖାନା ସ୍ଥାପନ କରିଛନ୍ତି। ଇଞ୍ଜିନିୟର୍ଡ ବାଇ କର୍ନିଂ ବ୍ରାଣ୍ଡ ଅଧୀନରେ ଉଚ୍ଚମାନର ଟେମ୍ପର୍ଡ ଗ୍ଲାସ୍ ଉତ୍ପାଦନ ହେବ। ଏହି ଉତ୍ପାଦ ଦେଶୀୟ ଓ ଅନ୍ତର୍ଜାତୀୟ ବଜାରକୁ ଯୋଗାଣ କରାଯିବ। ପ୍ରାରମ୍ଭିକ ୭୦ କୋଟି ନିବେଶ ସହ ନୋଏଡାରେ ସ୍ଥାପିତ ଏହି କାରଖାନାରେ ଅତ୍ୟାଧୁନିକ ଭିତ୍ତିଭୂମି ରହିଛି। ଯାହା କଞ୍ଚାମାଲକୁ ଉଚ୍ଚମାନର ଟେମ୍ପର୍ଡ ଗ୍ଲାସ୍‌ରେ ରୂପାନ୍ତର କରିବ। ପ୍ରଥମ ପର୍ଯ୍ୟାୟରେ ଏହା ବାର୍ଷିକ ୨୫୦ ଲକ୍ଷ ୟୁନିଟ୍ ଉତ୍ପାଦନ କ୍ଷମତା ସହ ୬୦୦ରୁ ଅଧିକ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବ। ଦ୍ୱିତୀୟ ପର୍ଯ୍ୟାୟରେ ୮୦୦ କୋଟି ଅତିରିକ୍ତ ନିବେଶ ସହ ବାର୍ଷିକ ୨୦୦୦ ଲକ୍ଷ ୟୁନିଟ୍ ଉତ୍ପାଦନ କ୍ଷମତା ବୃଦ୍ଧି କରାଯିବ, ଯାହା ୪,୫୦୦ରୁ ଅଧିକ ନିଯୁକ୍ତି ସୃଷ୍ଟି କରିବ। ଏହି କାରଖାନାରେ ସ୍କ୍ରାଇବିଂ, ଶେପିଂ, ପଲିସିଂ, ରାସାୟନିକ ଟେମ୍ପରିଂ, କୋଟିଂ, ପ୍ରିଣ୍ଟିଂ ଓ ଲାମିନେଶନ ଭଳି ସମ୍ପୂର୍ଣ୍ଣ ଉତ୍ପାଦନ ପ୍ରକ୍ରିୟା କଡ଼ା ଗୁଣବତ୍ତା ଯାଞ୍ଚ ଅଧୀନରେ ହେବ। ଏହି ଅବସରରେ ମନ୍ତ୍ରୀ ବୈଷ୍ଣବ କହିଛନ୍ତି, ଭାରତ ମୋବାଇଲ ଫୋନର ପ୍ରତ୍ୟେକ ଉପାଦାନ ସହ ଚିପ୍, କଭର ଗ୍ଲାସ୍, ଲାପ୍‌ଟପ୍ ଓ ସର୍ଭର ଉପାଦାନ ଉତ୍ପାଦନ କରି ବିଶ୍ୱ ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିବ। ଶୀଘ୍ର ଏକ 'ମେଡ ଇନ ଇଣ୍ଡିଆ' ଚିପ ବଜାରକୁ ଆସିବ, ଯାହା ଆତ୍ମନିର୍ଭର ଭାରତର ଦିଗରେ ଆଉ ଏକ ମାଇଲଖୁଣ୍ଟ ହେବ। ମନ୍ତ୍ରୀ ଆହୁରି କହିଛନ୍ତି ଯେ, ଗତ ୧୧ ବର୍ଷରେ ଭାରତର ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ୬ ଗୁଣ ବୃଦ୍ଧି ପାଇ ୧୧.୫ ଲକ୍ଷ କୋଟିର ମୂଲ୍ୟରେ ପହଞ୍ଚିଛି, ଯେଉଁଥିରେ ୩ ଲକ୍ଷ କୋଟିରୁ ଅଧିକ ରପ୍ତାନି ଓ ୨୫ ଲକ୍ଷ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି। ସେହିପରି ଓପ୍ଟିଏମସ ଇନଫ୍ରାକମ ଲିମିଟେଡ୍‌ର ଅଧ୍ୟକ୍ଷ ଅଶୋକ କୁମାର ଗୁପ୍ତା କହିଛନ୍ତି, ଟେମ୍ପର୍ଡ ଗ୍ଲାସ ପାଇଁ ଆମେ ଆମଦାନି ଉପରେ ନିର୍ଭରଶୀଳ ଥିଲୁ। ଏହି ପଦକ୍ଷେପ ମାଧ୍ୟମରେ ଆମେ ଭାରତୀୟ ଓ ଆନ୍ତର୍ଜାତୀୟ ବଜାରକୁ ଉଚ୍ଚମାନର ଉତ୍ପାଦ ଯୋଗାଇବା। ଇଣ୍ଡିଆ ସେଲୁଲାର ଆଣ୍ଡ ଇଲେକ୍ଟ୍ରୋନିକ୍ସ ଆସୋସିଏସନ (ଆଇସିଇଏ)ର ଅଧ୍ୟକ୍ଷ ପଙ୍କଜ ମହିନ୍ଦ୍ରୁ କହିଛନ୍ତି, ଏହି ଉତ୍ପାଦ କ୍ଷେତ୍ର କେବଳ ଦେଶୀୟ ଚାହିଦା ପୂରଣ କରିବ ନାହିଁ, ବରଂ ଭାରତକୁ ଏକ ପ୍ରମୁଖ ରପ୍ତାନିକାରୀ ଭାବେ ପ୍ରତିଷ୍ଠା କରିବ।



- ନୋଏଡ଼ାରେ ପ୍ରଥମ କାରଖାନା ଉଦ୍‌ଘାଟନ କଲେ ଅଶ୍ୱିନୀ ବୈଷ୍ଣବ
- ପ୍ରସ୍ତୁତ ହେବ 'ମେଡ୍ ଇନ୍ ଇଣ୍ଡିଆ' ଚିପ୍

# ଅନୁଗୋଳରେ ଖୋଲିବ ଖିମ୍‌ଜୀ ଜୁଏଲର୍ସର ନୂଆ ଶୋ' ରୁମ୍




**ଅନୁଗୋଳ,୩୦।୮( ମାନସ ବିଶ୍ୱାଳ)**

ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଅନୁଗୋଳରେ ୬୦୦୦ ବର୍ଗ ଫୁଟର ଶୋ'ରୁମ୍ ରବିବାର ଶୁଭାରମ୍ଭ ହେବ। ଏହି ଶୋ'ରୁମ୍ ଅନୁଗୋଳର ସବୁଠାରୁ ବଡ଼ ଅଳଙ୍କାର ଶୋ'ରୁମ୍ ଏବଂ ଓଡ଼ିଶାରେ ଏହା ବ୍ରାଣ୍ଡର ଦଶମ ଶୋ'ରୁମ୍ ହୋଇଥିବାବେଳେ ଏଠାରେ ସୁନା, ହୀରା, ପ୍ଲାଟିନମ ଏବଂ ରୁପା ଅଳଙ୍କାର ସହ ଫ୍ୟାଶନ ଜୁଏଲେରି ଏବଂ କର୍ପୋରେଟ୍ ଉପହାର ଉପଲବ୍ଧ ହେବ। ଏହି ଉଦ୍‌ଘାଟନ ସମାରୋହରେ ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ, ଖିମ୍‌ଜୀ ଜୁଏଲର୍ସ ନିର୍ଦ୍ଦେଶକ ସୁମିତ ଖିମ୍‌ଜୀ ପ୍ରମୁଖ ଉପସ୍ଥିତ ରହିବେ। ଷ୍ଟୋରର ସ୍କୋର୍ ଲେଆଉଟ୍ ଗ୍ରାହକଙ୍କୁ ଖିମ୍‌ଜୀ ଜୁଏଲର୍ସର ଅନନ୍ୟ କାରିଗରିକୁ ଅନୁସନ୍ଧାନ କରିବାର ସୁଯୋଗ ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଖିମ୍‌ଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଅନୁଗୋଳ ବହୁଦିନ ଧରି ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିର ପାୱାର ହାଉସ ହୋଇରହିଛି ଏବଂ ବର୍ତ୍ତମାନ ଏହା ବର୍ଦ୍ଧିତ ଆକାଂକ୍ଷା ଓ ଉଦୀୟମାନ ଜୀବନଶୈଳୀର ଜିଲା। ଆମର ନୂତନ ଶୋ' ରୁମ୍ ଜରିଆରେ ଆମେ ଗ୍ରାହକମାନଙ୍କ ନିକଟରେ କେବଳ ଆମର ବିଶ୍ୱାସ ଓ କାରିଗରିର ଐତିହ୍ୟ ନୁହେଁ, ବରଂ ଡିଜାଇନ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛୁ। ନୂତନ ଶୋ'ରୁମ୍ ଖୋଲିବାକୁ ଉତ୍ସବ ଭାବେ ପାଳନ କରିବା ପାଇଁ ବିଶେଷ ଉଦ୍‌ଘାଟନୀ ଅଫର୍ ଘୋଷଣା କରାଯାଇଛି, ଯେଉଁଥିରେ ଗ୍ରାହକମାନେ ସୁନା ଅଳଙ୍କାର ଗଢ଼ା ମଜୁରିରେ ୫୦% ରିହାତି, ହୀରାରେ ୨୦% ପର୍ଯ୍ୟନ୍ତ ରିହାତି, ରୁପା ଓଜନ ବସ୍ତୁର ଗଢ଼ା ମଜୁରିରେ ୨୫% ରିହାତି, ରୁପା ଏବଂ ଫ୍ୟାଶନ ଜୁଏଲେରି ଏମ୍‌ଆର୍‌ପିରେ ୧୫% ରିହାତି ଏବଂ କଳାକୃତି (ଆର୍ଟେଫ୍ୟାକ୍ଟସ) ଉପରେ ୧୦% ରିହାତି ପାଇବେ। ସୂଚନା ଥାଉ କି, ଖିମଜୀର ଭୁବନେଶ୍ୱରରେ ୪ଟି, କଟକ, ରାଉରକେଲା, ବ୍ରହ୍ମପୁର, ପୁରୀ, ଝାରସୁଗୁଡ଼ା ଏବଂ ବର୍ତ୍ତମାନ ଅନୁଗୋଳରେ ଥିବା ଶୋ'ରୁମ୍ ସହ ଖିମ୍‌ଜୀ ଜୁଏଲର୍ସ ଘରେ ଘରେ ପରିଚିତ ହୋଇଛି।

# ଜାତୀୟସ୍ତରରେ ହାଇଟେକ୍‌କୁ ପୁରସ୍କାର




**ଭୁବନେଶ୍ୱର,୩୦।୮(ଅନୁରାଧା ମହାରଣା)**

ବିଶ୍ୱ ସ୍ତନ୍ୟପାନ ସପ୍ତାହରେ ଅନୁଷ୍ଠିତ ଆଇଏପିଏସ୍‌ଏମ୍ ଜାତୀୟ ସ୍ତରୀୟ ଭିଡିଓ ପ୍ରତିଯୋଗିତାରେ ଭୁବନେଶ୍ୱରସ୍ଥିତ ହାଇଟେକ୍ ମେଡିକାଲ କଲେଜ ଏବଂ ହସ୍ପିଟାଲ ଦ୍ୱିତୀୟ ପୁରସ୍କାର ହାସଲ କରିଛି। କମ୍ୟୁନିଟି ମେଡିସିନ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ଲିସା ଷଡ଼ଙ୍ଗୀ ଏବଂ ପିଜି କମ୍ୟୁନିଟି ମେଡିସିନ ବିଭାଗର ସହକାରୀ ପ୍ରଫେସର ଡ. ସୁଭାଶ୍ରୀ ଦାସଙ୍କ ନେତୃତ୍ୱରେ ଏହି ପୁରସ୍କାରପ୍ରାପ୍ତ ଭିଡିଓର ପରିକଳ୍ପନା ଏବଂ ମାର୍ଗଦର୍ଶନ କରାଯାଇଥିଲା। ବିଭାଗର ସ୍ନାତକୋତ୍ତର ଛାତ୍ରୀଛାତ୍ର ଡ. ସୋନିଆ ସାମନ୍ତରାୟ, ଡ. ଅଭିପ୍ସା ପ୍ରଧାନ, ଡ. ପ୍ରୀତୀଶ ଧଳ, ଡ. ସୁବ୍ରତ ପରିଡ଼ା, ଡ. ଦିବ୍ୟଶ୍ରୀ ସୁନନ୍ଦିନୀ ଏବଂ ଡ. ଶ୍ରୀୟଙ୍କା ପ୍ରିୟମଙ୍କ ଜୀବନ୍ତ ଅଭିନୟ କରିଥିଲେ। ଭିଡିଓଟିରେ ଅଭିନବ ଦୃଶ୍ୟ ଏବଂ ପ୍ରଭାବଶାଳୀ ବାର୍ତ୍ତା ମାଧ୍ୟମରେ ସ୍ତନ୍ୟପାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲା। କଲେଜ କର୍ତ୍ତୃପକ୍ଷ ଦଳଟିକୁ ସେମାନଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ଜନସ୍ୱାସ୍ଥ୍ୟ ସଚେତନତା ଦିଗରେ ସେମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ଏହି ଜାତୀୟ ସ୍ୱୀକୃତି ଏକାଡେମିକ ଉତ୍କର୍ଷ , ସୃଜନଶୀଳତା ଏବଂ ସାମାଜିକ ଦାୟିତ୍ୱ ପ୍ରତି ଅନୁଷ୍ଠାନର ପ୍ରତିବଦ୍ଧତାର ଏକ ପ୍ରମାଣ ଭାବରେ ଛିଡ଼ାହୋଇଥିବା ହାଇଟେକ୍ କର୍ତ୍ତୃପକ୍ଷ କହିଛନ୍ତି।

# ଏମ୍‌ଏସ୍‌ଏମ୍‌ଇ ପ୍ରୋକ୍ୟୁରମେଣ୍ଟ ନୀତି ଲାଗୁ ପାଇଁ ସବୁ ବିଭାଗକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୩୦।୮(ଅନୁରାଧା ମହାରଣା)**

ରାଜ୍ୟର ଅଣୁ ଓ କ୍ଷୁଦ୍ର ଶିଳ୍ପୋଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଗୁଡ଼ିକୁ ସରକାରୀ କ୍ରୟରେ ଅଗ୍ରାଧିକାର ଦେବା ପାଇଁ ଓଡ଼ିଶା ପ୍ରୋକ୍ୟୁରମେଣ୍ଟ ପ୍ରିଫରେନ୍ସ ପଲିସି ଫର୍ ମାଇକ୍ରୋ ଆଣ୍ଡ ସ୍ମଲ୍ ମାନୁଫାକ୍ଚରିଂ ଏଣ୍ଟରପ୍ରାଇଜେସ୍, ୨୦୨୩ ରାଜ୍ୟ ମନ୍ତ୍ରିମଣ୍ଡଳର ୭୦ତମ ବୈଠକରେ ( ୨୦୨୪ ଜାନୁଆରୀ ୨୨) ଅନୁମୋଦିତ ହୋଇଛି। ତେବେ କିଛି ବିଭାଗ ଓ ଅଧୀନ କାର୍ଯ୍ୟାଳୟ ଏହି ଓଡ଼ିଶା ପ୍ରୋକ୍ୟୁରମେଣ୍ଟ ପ୍ରିଫରେନ୍ସ ପଲିସି ୨୦୨୩ ଓ ତା'ର ପରବର୍ତ୍ତୀ ସଂଶୋଧନଗୁଡ଼ିକୁ ଜିନିଷ କ୍ରୟ ସମୟରେ ପାଳନ କରୁନଥିବା ଲକ୍ଷ୍ୟ କରାଯାଇଛି। ତେଣୁ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଓ ଅଧୀନ କାର୍ଯ୍ୟାଳୟ ଓ ପ୍ରାଧିକାରୀମାନଙ୍କୁ କ୍ରୟର ମାଧ୍ୟମ ନିର୍ବିଶେଷରେ ଏହି ନୀତିର ବିଧାନଗୁଡ଼ିକୁ ବାଧ୍ୟତାମୂଳକ ଭାବେ ପାଳନ କରିବାକୁ ପୁନର୍ବାର ନିର୍ଦ୍ଦେଶ ଦିଆଯାଇଛି। ଏମ୍‌ଏସ୍‌ଏମ୍‌ଇ ବିଭାଗ ପକ୍ଷରୁ ୨୦୨୪ ଜାନୁଆରୀ ୨୪ରେ ଜାରି ଏକ ବିଜ୍ଞପ୍ତି ମାଧ୍ୟମରେ ଏହା ବିଧିବଦ୍ଧ ଭାବେ ଘୋଷିତ ହୋଇଛି। ଏହି ନୀତି ଅନୁଯାୟୀ, ସ୍ଥାନୀୟ ମାଇକ୍ରୋ ଓ ଛୋଟ ଉଦ୍ୟୋଗମାନଙ୍କୁ ମୂଲ୍ୟ ଅଗ୍ରାଧିକାର, କ୍ରୟ ଅଗ୍ରାଧିକାର ଏବଂ ସ୍ୱତନ୍ତ୍ର ତାଲିକାରେ ଥିବା ଜିନିଷ କେବଳ ଓଡ଼ିଶାର ଅଣୁ ଓ କ୍ଷୁଦ୍ର ଶିଳ୍ପୋଦ୍ୟୋଗମାନଙ୍କଠାରୁ କ୍ରୟକରିବା ବାଧ୍ୟତାମୂଳକ କରାଯାଇଛି।

**Classified Everyday**
**0674-2580101, 9692975378**



MATRIMONIAL

**BRIDE WANTED**

ସୌମ୍ୟ, ସୁନ୍ଦର ୩୪ବର୍ଷ MBA, ଏଲ୍.ଏଲ୍.ବି. ପୁରୀ ଟାଉନରେ ଘରବାଡ଼ି ଥାଇ Lawyer ଭାବେ ଭଲ ରୋଜଗାର କରୁଥିବା ବ୍ରାହ୍ମଣ ପୁଅ ପାଇଁ ଶିକ୍ଷିତ, ସଂସ୍କାରୀ ବ୍ରାହ୍ମିନ ପାତ୍ରୀ ଦରକାର, ଶୀଘ୍ର ବିବାହ ପାଇଁ ଫଟୋ ଓ biodata ସହିତ ଯୋଗାଯୋଗ କରନ୍ତୁ- ୭୯୭୮୬୨୬୪୬୨. ଧ-୧୭୨୪

Wanted Brahmin bride for Brahmin groom, Age-39, Height - 5'8", Costing Inter, Accountant in Tata Power, Contact No-7077237234. D-1809

Handsome Brahmin boy 1993, 5'8", B.Tech, MBA (IIM) Serving Delloitte Bangalore "SUNASANSAR". 9937512659. D-1812

**GROOM WANTED**

ବୟସ 28, Hospitalରେ Nurse ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-1806

Beautiful Brahmin girl 1996, 5'3", MBA, Serving Hyderabad. "SUNASANSAR". 9937512659. D-1811

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



REAL ESTATE

**SALE**

ସାକ୍ଷୀଗୋପାଳ ନିକଟ ପଟନାଇକିଆ ଛକରୁ ଦେଢକିଲୋମିଟର ଦୂରରେ ସରକାରୀ ରାସ୍ତାକୁ ଲାଗି ୬ ଏକର ଘରବାଡି ପ୍ଲଟ୍ ବିକ୍ରୟହେବ। ପ୍ଲଟିଂ, ସ୍କୁଲ, କଲେଜ ପାଇଁ ଉପଯୁକ୍ତ। **No Broker,** ଯୋଗାଯୋଗ- **9438109040, 8144658008.** D-1802


ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **8249976746, 7978660091.** D-1698

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, **2BHK/3BHK Flat/ Duplex** ଅଛି। **8327785834.** D-1781

2.5 guntha homestead & 11 guntha both are SC land for sale near Hanuman Mandir/ Baikuntha Brahmachari Ashram, Garapur, Kendrapara. Interested SC buyers may contact: 9437013139/ 9861526386. D-1796

**Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call-9827439338.** D-1803

1350sqft. gharabari plot sale near Balisahi near Sidhabakul lane, Puri, 500mtr. from Puri Jagannath Temple. Contact-9438485517, 7008942032. D-76851



FOR RENT

Two bedroom apartment for small family at Bomikhal, Bhubaneswar with two wheeler garage : 9238574993. D-1787



Healthcare

Newly open health benefits SPA by expert therapist. Contact-8280961126. D-76935

Newly open Jyoti Spa positively heath benefits (Expert therapist). Contact- 8458067955. D-76933

Full body massage experience, good looking therapist @999 (bhubaneswar) 8658088274. D-1791

**AFFIDAVIT**

I, JUDHISTHIR JENA, Father of No.- 15250580M, GNR (DMT) CHITTARANJAN JENA, resident of At/P.O.- Baunsagarh, Tehsil-Ranpur, Dist.- Nayagarh, State-Odisha, PIN- 752026 have changed my name and Date of Birth from JUDHISTHIR JENA, born on 12.06.1954 (Old), to DURYODHAN JENA, born on 12.06.1965 (New). The proposed new name and correct Date of Birth have been declared vide affidavit dated 05.08.2025 before the Odisha Court. D-1804

By virtue of an affidavit sworn before the Executive Magistrate, Chandbali Tahasil, Chandbali, Dist.- Bhadrak, Odisha dated 26.08.2025, I, Arjuna Das, S/o- Late Umakanta Das, Vill- Hengupati, P.O.- Hengupati, P.S.- Chandbali, Dist.- Bhadrak, PIN- 756131, Odisha declare that I have changed the name of my son from Ishtanrnna Das to Eastern Das. Henceforth, he shall be known as Eastern Das for all purposes.
Arjuna Das
D-1810

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Manas Kumar Panda, S/o- Late Prahallad Panda residing of At/P.O.- Paida, P.S.- Erasama, Dist.- Jagatsinghpur, PIN- 754138, Odisha declare by this affidavit No.- 3772, dtd- 26.08.2025 that now onwards I shall be known as MANAS PANDA for all future purposes. D-1813

I, B.Chandana Reddy, S/o- B.Rama Chandra Reddy, resident of Village/Post.- Jhadabai, P.S.- Kabisuryanagar, Dist.- Ganjam, PIN- 761104, Odisha declare by this affidavit No.- 544, dtd. 29.08.2025 that now onwards I shall be known as B.CHANDAN REDDY for all future purposes. D-1808

We, Khirod Kumar Sahoo and Tilottama Sahoo parents of Piyush Pritam Sahoo, At/P.O.- Dala, P.S.- Jajpur Road, Dist.- Jajpur (Odisha) 755019 do hereby declared that by virtue of Court of Executive Magistrate, Cuttack. We have corrected our names from Khirod Ku. Sahoo and Tillottama Sahoo to Khirod Kumar Sahoo and Tilottama Sahoo for all purpose. D-1807

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ରାଜ୍ୟ

# ଗର୍ଜନଖୋଲ ଜଳପ୍ରପାତରେ ଯୁବକ ନିଖୋଜ



ସ୍ଥାନୀୟ ଲୋକେ ଖୋଜାଖୋଜିରେ ସହଯୋଗ କରୁଛନ୍ତି।

**କେନ୍ଦୁଝର/ ପାଲଲହଡ଼ା, ୩୦।୮(ନରେଶ ଚନ୍ଦ୍ର ପଟ୍ଟନାୟକ, ଦିବ୍ୟଜ୍ୟୋତି ଦାଶ)**

ଅନୁଗୋଳ ଜିଲା ପାଲଲହଡ଼ା ଥାନା ଅଞ୍ଚଳର ଗର୍ଜନଖୋଲ ଜଳପ୍ରପାତରେ ଶୁକ୍ରବାର ଗାଧୋଇବା ସମୟରେ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ଯୁବକ ଜଣକ ହେଲେ କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ନୟାକୋଟ ଥାନା ବାଲରାଇ ଗ୍ରାମର ଲିପୁନ ବେହେରା(୧୯)। ପୋଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଖୋଜାଖୋଜି କରାଯାଇଥିଲେ ହେଁ ତାଙ୍କର କୌଣସି ପତ୍ତା ମିଳିନାହିଁ।

ପ୍ରକାଶ ଯେ, ଲିପୁନ ଅନ୍ୟ ୨ ବନ୍ଧୁଙ୍କ ସହ ପ୍ରାକୃତିକ ଜଙ୍ଗଲ ଘେରା ଗର୍ଜନଖୋଲ ଜଳପ୍ରପାତକୁ ବୁଲିବାକୁ ଯାଇଥିଲେ। ସେଠାରେ ଲିପୁନ ଗାଧୋଇବା ସହ ଫଟୋ ଉତ୍ତୋଳନ ସମୟରେ ପାଣି ସ୍ରୋତରେ ଭାସିଯାଇଥିଲେ। ବର୍ଷା ଲାଗି ରହିଥିବାରୁ ନାଳର ପ୍ରବଳ ସ୍ରୋତରୁ ବାହାରିପାରି ନ ଥିଲେ। ଭାସିଯାଇ ତଳେ ଥିବା ଜଳାଶୟରେ ପଡ଼ିଯାଇଥିଲେ। ବନ୍ଧୁ ଓ ସ୍ଥାନୀୟ ଗ୍ରାମବାସୀ ଅନେକ ଖୋଜାଖୋଜିକରି ପାଇ ନ ଥିଲେ। ଶେଷରେ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ ସେବା ଦଳ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନ ଅଭିଯାନ ଆରମ୍ଭ କରିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଯୁବକଙ୍କ କୌଣସି ପତ୍ତା ମିଳି ନ ଥିଲା। ଜଙ୍ଗଲାଞ୍ଚଳ ହୋଇଥିବାରୁ ଅଗ୍ନିସେବା ଦଳ ଫେରିଆସିଥିଲେ। ଅନୁଗୋଳର ପୋଲିସ ଅଧୀକ୍ଷକ ରାହୁଲ ଜୈନ କହିଛନ୍ତି, ୩ ଜଣ ଯୁବକ ଘଟଣାସ୍ଥଳକୁ ଯାଇଥିଲେ। ଗାଧୋଇବା ସମୟରେ ଜଣେ ନିଖୋଜ ଥିବା ଖବର ପାଇ ଓଡ୍ରାଫ ଏବଂ ଅଗ୍ନିଶମ ସେବା ଦଳ ଘଟଣାସ୍ଥଳକୁ ଯାଇ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ସନ୍ଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ପାଲଲହଡ଼ା ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ କହିଛନ୍ତି, ଖୋଜାଖୋଜି ସତ୍ତ୍ୱେ ପତ୍ତା ମିଳିପାରିନାହିଁ। ସନ୍ଧ୍ୟା ହୋଇଯିବାରୁ ତଲାସିରେ ବାଧାପ୍ରାପ୍ତ ହୋଇଛି। ରବିବାର ଯାଞ୍ଚ ଜାରି ରହିବ। ଅଦ୍ୟାବଧି କୌଣସି ରିପୋର୍ଟ ଥାନାରେ ହୋଇନାହିଁ।

# କାରଖାନା ଫାଟକ ଆଗରେ ମୃତଦେହ ରଖି ପ୍ରତିବାଦ

**ଯୋଡ଼ା,୩୦।୮(ମାନସ ମହାନ୍ତି)**

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ହେଁଶାବେଡ଼ାଠାରେ ଥିବା ଏକ କମ୍ପାନୀର ସ୍ଲରି ପାଇପ୍‌ଲାଇନ ଖୋଳା ସମୟରେ ଶୁକ୍ରବାର ମାଟି ଧସି ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଘଟଣାକୁ ନେଇ ଶନିବାର ଦବୁନାଠାରେ ଥିବା କମ୍ପାନୀର କାରଖାନା ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ପରିବାର ଲୋକେ ଫାଟକ ଆଗରେ ମୃତଦେହ ରଖି କ୍ଷତିପୂରଣ ପ୍ରଦାନ ଦାବିରେ ପ୍ରତିବାଦ କରିଛନ୍ତି।

ପ୍ରକାଶ ଯେ, ଉକ୍ତ କମ୍ପାନୀର ସ୍ଲରି ପାଇପ୍‌ଲାଇନ ଖୋଳା ସମୟରେ ଗୁରୁବାର ପୂର୍ବାହ୍ନରେ ପଶ୍ଚିମବଙ୍ଗ ରାଜ୍ୟର ମେଦିନପୁର ଅଞ୍ଚଳର କାର୍ତ୍ତିକ ସାମନ୍ତ(୪୫)ଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ଘଟଣା ଘଟିଥିବା ବେଳେ କମ୍ପାନୀ ପକ୍ଷରୁ ଘଟଣାଚପାଇଦେବା ପାଇଁ ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି। ଶୁକ୍ରବାର ସ୍ଥାନୀୟ ଲୋକଙ୍କ ଦାବି ପରେ କମ୍ପାନୀ ମେଶିନ ଲଗାଇ ମାଟି ତଳୁ ଶ୍ରମିକଙ୍କୁ ବାହାର କରିଥିଲା। ବାମେବାରି ପୋଲିସ ପହଞ୍ଚି ମୃତଦେହ ଯୋଡ଼ାସ୍ଥିତ ଡାକ୍ତରଖାନକୁ ନେଇ ଶବଗୃହରେ ରଖିଥିଲା। ଶନିବାର ପୂର୍ବାହ୍ନରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପରିବାର ଲୋକେ ମୃତଦେହକୁ କମ୍ପାନୀ ଫାଟକ ସମ୍ମୁଖରେ ରଖି ପରିବାରର ଜଣେ ସଦସ୍ୟଙ୍କୁ ଚାକିରି ଓ ଆର୍ଥିକ କ୍ଷତିପୂରଣ ଦାବି କରିଥିଲେ। ବାମେବାରି ଥାନାରେ ଏକ ମାମଲା (ନଂ.୨୮/୨୫) ରୁଜୁ ହୋଇଛି। କମ୍ପାନୀର ପାଇପ୍‌ଲାଇନ ଖୋଳା ସମୟରେ ଅଘଟଣ ଘଟିଥିବା ପୋଲିସ ପ୍ରକାଶ କରିଥିଲା। କମ୍ପାନୀ କର୍ପୋରେଟ ଅଧିକାରୀ ସୌମିତ୍ର ପଟ୍ଟନାୟକ କହିଛନ୍ତି, ସ୍ଲରି ପାଇପ୍‌ଲାଇନ କାର୍ଯ୍ୟ କରୁଥିବା ଠିକାସଂସ୍ଥା ମୃତ ଶ୍ରମିକଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ନିଷ୍ପତ୍ତି ନେବ। ଠିକାସଂସ୍ଥା ଏନ୍‌ପ୍ରୋକନର ପ୍ରୋଜେକ୍ଟ ମ୍ୟାନେଜର ଅଭନିଶ୍ ମିଶ୍ରା କହିଛନ୍ତି, ଘଟଣା ଏକ ଦୁର୍ଭାଗ୍ୟଜନକ, ଦୁଃଖଦ ସମୟରେ ମୃତକଙ୍କ ପରିବାରକୁ ସମବେଦନା ପ୍ରଦାନ କରୁଛୁ। ଏଥିସହ ଆମେ ସମସ୍ତ ପ୍ରକ୍ରିୟାଗତ ଆବଶ୍ୟକତାକୁ ପାଳନ କରିବା ପାଇଁ ପୂର୍ଣ୍ଣ ସହଯୋଗ କରୁଛୁ।

# ଯୁବପିଢ଼ି ଓ ଡିଜିଟାଲ ଡିମେନ୍ସିଆ

**ଘରେ ପରିବାର ସଦସ୍ୟଙ୍କ ପାଖରେ ଥିବା ବେଳେ ହେଉ ଅବା କଲେଜରେ ସାଙ୍ଗସାଥୀ କିମ୍ବା ଅଫିସ୍‌ରେ ସହକର୍ମୀଙ୍କ ସହ ଥାଇ ସୁଦ୍ଧା ଫାଙ୍କା ସମୟ ମିଳିଲେ ଯାହା ସହିତ ଏବେ ସବୁଠୁ ଅଧିକ ସମୟ ବିତୁଛି, ତାହା ହେଉଛି ମୋବାଇଲ୍ ଫୋନ୍। ହେଲେ ଯାହାକୁ ବର୍ତ୍ତମାନ ଅଧିକାଂଶ ନିଜର ସବୁଠୁ ପ୍ରିୟ ସାଥୀ ଭାବେ ଖାଇବା, ବୁଲିବା, ପଢ଼ିବା, ଶୋଇବା ସବୁବେଳେ ପାଖରେ ରଖୁଛନ୍ତି, ତା'ର ଅଧିକ ବ୍ୟବହାର ହିଁ ସବୁଠୁ ବଡ଼ ଅସୁବିଧାର କାରଣ ସାଜୁଛି। କେବଳ ଫୋନ୍ ନୁହେଁ, ଅନ୍ୟ ଡିଜିଟାଲ୍ ଗ୍ୟାଜେଟ୍‌ର ଆଡିକ୍ସନ ମଧ୍ୟ ଯୁବାବସ୍ଥାରେ ଅନେକଙ୍କଠାରେ ଡିଜିଟାଲ୍ ଡିମେନ୍ସିଆର କାରଣ ସାଜୁଛି...**



**ଡିଜିଟାଲ୍ ଡିମେନ୍ସିଆ ଓ ଏହାର ଲକ୍ଷଣ:** ଅତ୍ୟଧିକ ମୋବାଇଲ୍ ଫୋନ୍, ଲାପଟପ୍, କମ୍ପ୍ୟୁଟର ଆଦି ଡିଜିଟାଲ୍ ଗ୍ୟାଜେଟ୍ ବ୍ୟବହାର ଦ୍ୱାରା ମସ୍ତିଷ୍କର କାର୍ଯ୍ୟକ୍ଷମତା ହ୍ରାସ ପାଇଥାଏ ଏବଂ ଏକ ପ୍ରକାରର ମାନସିକ ସମସ୍ୟା ଦେଖାଦିଏ, ଯାହାକୁ ଡିଜିଟାଲ୍ ଡିମେନ୍ସିଆ କୁହାଯାଏ। ସ୍କ୍ରିନ୍‌ରେ ଅଧିକ ସମୟ ବିତାଇବା ଦ୍ୱାରା ବହୁସଂଖ୍ୟାରେ ଫଟୋ, ଭିଡିଓ, ଆପ୍ସ ଆଖିଆଗକୁ ଆସିଥାଏ, ଯାହାକୁ ଏକାସଙ୍ଗେ ମସ୍ତିଷ୍କ ମନେରଖିପାରେ ନାହିଁ ଏବଂ କନ୍‌ଫ୍ୟୁଜ୍ ହୋଇଯାଏ। ଫଳରେ ବାରମ୍ବାର ଭୁଲିବା, ପଢ଼ାରେ ହେଉ କିମ୍ବା କୌଣସି କାମରେ ଧ୍ୟାନ କେନ୍ଦ୍ରିତ ନ କରିପାରିବା, ଥକିଯିବା ଏବଂ ମାନସିକ ସ୍ଥିତି ଠିକ୍ ନ ରହିବା, ଏକାଗ୍ରତାର ଅଭାବ, ଚିଡ଼ିଚିଡ଼ା ଲାଗିବା, ବ୍ୟବହାରରେ ପରିବର୍ତ୍ତନ ଘଟିବା ଭଳି ଲକ୍ଷଣ ଦେଖାଯାଇଥାଏ। ଯୁବାବସ୍ଥାରେ ଏହା ଅଧିକ ସମୟ ଇଣ୍ଟରନେଟ୍‌ରେ ଅନ୍‌ଲାଇନ୍ ରହିବା, ଗେମ୍ ଖେଳିବା ଆଦି କାରଣରୁ ହୋଇଥାଏ।

**କେଉଁ ବୟସରେ ଅଧିକ ଦେଖାଯାଉଛି:** ଏକ ସର୍ଭେ ରିପୋର୍ଟ ମୁତାବକ ଯଦିଓ ଡିଜିଟାଲ୍ ଡିମେନ୍ସିଆ ବର୍ତ୍ତମାନ ସବୁ ବୟସ୍କଙ୍କଠାରେ ଦେଖାଯାଉଛି, ହେଲେ ୨୦-୪୦ ବର୍ଷ ବୟସ୍କଙ୍କଠାରେ ଏହା ସର୍ବାଧିକ ଦେଖିବାକୁ ମିଳୁଛି।



**କିପରି ଦୂରେଇବେ ଏହି ସମସ୍ୟା:**

**କମାନ୍ତୁ ସ୍କ୍ରିନ୍ ଟାଇମ୍:** ଯଥାସମ୍ଭବ ନିଜର ସ୍କ୍ରିନ୍ ଟାଇମ୍ କମାନ୍ତୁ। ଏଥିପାଇଁ ଫାଙ୍କା ସମୟ ମିଳିଲେ ପରିବାର କିମ୍ବା ସାଙ୍ଗସାଥୀଙ୍କ ସହ କ୍ୱାଲିଟି ଟାଇମ୍ ବିତାନ୍ତୁ, ନିଜ ରୁଚି ଥିବା କାର୍ଯ୍ୟ କରନ୍ତୁ, ଅଧିକରୁ ଅଧିକ ବହି ପଢ଼ନ୍ତୁ, ବୁଲାବୁଲି କରନ୍ତୁ, କିଛି ନୂଆ ଶିଖନ୍ତୁ, ଗାର୍ଡେନିଂ କରନ୍ତୁ ଦେଖିବେ ଏସବୁରେ ଧ୍ୟାନ ଦେଲେ ଉପକୃତ ହେବେ।

**ଡିଜିଟାଲ୍ ଡିଟକ୍ସ ହୋଇପାରେ ଲାଭଦାୟକ:** ଡିଜିଟାଲ୍ ଆଡିକ୍ସନ୍ ଯୋଗୁ ଅନେକେ ପରିବାର, ସାଙ୍ଗସାଥୀ କିମ୍ବା ନିଜ ଲକ୍ଷ୍ୟପଥରୁ ଦୂରେଇ ଯିବା ସହ ଡିଜିଟାଲ୍ ଡିମେନ୍ସିଆ ଭଳି ସ୍ୱାସ୍ଥ୍ୟ ସମସ୍ୟାର ବି ସମ୍ମୁଖୀନ ହେଉଛନ୍ତି। ଏମିତିରେ ନିଜକୁ ଏଥିରୁ ଦୂରେଇ ରହିବା ଲାଗି ଡିଜିଟାଲ୍ ଡିଟକ୍ସ ଉପାୟ ଆପଣେଇପାରିବେ, ଅର୍ଥାତ୍ ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଡିଜିଟାଲ୍ ଗ୍ୟାଜେଟ୍ ଆଦୌ ବ୍ୟବହାର ନ କରିବା। ଏପରି କରିବା ଦ୍ୱାରା ମାନସିକ ଶାନ୍ତି ମିଳିବା ସହ କାର୍ଯ୍ୟଦକ୍ଷତା ବୃଦ୍ଧି ହେବାରେ ବି ସାହାଯ୍ୟ କରିବ। ଏଥିପାଇଁ ପ୍ରଥମେ ମାନସିକ ସ୍ତରରେ ପ୍ରସ୍ତୁତ ହେବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। କାରଣ ମାତ୍ର କିଛି ସମୟ ମନକୁ ବୁଝାଇ ପୁନର୍ବାର ମୋବାଇଲ୍ ଦୁନିଆକୁ ଚାଲିଯିବା ଦ୍ୱାରା କୌଣସି ଲାଭ ହେବ ନାହିଁ। ତେଣୁ ମୋବାଇଲ୍ ବ୍ୟବହାର ନ କରିବା ଲାଗି ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରନ୍ତୁ। ଏଥିପାଇଁ ଆପଣଙ୍କୁ ନିଜ ମୋବାଇଲ୍‌କୁ ସାଇଲେଣ୍ଟ ମୋଡ୍‌ରେ ରଖି ବିଭିନ୍ନ ଆପ୍‌ଗୁଡ଼ିକର ନୋଟିଫିକେଶନ ଅଫ୍ କରିଦିଅନ୍ତୁ।

**ଆପଣାନ୍ତୁ ପୋମୋଡୋରୋ ଟେକ୍ନିକ୍:** ଯଦି ପାଠପଢ଼ା କିମ୍ବା ଜବ୍ ପାଇଁ ଅଧିକ ସମୟ ଡିଜିଟାଲ୍ ଗ୍ୟାଜେଟ୍ ବ୍ୟବହାର ଜରୁରୀ, ତେବେ ଡିଜିଟାଲ୍ ଡିମେନ୍ସିଆ ସମସ୍ୟା ନ ଦେଖାଦେବା ଲାଗି ପୋମୋଡୋରୋ ଟେକ୍ନିକ୍ ଆପଣାଇଲେ ଉପକୃତ ହେବେ। ଏହା ଫ୍ରାନ୍ସେସ୍କୋ ସିରିଲୋଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ଉପାୟ ; ଯେଉଁଥିରେ ଫୋନ୍, ଲାପ୍‌ଟପ୍ ଆଦି ଗ୍ୟାଜେଟ୍‌ରେ କାମ କରିବା ବେଳେ ପ୍ରତି ୨୫ ମିନିଟ୍‌ରେ ୫ମିନିଟ୍‌ର ଶର୍ଟ ବ୍ରେକ୍ ନେବା ଏବଂ ଚାରିଥର ଏପରି କରିବା ପରେ ୨୫-୩୦ ମିନିଟ୍‌ର ଏକ ଲଙ୍ଗ୍ ବ୍ରେକ୍ ନେବା। ଏହାଦ୍ୱାରା କାମରେ ଫୋକସ୍ ଆସିଥାଏ, ବର୍ନଆଉଟ୍ ହେବା ଭଳି ସମସ୍ୟା ଦୂର ହୋଇଥାଏ।

**ପର୍ଯ୍ୟାପ୍ତ ନିଦ୍ରା ନିଅନ୍ତୁ:** ବିଶେଷଜ୍ଞଙ୍କ ମତରେ ରାତିରେ ଶୋଇବା ବେଳେ ମୋବାଇଲ୍ ବ୍ୟବହାର କରିବା କିମ୍ବା ପାଖରେ ରଖି ଶୋଇବା ବେଳେ ଆସୁଥିବା ନୋଟିଫିକେଶନ୍ ଯୋଗୁ ବାରମ୍ବାର ନିଦ ଭାଙ୍ଗିବା ଦ୍ୱାରା ନିଦ ସମ୍ପୂର୍ଣ୍ଣ ହୋଇ ନ ଥାଏ। ପ୍ରତିଦିନ ଏଭଳି କାରଣ ଯୋଗୁ ଦିନରେ ନିଦ ଆସିବା, ମୁଣ୍ଡ ବୁଲେଇବା, ଥକାପଣ, ଗ୍ୟାସ୍, ବ୍ଲଡ୍‌ପ୍ରେସର ଭଳି ଅନେକ ନିଦ୍ରାହୀନତାଜନିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ। ଷ୍ଟ୍ରେସ୍ ହର୍‌ମୋନ ବଢ଼ିବା ସହ ଇମ୍ୟୁନିଟି ସିଷ୍ଟମ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। କେବଳ ଏତିକି ନୁହେଁ, ମାନସିକ ସ୍ତରରେ ମଧ୍ୟ ଏହା ପ୍ରଭାବ ପକାଇଥାଏ ଏବଂ ଡିମେନ୍ସିଆ ଦେଖାଦିଏ। ତେଣୁ ରାତିରେ ଆଦୌ ମୋବାଇଲ୍ କିମ୍ବା ଅନ୍ୟ କୌଣସି ଡିଜିଟାଲ୍ ଗ୍ୟାଜେଟ୍ ବ୍ୟବହାର ନ କରି ଆବଶ୍ୟକ ପରିମାଣରେ ଶୁଅନ୍ତୁ। ଏହାଦ୍ୱାରା ଉଭୟ ମାନସିକ ଏବଂ ଶାରୀରିକସ୍ତରରେ ସୁସ୍ଥ ରହିପାରିବେ।

## ଯୁବପିଢ଼ିଙ୍କ ପାଇଁ କ୍ଷତିକାରକ ଡିଜିଟାଲ ଡିମେନ୍ସିଆ



ଡିଜିଟାଲ୍ ଡିମେନ୍ସିଆ ବର୍ତ୍ତମାନ ସମଗ୍ର ପୃଥିବୀରେ ସବୁବର୍ଗ ବିଶେଷ କରି ଯୁବପିଢିଙ୍କ ପାଇଁ ଏକ ବଡ ସମସ୍ୟା ପାଲଟିଛି। ଏଥିରେ ସ୍ମାର୍ଟଫୋନ୍ ଏବଂ ଟେକ୍ନୋଲୋଜି ଉପରେ ଅତ୍ୟଧିକ ନିର୍ଭରଶୀଳତା କାରଣରୁ ମାନସିକସ୍ତରରେ ନକରାତ୍ମକ ପ୍ରଭାବ ପଡିଥାଏ ଏବଂ ଅଳ୍ପ ସମୟର ସ୍ମୃତିଶକ୍ତି ହ୍ରାସ ହୋଇଥାଏ। ଏହାଦ୍ୱାରା କିଛି କଥା ମନେ ପକାଇବା, ସଠିକ୍ ଶବ୍ଦ ବାଛିବା ଅସୁବିଧା ହୋଇଥାଏ। ଏସବୁ ଡିଜିଟାଲ୍ ଗ୍ୟାଜେଟ୍ ଅଧିକ ବ୍ୟବହାର କଲେ ଧ୍ୟାନ ଦେବାର ସାମର୍ଥ୍ୟ ଏବଂ ଏକାଗ୍ରତା ବଜାୟ ରଖିବା କଷ୍ଟକର ହୋଇଥାଏ। ଏହଥିଯୋଗୁ ନିଦ୍ରାହୀନତା, ଚିନ୍ତା, ଅବସାଦ ଭଳି ସମସ୍ୟା ବି ଉପୁଜିଥାଏ। ତେଣୁ ଏଭଳି ମାନସିକ ସମସ୍ୟାଠାରୁ ଦୂରେଇ ରହିବା ଲାଗି ଇ-ଗ୍ୟାଜେଟ୍ ବ୍ୟବହାରର ସମୟସୀମା କମ୍ କରିବା ନିହାତି ଜରୁରୀ। ଏହା ବ୍ୟତୀତ ନିୟମିତ ଯୋଗ, ବ୍ୟାୟାମ କରିବା, ବହି ପଢିବା, ନୂତନ କୌଶଳ ଶିଖିବା, ସୋସିଆଲ୍ ମିଡିଆରେ ନୁହେଁ ବରଂ ସମୟ ବାହାର କରି ପରିବାର ସଦସ୍ୟ ଓ ବନ୍ଧୁମାନଙ୍କ ସହ ସମୟ ବିତାଇବା ଆଦି କାର୍ଯ୍ୟ କରିବାଦ୍ୱାରା ଉଭୟ ଶରୀରିକ ଓ ମାନସିକସ୍ତରରେ ଫିଟ୍ ରହିପାରିବେ।

–ଡା. ଅଂଶୁମୋଚନ ସାହୁ, ଆସୋସିଏଟ୍ ପ୍ରଫେସର୍,





## ଏ ସପ୍ତାହର ପ୍ରଶ୍ନ ?

୧– ଆଇବିସିଏର ଫୁଲ୍‌ଫର୍ମ ............... ?

୨– ୱାର୍ଲ୍ଡ ଅଡିଓ ଭିଜୁଆଲ ଆଣ୍ଡ ଇଣ୍ଟରନେଟ୍ ସମିତି-୨୦୨୫ ............. ମିନିଷ୍ଟ୍ରି ଦ୍ୱାରା ପରିଚାଳିତ ହେଉଛି ?

୩– କୋକ୍‌ବୋରୋକ୍ ଭାଷା ଭାରତୀୟ ରାଜ୍ୟ ........ର ସରକାରୀ ଭାଷା ?

୪– ପିଏମ୍ ସ୍ୱନିଧି ଯୋଜନା ............... ମିନିଷ୍ଟ୍ରି ଦ୍ୱାରା ଆରମ୍ଭ କରାଯାଇଛି ?

୫– ଶିକାରୀ ଦେବୀ ଅଭୟାରଣ୍ୟ ...............ରାଜ୍ୟରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ........ ବିହାର

୨ ........ ଚା' ଚାଷ

୩ ........ ଝାଡ଼ଖଣ୍ଡ

୪ ........ କମ୍ପନ

୫ ........ ମଶା

## ଉତ୍ତର ଦାତା



ନରେଶ ଚନ୍ଦ୍ର ପ୍ରଧାନ, ଯାଜପୁର



ଶକ୍ତିପ୍ରସାଦ ସିଂ, ଭୁବନେଶ୍ୱର



ଜଗନ୍ନାଥ ଚଣ୍ଡୀ, କଳାହାଣ୍ଡି



ମାନସ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର

## ଟପ୍ ଟେନ୍ ୧୦

### ପୃଥିବୀର ସର୍ବାଧିକ ବେତନଯୁକ୍ତ ଜବ୍



୧........ ନ୍ୟୁରୋସର୍ଜନ

୨........ ଚିଫ୍ ଏକ୍‌ଜିକ୍ୟୁଟିଭ୍ ଅଫିସର୍

୩........ ଏଆଇ/ଏମ୍‌ଏଲ୍ ଇଞ୍ଜିନିୟର

୪........ ଡାଟା ସାଇଣ୍ଟିଷ୍ଟ

୫........ ବ୍ଲକ୍‌ଚେନ୍ ଡେଭେଲପର୍

୬........ କର୍ପୋରେଟ୍ ଲୟର

୭........ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କର୍

୮........ ସାଇବର୍ ସିକ୍ୟୁରିଟି ସ୍ପେଶିଆଲିଟି

୯........ ଆନାସ୍ଥେସିଓଲୋଜିଷ୍ଟ

୧୦........ କ୍ଲାଉଡ୍ ଇଞ୍ଜିନିୟର

ଜାଣନ୍ତୁ ଦୁନିଆ

## ଅଙ୍ଗ୍‌କୋର ୱାଟ୍ ମନ୍ଦିର

**ଆମ ଦେଶରେ ଅନେକ ଛୋଟ ବଡ ମନ୍ଦିର ରହିଛି। ହେଲେ ଜାଣନ୍ତିକି ପୃଥିବୀର ସବୁଠାରୁ ବଡ ମନ୍ଦିର କିନ୍ତୁ ଆମ ଦେଶରେ ନୁହେଁ ବରଂ କାମ୍ବୋଡ଼ିଆଠାରେ ରହିଛି। ଯାହାର ନାମ ଅଙ୍ଗ୍‌କୋର ୱାଟ୍। ତେବେ ଏହା ସେହି ଦେଶରେ କେବେ ଓ କିଏ ନିର୍ମାଣ କରାଇଥିଲେ ଜାଣିବା ସେ ସମ୍ପର୍କରେ ...**

→ଏହି ମନ୍ଦିର କାମ୍ବୋଡ଼ିଆର ସିମ୍ ରିପ୍ ସହରରେ ମିକାଙ୍ଗ୍ ନଦୀତଟରେ ରହିଛି। ପ୍ରାୟ ୪୦୦ ଏକର ପରିମିତ ସ୍ଥାନରେ ଏହି ଭବ୍ୟ ମନ୍ଦିର ସ୍ଥାପନ କରାଯାଇଛି। କୁହାଯାଏ, ଏହି ମନ୍ଦିର ନିର୍ମାଣ କରିବା ଲାଗି ୩୫ ବର୍ଷ ସମୟ ଲାଗିଥିବା ବେଳେ ପ୍ରାୟ ୩,୦୦,୦୦୦ରୁ ଊର୍ଦ୍ଧ୍ୱ ଶିଳ୍ପୀ ଏବଂ ପ୍ରାୟ ୬,୦୦୦ ହାତୀ ନିଯୁକ୍ତ ହୋଇଥିଲେ।

→ଏହି ମନ୍ଦିର ଦ୍ୱାଦଶ ଶତାବ୍ଦୀରେ ନିର୍ମାଣ କରାଯାଇଥିଲା ବୋଲି କୁହାଯାଏ। ଉକ୍ତ ମନ୍ଦିରର ପ୍ରକୃତ ନାମ ବରାହ ବିଷ୍ଣୁଲୋକ କିମ୍ବା ପରମ ବିଷ୍ଣୁଲୋକ ହୋଇଥିଲେ ହେଁ ଏହା ଅଙ୍ଗ୍‌କୋର ୱାଟ୍ ନାମରେ ବିଶ୍ୱପ୍ରସିଦ୍ଧ। କାମ୍ବୋଡ଼ିଆ ଭାଷାରେ ଅଙ୍ଗ୍‌କୋର ଅର୍ଥ ସହର ଏବଂ ୱାଟ୍ ଅର୍ଥ ମନ୍ଦିର। ଅର୍ଥାତ୍ ଅଙ୍ଗ୍‌କୋର ୱାଟ୍ ହେଉଛି ମନ୍ଦିରର ସହର।

→ଏହି ମନ୍ଦିରର ଅନେକ କାନ୍ଥରେ ରାମାୟଣ ଏବଂ ମହାଭାରତ ଆଦି ହିନ୍ଦୁ ଧର୍ମଗ୍ରନ୍ଥ ଖୋଦେଇ ହୋଇଥିବାର ମନୋରମ ଦୃଶ୍ୟ ଦେଖିବାକୁ ମିଳେ।



→କାମ୍ବୋଡ଼ିଆରେ ପ୍ରାୟ ୨୭ ଜଣ ଭାରତୀୟ ଶାସକଙ୍କ ଶାସନ ରହିଥିଲା। ସେମାନଙ୍କ ମଧ୍ୟରେ କେତେକ ହିନ୍ଦୁ ହୋଇଥିବା ବେଳେ ଅନ୍ୟମାନେ ବୌଦ୍ଧ ଧର୍ମାବଲମ୍ବୀ ଥିଲେ। ତେଣୁ ଏହି ମନ୍ଦିରରେ ବିଶାଳକାୟ ହିନ୍ଦୁ ଏବଂ ବୌଦ୍ଧମୂର୍ତ୍ତି ଦେଖିବାକୁ ମିଳେ।

→ଖମେର ବାସ୍ତୁକଳାର ଶାସ୍ତ୍ରୀୟ ଶୈଳୀର ସବୁଠାରୁ ଭଲ ଉଦାହରଣ ଦେଖିବାକୁ ମିଳେ ଏହି ମନ୍ଦିରର ପ୍ରତ୍ୟେକ କଳାକୃତିରେ।

→୧୯୮୩ ମସିହାରେ ଏହି ମନ୍ଦିରକୁ ରାଷ୍ଟ୍ରୀୟ ସମ୍ମାନ ସ୍ୱରୂପ କାମ୍ବୋଡ଼ିଆ ରାଷ୍ଟ୍ରୀୟ ପତାକାରେ ସ୍ଥାନ ଦିଆଯାଇଛି।

→ୟୁନେସ୍କୋର ୱାର୍ଲ୍ଡ ହେରିଟେଜ୍ ସାଇଟ୍‌ରେ ୧୯୯୨ରେ ଏହା ସ୍ଥାନ ପାଇଛି।



## ଅଭୁଲା ଅନୁଭୂତି

# ଛାତ୍ରଙ୍କ ଶ୍ରଦ୍ଧା ଦେଖି ଆନନ୍ଦାଶ୍ରୁ ଝରିଆସିଲା

ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଶିକ୍ଷକତା ବୃତ୍ତିକୁ ସମ୍ମାନ ଦେବା ପାଇଁ ତାଙ୍କ ଜନ୍ମଦିନକୁ ଗୁରୁ ଦିବସ ଭାବରେ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଏହାକୁ ତାଙ୍କ ବ୍ୟକ୍ତିଗତ ଜନ୍ମଦିନ ପାଳନ ଉପରେ ଧ୍ୟାନ ଦେବା ଅପେକ୍ଷା ସମାଜ ଗଠନରେ ଶିକ୍ଷକମାନଙ୍କ ଅମୂଲ୍ୟ ଭୂମିକାକୁ ସ୍ୱୀକୃତି ଦେବାର ଏକ ଉପାୟ ଭାବରେ ଦେଖିଥିଲେ। ସେ ବିଶ୍ୱାସ କରୁଥିଲେ ଯେ, ଶିକ୍ଷକମାନେ ସମାଜର ସ୍ତମ୍ଭ ଏବଂ ଜାତୀୟ ପ୍ରଗତି ପାଇଁ ସେମାନଙ୍କର କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଏହି ଭାବନା ତାଙ୍କ ଛାତ୍ର ଏବଂ ବନ୍ଧୁମାନେ ଅଂଶୀଦାର କରିଥିଲେ, ଯାହାଫଳରେ ଭାରତରେ ସେପ୍ଟେମ୍ବର ୫ ତାରିଖରେ ଗୁରୁ ଦିବସ ପାଳନ କରାଯାଏ। ଏହି ମହାନ୍ ବ୍ୟକ୍ତିତ୍ୱ ମୋର ପ୍ରେରଣାର ଉତ୍ସ ଥିଲେ ଏହି ଶିକ୍ଷା ବୃତ୍ତିକୁ ଆପଣେଇବା ପାଇଁ। ତା'ଛଡ଼ା 'ଶିକ୍ଷକଙ୍କ ଦାୟିତ୍ୱ କେବଳ ପାଠପଢ଼ାରେ ସୀମିତ ନ ରହି ସମ୍ପୂର୍ଣ୍ଣ ମଣିଷ ଗଢ଼ିବା ହେଉଛି ସାମାଜିକ ଭାବରେ ଏକ ଗୁରୁଦାୟିତ୍ୱ' ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଏହି ଆଦର୍ଶ ଦ୍ୱାରା ଉଦ୍‌ବୁଦ୍ଧ ହୋଇ ଶିକ୍ଷକ ବୃତ୍ତି ପାଇଁ ମୁଁ ଆକର୍ଷିତ ହେଲି।

୨ ଅଗଷ୍ଟ, ୧୯୬୭ରେ ସ୍ୱନାମଧନ୍ୟ ରେଭେନ୍ସା ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନରେ ସ୍ନାତକୋତ୍ତର ପରୀକ୍ଷା ସରିଲା। ଦୁଇ ଦିନ ପରେ ଅର୍ଥାତ୍ ୪ ଅଗଷ୍ଟରେ ସେ ସମୟରେ ରାଜ୍ୟର ଦ୍ୱିତୀୟ ବୃହତ୍ତମ ଉଚ୍ଚ ଶିକ୍ଷାନୁଷ୍ଠାନ ଖଲ୍ଲିକୋଟ ମହାବିଦ୍ୟାଳୟ, ବ୍ରହ୍ମପୁରରେ ଅଧ୍ୟାପକ ଭାବରେ ଅଧ୍ୟାପନା କାର୍ଯ୍ୟ ଆରମ୍ଭ କଲି। ଯେଉଁ ମହାବିଦ୍ୟାଳୟରେ ଦିନେ ଛାତ୍ର ଜୀବନ କଟାଇଥିଲି, ସେହିଠାରେ ଅଧ୍ୟାପକ ଚାକିରି ଆରମ୍ଭ, ଏହା ଥିଲା ମୋର ପ୍ରଥମ ସୌଭାଗ୍ୟ। ଚକ୍‌ଖଡ଼ି ଧରି ବ୍ଲାକବୋର୍ଡରେ ପାଠ ଲେଖି ପଢ଼ାଇବା ଆରମ୍ଭ କରିବା ମୁହୂର୍ତ୍ତଟି ଅବର୍ଣ୍ଣନୀୟ, କୋହ ସମ୍ଭାଳି ପାରି ନ ଥିଲି, ଆନନ୍ଦରେ ଆଖିରୁ ଲୁହ ଏବଂ ଛାତିଫୁଲା ସୀମା ବାହାରେ। ସେହି ସମୟରେ ମୋର ଗୁରୁଜନମାନଙ୍କ ଚେହେରା ମୋ ସାମ୍ନାରେ ଦୃଶ୍ୟମାନ ହେଉଥାଏ।



କିଛିଦିନ ପରେ ପଡ଼ିଲା ଗୁରୁଦିବସ। ଛାତ୍ରୀଛାତ୍ରମାନେ ଯେତେବେଳେ ଖୁସିରେ ପାଳନ କରୁଥିଲେ, ମୋର ୧୯୫୦-୫୫ ମସିହା ବେଳର କଥା ମନେପଡ଼ିଯାଉଥିଲା। ଗଞ୍ଜାମ ଜିଲାର ନୂଆପଡ଼ା ଗାଁରେ ପ୍ରାଇମେରୀ ସ୍କୁଲରେ ପଢୁଥିବା ବେଳେ କିପରି ଆମେ ଶିକ୍ଷକମାନଙ୍କ ପାଦ ଧୋଇ ଫୁଲ ଦେଇ ସାଷ୍ଟାଙ୍ଗ ପ୍ରଣାମ କରି ଆଶୀର୍ବାଦ ନେଉଥିଲୁ। ଯେଉଁମାନେ ମୋର ଆଦର୍ଶ ଶିକ୍ଷକ ଥିଲେ, ପ୍ରାଇମେରୀ ସ୍କୁଲରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସେମାନଙ୍କୁ ପ୍ରତିବର୍ଷ ଗୁରୁ ଦିବସରେ ମୋର ପ୍ରଣାମ ଜଣାଏ। ଏବେ ପ୍ରାୟ ଆଉ କେହି ମୋର ସେଭଳି ଶିକ୍ଷକ ଜୀବିତ ନାହାନ୍ତି ; ହଁ, ହାତଗଣତି କେତେଜଣଙ୍କୁ ଛାଡ଼ି। ମୋର ଯେଉଁମାନେ ପୁରାତନ ଛାତ୍ରୀଛାତ୍ର, ଅଧିକାଂଶ ବୟସ୍କ, ବର୍ତ୍ତମାନ ସୁଦ୍ଧା ଗୁରୁ ଦିବସରେ ସ୍ମରଣ କରନ୍ତି, ଆସି ନମସ୍କାର ହୁଅନ୍ତି।

ଦିନକର ଘଟଣା। ମୁଁ ଅତିଥି ଭାବେ ଏକ ବିଶ୍ୱବିଦ୍ୟାଳୟକୁ ଯାଇଥାଏ। ସେଠାକାର କୁଳପତି ସମସ୍ତ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କ ସମ୍ମୁଖରେ ମୋ ପାଦ ଛୁଇଁ ନମସ୍କାର ହୋଇ ମୋ ଆଡ଼କୁ ଚାହିଁ କହିଲେ, ''ଏ ହିଁ ମୋତେ ମଣିଷ କରିଛନ୍ତି ଏବଂ ମୁଁ ଆଜି ଯାହା ହେଇଛି ତାଙ୍କରି ପାଇଁ।'' ମୁଁ ଅବାକ୍ ହୋଇ ଚାହିଁ ରହିଛି। ସମୟ ସହିତ ବୟସ ବଢ଼ିବା ଯୋଗୁ ଚେହେରା ପରିବର୍ତ୍ତନ ହୋଇଯାଇଛି। ତେଣୁ ହଠାତ୍ ଚିହ୍ନି ନ ହେଉଥିଲେ ବି ପରିଚୟ ପାଇବା ପରେ ନିଜ ଛାତ୍ରକୁ କୁଣ୍ଢେଇ ଧରି ରହିଲି, ଆଖିରୁ ଆନନ୍ଦାଶ୍ରୁ ଝରିଆସିଲା। ଜଣେ ଶିକ୍ଷକଙ୍କର ସବୁଠାରୁ ବଡ଼ ଉପଲବ୍ଧି ଜୀବନରେ ଏହାଠାରୁ କ'ଣ ଅଧିକ ଆଶା କରାଯାଇପାରେ।

ଜଣେ ସଫଳ ଶିକ୍ଷକ ହେବା ପାଇଁ ହାଇ ସ୍କୋରିଂ ଛାତ୍ରଛାତ୍ରୀ ହେବା ଯେତେ ଜରୁରୀ ନୁହେଁ, ତା'ଠାରୁ ଅଧିକ ପ୍ରୟୋଜନ ହେଉଛି ଶିକ୍ଷା ବୃତ୍ତି ପାଇଁ ଶ୍ରଦ୍ଧା, ପ୍ରତିବଦ୍ଧତା, ପ୍ରତିଶ୍ରୁତିବଦ୍ଧତା ଏବଂ ଛାତ୍ରୀଛାତ୍ର ମାନଙ୍କୁ ଅନ୍ତରର ସହିତ ଭଲପାଇବା। ଶିକ୍ଷାଦାନ ସହିତ ଏକ ଭଲ ସମାଜ ଗଢ଼ିବା, ପ୍ରକୃତି, ପରିବେଶ, ପରିସଂସ୍ଥା ସଂରକ୍ଷଣ ଓ ସୁରକ୍ଷା ଜଣେ ଆଦର୍ଶ ଶିକ୍ଷକଙ୍କ ନୈତିକ କର୍ତ୍ତବ୍ୟ ଓ ଦାୟିତ୍ୱ ବୋଲି ମୋର ଅନୁଭବ ହୁଏ।

**– ଡ. ସୁନ୍ଦର ନାରାୟଣ ପାତ୍ର**
*ଅବସରପ୍ରାପ୍ତ ମହାବିଦ୍ୟାଳୟ ଶିକ୍ଷକ, ଓଡ଼ିଶା ଶିକ୍ଷା ସେବା*

## ଜୁନିୟର ହକି ବିଶ୍ୱକପ୍
# ଭାରତରେ ଖେଳିବାକୁ ଆସିବ ପାକିସ୍ତାନ

ରାଜଗିର, ୩୦।୮(ପି.ଟି.)

ଚଳିତବର୍ଷ ନଭେମ୍ବର-ଡିସେମ୍ବରରେ ହେବାକୁ ଥିବା ଏଫ୍ଆଇଏଚ୍ ଜୁନିୟର ହକି ବିଶ୍ୱକପ୍ ଲାଗି ପାକିସ୍ତାନ ଦଳ ଭାରତ ଟୁର୍ କରିବ। ଏ ନେଇ ହକି ଇଣ୍ଡିଆ (ଏଚ୍ଆଇ) ସାଧାରଣ ସମ୍ପାଦକ ଭୋଳାନାଥ ସିଂ ଶନିବାର ସ୍ପଷ୍ଟ କରିଛନ୍ତି। ଦୁଇ ଦେଶ ମଧ୍ୟରେ ସାମରିକ ବିବାଦ କାରଣରୁ ବିହାରରେ ଚାଲିଥିବା ଏସିଆ କପ୍‌ରୁ ପାକିସ୍ତାନ ଓହରି ଯାଇଥିଲା। ଏଥିଯୋଗୁ ଚେନ୍ନାଇ




ଓ ମଦୁରାଇରେ ହେବାକୁ ଥିବା ଜୁନିୟର ବିଶ୍ୱକପ୍‌ରେ ପାକିସ୍ତାନ ଭାଗ ନେବ କି ନାହିଁ, ସେ ନେଇ ଅନିଶ୍ଚିତତା ଦେଖାଦେଇଥିଲା।

ପାକିସ୍ତାନ ଦଳ ଜୁନିୟର ବିଶ୍ୱକପ୍ ପାଇଁ ଭାରତ ଆସିବ। ସେମାନେ ଶୁକ୍ରବାର ରାତିରେ ଏହା ସ୍ପଷ୍ଟ କରିଛନ୍ତି। ଏସିଆ କପ୍‌ରୁ ଓହରିବା ପରେ ସେମାନଙ୍କ ଉପଲବ୍ଧତା ସମ୍ପର୍କରେ ମୁଁ ପଚାରି ବୁଝିଥିଲି। ଟୁର୍ନାମେଣ୍ଟରେ ଭାଗ ନେବାକୁ ଥିବା ୨୪ରୁ ୨୩ ଦେଶର ଲଙ୍ଗ ଲିଷ୍ଟ ମିଳିସାରିଛି। କେବଳ ପାକିସ୍ତାନ ବାକି ଅଛି। ଆଶା କରୁଛୁ ଗୋଟିଏ କି ଦୁଇ ଦିନରେ ଏହା ଆମକୁ ମିଳିଯିବ ବୋଲି ଭୋଳାନାଥ କହିଛନ୍ତି। ଏତଦ୍ ବ୍ୟତୀତ ସେ ପ୍ରକାଶ କରିଛନ୍ତି ଯେ, ଭାରତ ସରକାର ସ୍ପଷ୍ଟ କରିଛନ୍ତି ଯେ, ଯେକୌଣସି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଖେଳିବା ପାଇଁ ପାକିସ୍ତାନ ଆସିପାରିବ। ସରକାର ସେମାନଙ୍କ ଭିଜାକୁ ଅନୁମତି ମଧ୍ୟ ଦେଇଥିଲେ। କିନ୍ତୁ ପାକିସ୍ତାନ କାହିଁକି ଆସିଲା ନାହିଁ, ତାହା କେବଳ ସେମାନଙ୍କୁ ଜଣା। ପାକିସ୍ତାନ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ନ୍ୟୁଜିଲାଣ୍ଡ ସ୍ଥାନ ନେଇଛି। ଏ ସମ୍ପର୍କରେ ଭୋଳାନାଥ କହିଛନ୍ତି ଯେ, ଯଦି ସେମାନେ ଆମ ପୁଲରେ ରହିବେ, ତେବେ ଆମେ ସେମାନଙ୍କ ସହ କାହିଁକି ଖେଳିବୁ ନାହିଁ। ଏହା ଏକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ। ଯଦି ପାକସ୍ତାନ ପ୍ରୋ ଲିଗ୍ ପାଇଁ ଆସିବ, ତେବେ ଆମେ ସେମାନଙ୍କ ବିପକ୍ଷରେ ଖେଳିବୁ।

## ମୁଖ୍ୟ କୋଚ୍ ପଦବୀରୁ ଓହରିଲେ ଦ୍ରାବିଡ

ନୂଆଦିଲ୍ଲୀ, ୩୦।୮ (ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସିଜନ ୨୦୨୬ ପୂର୍ବରୁ ରାହୁଲ ଦ୍ରାବିଡ ମୁଖ୍ୟ କୋଚ୍ ପଦବୀରୁ ଓହରିଯିବେ ବୋଲି ରାଜସ୍ଥାନ ରୟାଲ୍ସ ତରଫରୁ ଶନିବାର ଘୋଷଣା କରାଯାଇଛି। ଏହା ପୂର୍ବରୁ ଫ୍ରାଞ୍ଚାଇଜ୍‌ରେ ଏକ ବଡ଼ ପଦବୀକୁ ସେ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଆଇପିଏଲ ସିଜନ ୨୦୨୫ ପୂର୍ବରୁ ଦ୍ରାବିଡ ରାଜସ୍ଥାନ ରୟାଲ୍ସର ମୁଖ୍ୟ କୋଚ୍ ଭାବେ ନିଯୁକ୍ତ ହୋଇଥିଲେ। କୌତୂହଳର କଥା ଅଧିନାୟକ ସଞ୍ଜୁ ସାମ୍‌ସନ ଫ୍ରାଞ୍ଚାଇଜ୍ ଛାଡୁଥିବା ଗୁଜବ ଶୁଣିବାକୁ ମିଳିବା ପରେ ରୟାଲ୍ସ ପକ୍ଷରୁ ଏହି ଘୋଷଣା କରାଯାଇଛି।






# ଗିଲ୍, ରୋହିତ ଫିଟ୍‌ନେସ ଟେଷ୍ଟର ସମ୍ମୁଖୀନ ହେବେ



ରୋହିତ ଶର୍ମା ଓ ଶୁବମନ ଗିଲ୍।

ବେଙ୍ଗାଲୁରୁ,୩୦।୮(ପି.ଟି.)

ଭାରତୀୟ ଟେଷ୍ଟ ଅଧିନାୟକ ଶୁବମନ ଗିଲ ଫିଟନେସ୍ ଆସେସ୍‌ମେଣ୍ଟ ଓ ଆଗାମୀ ଏସିଆ କପ୍ ଲାଗି ପ୍ରସ୍ତୁତି କରିବା ପାଇଁ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ(ସିଓଇ)ରେ ପହଞ୍ଚିଛନ୍ତି। ଭାରତୀୟ ଦଳର ସଦସ୍ୟମାନେ ସେପ୍ଟେମ୍ବର ୪ ତାରିଖରେ ଦୁବାଇରେ ଏକତ୍ରିତ ହେବେ। ଦିନିକିଆ ଦଳର ଅଧିନାୟକ ରୋହିତ ଶର୍ମା ଓ ପେସର ମହମ୍ମଦ ସିରାଜ ସିଜନ ପୂର୍ବରୁ ଫିଟ୍‌ନେସ ଆସେସ୍‌ମେଣ୍ଟ ପାଇଁ ସିଓଇରେ ପହଞ୍ଚିଛନ୍ତି। ଫିଟ୍‌ନେସ ଟେଷ୍ଟ ରବିବାର ହୋଇପାରେ। ଟି୨୦ ଓ ଟେଷ୍ଟରୁ ଅବସର ନେଇସାରିଥିବା ରୋହିତ କେଉଁ ଭଳି ପରବର୍ତ୍ତୀ ସିଜନ ପାଇଁ ପ୍ରସ୍ତୁତ ହେଉଛନ୍ତି, ତାହା ଦେଖିବା କୌତୂହଳପୂର୍ଣ୍ଣ ହେବ। ୩୮ ବର୍ଷୀୟ ରୋହିତ ଅକ୍ଟୋବରରେ ଅଷ୍ଟ୍ରେଲିଆ ବିପକ୍ଷରେ ହେବାକୁ ଥିବା ଦିନିକିଆ ସିରିଜ୍‌ରେ ଖେଳିବେ। ଏଥି ପୂର୍ବରୁ ସେପ୍ଟେମ୍ବର ୩୦, ଅକ୍ଟୋବର ୩ ଓ ୫ ତାରିଖରେ ଅଷ୍ଟ୍ରେଲିଆ ଏ' ବିପକ୍ଷରେ ହେବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ଏ' ପାଇଁ ରୋହିତ ଖେଳିପାରନ୍ତି। ପ୍ରିମିୟର ପେସର ଯଶପ୍ରୀତ ବୁମରା, ୱାଶିଂଟନ ସୁନ୍ଦର, ଯଶସ୍ୱୀ ଜୟସ୍ୱାଲ ଓ ଶାର୍ଦ୍ଦୂଳ ଠାକୁର ସିଜନ ପୂର୍ବରୁ ବାଧ୍ୟତାମୂଳକ ଫିଟନେସ ଟେଷ୍ଟ ଲାଗି ସିଓଇରେ ପହଞ୍ଚିବେ।

# ଜୋକୋଭିଚ୍, ସାବାଲେଙ୍କା ଚତୁର୍ଥ ରାଉଣ୍ଡରେ

## ୟୁଏସ୍ ଓପନ

ନ୍ୟୁୟର୍କ,୩୦।୮

ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଲକ୍ଷ୍ୟରେ ଥିବା ଟେନିସ ଲିଜେଣ୍ଡ ନୋଭାକ ଜୋକୋଭିଚ୍ ଓ ମହିଳା ସିଙ୍ଗଲ୍ସରେ ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କା ଚଳିତ ୟୁଏସ୍ ଓପନ ଟୁର୍ନାମେଣ୍ଟର ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ପଞ୍ଚମ ସିଡ୍ ମୀରା ଆଣ୍ଡ୍ରିଭା ଓ ଦଶମ ସିଡ୍ ଏମା ନାଭାରୋ ପରାଜୟ ସହ ବିଦାୟ ନେଇଛନ୍ତି।

ଶନିବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ଜୋକୋଭିଚ୍ ୬-୪, ୬-୭ (୪/୭), ୬-୨, ୬-୩ ସେଟ୍‌ରେ କାମେରନ ନୋରିଙ୍କୁ ହରାଇଛନ୍ତି। ୩୮ ବର୍ଷୀୟ ଜୋକୋଭିଚ୍ ପରବର୍ତ୍ତୀ ମ୍ୟାଚ୍‌ରେ ଜର୍ମାନୀର ଜାନ ଲେନାର୍ଡ ଷ୍ଟ୍ରଫଙ୍କୁ ଭେଟିବେ। ଅନ୍ୟ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ଚତୁର୍ଥ ସିଡ୍ ଟେଲର ଫ୍ରିଜ ୭-୬ (୭/୩), ୬-୭(୯/୧୧), ୬-୪, ୬-୪ ସେଟ୍‌ରେ ଜେରମି କିମଙ୍କୁ, ଟୋମାସ ମାକାକ ୭-୫, ୬-୩, ୬-୧ ସେଟ୍‌ରେ ଉଗୋ ବ୍ଲାନଚେଟଙ୍କୁ ଓ ଲେନାର୍ଡ ଷ୍ଟ୍ରଫ ୬-୪, ୬-୩, ୬-୭ (୯/୭) ସେଟ୍‌ରେ ୧୭ତମ ସିଡ୍ ଫ୍ରାନସେସ ଟିଆଫୋଙ୍କୁ ହରାଇଛନ୍ତି।



ଆରିନା ସାବାଲେଙ୍କା

ମହିଳା ସିଙ୍ଗଲ୍ସରେ ସାବାଲେଙ୍କା ୬-୩, ୭-୬ (୭/୨) ସିଧାସଳଖ ସେଟ୍‌ରେ ଲେଲା ଫର୍ନାଣ୍ଡେଜଙ୍କୁ ହରାଇଛନ୍ତି। ଏହି ମ୍ୟାଚ୍ ବେଳେ ଜଣେ ଦର୍ଶକ ତାଙ୍କ ବାନ୍ଧବୀଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ, ଯାହାକି ଚର୍ଚ୍ଚାର ବିଷୟ ପାଲଟିଛି। ସାବାଲେଙ୍କା ରାଉଣ୍ଡ ଅଫ୍-୧୬ରେ ସ୍ପେନର କ୍ରିଷ୍ଟିନା ବୁକସାଙ୍କୁ ଭେଟିବେ। ଅନ୍ୟ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ଟେଲର ଟାଉନସେଣ୍ଡ ୭-୫, ୬-୨ ସେଟ୍‌ରେ ଆଣ୍ଡ୍ରିଭାଙ୍କୁ, ବାର୍ବୋରା କ୍ରେଜିସିକୋଭା ୪-୬, ୬-୪, ୬-୪ ସେଟ୍‌ରେ ନାଭାରୋଙ୍କୁ ଓ ଆନ ଲି ୭-୫, ୬-୩ ସେଟ୍‌ରେ ପ୍ରିସ୍କିଲା ହନଙ୍କୁ ହରାଇ ଆଗକୁ ବଢ଼ିଛନ୍ତି।

# ଦଳାଚକଟା ପୀଡ଼ିତଙ୍କ ପରିବାର ପାଇଁ ୨୫ ଲକ୍ଷ

ବେଙ୍ଗାଲୁରୁ,୩୦।୮

ଗତ ଜୁନ୍ ୪ ତାରିଖରେ ଚିନ୍ନାସ୍ୱାମୀ ଷ୍ଟାଡିୟମ ନିକଟରେ ଘଟିଥିବା ଦଳାଚକଟାରେ ପ୍ରାଣ ହରାଇଥିବା ୧୧ ପ୍ରଶଂସକଙ୍କ ପରିବାର ଲାଗି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପକ୍ଷରୁ ୨୫ ଲକ୍ଷ ଲେଖାଏ ପୁରସ୍କାର ରାଶି ଘୋଷଣା କରାଯାଇଛି। ଏ ନେଇ ଫ୍ରାଞ୍ଚାଇଜ ପକ୍ଷରୁ ଏକ୍ସ'ରେ ପୋଷ୍ଟ କରାଯାଇଛି।

''ଜୁନ ୪ ତାରିଖରେ ଆମ ହୃଦୟ ଭାଙ୍ଗି ଯାଇଥିଲା। ଆମେ ଆର୍‌ସିବି ପରିବାରର ୧୧ ସଦସ୍ୟଙ୍କୁ ହରାଇଥିଲୁ। ସେମାନେ ଆମର ଅଂଶ ଥିଲେ। ଆମ ସହର, ଆମ ସମ୍ପ୍ରଦାୟ ଓ ଆମ ଦଳକୁ ସ୍ୱତନ୍ତ୍ର କରୁଥିବାର ଏକ ଅଂଶ ଥିଲେ। ସେମାନଙ୍କ ଅନୁପସ୍ଥିତି ଆମ ସଭିଙ୍କ ମନରେ ପ୍ରତିଧ୍ୱନିତ ହେବ। ସେମାନେ

## ଆର୍‌ସିବିର ଘୋଷଣା

ଯେଉଁ ଖାଲି ସ୍ଥାନ ଛାଡ଼ି ଯାଇଛନ୍ତି, ତାହାକୁ କେତେ ପରିମାଣର ଟଙ୍କା ପୂରଣ କରିପାରିବ ନାହିଁ। କିନ୍ତୁ ପ୍ରଥମ ପଦକ୍ଷେପ ଭାବେ ଏବଂ ଗଭୀର ସମ୍ମାନ ସହିତ ଆର୍‌ସିବି ପ୍ରତ୍ୟେକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଦେଉଛି। ଏହା କେବଳ ଏକ ଆର୍ଥିକ ସହାୟତା ନୁହେଁ, ବରଂ ଏହା କରୁଣା, ଏକତା ଓ ନିରନ୍ତର ଯତ୍ନର ପ୍ରତିଶ୍ରୁତି। ଏଥିସହିତ ଏହା ଆର୍‌ସିବି କେୟାରର ଆରମ୍ଭ। ସେମାନଙ୍କ ସ୍ମୃତିକୁ ସମ୍ମାନ ଜଣାଇ ଆରମ୍ଭ ହେଉଥିବା ଅର୍ଥପୂର୍ଣ୍ଣ କାର୍ଯ୍ୟ ପାଇଁ ଏହା ଏକ ଦୀର୍ଘକାଳୀନ ପ୍ରତିବଦ୍ଧତା'' ବୋଲି ପୋଷ୍ଟରେ ଉଲ୍ଲେଖ କରାଯାଇଛି।

## ଉତ୍କଳ କରାଟେ ସ୍କୁଲ ପ୍ରତିଷ୍ଠା ଦିବସ
# ୫ କ୍ରୀଡ଼ା ଖବରଦାତା, ୧୭ ଆଥ୍‌ଲେଟ୍ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୩୦।୮(ଅନାଦି କର)



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ କ୍ରୀଡ଼ା ଖବରଦାତା ଓ ଆଥ୍‌ଲେଟମାନେ।

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠା ଦିବସ ଶନିବାର ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ସିନିୟର କ୍ରୀଡ଼ା ଖବରଦାତା ସନ୍ଦୀପ ମିଶ୍ର, ସର୍ବେଶ୍ୱର ମହାନ୍ତି, ଏସ୍ ରାଜୀବ ଗୌରବ, ମନୋରଞ୍ଜନ ଦାସ ଓ ଶୁଭଲକ୍ଷ୍ମୀ ବଳଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ବିଭିନ୍ନ କ୍ରୀଡ଼ାରେ ଅନ୍ତର୍ଜାତୀୟ ପଦକ ବିଜେତା ଅନୁପମା ସ୍ୱାଇଁ, ଲୋମା ସ୍ୱାଇଁ, ଡ. ଭଗବାନ ରେଡ୍ଡୀ, ଅଂଶୁମାନ ଆଚାର୍ଯ୍ୟ, ତ୍ରିଲୋଚନ ରଣା, ସମରଜିତ ଚକ୍ର, ଅଭିଷେକ ପଟ୍ଟନାୟକ, ପ୍ରିୟଦର୍ଶିନୀ ସାହୁ, ଆର୍ଯ୍ୟ ବ୍ରତ, ପୁଲକ ପାଢ଼ୀ, ସୂର୍ଯ୍ୟ ପ୍ରକାଶ ଘଡ଼େଇ, ପୁନିତ ମହନ୍ତ ଓ ଅମୈଶା ଝାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟ ଅଲିମ୍ପିକ୍ ସଂଘ ସଭାପତି ଓ ତଥା ବରିଷ୍ଠ ଭାଜପା ନେତା ସମୀର ମହାନ୍ତି, ପ୍ରିୟଦର୍ଶୀ ମିଶ୍ର, ଦୁଇ ଥରର ବିଶ୍ୱ କରାଟେ ଚାମ୍ପିୟନ ଅମିର ମେହେଦିଜାଦେ, ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡ. ହରିପ୍ରସାଦ ପଟ୍ଟନାୟକ ଯୋଗଦେଇଥିଲେ।

# 'ଭାରତ କ୍ରୀଡ଼ା ସାମଗ୍ରୀର ନିର୍ମାଣ କେନ୍ଦ୍ର ହେବ'

ନୂଆଦିଲ୍ଲୀ,୩୦।୮(ପି.ଟି.)

ଭାରତ ଚଳିତବର୍ଷ ଶେଷସୁଦ୍ଧା ନିର୍ଦ୍ଦିଷ୍ଟ ଭାବେ କ୍ରୀଡ଼ା ସାମଗ୍ରୀ ନିର୍ମାଣ କ୍ଷେତ୍ର ଲାଗି ନୀତି ଆଣିବାକୁ ଯାଉଛି। ଏହା କେବଳ କ୍ରୀଡ଼ା ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବ ନାହିଁ, ବରଂ ଏହା ଭାରତକୁ ବିଶ୍ୱରେ ଅଗ୍ରଣୀ କ୍ରୀଡ଼ା ସାମଗ୍ରୀ ଉତ୍ପାଦନକାରୀ ଭାବେ ପରିଚିତ କରାଇବ। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଶନିବାର ଏହା କହିଛନ୍ତି। ବିଭିନ୍ନ କ୍ରୀଡ଼ାରେ ଆଥ୍‌ଲେଟ୍ସ ଶୀର୍ଷ ସ୍ତରର ପ୍ରତିଯୋଗିତାରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ବିଦେଶରୁ ଆସୁଥିବା ଦାମୀ ସାମଗ୍ରୀ ଉପରେ ନିର୍ଭର କରୁଛନ୍ତି।

''ନଭେମ୍ବର-ଡିସେମ୍ବର ସୁଦ୍ଧା ଏକ ଯୋଜନା ଆରମ୍ଭ କରାଯିବ; ଯାହାଫଳରେ ଭାରତ ଶ୍ରେଷ୍ଠ କ୍ରୀଡ଼ା ସାମଗ୍ରୀ ଉତ୍ପାଦନକାରୀ ହୋଇପାରିବ। ଏହା ଉପଯୁକ୍ତ ଭିତ୍ତିଭୂମି ଯୋଗାଇବା ସହ ଇକୋସିଷ୍ଟମକୁ ସଶକ୍ତ କରିବ ଏବଂ ଭାରତକୁ ବିଶ୍ୱରେ କ୍ରୀଡ଼ା ସାମଗ୍ରୀର ପ୍ରମୁଖ ରପ୍ତାନିକାରୀ କରିବାରେ ସାହାଯ୍ୟ କରିବ। କ୍ରୀଡ଼ା ଇକୋସିଷ୍ଟମ ଖୁବ୍ ଦ୍ରୁତଗତିରେ ଆଗକୁ ବଢୁଛି। ଆମ ଦେଶ ପାଖରେ କିଛି ବି ହାସଲ କରିବାର ଦକ୍ଷତା ରହିଛି। ଆମକୁ ଆମ ସାମ୍ନାରେ ଥିବା ଚ୍ୟାଲେଞ୍ଜକୁ ବୁଝିବାକୁ ପଡ଼ିବ। ଆଗାମୀ ଦିନରେ ଆମେ ସ୍ପୋର୍ଟ୍ସ ମେଡ଼ସିନ, କ୍ରୀଡ଼ା ଭିତ୍ତିଭୂମି, କ୍ରୀଡ଼ା ଭିତ୍ତିକ ଶିକ୍ଷା ପ୍ରସ୍ତୁତ କରିପାରିବା। ଏଥିରେ ଜିଏସ୍‌ଟି ଭଳି ଅନେକ ଚ୍ୟାଲେଞ୍ଜ ରହିଛି। ଆମକୁ ଏକ ଟାସ୍କଫୋର୍ସ ଗଠନ କରିବାକୁ ପଡ଼ିବ ଏବଂ କ୍ରୀଡ଼ା ଭିତ୍ତିଭୂମି ଲାଗି ଯୋଜନା ଓ ନୀତି ପ୍ରସ୍ତୁତ କରିବାକୁ ପଡ଼ିବ। କ୍ରୀଡ଼ା ସାମଗ୍ରୀ ନିର୍ମାଣ କ୍ଷେତ୍ର ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। କ୍ରୀଡ଼ା ସାମଗ୍ରୀ ନିର୍ମାଣ କ୍ଷେତ୍ର ଲାଗି ବିଭିନ୍ନ ଅଂଶୀଦାର, ନୀତି ଆୟୋଗ ଓ ନିର୍ମାଣକାରୀ କମ୍ପାନୀଙ୍କ ସହ ଆଲୋଚନା ମାଧ୍ୟମରେ ନୀତି ପ୍ରସ୍ତୁତ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି।

## ଆନ୍ତଃ ସ୍କୁଲ ଫୁଟ୍‌ବଲ
# ଓଡିଏମ୍‌କୁ ହରାଇ କିସ୍ ଚାମ୍ପିୟନ

ଭୁବନେଶ୍ୱର, ୩୦।୮ (ବିଜୟ ରଣା)

ସ୍ଥାନୀୟ ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୩୪ତମ ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃ ସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ କିସ୍ ବିଦ୍ୟାଳୟ ୩-୧ ଗୋଲ୍‌ରେ ଓଡିଏମ୍ ଗ୍ଲୋବାଲ ବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ବିଜୟୀ ଦଳ ତରଫରୁ ସୋନାରାମ ସୋରେନ, ଉପେନ୍ଦ୍ର ଆମେନ୍ତିଆ ଓ କାନୁ ମାରାଣ୍ଡି ଗୋଲ ସ୍କୋର କରିଥିବା ବେଳେ ପରାଜିତ ଦଳ ପକ୍ଷରୁ ଏକମାତ୍ର ଗୋଲ ପ୍ରୀତମ ଟୁଡୁ ସ୍କୋର କରିଥିଲେ।

ଚାମ୍ପିୟନ ଦଳ ଭାବେ କିସ୍ ଟ୍ରଫି ସହ ୫୦,୦୦୦ ଟଙ୍କା ଏବଂ ରନର ଅପ୍ ଓଡିଏମ୍ ଗ୍ଲୋବାଲ ବିଦ୍ୟାଳୟ ଟ୍ରଫି ସହ ୩୦,୦୦୦ ଟଙ୍କା ଆର୍ଥିକ ପୁରସ୍କାର ପାଇଛନ୍ତି। ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ୨୦ଟି ବିଦ୍ୟାଳୟକୁ ନେଇ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ଦୁଇ ଲୁଜର୍ସ ସେମିଫାଇନାଲିଷ୍ଟ ବିକାଶ ରେସିଡେନ୍‌ସିଆଲ ସ୍କୁଲ ଓ ଡିଏଭି ପୋଖରୀପୁଟକୁ ୧୦,୦୦୦ ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ବିଭିନ୍ନ ବିଭାଗରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।



ଅତିଥିଙ୍କ ସହିତ ଚାମ୍ପିୟନ କିସ୍ ଦଳର ଖେଳାଳିମାନେ।

ସେମାନେ ହେଲେ ଶ୍ରେଷ୍ଠ ଗୋଲ ରକ୍ଷକ: କ୍ରିସ୍ ରାଜ (ବିକାଶ ରେସିଡେନ୍‌ସିଆଲ), ଶ୍ରେଷ୍ଠ ରକ୍ଷଣଭାଗ ଖେଳାଳି: ମୋହନ ମାରାଣ୍ଡି (କିସ୍), ଶ୍ରେଷ୍ଠ ଫରୱାର୍ଡ: ଆଶିଷ କୁମାର (ଓଡିଏମ୍), ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି: ଉପେନ୍ଦ୍ର ଅମାନିତିଆ, ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି: ସୋନାରାମ ସୋରେନ। ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ ଏବଂ ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ସଭାପତି ତପନ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଏସ୍.ଆର୍. ପରିଜା, ବରିଷ୍ଠ ଫୁଟ୍‌ବଲ କୋଚ୍ ଆର୍.କେ. ମଣ୍ଡଳ ଏବଂ ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବକୁ ଅଶୋକ ମହାନ୍ତି ଓ ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନର ସମ୍ପାଦକ ଦିଲୀପ ଦାସ ପରିଚାଳନା କରିଥିଲେ।

## ଏସିଆ କପ୍ ହକି
# ବାଂଲାଦେଶ, ମାଲେସିଆ ବିଜୟୀ

ରାଜଗିର୍ (ବିହାର), ୩୦।୮ (ପି.ଟି.)

ପୁରୁଷ ଏସିଆ କପ୍ ହକି ଟୁର୍ନାମେଣ୍ଟରେ ଶନିବାର ପୁଲ୍ 'ବି'ରେ ବାଂଲାଦେଶ ଏହାର ଦ୍ୱିତୀୟ ମ୍ୟାଚରେ ଚାଇନିଜ ତାଇପେକୁ ୮-୩ ଗୋଲ୍‌ରେ ପରାସ୍ତ କରିଛି। ବାଂଲାଦେଶ ଏହା ପୂର୍ବରୁ ମାଲେସିଆ ନିକଟରୁ ୪-୧ ଗୋଲ୍‌ରେ ହାରିଯାଇଥିଲା। ଚାଇନିଜ ତାଇପେର ଏହା ହେଉଛି କ୍ରମାଗତ ଦ୍ୱିତୀୟ ପରାଜୟ। ଦଳ ଏହାର ପ୍ରଥମ ମ୍ୟାଚରେ କୋରିଆଠାରୁ ୭-୦ ଗୋଲରେ ପରାଜିତ ହୋଇଥିଲା। ପୁଲ୍ 'ବି'ର ଅନ୍ୟ ଏକ ମ୍ୟାଚରେ ମାଲେସିଆ ୫ଥର ଚାମ୍ପିୟନ କୋରିଆ ବିପକ୍ଷରେ ୪-୧ ଗୋଲ୍‌ରେ ଚମକପ୍ରଦ ବିଜୟ ହାସଲ କରିଛି। ବାଂଲାଦେଶ ସେପ୍ଟେମ୍ବର ୧ରେ ଏହାର ଫାଇନାଲ ପୁଲ୍ ମ୍ୟାଚ କୋରିଆ ବିପକ୍ଷରେ ଖେଳିବାକୁ ଥିବାବେଳେ ଚାଇନିଜ ତାଇପେ ସେହିଦିନ ମାଲେସିଆ ବିପକ୍ଷରେ ଖେଳିବ।



ମାଲେସିଆ ଓ କୋରିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ